# ଧରିତ୍ରୀ DHARITRI


ଧରିତ୍ରୀ 52 Years

ପୃଷ୍ଠା–୮+୮

ଭୁବନେଶ୍ୱର, ରବିବାର, ନଭେମ୍ବର ୩୦/୨୦୨୫ (୮+୮=୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, November 30/2025 | Page 16 | ₹ 7.00 | BALASORE

୫୨ଶ ଭାଗ ୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 7 | ମୂଲ୍ୟ ₹୭/-






CUTTACK OFFICE ADDRESS - 11-3B/1326 CDA SECTOR 11, CUTTACK, ODISHA-753014

BHUBANESWAR ADDRESS : PLOT NO – 2175/2858 & 2175/3766, 4TH FLOOR, LEWIS ROAD, SAMANTARAPUR, BHUBANESWAR ODISHA-751002

The project is registered as "DION Riverside Township" with the Odisha Real Estate Regulatory Authority under Registration No. MP/7/2025/01349, available at https://www.rera.odisha.gov.in/. "Riverside Township" refers to the integrated township development comprising residential units, commercial zones, educationalinstitutions, healthcare facilities, and recreational spaces. images used here are for representation purpose only



୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ଅଧିକାର ଅହମଦାବାଦକୁ ମିଳିବା ପରେ ସେଠାର ନରେନ୍ଦ୍ର ମୋଦି ଷ୍ଟାଡିୟମ୍ ନିକଟରେ ଥିବା ଆବାସିକ କୋଠାଗୁଡ଼ିକୁ ଶନିବାର ପୌର ନିଗମ ପକ୍ଷରୁ ଭଙ୍ଗାଯାଉଛି।

## ଏୟାରବସ୍ ଏ୩୨୦ରେ ସମସ୍ୟା: ଭାରତରେ ୩୩୮ ବିମାନ ଉଡ଼ାଣ ପ୍ରଭାବିତ

**ନୂଆଦିଲ୍ଲୀ,୨୯।୧୧**

### ବିଶ୍ୱବ୍ୟାପୀ ୬,୦୦୦ ବିମାନ ଉଡ଼ାଣ ବନ୍ଦ

ଅତ୍ୟଧିକ ସୌର ବିକିରଣ ଯୋଗୁ ଏୟାରବସ୍ ଏ୩୨୦ ବିମାନଗୁଡ଼ିକରେ ସଫ୍ଟୱେର ସମସ୍ୟା ଦେଖାଦେଇଛି। ସେଗୁଡ଼ିକର ସମାଧାନ ପାଇଁ ବିଶ୍ୱବ୍ୟାପୀ ପ୍ରାୟ ୬,୦୦୦ ବିମାନ ଉଡ଼ାଣ ବନ୍ଦ ରହିଛି। ସଫ୍ଟୱେର ଅପ୍‌ଡେଟ୍ ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ବିମାନ ଉଡ଼ାଣ ବନ୍ଦ ରହିବ। ଏହି ସମସ୍ୟା ଯୋଗୁ ସଫ୍ଟୱେର ଭର୍ସନ ଏଲ୍୧୦୪ ଥିବା ଏଲିଭେଟର ଏଇଲେରନ୍ କମ୍ପ୍ୟୁଟର (ଇଏଲ୍‌ଏସି ବି) ପ୍ରଭାବିତ ହୋଇଛି। ଉକ୍ତ ବ୍ୟବସ୍ଥା ଉଚ୍ଚତା ଆକଳନ କରିବା ସହ ଉଡ଼ାଣକୁ ନିୟନ୍ତ୍ରଣ କରିଥାଏ। ସୌରଝଡ଼ ବେଳେ ଅଧିକ ଉଚ୍ଚରେ ଉଡୁଥିବା ବିମାନରେ ଡେଟାରେ ତ୍ରୁଟି ସମ୍ଭାବନା ଦେଖାଦେଇଥାଏ।

ଉପରୋକ୍ତ ସମସ୍ୟା ଯୋଗୁ ଭାରତରେ ଏ୩୨୦ କମ୍ପାନୀର ୩୩୮ଟି ବିମାନରେ ସମସ୍ୟା ଦେଖାଦେଇଛି। ସେଥିରୁ ୫୫ ପ୍ରତିଶତ ବିମାନର ଫ୍ଲାଇଟ୍ କଣ୍ଟ୍ରୋଲ ସଫ୍ଟୱେର ଅପ୍‌ଡେଟ୍ କରାଯାଉଛି। ଫଳରେ ବିଭିନ୍ନ ଏୟାରଲାଇନ୍ସର ବିମାନ ଉଡ଼ାଣ ୬୦ରୁ ୯୦ ମିନିଟ୍ ବିଳମ୍ବିତ ହୋଇଥିବା ଏକ ସୂତ୍ରରୁ ଜଣାପଡ଼ିଛି। ଅତ୍ୟଧିକ ସୌର ବିକିରଣ ଯୋଗୁ ଫ୍ଲାଇଟ୍ କଣ୍ଟ୍ରୋଲର ଗୁରୁତ୍ୱପୂର୍ଣ୍ଣ ଡେଟାରେ ସମସ୍ୟା ସୃଷ୍ଟିହୋଇଥିଲା। ସଫ୍ଟୱେରରେ ପରିବର୍ତ୍ତନ ଆବଶ୍ୟକ ହେଉଥିବାରୁ ଏଥିପାଇଁ ବିମାନ ଉଡ଼ାଣ ପ୍ରଭାବିତ ହେବ ବୋଲି ଶୁକ୍ରବାର ଏୟାରବସ୍ ପକ୍ଷରୁ କୁହାଯାଇଥିଲା। ଭାରତୀୟ ଏୟାରଲାଇନ୍ସର ପ୍ରଭାବିତ ୩୩୮ଟି ଏୟାରବସ୍ ଏ୩୨୦ ବିମାନ ମଧ୍ୟରୁ ଶନିବାର ପୂର୍ବାହ୍ନ ୧୦ଟା ସୁଦ୍ଧା ୧୮୯ଟିର ସଫ୍ଟୱେର ଅପ୍‌ଡେଟ୍ ସମ୍ପୂର୍ଣ୍ଣ ହୋଇଥିବା ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ତଥ୍ୟରୁ ଜଣାପଡ଼ିଛି। ରବିବାର ସକାଳ ସୁଦ୍ଧା ଅନ୍ୟ ବିମାନଗୁଡ଼ିକର ସଫ୍ଟୱେର ଅପ୍‌ଡେଟ୍ ସମ୍ପୂର୍ଣ୍ଣ ହୋଇଯିବ ବୋଲି କୁହାଯାଇଛି।

## ଗରିବଙ୍କୁ ନ୍ୟାୟ ଦେବା ପାଇଁ ମଧ୍ୟରାତ୍ର ଯାଏ କୋର୍ଟରେ ବସିପାରିବି: ସିଜେଆଇ

**ନୂଆଦିଲ୍ଲୀ,୨୯।୧୧(ପି.ଟି.)**

ମକଦ୍ଦମାର ଗରିବ ପକ୍ଷଙ୍କୁ ନ୍ୟାୟ ସୁନିଶ୍ଚିତ କରିବା ତାଙ୍କର ସର୍ବାଧିକ ପ୍ରାଥମିକତା ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟ କାନ୍ତ ଶୁକ୍ରବାର କହିଛନ୍ତି। ସେମାନଙ୍କୁ ନ୍ୟାୟ ଦେବା ନିମନ୍ତେ ସେ ମଧ୍ୟରାତ୍ର ପର୍ଯ୍ୟନ୍ତ କୋର୍ଟରେ ବସିପାରିବେ। କେନ୍ଦ୍ର ସରକାର ଏବଂ ଅନ୍ୟମାନଙ୍କ ବିରୋଧରେ ତିଲକ ସିଂ ଡାଙ୍ଗି ନାମକ ବ୍ୟକ୍ତି ଦାଏର କରିଥିବା ପିଟିଶନ୍‌କୁ ଖାରଜ କରିଦେବା ଅବସରରେ ସିଜେଆଇ ଏହା କହିଛନ୍ତି। ଖଣ୍ଡପୀଠରେ ତାଙ୍କ ସହ ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀ ଥିଲେ। ସିଜେଆଇ କହିଛନ୍ତି, ତାଙ୍କ କୋର୍ଟରେ ବିଳାସପୂର୍ଣ୍ଣ ମକଦ୍ଦମାର ସ୍ଥାନ ନାହିଁ। ଶେଷ ଧାଡ଼ିରେ



ଜଷ୍ଟିସ୍ ସୂର୍ଯ୍ୟ କାନ୍ତ

ଥିବା ସବୁଠୁ ଗରିବ ପକ୍ଷଙ୍କ ପାଇଁ ସେ ଏଠାରେ ବସିଛନ୍ତି ଓ ଆବଶ୍ୟକ ପଡ଼ିଲେ ସେମାନଙ୍କ ପାଇଁ ମଧ୍ୟରାତ୍ର ପର୍ଯ୍ୟନ୍ତ ବସିବେ। ସୂଚନାଯୋଗ୍ୟ, ଗତ ୨୪ ତାରିଖରେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ୫୩ତମ ସିଜେଆଇ ଭାବେ ଶପଥ ନେଇଥିଲେ। ସେ ୨୦୨୭ ଫେବୃଆରୀ ୯ ପର୍ଯ୍ୟନ୍ତ ଏହି ପଦବୀରେ ରହିବେ।

# ବାତ୍ୟା ଡିଟ୍‌ୱା: ୧୩୨ ମୃତ, ୧୭୬ ନିଖୋଜ



କଲମ୍ବୋ ନିକଟ ୱେଲାମ୍ପିଟିୟାରେ ବନ୍ୟା ପ୍ରଭାବିତ ଲୋକମାନଙ୍କୁ ଉଦ୍ଧାର କରାଯାଉଛି।

### ତାମିଲନାଡୁରେ ୫୪ ବିମାନ ବାତିଲ, ସ୍କୁଲ ବନ୍ଦ

**ଚେନ୍ନାଇ,୨୯।୧୧**

ବାତ୍ୟା ଡିଟ୍‌ୱା ଶ୍ରୀଲଙ୍କା ଉପକୂଳ ଅତିକ୍ରମ କରୁଥିବାବେଳେ ଉତ୍ତର ତାମିଲନାଡୁ ଏବଂ ପଣ୍ଡିଚେରୀ ଉପକୂଳ ଦିଗରେ ଅଗ୍ରସର ହେଉଛି। ଏହାର ପ୍ରଭାବରେ ତାମିଲନାଡୁରେ ପ୍ରବଳ ବର୍ଷା ଜାରି ରହିଛି। ବାତ୍ୟା ମୁକାବିଲା ପାଇଁ କର୍ତ୍ତୃପକ୍ଷ ବିଭିନ୍ନ ଦିଗରେ ପ୍ରସ୍ତୁତି ଜାରି ରଖିଛନ୍ତି। ଅନବରତ ବର୍ଷା ଲାଗିରହିଥିବାରୁ ଚେନ୍ନାଇ ଏୟାରପୋର୍ଟ ୫୪ଟି ବିମାନକୁ ବାତିଲ କରିଦେଇଛି। ତାମିଲନାଡୁର ପ୍ରଭାବିତ ଜିଲାରେ ଶନିବାର ସ୍କୁଲ, କଲେଜଗୁଡ଼ିକୁ ଛୁଟି କରିଦିଆଯାଇଛି। ରବିବାର ସକାଳ ସୁଦ୍ଧା ବାତ୍ୟା ସ୍ଥଳଭାଗ ଛୁଇଁବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଉପକୂଳରେ ଶନିବାର ପବନର ବେଗ ୫୦ରୁ ୬୦ କି.ମି. ଥିବାବେଳେ ବେଳେବେଳେ ଏହା ୭୦ କି.ମିରେ ପହଞ୍ଚୁଛି। ବାତ୍ୟା ଅଗ୍ରସର ହେବା ସହ ପବନର ବେଗ ୯୦ କି.ମି. ପର୍ଯ୍ୟନ୍ତ ବଢ଼ିବା ଆଶଙ୍କା କରାଯାଉଛି।

**କଲମ୍ବୋ,୨୯।୧୧**

### ଜରୁରୀ ସ୍ଥିତି ଘୋଷଣା କଲା ଶ୍ରୀଲଙ୍କା

ବାତ୍ୟା ଡିଟ୍‌ୱାଜନିତ ପ୍ରବଳ ବର୍ଷାରେ ଶ୍ରୀଲଙ୍କାରେ ବନ୍ୟା ଏବଂ ଭୂସ୍ଖଳନ ଘଟି ଶନିବାର ମୃତ୍ୟୁସଂଖ୍ୟା ୧୩୨ରେ ପହଞ୍ଚିଥିବାବେଳେ ୧୭୬ ଜଣ ନିଖୋଜ ଅଛନ୍ତି। ୧୫,୦୦୦ରୁ ଊର୍ଦ୍ଧ୍ୱ ଘର ଭାଙ୍ଗିଥିବାବେଳେ ୭୮,୦୦୦ ଲୋକ ସରକାରୀ ଆଶ୍ରୟ ସ୍ଥଳରେ ରହିଥିବା ବିପର୍ଯ୍ୟୟ ପରିଚାଳନା କେନ୍ଦ୍ର ପକ୍ଷରୁ କୁହାଯାଇଛି। ଶ୍ରୀଲଙ୍କା ସରକାର ଜରୁରୀ ସ୍ଥିତି ଘୋଷଣା କରିବା ସହ ଅନ୍ତର୍ଜାତୀୟ ସହାୟତା ଲୋଡ଼ିଛନ୍ତି।

ଶ୍ରୀଲଙ୍କାରେ ସପ୍ତାହେ ହେଲା ବର୍ଷା ଲାଗିରହିଥିବାବେଳେ ବିପର୍ଯ୍ୟୟ ସୃଷ୍ଟି କରିଛି। ରାଷ୍ଟ୍ରପତି ଅନୁରା କୁମାରା ଦିସାନାୟକେ ଦେଶରେ ଜରୁରୀ ଆଇନ ଲାଗୁ କରିଛନ୍ତି। ଉଦ୍ଧାର ଓ ରିଲିଫ୍ କାର୍ଯ୍ୟରେ ସେନାର ୩ ବାହିନୀକୁ ନିୟୋଜିତ କରାଯାଇଛି। ବାତ୍ୟା ଭାରତ ଆଡ଼େ ଅଗ୍ରସର ହେଉଥିବାବେଳେ କଲମ୍ବୋର ପୂର୍ବରେ ଥିବା କାଣ୍ଡି ଜିଲାରେ ଶନିବାର ପୁନର୍ବାର ଭୂସ୍ଖଳନ ଘଟି ମୁଖ୍ୟ ରାସ୍ତାର ଅନେକ ଭାଗ ଜଳାର୍ଣ୍ଣବ ହୋଇଯାଇଛି। ତଳିଆ ଅଞ୍ଚଳରେ ବନ୍ୟା ସ୍ଥିତି ସଙ୍ଗିନ୍ ରହିଛି। କେଲାନି ନଦୀକୂଳର ଲୋକମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ବାତ୍ୟାରେ ୫ ଲକ୍ଷ ଲୋକ ପ୍ରଭାବିତ ହୋଇଥିବାବେଳେ ବିଦେଶରେ ଥିବା ଶ୍ରୀଲଙ୍କା ନାଗରିକ ସହାୟତା ପଠାଇବା ପାଇଁ ସରକାର ନିବେଦନ କରିଛନ୍ତି।

ଶ୍ରୀଲଙ୍କାର ବାତ୍ୟା ପ୍ରଭାବିତ ଅଞ୍ଚଳର ଲୋକମାନଙ୍କ ସହାୟତା ପାଇଁ ଭାରତୀୟ ବାୟୁସେନା ଶନିବାର ୨୧ ଟନ୍ ରିଲିଫ୍ ସାମଗ୍ରୀ ପଠାଇଛି। ଏଥିସହିତ ଉଦ୍ଧାର କାର୍ଯ୍ୟରେ ସହାୟତା ନିମନ୍ତେ ଭାରତ ୮୦ ଜଣ ଏନ୍‌ଡିଆର୍‌ଏଫ୍ କର୍ମଚାରୀ ଏବଂ ୮ ଟନ୍ ଉପକରଣ ପଠାଇଥିବା ଜଣାପଡ଼ିଛି। ଶ୍ରୀଲଙ୍କାରେ ବିପର୍ଯ୍ୟୟ ଖବର ପାଇବା ପରେ ଭାରତ ତୁରନ୍ତ ଅପରେଶନ ସାଗରବନ୍ଧୁ ଜରିଆରେ ସହାୟତା ପଠାଇଥିଲା ବୋଲି ବାୟୁସେନା କହିଛି। ଭାରତୀୟ ବାୟୁସେନାର ଗୋଟିଏ ସି-୧୩୦ ଏବଂ ଗୋଟିଏ ଆଇଏଲ୍-୭୬ ବିମାନକୁ ରିଲିଫ୍ ପଠାଇବା କାର୍ଯ୍ୟରେ ନିୟୋଜିତ କରାଯାଇଛି।

## ଇମ୍ରାନ୍ ବଞ୍ଚିଥିବାର ପ୍ରମାଣ ଦିଅ

### ପାକ୍ ସରକାରଙ୍କ ପାଖରେ ପୁଅ କାସିମ୍‌ଙ୍କ ଦାବି

**ଲାହୋର,୨୯।୧୧(ପି.ଟି.)**

ଜେଲରେ ରହିଥିବା ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ବଞ୍ଚିଥିବା ନେଇ ପ୍ରମାଣ ଦେବାକୁ ତାଙ୍କ ପୁଅ କାସିମ୍ ଖାନ୍ ସୋସିଆଲ ମିଡିଆ ଜରିଆରେ ପାକିସ୍ତାନ ସରକାରଙ୍କ ନିକଟରେ ଦାବି କରିଛନ୍ତି। ୭୩ ବର୍ଷୀୟ ଇମ୍ରାନ୍‌ଙ୍କୁ ଦେଖାକରିବା ପାଇଁ ତାଙ୍କ ପରିବାର ସଦସ୍ୟଙ୍କୁ ଛଡ଼ାଯାଉ ନାହିଁ। ମାସେ ହେଲା ଇମ୍ରାନ୍‌ଙ୍କ ଓକିଲ ଏବଂ ଦଳୀୟ କର୍ମୀଙ୍କୁ ମଧ୍ୟ ଜେଲ ଭିତରକୁ ଯିବା ପାଇଁ ଅନୁମତି ମିଳୁନାହିଁ। ତେଣୁ ଇମ୍ରାନଙ୍କୁ ଜେଲ ଭିତରେ ମାରିଦିଆଯାଇଥିବା ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଛି। ବିଭିନ୍ନ ମାମଲାରେ ସମ୍ପୃକ୍ତି ନେଇ ଇମ୍ରାନଙ୍କୁ ୨୦୨୩ ଅଗଷ୍ଟରୁ ଗିରଫ କରାଯାଇ ରାୱଲପିଣ୍ଡିର ଆଡିଆଲା ଜେଲରେ ରଖାଯାଇଛି। ଇମ୍ରାନ୍‌ଙ୍କୁ ଦେଖା କରିବା ନିମନ୍ତେ ପରିବାର ସଦସ୍ୟଙ୍କୁ ଅନୁମତି ଦେବା ଦାବିରେ ତାଙ୍କର ୩ ଭଉଣୀଙ୍କ ସମେତ ପାକିସ୍ତାନ ତେହରିକ-ଇ-ଇନ୍‌ସାଫ କର୍ମୀ ଏବଂ ଖାଇବର ପାଖ୍‌ତୁନ୍‌ଖ୍ୱା ମୁଖ୍ୟମନ୍ତ୍ରୀ ସୋହେଲ ଆଫ୍ରିଦି ଆଡିଆଲା ଜେଲ୍ ବାହାରେ କିଛିଦିନ ହେଲା ଧାରଣାରେ ବସିଛନ୍ତି।

## ବାହାହେଲେ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ

**ମେଲ୍‌ବର୍ନ,୨୯।୧୧**

ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆନ୍ଥୋନି ଆଲବାନିସ୍ ଶନିବାର ତାଙ୍କ ପାର୍ଟନର ଜୋଡି ହେଡନଙ୍କୁ ବିବାହ କରିଛନ୍ତି। ରାଜଧାନୀ କାନ୍‌ବେରାସ୍ଥିତ ଆଲବାନିସ୍‌ଙ୍କ ସରକାରୀ ବାସଭବନରେ ଏକ ଗୁପ୍ତ ତଥା ଅନ୍ତରଙ୍ଗ ସମାରୋହ ମଧ୍ୟରେ ବିବାହ ସମ୍ପନ୍ନ ହୋଇଛି। ଅଷ୍ଟ୍ରେଲିଆ ସଂଘୀୟ ସରକାରର ୧୨୪ ବର୍ଷର ଇତିହାସରେ ପ୍ରଥମ ଥର ପାଇଁ ଜଣେ ପ୍ରଧାନମନ୍ତ୍ରୀ କ୍ଷମତାରେ ଥାଇ ବିବାହ କରିଛନ୍ତି। ବିବାହ ଉତ୍ସବରେ ଓସ୍କାର ବିଜୟୀ ଅଭିନେତା ରସେଲ କ୍ରୋ, କ୍ୟାବିନେଟ ମନ୍ତ୍ରୀବୃନ୍ଦଙ୍କ ସମେତ ପ୍ରାୟ ୬୦ ଜଣ ଅତିଥି ଯୋଗ ଦେଇଥିଲେ। ୬୨ ବର୍ଷୀୟ ଆଲବାନିସ୍ ୨୦୦୦ରେ କାର୍ମେଲ ଟେବୁଟ୍‌ଙ୍କୁ ବିବାହ କରିଥିବାବେଳେ ୨୦୧୯ରେ ସେମାନଙ୍କର ଛାଡ଼ପତ୍ର ହୋଇଥିଲା। ଗତବର୍ଷ ଭାଲେଣ୍ଟାଇନ୍ ଡେ'ରେ ଆଲବାନିସ୍ ୪୬ ବର୍ଷୀୟ ହେଡନଙ୍କୁ ପ୍ରପୋଜ୍ କରିଥିଲେ।




ବିବାହ ପରେ ସ୍ତ୍ରୀ ଜୋଡି ହେଡନଙ୍କ ସହ ପ୍ରଧାନମନ୍ତ୍ରୀ ଆନ୍ଥୋନି ଆଲବାନିସ୍।

## ଆରାବଳି ପର୍ବତମାଳାରେ ସାନି ଖଣି ଲିଜ୍ ନିଷେଧ

### କେନ୍ଦ୍ରର ସଂଜ୍ଞାକୁ ଗ୍ରହଣ କଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୨୯।୧୧**

ବିଶ୍ୱର ସର୍ବପୁରାତନ ପର୍ବତମାଳାର ସୁରକ୍ଷା ଲକ୍ଷ୍ୟରେ ସୁପ୍ରିମକୋର୍ଟ ଆରାବଳି ପର୍ବତମାଳା ଉପରେ କେନ୍ଦ୍ରର ସଂଜ୍ଞାକୁ ଗ୍ରହଣ କରିଛନ୍ତି। ଦିଲ୍ଲୀ, ହରିୟାଣା, ରାଜସ୍ଥାନ ଓ ଗୁଜରାଟକୁ ବ୍ୟାପିଥିବା ଏହି ପର୍ବତମାଳା ଅଞ୍ଚଳ ମଧ୍ୟରେ ସାନି ଖଣି ଖନନ ଲିଜ୍ ମଞ୍ଜୁରୀକୁ ନିଷେଧ କରିଛନ୍ତି। ଆରାବଳି ପର୍ବତମାଳାର ସୁରକ୍ଷା ପାଇଁ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ଏକ କମିଟି ଉକ୍ତ



ପର୍ବତମାଳାର ଯେଉଁ ସଂଜ୍ଞା ସୁପାରିସ କରିଥିଲେ, ଗତ ୨୧ ତାରିଖରେ ତତ୍କାଳୀନ ସିଜେଆଇ ବି.ଆର୍. ଗବଇଙ୍କ ଖଣ୍ଡପୀଠ ଏହାକୁ ଗ୍ରହଣ କରିଥିଲେ। କମିଟି ଆରାବଳି ପର୍ବତମାଳାର ସଂଜ୍ଞା ନିର୍ଦ୍ଧାରଣ କରି କହିଛନ୍ତି, ଆରାବଳି ଜିଲାଗୁଡ଼ିକରେ ଅବସ୍ଥିତ ଭୂଭାଗ, ଯାହା ସ୍ଥାନୀୟ ହାରାହାରି ଉଚ୍ଚତାଠାରୁ ୧୦୦ ମିଟର କିମ୍ବା ଏହାଠାରୁ ଅଧିକ ଉଚ୍ଚ ହୋଇଥିଲେ, ଏହାକୁ ଆରାବଳି ପର୍ବତମାଳା ବିବେଚନା କରାଯିବ। ଏଭଳି ସବୁଠୁ ନୀଚା ରୂପରେଖ ମଧ୍ୟରେ ଆସୁଥିବା ସମ୍ପୂର୍ଣ୍ଣ ଭୂଭାଗ, ତାହା ବାସ୍ତବରେ କିମ୍ବା ବୈଚାରିକ ଭାବେ ସମ୍ପ୍ରସାରିତ ହୋଇଥିଲେ, ସବୁଗୁଡ଼ିକୁ ପର୍ବତ ଭାବେ ଗଣାଯିବ। ଏହାର ଗଡ଼ାଣି ଏବଂ ସଂଲଗ୍ନ ଭୂଭାଗକୁ ମଧ୍ୟ ଆରାବଳି ପର୍ବତମାଳାର ଭାଗ ବୋଲି ଗ୍ରହଣ କରାଯିବ। ଆରାବଳି ସଫାରି ପାର୍କ ପ୍ରକଳ୍ପ ପରିବେଶ ପ୍ରତି ସମସ୍ୟା ସୃଷ୍ଟି କରିବାକୁ ଥିବାରୁ ଅବସରପ୍ରାପ୍ତ ଆଇଏଫ୍‌ଏସ୍ ଅଫିସରମାନେ ଏହାକୁ ବିରୋଧ କରିବା ସହ ଏହାର ସଂରକ୍ଷଣ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ନିବେଦନ କରିଥିଲେ।

ଭାରତର ସବୁଜ ଫୁସ୍‌ଫୁସ୍ ଭାବେ ପରିଚିତ ଆରାବଳି ପର୍ବତମାଳା ଅସ୍ତିତ୍ୱଗତ ସଙ୍କଟର ସମ୍ମୁଖୀନ ହୋଇଛି। ପୂର୍ବ ଗୁଜରାଟରୁ ହରିୟାଣାର ଦକ୍ଷିଣଭାଗ ପର୍ଯ୍ୟନ୍ତ ପାଖାପାଖି ୭୦୦ କିଲୋମିଟର ପର୍ଯ୍ୟନ୍ତ ବ୍ୟାପିଥିବା ଏହି ପୁରାତନ ପର୍ବତାମାଳାର ଜୈବ ବିବିଧତା, ଭୂତଳ ଜଳର ପୁନଃ ଭରଣା ଏବଂ ଜଳବାୟୁକୁ ସନ୍ତୁଳିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ତେବେ ଏହି ପର୍ବତମାଳାର ୯୦ ପ୍ରତିଶତ ଅଞ୍ଚଳ ପ୍ରତି ବିପଦ ରହିଥିବା କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ କମିଟିର ସୁପାରିସରୁ ଜଣାପଡ଼ିଛି।

### ଫୁର୍‌ସତ୍

**ଏଭଳି ଅଛି ପରମ୍ପରା**

## ଯେଉଁଠି ପୁଅ କନ୍ୟା, ଝିଅ ସାଜେ ବର

**ଅମରାବତୀ**

ଆନ୍ଧ୍ରପ୍ରଦେଶ ପ୍ରକାଶମ୍ ଜିଲାର ଅନେକ ସ୍ଥାନରେ ବହୁ ଶହ ବର୍ଷ ପୁରୁଣା ପରମ୍ପରା ଏବେ ବି ପାଳନ କରାଯାଏ। କେତେକ ଗାଁରେ ବିବାହ ସମୟରେ ପୁରୁଷ କନ୍ୟା ପରି ଏବଂ କନ୍ୟାମାନେ ବର ଭଳି ସଜ୍ଜିତ ହୁଅନ୍ତି। ବର କନ୍ୟା ପରି ଶାଢ଼ି, ଅଳଙ୍କାର ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ଜିନିଷ ପିନ୍ଧିଥାଏ। କନ୍ୟା ବର ପରି ଶାର୍ଟ, ପ୍ୟାଣ୍ଟ ପିନ୍ଧିବା ସହ ପୁରୁଷ ଭଳି କେଶ ସଜ୍ଜିତ କରିଥାଏ। ଯେରାଗୋଣ୍ଡାପାଲିମ ମଣ୍ଡଳର କୋଲୁକୁଲା ଗ୍ରାମରେ, ବର ଏବଂ କନ୍ୟା ବିବାହର ଦିନକ ପୂର୍ବରୁ ସେମାନଙ୍କର ପୋଷାକ ପରିବର୍ତ୍ତନ କରନ୍ତି ଏବଂ ସେମାନଙ୍କର ପ୍ରିୟ ଦେବତାଙ୍କୁ ପୂଜା କରନ୍ତି। ପ୍ରକାଶମ୍ ଜିଲାର କେତେକ ଗାଁରେ ଏହି ପ୍ରଥା ପିଢ଼ି ପରେ ପିଢ଼ି ଚଳିଆସୁଛି। ବିଶ୍ୱାସ ରହିଛି ଯଦି ସେମାନେ ଏହିପରି ନିଜକୁ ପରିବର୍ତ୍ତନ କରନ୍ତି ଏବଂ ସେମାନଙ୍କ ପାରିବାରିକ ଦେବତାଙ୍କୁ ପୂଜା କରନ୍ତି, ତେବେ ସବୁକିଛି ଭଲ ହୋଇଯିବ। ତଥାପି ପୂଜା ପରେ ବର ଏବଂ କନ୍ୟା ସାଧାରଣ ପୋଷାକ ପିନ୍ଧି ବିବାହ କରନ୍ତି। ନିକଟରେ କୋଲୁକୁଲା ଗ୍ରାମର ବାଟୁଲାରେ ଏଭଳି ଏକ ବିବାହ ଅନୁଷ୍ଠିତ ହୋଇଥିଲା।



## ବାପା ହେବେ ରଣଦୀପ୍

**ମୁମ୍ବାଇ:** ଅଭିନେତା ରଣଦୀପ୍ ହୁଡା ତାଙ୍କର ଦ୍ୱିତୀୟ ବିବାହ ବାର୍ଷିକୀରେ ପ୍ରଶଂସକଙ୍କୁ ଗୁଡ୍ ନ୍ୟୁଜ୍ ଦେଇଛନ୍ତି। ସ୍ତ୍ରୀ ଲିନ ଲାଇଶ୍ରାମଙ୍କ ସହ ଏକ ସୁନ୍ଦର ଫଟୋ ଶେୟାର କରି ଖୁବ୍‌ଶୀଘ୍ର ମାତାପିତା ହେବାକୁ ଯାଉଥିବା କହିଛନ୍ତି। ଫଟୋରେ ଦମ୍ପତି ଜଙ୍ଗଲରେ ଏକ ଅଗ୍ନିକୁଣ୍ଡ ପାଖରେ ବସି ହାତ ଧରାଧରି ହୋଇ ହସୁଛନ୍ତି। ଅଭିନେତା ପୋଷ୍ଟର କ୍ୟାପସନ୍‌ରେ ଲେଖିଛନ୍ତି, ଦୁଇ ବର୍ଷର ପ୍ରେମ, ସାହସିକତା ଏବଂ ଆଗକୁ ଗୋଟିଏ ଛୋଟ ପିଲା ଆସୁଛି।

ରଣଦୀପ ୨୦୨୩ ନଭେମ୍ବର ୨୦ରେ ଲିନ ଲାଇଶ୍ରାମଙ୍କୁ ବିବାହ କରିଥିଲେ। ସେମାନେ ମୈତେଇ ପରମ୍ପରା ଅନୁଯାୟୀ ମଣିପୁରର ଇମ୍ଫାଲରେ ବିବାହ କରିଥିଲେ। ବିବାହ ପରେ ମୁମ୍ବାଇରେ ଏକ ରିସେପ୍ସନର ଆୟୋଜନ କରିଥିଲେ। ଲିନ ଲାଇଶ୍ରାମ ଜଣେ ଅଭିନେତ୍ରୀ। ସେ ଶାହରୁଖ ଖାନ୍‌ଙ୍କ ଫିଲ୍ମ 'ଓମ୍ ଶାନ୍ତି ଓମ୍' ସହିତ ବଲିଉଡରେ ଡେବ୍ୟୁ କରିଥିଲେ। ୨୦୨୩ ମସିହାରେ ସେ 'ଜାନେ ଜାନ' ଏବଂ 'ମେରି କମ୍' ଚଳଚ୍ଚିତ୍ରରେ ମଧ୍ୟ ଅଭିନୟ କରିଛନ୍ତି। ସେ ଜଣେ ମଡେଲ ଏବଂ ବ୍ୟବସାୟୀ ମଧ୍ୟ।

ରଣଦୀପ୍‌ଙ୍କୁ ଶେଷ ଥର ପାଇଁ ସନି ଦେଓଲଙ୍କ ଅଭିନୀତ 'ଜାଟ' (୨୦୨୫) ଚଳଚ୍ଚିତ୍ରରେ ଦେଖିବାକୁ ମିଳିଥିଲା। ଏଥିରେ ସେ ଏକ ନକାରାତ୍ମକ ଭୂମିକାରେ ଅଭିନୟ କରିଥିଲେ। ତେବେ ୨୦୨୬ରେ ମୁକ୍ତିଲାଭ କରିବାକୁ ଥିବା ଇଂଲିଶ୍ ଚଳଚ୍ଚିତ୍ର 'ମ୍ୟାଚବକ୍ସ'ରେ ନଜରକୁ ଆସିବେ।



ଧରିତ୍ରୀ
DHARITRI
52 Years




ଆଜିର ସମ୍ପାଦକୀୟ: ପ୍ରତିଶୋଧାତ୍ମକ ପଦକ୍ଷେପ

# ଓଡ଼ିଶାରେ ବଢ଼ିଛି ଶିଶୁ ନିଖୋଜ

ରାଜ୍ୟରେ ଶିଶୁ ନିଖୋଜ ଘଟଣା ବଢ଼ିବାରେ ଲାଗିଛି। ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଶନିବାର ଗୃହରେ ଦେଇଥିବା ତଥ୍ୟ ଅନୁସାରେ ଗତ ୨ବର୍ଷରେ ରାଜ୍ୟରେ ଟୋଲ୍ ଫ୍ରି ନମ୍ବର '୧୦୯୮' ଜରିଆରେ ୧୧,୩୩୭ ଶିଶୁ ନିଖୋଜ ଘଟଣା ପଞ୍ଜୀକୃତ ହୋଇଛି। ସେଥିମଧ୍ୟରୁ ୮,୩୬୨ଜଣଙ୍କୁ ଉଦ୍ଧାର କରାଯାଇଥିବାବେଳେ ଏବେ ବି ୨,୯୭୫ ଜଣଙ୍କ କୌଣସି ସନ୍ଧାନ ମିଳିପାରି ନାହିଁ। ତେବେ ନ୍ୟାଶନାଲ୍ କ୍ରାଇମ୍ ରେକର୍ଡ ବ୍ୟୁରୋ(ଏନ୍‌ସିଆର୍‌ବି) ତଥ୍ୟ ଅନୁସାରେ ଶିଶୁଙ୍କ ଉଦ୍ଧାରରେ ରାଜ୍ୟର ସ୍ଥିତି ଅତି ନୈରାଶ୍ୟଜନକ ରହିଛି। ଏପରି କି ଓଡ଼ିଶାର ସ୍ଥାନ ଅନ୍ୟ ରାଜ୍ୟମାନଙ୍କ ତୁଳନାରେ ସବୁଠାରୁ ତଳେ ରହିଛି। ଶିଶୁମାନଙ୍କ ସୁରକ୍ଷାକୁ ରାଜ୍ୟ ସରକାର ଗୁରୁତ୍ୱ ଦେଉଥିବାବେଳେ ଏହି ତଥ୍ୟ ଉଦ୍‌ବେଗଜନକ ସ୍ଥିତି ସୃଷ୍ଟି କରିଛି।



## ୨ବର୍ଷରେ ୧୧,୩୩୭ ପଞ୍ଜୀକୃତ
## ଉଦ୍ଧାର ହୋଇଛନ୍ତି ୮,୩୬୨: ପ୍ରଭାତୀ

ଭୁବନେଶ୍ୱର,୨୯।୧୧
(ସତ୍ୟଜିତ ରାଉତ)

ରାଜ୍ୟରେ ଶିଶୁମାନଙ୍କୁ ଉଦ୍ଧାର କରିବା କ୍ଷେତ୍ରରେ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ହାତକୁ ନିଆଯାଉଛି। ହେଲେ ଏଥିରେ ସେତେମାତ୍ରାରେ ସଫଳତା ମିଳୁନାହିଁ। ଗୋଟିଏ ପରେ ଗୋଟିଏ ଶିଶୁ ନିଖୋଜ ହୋଇ ମା'ର କୋଳ ଖାଲି ହୋଇଯାଉଛି, ଯାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଧାନସଭାରେ ଶନିବାର ଶିଶୁ ନିଖୋଜ ସଂକ୍ରାନ୍ତରେ ଆଲୋଚନା ହୋଇଯାଇଛି। ପାଟଣାର ଭାଜପା ସଦସ୍ୟ ଅଖିଳ ଚନ୍ଦ୍ର ନାୟକଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ରାଜ୍ୟରେ ଗତ ୨ ବର୍ଷରେ ୧୧,୩୩୭ ଶିଶୁ ନିଖୋଜ ରିପୋର୍ଟ ପଞ୍ଜୀକୃତ ହୋଇଛି। ସେମାନଙ୍କ ମଧ୍ୟରୁ ୮,୩୬୨ ଶିଶୁଙ୍କୁ ଉଦ୍ଧାର କରାଯାଇଥିବାବେଳେ ୨,୯୭୫ ଜଣ ନିଖୋଜ ଅଛନ୍ତି। ଏସବୁ ରିପୋର୍ଟକୁ ପଞ୍ଜୀକୃତ କରାଯାଇ ଜିଲା ଶିଶୁ ସୁରକ୍ଷା ୟୁନିଟ୍(ଡିସିପିୟୁ)କୁ ହସ୍ତାନ୍ତର କରାଯାଇଛି ବୋଲି ସେ କହିଛନ୍ତି।

ପ୍ରଭାତୀଙ୍କ ସୂଚନା ଅନୁଯାୟୀ, ୨୦୨୪ରୁ ଏପର୍ଯ୍ୟନ୍ତ ଶିଶୁ ସହାୟତା ନଂ.୧୦୯୮ରେ ଏହି ଅଭିଯୋଗଗୁଡ଼ିକ ପଞ୍ଜୀକୃତ ହୋଇଛି। ଖୋର୍ଦ୍ଧା ଜିଲାରେ ସର୍ବାଧିକ ୭୮୫ ଜଣ ନିଖୋଜ ହୋଇଥିବାବେଳେ ୫୭୬ ଜଣଙ୍କୁ ଉଦ୍ଧାର କରାଯାଇପାରିଛି। ଜିଲାୱାରି ତଥ୍ୟ ଅନୁଯାୟୀ, ଅନୁଗୋଳରେ ୨୬୭ ଜଣ ଶିଶୁ ନିଖୋଜ ହୋଇଥିବାବେଳେ ବଲାଙ୍ଗୀରରେ ୩୯୪, ବାଲେଶ୍ୱରରେ ୬୮୩, ବରଗଡ଼ରେ ୧୨୨, ଭଦ୍ରକରେ ୪୧୨, ବୌଦ୍ଧରେ ୩୧୯, କଟକରେ ୪୫୦, ଦେବଗଡ଼ରେ ୨୮୫, ଢେଙ୍କାନାଳରେ ୨୬୫, ଗଜପତିରେ ☞ପୃଷ୍ଠା-୨

### ଉଦ୍ଧାରରେ ସବୁଠୁ ପଛରେ ଓଡ଼ିଶା

ଭୁବନେଶ୍ୱର,୨୭।୧୧
(ସତ୍ୟଜିତ ରାଉତ)

ନିଖୋଜ ଶିଶୁମାନଙ୍କୁ ଉଦ୍ଧାର କରିବା କ୍ଷେତ୍ରରେ ଓଡ଼ିଶାର ପ୍ରଦର୍ଶନ ସ୍ଥିତି ଅତି ଖରାପ ରହିଛି। ନିକଟରେ ପ୍ରକାଶିତ ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ରିପୋର୍ଟ-୨୦୨୩ରୁ ଏହା ସ୍ପଷ୍ଟ ହୋଇଛି। ନିଖୋଜ ଶିଶୁମାନଙ୍କୁ ଉଦ୍ଧାର ତୁଳନା ତାଲିକାରେ ଓଡ଼ିଶା ରାଜ୍ୟମାନଙ୍କ ମଧ୍ୟରେ ଥିଲେ ତଳଆଡୁ ପ୍ରଥମରେ ରହିଛି। ଏଯାଏ ନିଖୋଜ ହୋଇଥିବା ଶିଶୁମାନଙ୍କ ମଧ୍ୟରୁ ଓଡ଼ିଶା ୨୦୨୩ରେ ମାତ୍ର ୩୨.୫ ପ୍ରତିଶତ ଉଦ୍ଧାର କରିପାରିଛି। ତଥ୍ୟ ଅନୁଯାୟୀ, ୨୦୨୩ ପୂର୍ବରୁ ଓଡ଼ିଶାରୁ ମୋଟ ୪,୮୩୭ ଜଣ ଶିଶୁ ନିଖୋଜ ଥିଲେ। ସେମାନଙ୍କ ମଧ୍ୟରେ ୫୧୭ ଜଣ ନାବାଳକ ଓ ୪,୩୨୦ ଜଣ ନାବାଳିକା। ୨୦୨୩ରେ ମଧ୍ୟ ୫,୯୩୮ ଜଣ ଶିଶୁ ନିଖୋଜ ହୋଇଥିଲେ। ଏମାନଙ୍କ ମଧ୍ୟରୁ ୭୦୫ଜଣ ନାବାଳକ ଓ ୫,୨୩୩ ନାବାଳିକା ଥିଲେ। ୨୦୨୩ ବର୍ଷର ନିଖୋଜ ଶିଶୁଙ୍କୁ ମିଶାଇ ଏହି ସଂଖ୍ୟା ୧୦,୭୭୫ରେ ପହଞ୍ଚିଥିଲା। ତେବେ ୨୦୨୩ ବର୍ଷରେ ୩,୫୦୩ ଜଣ ଶିଶୁଙ୍କୁ ଉଦ୍ଧାର କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୩,୦୫୬ ଜଣ ନାବାଳିକା ରହିଥିବାବେଳେ ୪୪୭ ଜଣ ନାବାଳକ ରହିଛନ୍ତି। ଅପରପକ୍ଷରେ ନିଖୋଜ ଶିଶୁମାନଙ୍କୁ ଉଦ୍ଧାର କରିବା ତାଲିକାରେ ସର୍ବଶେଷରେ ନାଗାଲାଣ୍ଡ ଓ ସିକିମ୍ ମିଳିତ ଭାବେ ୧୦୦% ହାରରେ ପ୍ରଥମରେ ରହିଥିବା ବେଳେ ଦ୍ୱିତୀୟରେ କେରଳ (୯୫.୯%), ତୃତୀୟରେ ମେଘାଳୟ (୯୩.୬), ଚତୁର୍ଥରେ ତ୍ରିପୁରା (୮୬.୨) ଏବଂ ପଞ୍ଚମ ସ୍ଥାନରେ ଆନ୍ଧ୍ରପ୍ରଦେଶ (୮୫.୭) ରହିଛି।




# ରାଜ୍ୟରେ ଖୋଲିବ ୧୫ ପୋକ୍‌ସୋ କୋର୍ଟ

ଭୁବନେଶ୍ୱର, ୨୯।୧୧
(ସୁନିତ୍ ମିଶ୍ର)

ଉଚ୍ଚ ନ୍ୟାୟାଳୟଙ୍କ ଅନୁମୋଦନକ୍ରମେ ରାଜ୍ୟର ବିଭିନ୍ନ ବ୍ଲକ୍‌ରେ ଗୋଟିଏ ଲେଖା ସିଭିଲ ଜଜ୍-କମ୍-ଜେଏମ୍‌ଏଫ୍‌ସି କୋର୍ଟ ଖୋଲିବା ଲାଗି ସରକାର ନିଷ୍ପତ୍ତି ନେଇଛନ୍ତି। ଏହା ବ୍ୟତୀତ ଉଚ୍ଚ ନ୍ୟାୟାଳୟ ନୟାଗଡ଼ ଜିଲାର ଖଣ୍ଡପଡ଼ାଠାରେ ଗୋଟିଏ ଅତିରିକ୍ତ ଜିଲା ଓ ସେସନ୍ ଜଜ୍ କୋର୍ଟ ଖୋଲିବାକୁ ଅନୁମୋଦନ ଦେଇସାରିଛନ୍ତି। ଏହି କୋର୍ଟଗୁଡିକ ଖୋଲିବା ଲାଗି ରାଜ୍ୟ ସରକାର ଆସନ୍ତା ଆର୍ଥିକ ବର୍ଷରେ ହେବାକୁ ଥିବା ଉଚ୍ଚସ୍ତରୀୟ କମିଟି ବୈଠକରେ ପ୍ରସ୍ତାବ ଆଗତ କରିବେ। ରାଜ୍ୟ ସରକାର କେବଳ ପ୍ରୋଟେକ୍‌ଶନ ଅଫ୍ ଚିଲ୍‌ଡ୍ରେନ୍ ଫର୍ ସେକ୍ସୁଆଲ ଅଫେନ୍ସ (ପୋକ୍‌ସୋ) ମାମଲାଗୁଡିକ ବିଚାର କରିବା ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ୧୫ଟି ସ୍ୱତନ୍ତ୍ର ଅଦାଲତ ଖୋଲିବାକୁ ବିହିତ ପଦକ୍ଷେପ ନେଉଛନ୍ତି ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବିଧାନସଭାରେ କହିଛନ୍ତି। ବିଧାୟକ ☞ପୃଷ୍ଠା-୨




# ଡା. ଶାହିନଙ୍କ ପ୍ରକୋଷ୍ଠରୁ ୧୮ ଲକ୍ଷ ଜବତ

### ହ୍ୱାଇଟ୍ କଲାର ଟେରର ମଡ୍ୟୁଲ ତଦନ୍ତ ଜୋର୍‌ଦାର


ଡା. ଶାହିନ ଶହିଦ

ଫରିଦାବାଦ,୨୯।୧୧

ହ୍ୱାଇଟ୍ କଲାର ଟେରର ମଡ୍ୟୁଲ୍‌ର ତଦନ୍ତ ଚଳାଇଥିବା ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଫରିଦାବାଦର ଅଲ୍-ଫଲାହ ୟୁନିଭର୍ସିଟିରେ ଗୁରୁବାର ରାତିରେ ଚଢ଼ାଉ କରିଥିଲା। ଆତଙ୍କବାଦୀ ମଡ୍ୟୁଲ ସହ ଜଡ଼ିତ ଡାକ୍ତର ଶାହିନ ଶହିଦଙ୍କ ହଷ୍ଟେଲ୍ ପ୍ରକୋଷ୍ଠରୁ ଏନ୍‌ଆଇଏ ୧୮ ଲକ୍ଷ ଟଙ୍କା ଜବତ କରିଛି। ପ୍ରକୋଷ୍ଠ ନମ୍ବର ୩୨ରେ ଥବା ଏକ ଆଲମିରାରେ ଏହି ଟଙ୍କା ରଖାଯାଇଥିଲା। ଉକ୍ତ ବିଶ୍ୱବିଦ୍ୟାଳୟରୁ ଚାଲିଥିବା ହ୍ୱାଇଟ୍-କଲାର ଟେରର ମଡ୍ୟୁଲ୍‌କୁ ପାଣ୍ଠି ଯୋଗାଣ ପାଇଁ ଏହି ଟଙ୍କା ରଖାଯାଇଥିବା ସନ୍ଦେହ କରାଯାଉଛି।

ଗତ ୧୦ ତାରଖରେ ଦିଲ୍ଲୀର ଲାଲ୍‌କିଲ୍ଲା ନିକଟରେ ହୋଇଥିବା ଆତ୍ମଘାତୀ ବିସ୍ଫୋରଣ ଘଟଣା ସହ ସମ୍ପୃକ୍ତି ଅଭିଯୋଗରେ ଶାହିନଙ୍କୁ ଗିରଫ କରାଯାଇଥିଲା। ତାଙ୍କୁ ଜେରା କରାଯିବା ସହ ଅଧିକ ତଦନ୍ତ ପାଇଁ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌କୁ ଅଣାଯାଇଥିଲା। ତାଙ୍କୁ ପ୍ରଶାସନିକ ବ୍ଲକ୍‌କୁ ପ୍ରଥମେ ନିଆଯିବା ବେଳେ ସେ ଏକ ଲକର ବ୍ୟବହାର କରୁଥିବା କହିଥିଲେ। ସେଠାରୁ ଏନ୍‌ଆଇଏ ଅଧିକାରୀମାନେ ଅଧିକ ତଦନ୍ତ ପାଇଁ ତାଙ୍କୁ ହଷ୍ଟେଲ ପ୍ରକୋଷ୍ଠକୁ ନେଇଥିଲେ, ଯେଉଁଠୁ ୧୮ ଲକ୍ଷ ଟଙ୍କା ଜବତ ହୋଇଛି। ଏତେ ପରିମାଣର ଟଙ୍କା କେଉଁଠୁ ଆସିଲା, ଏନ୍‌ଆଇଏ ତାହା ଉପରେ ଖୋଳତାଡ଼ ଚଳାଇଛି। ଟେରର ମଡ୍ୟୁଲ ନେଟ୍‌ୱର୍କ ଜରିଆରେ ଉକ୍ତ ଅର୍ଥ ଆସିଥିବା ସନ୍ଦେହ କରାଯାଉଛି। ଏହା ପରେ ଶାହିନଙ୍କୁ ମେଡିକାଲ ୱାର୍ଡ, ଶ୍ରେଣୀକକ୍ଷ ଏବଂ ଡାକ୍ତରଙ୍କ କ୍ୟାବିନ୍‌କୁ ନିଆଯାଇ ତାଙ୍କର ଦୈନନ୍ଦିନ କାର୍ଯ୍ୟର ରିକନ୍‌ଷ୍ଟ୍ରକ୍ସନ କରାଯିବା ସହ ତାଙ୍କ ସହ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇଥିଲା। ଅଲ୍-ଫଲାହରେ ଶିକ୍ଷାଦାନ କରୁଥିବାବେଳେ ଶାହିନ ଟେରର ମଡ୍ୟୁଲରେ ସକ୍ରିୟ ରହିଥିଲେ। ସେ ବିଶ୍ୱବିଦ୍ୟାଳୟ ଭିତରେ ଏବଂ ବାହାରେ ନିଜ ସମ୍ପର୍କ ବଢ଼ାଇବା ଦିଗରେ କାର୍ଯ୍ୟ କରୁଥିଲେ। ଟେରର ମଡ୍ୟୁଲରେ ସମ୍ପୃକ୍ତ ଅନ୍ୟତମ ଡାକ୍ତର ମୁଜାମିଲ ଅହମଦ ଗନାଇଙ୍କୁ ଗିରଫ କରାଯିବା ପରଦିନ ଶାହିନ ଉକ୍ତ ମଡ୍ୟୁଲ ସହ ଜଡ଼ିତ ବୋଲି ଏନ୍‌ଆଇଏ ଜାଣିବାକୁ ପାଇଥିଲା।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- କଳାଞ୍ଜଳି ଲୋକକଳା ମହୋତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ବିଶ୍ୱ ଏଡ୍ସ ଦିବସ ଉପଲକ୍ଷେ ବନ୍ଦେ ମା ତରମ୍ ପକ୍ଷରୁ ମିଶନ୍ ଜିରୋ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଗାନ୍ଧୀ ମାର୍ଗ, ସମୟ: ପୂର୍ବାହ୍ନ ୧୧ଟା।

## କଟକ
- ପ୍ରଗତିଶୀଳ ସାହିତ୍ୟ ସମାଜ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମହାନଗର, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଉତ୍କଳ ସାହିତ୍ୟ ସମାଜ ଆନୁକୂଲ୍ୟରେ ଶ୍ରୀଜଗନ୍ନାଥ ଦର୍ଶନରେ ମାନବୀୟ ଚେତନା ଆଲୋଚନାଚକ୍ର, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର
- ଅସ୍ମିତା ଖେଲୋ ଇଣ୍ଡିଆ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ସକାଳ ୯ଟା।
- ବାଲେଶ୍ୱର ପ୍ରତିଭା ସମାରୋହ, ସ୍ଥାନ: ମିଶନ ସ୍କୁଲ କମ୍ପାଉଣ୍ଡ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା ୩୦।

## ଭଦ୍ରକ
- ମଣ୍ଡଳସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ, ସ୍ଥାନ: ଷେଣ୍ଡପୁର ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ, ଧାମନଗର, ସମୟ: ପୂର୍ବାହ୍ନ ୧୧ଟା।
- ଭାଜପା ପକ୍ଷରୁ ମିଶ୍ରଣ ପର୍ବ, ସ୍ଥାନ: କାଙ୍କରା ଗ୍ରାମ ଖେଳପଡ଼ିଆ, ଧାମନଗର ଏନ୍ଏସି, ସମୟ: ପୂର୍ବାହ୍ନ ୧୧ଟା।
- ଭାଜପାର ମିଶ୍ରଣ ପର୍ବ, ସ୍ଥାନ: କାଙ୍କରା ହାଇସ୍କୁଲ ପଡ଼ିଆ, ଧାମନଗର, ସମୟ: ପୂର୍ବାହ୍ନ ୧୧ଟା।
- ଧାମନଗର ପୂଜ୍ୟପୂଜା ସାଂସ୍କୃତିକ ପରିଷଦର ବାର୍ଷିକ ଉତ୍ସବ, ସ୍ଥାନ: ଧାମନଗର ତହସିଲ ନିକଟ କଲ୍ୟାଣ ମଣ୍ଡପ, ସମୟ: ଅପରାହ୍ନ ୩ଟା।
- ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ, ସ୍ଥାନ: ବିଜୁ ପଟ୍ଟନାୟକ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ୍, ଧାମନଗର, ସମୟ: ଅପରାହ୍ନ ୫ଟା।
- ତ୍ୟାଗଭୂମି ମହୋତ୍ସବର ୭ମ ସନ୍ଧ୍ୟା, ସ୍ଥାନ: ମଠସାହି ଗୋପାଳଜୀଉ ପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୫ଟା।

## କେନ୍ଦୁଝର
- ଶ୍ରୀ ଅନୁକୂଳଚନ୍ଦ୍ରଙ୍କ ଆଧାତ୍ମିକ ଆଲୋଚନା ଏବଂ ଭଜନ, ସ୍ଥାନ : ବିଷ୍ଣୁପ୍ରିୟା ବାଳାଶ୍ରମ, ହାଟଡ଼ିହୀ, ସମୟ : ସକାଳ ୮ ଟା।
- ବଡ଼ବିଲ ପୋଲିସର ଲୋକ ସମ୍ପର୍କ ମେଳା ଓ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ଥାନ: କାଶିଆ, ବଡବିଲ, ସମୟ : ପୂର୍ବାହ୍ନ ୧୦ ଟା ୩୦।

## ମୟୂରଭଞ୍ଜ
- ମୟୂରଭଞ୍ଜ ମହୋତ୍ସବର କାର୍ନିଭାଲ ଶୋଭାଯାତ୍ରା, ସ୍ଥାନ: ଦେଉଳସାହି ବଡ଼ ଜଗନ୍ନାଥ ମନ୍ଦିର, ବାରିପଦା, ସମୟ: ଅପରାହ୍ନ ୪ଟା।

## କନ୍ଧମାଳ
- ସାଇ ପ୍ରଭୁଜୀ ଗ୍ଲୋବାଲ ସ୍କୁଲର ଚତୁର୍ଥ ବାର୍ଷିକୋତ୍ସବ, ସ୍ଥାନ: ସ୍କୁଲ ପରିସର, ବାଲିଗୁଡ଼ା, ସମୟ: ପୂର୍ବାହ୍ନ ୧୦ ଟା।
- ଅମୃତ ମିଳନ, ସ୍ଥାନ: ଦାରିଙ୍ଗବାଡି ମା' ଦଶଭୁଜା ଦୁର୍ଗାମଣ୍ଡପ, ସମୟ: ମଧ୍ୟାହ୍ନ ୧୨ଟା ୩୦।

## ଜଗତ୍‌ସିଂହପୁର
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ଉଦଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ଗୋପବନ୍ଧୁ ଷ୍ଟାଡିୟମ, ନୁଆବଜାର, ପାରାଦୀପ, ସମୟ: ଅପରାହ୍ନ ୪ଟା।
- ଜଗନ୍ନାଥ ଲଳିତ କଳା ସଂସଦର ସାଂସ୍କୃତିକ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ନାଟକ 'ସକାଳର ମେଘ', ପରିବେଷଣ, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା
- କେନ୍ଦ୍ରାପଡା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ:ପୁରୁଣା ବସ୍‌ଷ୍ଟାଣ୍ଡ, ସମୟ: ସକାଳ ୬ଟା ।
- କେନ୍ଦ୍ରାପଡା ଜିଲା ଅସ୍ମିତା କ୍ରୀଡା ଉତ୍ସବ, ସ୍ଥାନ:କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ, ତିନିମୁହାଣୀ, କେନ୍ଦ୍ରାପଡା ସହର, ସମୟ: ସକାଳ ୮ଟା।
- ସାହିତ୍ୟ ଅନୁଷ୍ଠାନ ସତୀର୍ଥର ବାର୍ଷିକ ଉତ୍ସବ, ସ୍ଥାନ:ଗଣକବି ଗୋପାଳ ଦାସ ମଞ୍ଚ, ସିଦ୍ଧବଟ, କୋରୋ, କେନ୍ଦ୍ରାପଡା, ସମୟ:ସକାଳ ୯ଟା ।
- ନିଃଶୁଳ୍କ ଚିକିତ୍ସା ଶିବିର, ସ୍ଥାନ:ସ୍ୱାସ୍ଥ୍ୟ କ୍ଲିନିକ ଆଣ୍ଡ ଡାଇଗ୍ନୋଷ୍ଟିକ, ବଉଳ ବିହାର, ଗରାପୁର ରୋଡ, କେନ୍ଦ୍ରାପଡା ସହର, ସମୟ:ସକାଳ ୯ଟା।
- ଜୟରାଷ୍ଟ୍ର ଚାରିଟେବୁଲ ଟ୍ରଷ୍ଟର ରାଷ୍ଟ୍ରବାଦୀ କବିତା ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ:ରାମମନ୍ଦିର, ଗୋପ, କେନ୍ଦ୍ରାପଡା ସହର, ସମୟ: ଅପରାହ୍ନ ୪ଟା ।

## ଯାଜପୁର
- ବରୀ ମହୋତ୍ସବର ପ୍ରସ୍ତୁତି ବୈଠକ, ସ୍ଥାନ: ସନ୍ଥନ ମହାବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- କୋରେଇ ବ୍ଲକର ପାଟରଙ୍ଗା ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ତଳଗଡ ବାରାନାଥ ପଡ଼ିଆଠାରୁ ପାଟରଙ୍ଗା ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା୩୦।
- ସାଂସଦ ଖେଳ ମହୋତ୍ସବ- ୨୦୨୫ ଟ୍ରଫି ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ : ଧର୍ମଶାଳା ଷ୍ଟାଡିୟମ ପରିସର, ସମୟ : ପୂର୍ବାହ୍ନ ୧୧ଟା।
- କୁରାଳ ପଞ୍ଚମୀ ଉଦ୍‌ଯାପନୀ ଉତ୍ସବ, ସ୍ଥାନ:ସୁଲପୁର ବ୍ଲକ ଭୋଟକା ପଞ୍ଚାୟତର ଇଚ୍ଛାପୁର ଗ୍ରାମ, ସମୟ: ଅପରାହ୍ନ ୩ଟା।

## ନୟାଗଡ଼
- ଘୋଡଲାଗି ପର୍ବର ୪ର୍ଥ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ ଟା ।
- ଘୋଡଲାଗି ପର୍ବର ୪ର୍ଥ ଦିବସ, ସ୍ଥାନ: ଖଣ୍ଡପଡା ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ଟା୩୦।
- କଂସାରୀ ସମାଜର ମନ୍ କି ବାତ୍ କାର୍ଯ୍ୟକ୍ରମ, ସ୍ଥାନ: କଣ୍ଟିଲୋ, ସମୟ: ପୂର୍ବାହ୍ନ ୧୦ଟା।
- ସାମନ୍ତ ମହୋତ୍ସବ ଖଣ୍ଡପଡା ଓ ପଲ୍ଲୀଶ୍ରୀ ମେଳା ୨୦୨୬ର ପ୍ରସ୍ତୁତି ବୈଠକ, ସ୍ଥାନ: ଖଣ୍ଡପଡା ଉମାଦେବୀ ମନ୍ଦିର, ସମୟ: ପୂର୍ବାହ୍ନ ୧୦.୩୦ଟା।
- ମାନବ ଅଧିକାର ସୁରକ୍ଷା ପାଇଁ ବାରର ରୋଲ ଉପରେ କର୍ମଶାଳା, ସ୍ଥାନ:ଓଡଗାଁ ବାର ଆସୋସିଏଶନ ହଲ୍, ସମୟ: ପୂର୍ବାହ୍ନ ୧୧ଟା।
- ଶୂନ୍ୟ ମୃତ୍ୟୁ ସପ୍ତାହ ଉଦ୍‌ଯାପନ ଦିବସରେ ରାସ୍ତା ସୁରକ୍ଷା ସଚେତନତା ଉପରେ ଏକ ପଥପ୍ରାନ୍ତ ନାଟକ, ସ୍ଥାନ: ନୟାଗଡ ସହର ଗୋଲେଇ ଟ୍ରାଫିକ୍ ଛକ, ସମୟ: ପୂର୍ବାହ୍ନ ୧୧ଟା ।
- ଜଳସମ୍ପଦ ବିଭାଗର ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ଖଣ୍ଡପଡା ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନ, ସମୟ: ମଧ୍ୟାହ୍ନ ୧୨ଟା ୩୦ରୁ ଅପରାହ୍ନ ୪ଟା।
- ମାଘମେଳା ମହୋତ୍ସବ ପ୍ରସ୍ତୁତି ବୈଠକ, ସ୍ଥାନ:କଣ୍ଟିଲୋ ପୂର୍ତ୍ତ ବିଭାଗ ଡାକବଙ୍ଗଳା, ସମୟ:ଅପରାହ୍ନ ୪ଟା ।

## ରାୟଗଡ଼ା
- ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ମିଳିତ ଆନୁକୂଲ୍ୟରେ ଗଣଦୌଡ଼, ସ୍ଥାନ: କପିଳାସ ଛକଠାରୁ ତେଜସ୍ୱୀ ପଡିଆ, ରାୟଗଡା, ସମୟ: ସକାଳ ୬ଟା ।
- ସ୍ୱାମୀ ବିଦ୍ୟାନନ୍ଦ ସାଗର ମହାରାଜାଙ୍କ ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକ ଉତ୍ସବ, ସ୍ଥାନ: ଅଦୈତ ବେଦାନ୍ତ ଆଶ୍ରମ, କରାବାଙ୍କ, ଗୁଣପୁର, ସମୟ: ପୂର୍ବାହ୍ନ ୧୧ଟା।

## ନବରଙ୍ଗପୁର
- ବଟେଶ୍ୱର ମନ୍ଦିର ରତ୍ନମୁଦ ଓ ପ୍ରତିଷ୍ଠା, ସ୍ଥାନ: ଉମରକୋଟ ସିଉନି, ସମୟ: ସମୟ ଅପରାହ୍ନ ୩ଟା।

## କୋରାପୁଟ
- ଜିଲାସ୍ତରୀୟ ଟିଚର୍ସ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ହାଇସ୍କୁଲ ଗ୍ରାଉଣ୍ଡ, ବୈପାରୀଗୁଡ଼ା, ସମୟ: ସକାଳ ୭ଟା ୩୦।
- ବ୍ଲକ୍‌ସ୍ତରୀୟ ପରବ ଶୁଭାରମ୍ଭ, ସ୍ଥାନ: ମା' ଜଗତଜନନୀ ମନ୍ଦିର, ଜୟପୁର, ସମୟ: ସକାଳ ୯ଟା।

## ମାଲକାନଗିରି
- ବ୍ଲକ୍‌ସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ ଉପଲକ୍ଷେ କଳସ ଯାତ୍ରା, ସ୍ଥାନ: କୋରୁକୋଣ୍ଡା, ସମୟ: ସକାଳ ୭ ଟା।
- ସାମ୍ବାଦିକ ବନାମ ଡାକ୍ତରଙ୍କ ମଧ୍ୟରେ କୌତୁକ କ୍ରିକେଟ୍ ପ୍ରତିଯୋଗିତା, ସ୍ଥାନ: ଡିଏନ୍‌କେ ଖେଳ ପଡିଆ, ମାଲାକନଗିରି , ସମୟ: ସକାଳ ୮ ଟା।
- ରୋଟାରି କ୍ଲବ ତରଫରୁ ଜାତୀୟ ନିର୍ମାଣକାରୀ ପୁରସ୍କାର କାର୍ଯ୍ୟକ୍ରମ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ମାଲକାନଗିରି , ସମୟ: ପୂର୍ବାହ୍ନ ୧୧ ଟା।
- ବ୍ଲକ୍‌ସ୍ତରୀୟ ମାଲ୍ୟବନ୍ତ ଆରମ୍ଭ ଉପଲକ୍ଷେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍, ସ୍ଥାନ: ଖଇରପୁଟ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ମାଲ୍ୟବନ୍ତ ମହୋତ୍ସବ ଉପଲକ୍ଷେ ଜିଲାର ୭ଟି ବ୍ଲକରେ କଳଶ ଯାତ୍ରା, ସ୍ଥାନ: ମାଲକାନଗିରି ଭୈରବ ମନ୍ଦିରଠାରୁ ଜଗନ୍ନାଥ ମନ୍ଦିର, ସମୟ: ଅପରାହ୍ନ ୩ଟା।

## ସମ୍ବଲପୁର
- ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ରେଙ୍ଗାଲି ପ୍ରଖଣ୍ଡ ଆୟୋଜନରେ ନିଶାମୁକ୍ତି ଅଭିଯାନରେ ସ୍ୱାସ୍ଥ୍ୟ ପାଇଁ ଗଣ ଦୌଡ କାର୍ଯ୍ୟକ୍ରମ, ସ୍ଥାନ : ରେଙ୍ଗାଲି ବାବା ମନ୍ଦିର, ସମୟ : ସକାଳ ୭ଟା ।
- ପଶ୍ଚିମାଞ୍ଚଳ ଏକତା ମଞ୍ଚ ଆୟୋଜନରେ ସମ୍ବଲପୁରୀ ସଙ୍ଗୀତ ସମ୍ରାଟ ଫକିର ପଟ୍ଟନାୟକଙ୍କ ଶ୍ରଦ୍ଧାଞ୍ଜଳିକାର୍ଯ୍ୟକ୍ରମ, ସ୍ଥାନ : ଜେଲ ଛକ ନିକଟସ୍ଥ ସମ୍ବଲପୁରୀ ଡେରା, ସମୟ : ପୂର୍ବାହ୍ନ ୯ଟା ।
- ସମ୍ବଲପୁରୀ ବହି ହାଟ ପ୍ରସ୍ତୁତି କାର୍ଯ୍ୟକ୍ରମ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସକାଳ ୯ଟା ।
- ସମ୍ବଲପୁରୀ ଧନୁଯାତ୍ରା- ୨୦୨୬ କଳାକାର ଚୟନ କାର୍ଯ୍ୟକ୍ରମ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା ୭ଟା ।

## ବଲାଙ୍ଗୀର
- ୬୯ ତମ ଓଡିଶା ରାଜ୍ୟ ବିଦ୍ୟାଳୟ ସମୂହ ଫୁଟବଲ, ଫେନ୍‌ସିଂ ଏବଂ ଥାଙ୍ଗ୍‌ଟା ପ୍ରତିଯୋଗିତା ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଗାନ୍ଧୀ ଷ୍ଟାଡିୟମ, ବଲାଙ୍ଗୀର, ସମୟ: ମଧ୍ୟାହ୍ନ ୧୨ଟା।
- ଟାଇଗର ୟୁଥ୍ କ୍ଲବର ବାର୍ଷିକ ଉତ୍ସବ, ସ୍ଥାନ: ଶାନ୍ତିପଡା, ବଲାଙ୍ଗୀର, ସମୟ: ଅପରାହ୍ନ ୫ଟା।

## ରାଉରକେଲା
- ଏନ୍ଆଇଟିରେ ଟିସୁ ଇଞ୍ଜିନିୟରିଂ ଅନ୍ତର୍ଜାତୀୟ ସମ୍ମିଳନୀ, ସ୍ଥାନ: ବାୟୋଟେକ୍‌ନୋଲୋଜି ବିଭାଗ, ସମୟ: ପୂର୍ବାହ୍ନ ୧୦ଟା।
- ତୃତୀୟ ଇସ୍ପାତ ନାଟ୍ୟ ମହୋତ୍ସବର ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର-୬, ସମୟ: ପୂର୍ବାହ୍ନ ୧୧ଟା।
- ୟୁଥ୍ ଫେସ୍‌ଟିଭାଲ ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ୟୁଥ୍ ଆସୋସିଏଶନ କ୍ଲବ, ରାଉରକେଲା, ସମୟ: ପୂର୍ବାହ୍ନ ୧୧ଟା।
- ପୁରାଣ ପରମ୍ପରାରେ ଲକ୍ଷ୍ମୀ ପୁରାଣର ମହତ୍ୱ ଆଲୋଚନାଚକ୍ର, ସ୍ଥାନ: ଫର୍ଟିଲାଇଜର, ସମୟ: ଅପରାହ୍ନ ୩ଟା।
- ଗୁରୁକୁଳ ଇଂରାଜୀ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ଡିଏଭି ପଡିଆ, ବାସନ୍ତୀ କଲୋନି, ସମୟ: ସନ୍ଧ୍ୟା ୬ଟା ୩୦।
- ପୁସ୍ତକ ଲୋକାର୍ପଣ ଉତ୍ସବ, ସ୍ଥାନ: ସେକ୍ଟର-୫ କଲଚରାଲ ଏକାଡେମୀ, ସମୟ: ସନ୍ଧ୍ୟା ୬ଟା ୩୦।
- ବାସନ୍ତୀ ପାଠାଗାରରେ ସାହିତ୍ୟ ସଭା, ସ୍ଥାନ: ବାସନ୍ତୀ କଲୋନି, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼
- ହନୁମାନ ମନ୍ଦିର ପ୍ରତିଷ୍ଠା ସମାରୋହ, ସ୍ଥାନ: ତଳିପଡ଼ା, ବରଗଡ଼, ସମୟ:ସକାଳ ୮ଟା।

## କଳାହାଣ୍ଡି
- ରାଜ୍ୟସ୍ତରୀୟ ସମ୍ବିଧାନ ଦିବସ ମହୋତ୍ସବ, ସ୍ଥାନ: ଭବାନୀପାଟଣା ଟାଉନ ହଲ, ସମୟ: ପୂର୍ବାହ୍ନ ୧୧ଟା।

## ଦେବଗଡ଼
- ସର୍ବଭାରତୀୟ ପ୍ରଧାନପାଟ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍, ସ୍ଥାନ: ଦେବଗଡ଼ ଇନ୍ଦିରାଗାନ୍ଧୀ ଷ୍ଟାଡିୟମ, ସମୟ : ଅପରାହ୍ନ ୩ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ସହର ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।

## ସୁବର୍ଣ୍ଣପୁର
- ମାଗଣା ଚକ୍ଷୁ ପରୀକ୍ଷା ଶିବିର, ସ୍ଥାନ: ଅଭିଜିତ ସ୍ମୃତି କମିଟି କାର୍ଯ୍ୟାଳୟ ନୂଆବଜାର ବିନିକା, ସମୟ: ସକାଳ ୯ଟା।
- ଦି ଆର୍ଟ ଅଫ ଲିଭିଙ୍ଗ ହେପିନେଶ ସେଣ୍ଟର ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବର, ସ୍ଥାନ: ସୋନପୁର ବ୍ଲକ ଛକ ନିକଟସ୍ଥ ହେପିନେଶ ସେଣ୍ଟର, ସମୟ: ସକାଳ ୯ଟା।

## ନୂଆପଡ଼ା
- ୩ୟ ଫୁଟ୍‌ବଲ ମହାକୁମ୍ଭ ତ୍ରୟୋଦଶ ଦିବସ, ସ୍ଥାନ: ରାଜା ଏଟି ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ ଖଡିଆଳ, ସମୟ: ଅପରାହ୍ନ ୩ଟା।
- ୨୪ କୁଣ୍ଡିୟ ରାଷ୍ଟ୍ରୀୟ ଶୌର୍ଯ୍ୟ ସମୃଦ୍ଧି ଗାୟତ୍ରୀ ମହାଯଜ୍ଞ ଭୂମି ପୂଜନ ଓ ଦେବଦମ୍ପତି ସମ୍ମିଳନୀ, ସ୍ଥାନ: ସିନାପାଲି ବ୍ଲକ ଗଣ୍ଡାବାହାଲି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ, ସମୟ: ସକାଳ ୮ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — ଆଲୋଚନା ପରିସରରେ ବନ୍ଧୁଙ୍କ ବିରୋଧାଭାଷ ରହିଲେ ମଧ୍ୟ ଗଠନମୂଳକ ପରାମର୍ଶ ଅବଶ୍ୟ ପାଇବେ। ଗତକାଲିର ବାକି କାମଗୁଡ଼ିକୁ ଆଜି ସମ୍ପୂର୍ଣ୍ଣ କରିବା ନିଷ୍ପତ୍ତି ନେବେ। କୃତ୍ତିକା ନକ୍ଷତ୍ରର ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ହେବାରୁ ଆଶ୍ୱସ୍ତି ଲଭିବେ। କଚେରି ମାମଲାର ସମାଧାନ ସାଙ୍ଗକୁ ବନ୍ଧୁବର୍ଗଙ୍କ ସହାନୁଭୂତି ମିଳିବ।

**ବୃଷ** — ପ୍ରତିବନ୍ଧକ କାରଣରୁ ସ୍ଥଗିତ କାମ ସମ୍ପର୍କୀୟଙ୍କ ସହଯୋଗରୁ ସମ୍ପନ୍ନ ହେବ। ବନ୍ଧୁଙ୍କ ନିକଟରୁ ଦୁଃଖଦ ଖବର ଶ୍ରବଣ କରି ମନସ୍ତାପ କରିପାରନ୍ତି। ପାରିବାରିକ ସ୍ଥିତି ପୂର୍ବପରି ରହିବା ସହିତ ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଘଟିବ। ମୃଗଶିରା ନକ୍ଷତ୍ର ସକାଶେ ଶିଳ୍ପ, ବାଣିଜ୍ୟ ଓ ପରିବହନରେ ସମସ୍ୟା ଦେଖାଦେବା କାରଣରୁ ବ୍ୟସ୍ତତା ବୃଦ୍ଧି ପାଇବ।

**ମିଥୁନ** — କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟରୁ ସହଜ ଓ ସୁବିଧାରେ କାମ ହାସଲ କରିପାରିବେ। ବେଖାତିର ମନୋଭାବ ହେତୁ ଉପର ଅଧିକାରୀମାନେ ରାଗିପାରନ୍ତି। ପୁନର୍ବସୁ ନକ୍ଷତ୍ର ସକାଶେ ପରିବାରର ଆବଶ୍ୟକତା ବୃଦ୍ଧିଜନିତ ଖର୍ଚ୍ଚ ଦିଗୁଣା ହୋଇପାରେ। ବାଣିଜ୍ୟରେ ସଫଳତା, ବିବାଦୀୟ ଘଟଣାରେ ବିଜୟ ଲାଭ ଅବଶ୍ୟମ୍ଭାବୀ।

**କର୍କଟ** — କର୍ମକ୍ଷେତ୍ରରେ ସହକର୍ମୀ ଏକଜୁଟ ହୋଇ ହଇରାଣରେ ପକାଇବାକୁ ଚେଷ୍ଟା କରିବେ। ଘର କଥାନେଇ ସ୍ତ୍ରୀଙ୍କ ସହ ଆଲୋଚନା ପୂର୍ବକ ବିଭିନ୍ନ ସମସ୍ୟା ସମାଧାନର ସୂତ୍ର ବାହାର କରିପାରନ୍ତି। ଆନୁଷ୍ଠାନିକ କାମରେ ପ୍ରଶଂସିତ ହେବେ। ପୁଷ୍ୟା ନକ୍ଷତ୍ର ସକାଶେ ସଂଗଠନ, ନିର୍ମାଣ ଓ ପରିବହନ କ୍ଷେତ୍ରରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ।

**ସିଂହ** — ଆଲୋଚନା ପରିସରରେ ବନ୍ଧୁଙ୍କ ଅଶାଳୀନ ମନ୍ତବ୍ୟ ଓ ଅଶୋଭନୀୟ ଆଚରଣରେ ଦୁଃଖ ପ୍ରକାଶ କରିପାରନ୍ତି। ମଘା ନକ୍ଷତ୍ର ପରୋକ୍ଷ ଶତ୍ରୁତା କରୁଥିବା ଲୋକଙ୍କ କଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିବେ। ବନ୍ଧୁଙ୍କ ଅନୁରୋଧରେ ଦୂରସ୍ଥାନକୁ ଯିବାକୁ ପଡ଼ିପାରେ। ଆଳାପ ଆଲୋଚନା ପରେ ଅଶାନ୍ତ ମନ ଶାନ୍ତ ହୋଇଯାଇପାରେ।

**କନ୍ୟା** — କର୍ମକ୍ଷେତ୍ରରେ ଫାଇଲ୍ କାମ ବୃଦ୍ଧି କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ। ହସ୍ତା ନକ୍ଷତ୍ର ସ୍ୱାସ୍ଥ୍ୟରେ ବ୍ୟତିକ୍ରମ ଦେଖାଦେବାରୁ ଚିନ୍ତିତ ରହିବେ। ସୁନା ଜିନିଷ କିମ୍ବା କୌଣସି ଯାନ୍ତ୍ରିକ ଜିନିଷ କିଣାବିକାରେ ଠକାମିରେ ପଡ଼ିପାରନ୍ତି। ଅପରିଚିତ ଲୋକଟି ମିତ୍ରତା ଛଳରେ ପାଖେଇ ଆସିବ, ଯାହାକି ଦୁଶ୍ଚିନ୍ତାକୁ ବୃଦ୍ଧି କରିପାରେ।

**ତୁଳା** — କଠିନଶ୍ରମ ଓ ବିଶେଷ ଭ୍ରମଣଜନିତ ସ୍ୱାସ୍ଥ୍ୟ ବାରମ୍ବାର ଖରାପ ହେଉଥିବାରୁ ମନ ଭଲ ରହିବ ନାହିଁ। କର୍ମ କ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଚିତ୍ରା ନକ୍ଷତ୍ର କାର୍ଯ୍ୟହାନି କାରଣରୁ ମାନସିକ ଉଦ୍‌ବେଗ ବୃଦ୍ଧିଜନିତ ଆଳସ୍ୟ ଅନୁଭବ କରିବେ। ପରିବହନ, ବାଣିଜ୍ୟରେ ଉନ୍ନତି ପରିଲକ୍ଷିତ ହେବ।

**ବିଛା** — ସ୍ୱାସ୍ଥ୍ୟ ସମସ୍ୟା ଅପରିବର୍ତ୍ତିତ ରହିଥିଲେ ମଧ୍ୟ ଅବହେଳାଜନିତ ସମସ୍ୟା ଦେଖାଦେବ। ଜ୍ୟେଷ୍ଠା ନକ୍ଷତ୍ର ସକାଶେ ଅପୂରଣୀୟ ଆଶା ମାନସିକ ସ୍ତରକୁ ନିରୁତ୍ସାହିତ କରିବ। ପାରିବାରିକ ସାହଚର୍ଯ୍ୟ କାମ ସକାଶେ ଅନୁକୂଳ ରହିପାରେ। ସାହିତ୍ୟ ଚର୍ଚ୍ଚା, ରାଜନୀତି ଏବଂ ସଭାସମିତିରେ ନେତୃତ୍ୱ ନେଇ ପ୍ରଶଂସିତ ହୋଇପାରନ୍ତି।

**ଧନୁ** — ସମୟ ଅନୁକୂଳ ରହିଥିଲେ ମଧ୍ୟ କେତେକ କ୍ଷେତ୍ରରେ ନିଜ ଦୋଷରୁ ସମସ୍ୟା ସୃଷ୍ଟି ହେବ। ବାକ୍‌ସଂଯମ ଅଭାବରୁ ବନ୍ଧୁଙ୍କ ଘରୋଇ ଝାମେଲାକୁ ଟାଣି ହୋଇ ଯାଇପାରନ୍ତି। ପୂର୍ବାଷାଢ଼ା ନକ୍ଷତ୍ରର ସାଧାରଣ ପରିସ୍ଥିତିରେ ଭାଙ୍ଗି ପଡ଼ିଥିବା ସମ୍ପର୍କ ଯୋଡ଼ି ହୋଇଯିବ। କ୍ରୀଡ଼ା, ସାହିତ୍ୟ, ସଙ୍ଗୀତ ଓ ପ୍ରତିଯୋଗିତାରେ ସଫଳ ହେବେ।

**ମକର** — ସ୍ଥଗିତ କାମ ବାରମ୍ବାର ପ୍ରତିରୋଧ ମଧ୍ୟରେ ଅଟକି ଯାଉଥିବା କାରଣରୁ ମନସ୍ତାପ କରିପାରନ୍ତି। ବ୍ୟବସାୟ, ପରିବହନ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ଧନିଷ୍ଠା ନକ୍ଷତ୍ରର ଜମିଜମା କିମ୍ବା ଘରସୀମାକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ ଏବଂ ସହଜରେ କାମ ହାସଲ କରିବେ।

**କୁମ୍ଭ** — ଶତଭିଷା ନକ୍ଷତ୍ର ବହୁବିଧ କର୍ମରେ ଅନୁପ୍ରବେଶ ପାଇଁ ରାସ୍ତା ଉନ୍ମୁକ୍ତ କରିପାରେ। ଗତକାଲିର ବିବାଦୀୟ ଘଟଣା ଭିନ୍ନ ଆକାର ଧାରଣ କରିବ। ଆନୁଷ୍ଠାନିକ କାମରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ। ସନ୍ଦେହ ଏବଂ ଭୁଲ୍ ବୁଝାମଣା କାରଣରୁ ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ ନାହିଁ।

**ମୀନ** — ଉତ୍ତରଭାଦ୍ର ନକ୍ଷତ୍ରର ଆଜିର ଜୀବନଯାତ୍ରା ପ୍ରୀତିପ୍ରଦ ରହିବ। କିନ୍ତୁ ଅନେକ କ୍ଷେତ୍ରରେ ପାରିବାରିକ ପ୍ରତିରୋଧ ଯୋଗୁଁ କେତେକ କାମ ଅଟକି ଯାଇପାରେ। କର୍ମ କ୍ଷେତ୍ରରେ ଏକ ସାଧାରଣ ଘଟଣାରେ ଉଚ୍ଚବାଚ ଘଟିବାର ସୂଚନା ରହିଛି। ପୂର୍ବାଲୋଚନା ଅନୁଯାୟୀ ଆଜିର କାମଗୁଡ଼ିକ ସବୁ ଠିକ୍‌ଠିକ୍ ହୋଇଯିବ।

ଆଜି ନଭେମ୍ବର ୩୦ ତାରିଖ, ମାର୍ଗଶିର ଶୁକ୍ଳ ଦଶମୀ ରବିବାର, ରାଶିନକ୍ଷତ୍ର-ଉତ୍ତରଭାଦ୍ର/ମୀନ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୫୧ ଗତେ ଘ.୦୯।୦୨ ମଧ୍ୟେ, ଘ.୧୨।୫୭ ଗତେ ଘ.୦୨।୫୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ. ୦୩।୪୦ମି. ଗତେ ଘ.୦୫।୦୨ମି. ମଧ୍ୟେ ରାହୁକାଳ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଓଳି ପାଣି ପଡେ ପିଣ୍ଡା ତଳକୁ,
ଝିଅ ଜନମ ପର ଘରକୁ ।**

ଅଲିଅଳରେ ବଢ଼ିଆସିଥିବା ଝିଅଟି ଯେତେବେଳେ ଘରଯୋଗ୍ୟା ହୁଏ ସେତେବେଳେ ତା'ର ପିତାମାତା ଭଲ ଘର, ଭଲ ବର ଦେଖି ଝିଅଟିର ବିବାହ କରାଇ ଦେଇଥାନ୍ତି। ବିବାହ ପରେ ଝିଅଟି ପରଗୋତ୍ରୀ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଓଲେଇ ଦୁଆରକୁ ଭିକାରୀ ଗଲା
ଚାଉଳଧୁଆ ପାଣି ଚକୁଳି କଲା ।**

ନିପଟ ଓଲା ବା ମୂର୍ଖ ବ୍ୟକ୍ତିଙ୍କଠାରେ ହିତାହିତ ଜ୍ଞାନର ଅଭାବ ରହିଥାଏ। କୌଣସି କାର୍ଯ୍ୟକୁ ଏମାନେ ଠିକ୍ ଢଙ୍ଗରେ କରିପାରି ନ ଥାନ୍ତି। ଏଭଳି ବ୍ୟକ୍ତିଙ୍କଠାରୁ ସାହାଯ୍ୟର ଆଶା ରଖିବା ମୂର୍ଖାମି ହୋଇଥିବା ବେଳେ ପରିସ୍ଥିତିରେ ପଡ଼ି ଏମାନଙ୍କ ଦ୍ୱାରସ୍ଥ ହେଉଥିବା ବ୍ୟକ୍ତିଙ୍କୁ ନିରାଶ ହେବାକୁ ପଡୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉଭୋଳିତ ପାଣିପାଗର ଚିତ୍ର।

# ଜିଆର୍‌ସିର ଉଦ୍‌ଘାଟନକଲେ ୨ ଉପମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୯।୧୧(ସୁନିତ୍ ମିଶ୍ର)** ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ ପ୍ରଭାତୀ ପରିଡ଼ା ଶନିବାର କୃଷି ଭବନଠାରେ ମିଳିତ ଭାବେ ଲିଙ୍ଗଗତ ଦାୟିତ୍ୱବୋଧ କକ୍ଷ(ଜିଆର୍‌ସି)ର ଉଦ୍‌ଘାଟନ କରିଛନ୍ତି। ଅନ୍ତର୍ଜାତୀୟ ଖାଦ୍ୟ ନୀତି ଗବେଷଣା ପ୍ରତିଷ୍ଠାନ(ଆଇଏଫ୍‌ପିଆର୍‌ଆଇ) ସହ ମିଳିତ ଭାବେ ଉଦ୍‌ଘାଟନ ହୋଇଥିବା ଏହି କକ୍ଷ ରାଜ୍ୟର କୃଷି ଶାସନ ବ୍ୟବସ୍ଥାରେ ଲିଙ୍ଗଗତ ସମାନତାକୁ ବ୍ୟବସ୍ଥିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସାବ୍ୟସ୍ତ ହେବ।

ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନସିଂଦେଓ ଗୁରୁତ୍ୱାରୋପ କରିକହିଛନ୍ତି, ଜିଆର୍‌ସିର ଶୁଭାରମ୍ଭ ଅନ୍ତର୍ଭୁକ୍ତିମୂଳକ କୃଷି ବିକାଶ ପ୍ରତି ଓଡ଼ିଶାର ଦୀର୍ଘକାଳୀନ ପ୍ରତିବଦ୍ଧତାକୁ ସୁଦୃଢ଼ କରୁଛି। ଓଡ଼ିଶା ସର୍ବଦା ପ୍ରଗତିଶୀଳ କୃଷି ସଂସ୍କାରକୁ ସମର୍ଥନ କରିଆସିଛି ଏବଂ ଏହି ଲିଙ୍ଗଗତ ଦାୟିତ୍ୱବୋଧ କକ୍ଷର ଶୁଭାରମ୍ଭ କୃଷି ଶାସନକୁ ଅଧିକ ଅନ୍ତର୍ଭୁକ୍ତ, ପ୍ରମାଣ-କେନ୍ଦ୍ରିତ ଏବଂ ମହିଳା ଚାଷୀଙ୍କ ଆବଶ୍ୟକତା ପ୍ରତି ପ୍ରତିକ୍ରିୟାଶୀଳ କରିବା ପାଇଁ ଆମର ସଂକଳ୍ପକୁ ପ୍ରତିଫଳିତ କରେ। ଯେହେତୁ ମହିଳାମାନେ ଆମର କୃଷି କର୍ମଶକ୍ତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ, ଆମେ ନିଶ୍ଚିତ କରିବା ଉଚିତ ଯେପରି ସେମାନେ ଯୋଜନା, ବଜାର ଏବଂ ସୁଯୋଗରେ ସମାନ ପ୍ରବେଶ ପାଇବେ ବୋଲି ସେ କହିଛନ୍ତି।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ବିଶେଷକରି ବିଶ୍ୱ ଜାତିସଂଘ ମହିଳା କୃଷକଙ୍କ ଅନ୍ତର୍ଜାତୀୟ ବର୍ଷ (୨୦୨୬) ପାଳନ କରିବାକୁ ପ୍ରସ୍ତୁତ ହେଉଥିବା ସମୟରେ ଆମେ ଏହି ସ୍ୱତନ୍ତ୍ର ଜିଆର୍‌ସିର ଏହି ଶୁଭାରମ୍ଭକରି ଆମ ରାଜ୍ୟର ମହିଳାମାନଙ୍କ ପ୍ରତି ଥିବା ଅଙ୍ଗୀକାରବଦ୍ଧତାକୁ ପ୍ରତିପାଦନ କରୁଛୁ। ଜିଆର୍‌ସି ଏପରି ଏକ ମୁହୂର୍ତ୍ତରେ ଆରମ୍ଭ ହେଉଛି ଯେତେବେଳେ ସମଗ୍ର ବିଶ୍ୱର ଧ୍ୟାନ ମହିଳା କୃଷକମାନେ ସମ୍ମୁଖୀନ ହେଉଥିବା ସମସ୍ୟା ଏବଂ ଅଧିକ ଅନ୍ତର୍ଭୁକ୍ତିମୂଳକ ବ୍ୟବସ୍ଥାର ଜରୁରୀ ଆବଶ୍ୟକତା ଉପରେ ଦୃଷ୍ଟି ଆକର୍ଷଣ କରୁଛି ବୋଲି ସେ କହିଛନ୍ତି।

# ପ୍ରଥମ ପୃଷ୍ଠାରୁ...

## ଓଡ଼ିଶାରେ ବଢ଼ିଛି ...

୬୫୯, ଗଞ୍ଜାମରେ ୩୧୩, ଜଗତ୍‌ସିଂହପୁରରେ ୨୫୭, ଯାଜପୁରରେ ୩୩୦, ଝାରସୁଗୁଡ଼ାରେ ୩୮୦, କଳାହାଣ୍ଡିରେ ୧୩୨, କନ୍ଧମାଳରେ ୪୩୭, କେନ୍ଦ୍ରାପଡ଼ାରେ ୧୭୮ ଶିଶୁ ନିଖୋଜ ହୋଇଥିବା ରିପୋର୍ଟ ହୋଇଛି। ସେହିପରି କେନ୍ଦୁଝରରେ ୩୭୪, କୋରାପୁଟରେ ୫୭୬, ମାଲକାନଗିରିରେ ୩୦୫, ମୟୂରଭଞ୍ଜରେ ୩୪୩, ନବରଙ୍ଗପୁରରେ ୨୯୦, ନୟାଗଡରେ ୪୫୩, ନୂଆପଡାରେ ୩୬୦, ପୁରୀରେ ୫୯୫, ରାୟଗଡ଼ାରେ ୨୩୧, ସମ୍ବଲପୁରରେ ୨୪୧, ସୁବର୍ଣ୍ଣପୁରରେ ୬୨୦ ଓ ସୁନ୍ଦରଗଡ଼ରେ ୨୮୧ଜଣ ଶିଶୁ ନିଖୋଜ ହୋଇଛନ୍ତି।

ଅପରପକ୍ଷରେ ଅନୁଗୋଳରେ ୨୦୬ଜଣ ଶିଶୁଙ୍କୁ ଉଦ୍ଧାର କରାଯାଇଥିବାବେଳେ ବଲାଙ୍ଗୀରରେ ୨୩୯, ବାଲେଶ୍ୱରରେ ୧୧୪, ବରଗଡରେ ୧୭୮, ଭଦ୍ରକରେ ୩୫୧, ବୌଦ୍ଧରେ ୪୦୭, କଟକରେ ୩୫୦, ଦେବଗଡ଼ରେ ୧୫୫, ଢେଙ୍କାନାଳରେ ୨୦୧, ଗଜପତିରେ ୭୧୫ଜଣଙ୍କୁ ଉଦ୍ଧାର କରାଯାଇଛି। ସେହିପରି ଗଞ୍ଜାମରେ ୫୧୬, ଜଗତ୍‌ସିଂହପୁରରେ ୧୩୦, ଯାଜପୁରରେ ୧୪୦, ଝାରସୁଗୁଡ଼ାରେ ୨୮୨, କଳାହାଣ୍ଡିରେ ୭୦, କନ୍ଧମାଳରେ ୧୫୦, କେନ୍ଦ୍ରାପଡ଼ାରେ ୧୨୫, କେନ୍ଦୁଝରରେ ୧୭୩, ଖୋର୍ଦ୍ଧାରେ ୫୭୬, କୋରାପୁଟରେ ୧୩୫, ମାଲକାନଗିରିରେ ୨୦୫, ମୟୂରଭଞ୍ଜରେ ୨୭୩, ନବରଙ୍ଗପୁରରେ ୨୨୯, ନୟାଗଡ଼ରେ ୨୨୨, ନୂଆପଡ଼ାରେ ୩୭୨, ପୁରୀରେ ୮୧୯, ରାୟଗଡ଼ାରେ ୮୫, ସମ୍ବଲପୁରରେ ୧୭୫, ସୁବର୍ଣ୍ଣପୁରରେ ୬୧୮ ଏବଂ ସୁନ୍ଦରଗଡ଼ଜିଲାରେ ୧୫୧ ଜଣଙ୍କୁ ଉଦ୍ଧାର କରାଯାଇଥିବା ମନ୍ତ୍ରୀ ପ୍ରଭାତୀ ଗୃହରେ ତଥ୍ୟ ରଖିଛନ୍ତି। ଏନେଇ ମାନବାଧିକାର କର୍ମୀ ବିଶ୍ୱପ୍ରିୟ କାନୁନ୍‌ଗୋଙ୍କ କହିବା କଥା, ସରକାରଙ୍କ ନିଖୋଜ ପିଲାଙ୍କ ଉଦ୍ଧାର ନେଇ ସ୍ପଷ୍ଟ ଆଭିମୁଖ୍ୟ ସହ ନିର୍ଦ୍ଦେଶନାମା ନ ରହିଲେ ତଳସ୍ତରରେ ଥିବା ଅଫିସର କିମ୍ବା କର୍ମଚାରୀମାନେ ତାହାକୁ ଅନୁପାଳନ କରିବେ ନାହିଁ। ପ୍ରଶାସନିକସ୍ତରରେ ଥିବା ଅଧିକାରୀମାନେ ଶିଶୁ, ମହିଳା, ଦଳିତ, ଆଦିବାସୀ, ସଂଖ୍ୟାଲଘୁ ଆଦିଙ୍କ ବିରୋଧରେ ହେଉଥିବା ଅପରାଧ ଘଟଣା, ସେମାନଙ୍କ ପାଇଁ ଏକ ପ୍ରସଙ୍ଗ ହେଉନାହିଁ। ସେମାନଙ୍କ ମଧ୍ୟରେ ମାନବିକ ସମ୍ବେଦନଶୀଳତାର ଘୋର ଅଭାବ ରହିଛି। ସେହିପରି ଥାନାକୁ ନାବାଳକ ଓ ନାବାଳିକା ନିଖୋଜ ଏତଲା ନେଇ ଯାଉଥିବା ଲୋକମାନଙ୍କୁ ଥାନା ଅଧିକାରୀମାନେ ଗୁରୁତ୍ୱ ଦେଉ ନ ଥିବାରୁ ଏଭଳି ସ୍ଥିତି ଉପୁଜିଛି। ଏଯାଏ ଥାନାର ପରିବେଶ ବଦଳି ନ ଥିବା ବେଳେ ପୋଲିସ ମଧ୍ୟ ପିପୁଲ୍ସ ଫ୍ରେଣ୍ଡ୍‌ଲି ହୋଇପାରୁ ନାହିଁ ବୋଲି କାନୁନ୍‌ଗୋ କହିଛନ୍ତି।

## ରାଜ୍ୟରେ ଖୋଲିବ ...

ଚକ୍ରମଣି କହଁର ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ହରିଚନ୍ଦନ କହିଛନ୍ତି, ବାଲେଶ୍ୱର, ଭଦ୍ରକ, କଟକ, ଗଞ୍ଜାମର ବ୍ରହ୍ମପୁର, ଯାଜପୁର, କେନ୍ଦୁଝର, ଖୋର୍ଦ୍ଧାର ଭୁବନେଶ୍ୱର, ମୟୂରଭଞ୍ଜ, କନ୍ଧମାଳ, ପୁରୀ, ସମ୍ବଲପୁର, ସୁନ୍ଦରଗଡ଼, ଦେବଗଡ଼, ମାଲକାନଗିରି ଏବଂ ସୋନପୁରଠାରେ ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟର ଆବଶ୍ୟକତା ଥିବା ମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି। ସେହିପରି ବରଗଡ଼ର ଅତାବିରା, ଭଦ୍ରକର ଭଣ୍ଡାରିପୋଖରୀ, ବାଲେଶ୍ୱରର ରେମୁଣା, ବଲାଙ୍ଗୀରର ଦେଓଗାଁ ଏବଂ ପୁଇଁତଲା, ଦେବଗଡ଼ର ନଈକୂଳ, ଢେଙ୍କାନାଳର ଓଡ଼ାପଡ଼ା, ଗଞ୍ଜାମର ରଙ୍ଗେଇଲୁଣ୍ଡା, ଜଗତ୍‌ସିଂହପୁରର ବିରିଡ଼ି, ରଘୁନାଥପୁର, ଯାଜପୁରର ଦଶରଥପୁର, କେନ୍ଦ୍ରାପଡ଼ାର ଡେରାବିଶ, ମାଲକାନଗିରିର କୋରକୁଣ୍ଡା, ମୟୂରଭଞ୍ଜର ସାମାଖୁଣ୍ଟ ଓ କୁଳିଅଣା, ନବରଙ୍ଗପୁରର ନନ୍ଦାହାଣ୍ଡି, ତେନ୍ତୁଳିଖୁଣ୍ଟି ଓ ପାପଡ଼ାହାଣ୍ଡି, ନୟାଗଡ଼ର ନୂଆଗାଁ, ପୁରୀର ବ୍ରହ୍ମଗିରି, ସମ୍ବଲପୁରର ଧନକୋଉଡ଼ା ଓ ମାନେଶ୍ୱର ଏବଂ ସୁନ୍ଦରଗଡ଼ର ସବ୍‌ଡେଗା ଓ ଟାଙ୍ଗରପାଲିଠାରେ ସିଭିଲ ଜଜ୍-କମ୍-ଜେଏମ୍ଏଫ୍‌ସି କୋର୍ଟ ଖୋଲିବ। ସେହିପରି ଖାଲିଥିବା ବିଚାରପତି ପଦବୀଗୁଡିକ ପୂରଣ ଲାଗି ଉଚ୍ଚ ନ୍ୟାୟାଳୟ ବିହିତ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ମନ୍ତ୍ରୀ ହରିଚନ୍ଦନ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି।

## ପରିବା ହାଟରେ ଦାଦାଗିରି




# ସୁଭଦ୍ରା ଯୋଜନା: ନୂଆ ଯୋଡ଼ି ହୋଇଛନ୍ତି ୧୭ ଲକ୍ଷ ୮୩ ହଜାର ୨୫୧

ଭୁବନେଶ୍ୱର, ୨୯।୧୧(ସୁନିତ୍ ମିଶ୍ର): ସୁଭଦ୍ରା ଯୋଜନାରେ ଅଧିକ ୧୭ ଲକ୍ଷ ୮୩ହଜାର ୨୫୧ ଜଣଙ୍କୁ ଯୋଡ଼ା ଯାଇଛି। ତୃଣମୂଳସ୍ତରରେ ଇନ୍‌କ୍ୱାରି ହେବା ପରେ ଏହି ସଂଖ୍ୟା ବଢ଼ିଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି।

ବିଧାନସଭାରେ ବିଧାୟକ ମାନସ ଦତ୍ତଙ୍କ ପ୍ରଶ୍ନର ଉତ୍ତରରେ ଆବେଦନ କରିଥିବା ହିତାଧିକାରୀଙ୍କ ମଧ୍ୟରୁ ୯ ଲକ୍ଷ ୩୬ ହଜାର ୨୮୩ ଜଣଙ୍କୁ କଟାଯାଇଛି। ଗତ ୨୪ ତାରିଖ ସୁଦ୍ଧା ସୁଭଦ୍ରାରେ ଓଡ଼ିଶାରୁ ସମୁଦାୟ ୧ କୋଟି ୧୨ ଲକ୍ଷ ୨୬ ହଜାର ୭୪୩ ଜଣ ଆବେଦନ କରିଛନ୍ତି। ସେଥିରୁ ୧ କୋଟି ୦୩ ଲକ୍ଷ ୮୯ ହଜାର ୮୦୧ ଜଣ ମହିଳା ସୁଭଦ୍ରା ଅଧୀନରେ ଅର୍ଥ ରାଶି ପ୍ରଥମ ଏବଂ ଦ୍ୱିତୀୟ କିସ୍ତି ପାଇଥିବା ବେଳେ ୯୭ ଲକ୍ଷ ୫୧ ହଜାର ୪୭୯ ଜଣ ସମସ୍ତ ୩ଟି ଯାକ କିସ୍ତି ପାଇଛନ୍ତି। ସେହିପରି ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀରେ ମୋଟ୍ ୯୪ ହଜାର ୯୭୩ ଜଣ ଆବେଦନ କରିଥିବା ବେଳେ ୮୨ ହଜାର ୧୩୩ ଜଣ ହିତାଧିକାରୀ ସୁଭଦ୍ରା ଅଧୀନରେ ଆର୍ଥିକ ସହାୟତା ପାଇଛନ୍ତି। ୫୪୮୭ ଜଣ ଆବେଦନକାରୀଙ୍କ ଆବେଦନ ଖାରଜ ହୋଇଛି। ମୋଟ୍ ୧୬ ହଜାର ୭୨୩ ଜଣ ଆବେଦନକାରୀଙ୍କ କ୍ଷେତ୍ରୀୟ ତଦନ୍ତ କରାଯାଇ ୧୬ ହଜାର ୨୮୩ ଜଣଙ୍କୁ ଯୋଗ୍ୟ ଏବଂ ୪୪୦ ଜଣଙ୍କୁ ଅଯୋଗ୍ୟ ଚିହ୍ନଟ କରାଯାଇଛି।


ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା।

# ୨୦ ଦିନ ପରେ ନିଖୋଜ ବରିଷ୍ଠ ନାଗରିକ ଉଦ୍ଧାର

କେନ୍ଦୁଝର,୨୯।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ)

ପର୍ଯ୍ୟଟନ ବିଭାଗ ପକ୍ଷରୁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ତୀର୍ଥଯାତ୍ରା ଭ୍ରମଣରେ ଯାଇଥିବା କେନ୍ଦୁଝର ଜିଲା ତେଲକୋଇ ବ୍ଲକ୍ ଟାଙ୍ଗିରୀ ଗ୍ରାମର ବରିଷ୍ଠ ନାଗରିକ ଜଗନ୍ନାଥ ନାୟକ ନିଖୋଜ ହୋଇଯାଇଥିଲେ। ଦୀର୍ଘ ୨୦ ଦିନ ପରେ ରାଜ୍ୟ ପର୍ଯ୍ୟଟନ ବିଭାଗ ଓ ସ୍ଥାନୀୟ ପୋଲିସ ସହାୟତାରେ ବରିଷ୍ଠ ନାଗରିକ ଉଦ୍ଧାର ହୋଇଛନ୍ତି। ପ୍ରକାଶ ଯେ, ବରିଷ୍ଠ ନାଗରିକ ଗତ ୬ ତାରିଖରେ ଅନ୍ୟମାନଙ୍କ ସହିତ ବାଲେଶ୍ୱର ଯାଇ ସେଠାରୁ ଏକ ସ୍ୱତନ୍ତ୍ର ଟ୍ରେନ୍‌ରେ ଉତ୍ତର ପ୍ରଦେଶ ରାଜ୍ୟର ବାରଣାସୀ ଯାଇଥିଲେ। ସେମାନେ ସାରନାଥରେ ରହିଥିବା ବେଳେ ୮ ତାରିଖ ରାତି ୧୦ ଟାରେ ହୋଟେଲରୁ ବାହାରି କୁଆଡ଼େ ଚାଲିଯାଇଥିଲେ। ଖୋଜାଖୋଜି କରାଯାଇଥିଲେ ହେଁ ମିଳି ନ ଥିଲେ। ପରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ସ୍ଥାନୀୟ ଥାନାରେ ସୂଚନା ଦିଆଯାଇଥିଲା। ତାଙ୍କୁ ଖୋଜିବା ପାଇଁ ସହକାରୀ ପର୍ଯ୍ୟଟନ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଅନ୍ୟ ଜଣେ କର୍ମଚାରୀ ବିକ୍ରମ କେଶରୀ ପାତ୍ର ଯାଇଥିଲେ। ତାଙ୍କ ପୁଅ ଲକ୍ଷ୍ମଣ ନାୟକ ମଧ୍ୟ ଯାଇଥିଲେ। ଦୀର୍ଘ ୨୦ ଦିନ ପରେ ତାଙ୍କର ପତ୍ତା ସେଠାରୁ ୨୦୦ କିମି ଦୂର ସୁଲତାନପୁର ଫାଣ୍ଡି ଅଞ୍ଚଳରୁ ମିଳିଥିଲା। ସେ ଚାଲି ଚାଲି ଏତେ ବାଟ ଭୁଲି ପଳାଇଥିଲେ। ତାଳଚେର ଆସିଥିବା ଭାବି ଘରକୁ ଚାଲି ଚାଲି ଫେରୁଥିବା କହିଥିଲେ। ସ୍ଥାନୀୟ ପୋଲିସ ଓ ରେଲୱେ ବିଭାଗର ଜିତେନ୍ଦ୍ରଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରାଯାଇଥିଲା। ତାଙ୍କୁ ରାଜ୍ୟକୁ ଫେରାଇ ଆଣିବାକୁ ଉଦ୍ୟମ ଜାରି ରହିଛି।


ଉଦ୍ଧାର ହୋଇଥିବା ବ୍ୟକ୍ତିଙ୍କ ସହିତ ସାରନାଥ ପୋଲିସ ଓ ଅନ୍ୟ ପ୍ରଶାସନିକ ଅଧିକାରୀ।

## ଇସ୍ତଫା ଦେଲେ ଭଦ୍ରକ, ଭଣ୍ଡାରିପୋଖରୀ ବ୍ଲକ୍ ଅଧ୍ୟକ୍ଷା

ଭଦ୍ରକ, ୨୯।୧୧ (ସନାତନ ରାଉତ)

ଭଦ୍ରକ ଜିଲା ବନ୍ତ ବ୍ଲକ୍ ଅଧ୍ୟକ୍ଷଙ୍କ ପରେ ଭଦ୍ରକ ବ୍ଲକ୍ ଅଧ୍ୟକ୍ଷା ଉର୍ମିଳା ନାୟକ ଓ ଭଣ୍ଡାରିପୋଖରୀ ବ୍ଲକ୍ ଅଧ୍ୟକ୍ଷା ସୁମତୀ ସେଠୀ ଶନିବାର ବିଜେଡିରୁ ଇସ୍ତଫା ଦେଇଛନ୍ତି। ସେମାନେ ତାଙ୍କ ଇସ୍ତଫାପତ୍ର ଜିଲା ବିଜେଡି ସଭାପତିଙ୍କୁ ପଠାଇଛନ୍ତି। ବ୍ୟକ୍ତିଗତ କାରଣରୁ ଇସ୍ତଫା ଦେଇଥିବା ସେମାନେ ଦର୍ଶାଇଛନ୍ତି। କିଛିଦିନ ତଳେ ଭଦ୍ରକ, ବନ୍ତ, ଭଣ୍ଡାରିପୋଖରୀ ଓ ବାସୁଦେବପୁର ବ୍ଲକ୍ ଅଧ୍ୟକ୍ଷ ଭାଜପାରେ ସାମିଲ ହେବା ନେଇ ଭାଜପା ରାଜ୍ୟ ସଭାପତିଙ୍କୁ ଦରଖାସ୍ତ ଦେଇଥିଲେ ବୋଲି ଚର୍ଚ୍ଚା ହେଉଥିଲା। ତେବେ ଗୋଟିଏ ଦିନରେ ୩ ବ୍ଲକ୍ ଅଧ୍ୟକ୍ଷା ଅଧ୍ୟକ୍ଷଙ୍କ ବିଜେଡିରୁ ଇସ୍ତଫା ଦଳ ପାଇଁ କ୍ଷତି ପହଞ୍ଚାଇବ ବୋଲି ଚର୍ଚ୍ଚା ହେଉଛି।

## କଂଗ୍ରେସର ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ୩କୁ ଘୁଞ୍ଚିଲା

ଭୁବନେଶ୍ୱର, ୨୯।୧୧(ସୁନିତ୍ ମିଶ୍ର): ଅଖିଳ ଭାରତୀୟ ଜାତୀୟ କଂଗ୍ରେସ ପକ୍ଷରୁ ଓଡ଼ିଶାରେ ଆରମ୍ଭ ହୋଇଥିବା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ଆବେଦନ ପାଇଁ ଶେଷ ତାରିଖ ଆସନ୍ତା ୩ ତାରିଖ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି। ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ମାଧ୍ୟମରେ ଦଳ ପାଇଁ ଦକ୍ଷ ପ୍ରବକ୍ତା, ଅଧିବକ୍ତା, ଗଣମାଧ୍ୟମ ସଂଯୋଜକ ନିମନ୍ତେ ଆବେଦନର ଶେଷ ତାରିଖ ରବିବାରକୁ ପୂର୍ବରୁ ଧାର୍ଯ୍ୟ କରାଯାଇଥିଲା। ଏହା ମଧ୍ୟରେ ଅନେକ ପ୍ରତିଭାସମ୍ପନ୍ନ ବ୍ୟକ୍ତି ବିଶେଷ ଏଥିପାଇଁ ଆବେଦନ କରିସାରିଛନ୍ତି। ଦରଖାସ୍ତକାରୀ ଏଥିପ୍ରତି ଆଗ୍ରହ ଦେଖି ଏବଂ ଅଧିକ ଲୋକଙ୍କୁ ଏଥିରେ ସୁଯୋଗ ଦେବାପାଇଁ ଆବେଦନର ଶେଷ ତାରିଖକୁ ଆସନ୍ତା ୩ ତାରିଖ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି ବୋଲି ପିସିସି ଗଣମାଧ୍ୟମ ବିଭାଗର ଅଧ୍ୟକ୍ଷ ଅରବିନ୍ଦ ଦାସ ଏକ ପ୍ରେସ୍ ବିବୃତିରେ ଶନିବାର ଜଣାଇଛନ୍ତି।

DSPL-382
ସତ୍ୟମେବ ଜୟତେ
ଓଡିଶା ସରକାର
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ
ଶିକ୍ଷାବର୍ଷ ୨୦୨୫-୨୬ ଛାତ୍ରଛାତ୍ରୀମାନଙ୍କର ମାଟ୍ରିକ୍ ପରବର୍ତ୍ତୀ ଛାତ୍ରବୃତ୍ତି ଆବେଦନର ସମୟସୀମା ବୃଦ୍ଧି
ଶିକ୍ଷାବର୍ଷ ୨୦୨୫-୨୬ ପାଇଁ ଓଡିଶା ରାଜ୍ୟ ଛାତ୍ରବୃତ୍ତି ପୋର୍ଟାଲ୍ (ODISHA STATE SCHOLARSHIP PORTAL) ମାଧ୍ୟମରେ ଯୋଗ୍ୟ ଅନୁସୂଚିତ ଜନଜାତି/ ଅନୁସୂଚିତ ଜାତି/ ଅନ୍ୟାନ୍ୟ ପଛୁଆ ବର୍ଗ / ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗ/ ଆର୍ଥିକ କ୍ଷେତ୍ରରେ ଅନଗ୍ରସର ବର୍ଗର ଛାତ୍ରଛାତ୍ରୀମାନଙ୍କର ମାଟ୍ରିକ୍ ପରବର୍ତ୍ତୀ ଛାତ୍ରବୃତ୍ତି ଆବେଦନର ସମୟସୀମା ବୃଦ୍ଧି କରାଯାଇଛି। ପରିବର୍ଦ୍ଧିତ ତାରିଖଗୁଡିକ ନିମ୍ନରେ ପ୍ରଦତ୍ତ କରାଗଲା । ସମସ୍ତ ଯୋଗ୍ୟ ଛାତ୍ରଛାତ୍ରୀଙ୍କୁ ଅନୁରୋଧ କରାଯାଉଛି ଯେ, ସେମାନେ ନିଜର ମାଟ୍ରିକ୍ ପରବର୍ତ୍ତୀ ଛାତ୍ରବୃତ୍ତି ପାଇଁ ନବୀକରଣ/ ନୂତନ ଆବେଦନ କରିବାକୁ
http://www.scholarship.odisha.gov.in
ୟୁଆରଏଲ୍‌କୁ (URL ) ଯାଇ ଆବେଦନ କରନ୍ତୁ ।
ପରିବର୍ଦ୍ଧିତ ସମୟସୀମା
ଛାତ୍ର ସ୍ତର
ପୋର୍ଟାଲ୍ ୩୧ ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ ଖୋଲା ରହିବ
ଶିକ୍ଷାନୁଷ୍ଠାନ ସ୍ତର
ପୋର୍ଟାଲ୍ ୧୫ ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ଖୋଲା ରହିବ
ଜିଲ୍ଲା ସ୍ତର
ପୋର୍ଟାଲ୍ ୩୧ ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ଖୋଲା ରହିବ
OIPR-26001/13/0022/2526

100 YEARS LEGACY
ବୈଦ୍ୟନାଥ
ଅସଲି ଆୟୁର୍ବେଦ
ଆପଣଙ୍କ ପରିବାରର ସ୍ୱାସ୍ଥ୍ୟ ଓ ରୋଗପ୍ରତିରୋଧକ ଶକ୍ତି ନିମନ୍ତେ
ବୈଦ୍ୟନାଥ ଚ୍ୟବନପ୍ରାଶର ସମ୍ପୂର୍ଣ୍ଣ ରେଞ୍ଜ




www.baidyanath.com
8969377738
9438464270

ଛୋଟ ସଞ୍ଚୟ କୁ ବଡ କରନ୍ତୁ
ଆଉ ବୀମା ବି ପାଆନ୍ତୁ



ଖାସ୍ ମହିଳାମାନଙ୍କ ପାଇଁ
ଏକ ଆକର୍ଷକ ପ୍ଲାନ
ମୂଳ ବୀମାକୃତ ରାଶି ପାଇଁ ପାଆନ୍ତୁ ଜୀବନ ବୀମା କଭର୍
ବୀମାକୃତ ରାଶି ଆଉ ଗ୍ୟାରଣ୍ଟୀଡ୍ ଆଡିଶନ୍‌ସ ପେମେଣ୍ଟ ପରିପକ୍ୱ ହେଲେ
ଅତିରିକ୍ତ ଆକର୍ଷକ ମନୀ ବ୍ୟାକ୍ ତିନୋଟି ପସନ୍ଦ ଅନୁସାରେ ଦେୟଯୋଗ୍ୟ
ଏଲଆଇସି'ର
ବୀମା ଲକ୍ଷ୍ମୀ
ପ୍ଲାନ ସଂଖ୍ୟା: 881 ୟୁଆଇଏନ୍ ସଂଖ୍ୟା: 512N389V01
ଅନ୍‌ଲାଇନ୍ ରେ ବି ଉପଲବ୍ଧ
ମନୀ ବ୍ୟାକ୍ ଥିବା ଲିମିଟେଡ ପ୍ରିମିଅମ ପେମେଣ୍ଟ ପ୍ଲାନ ନିୟମିତ ଅନ୍ତରାଳରେ*
◆ ଟୋଟାଲ୍ ଟାବୁଲାର୍ ଆନୁଆଲ୍ ପ୍ରିମିଅମ ର କିଛି ଶତାଂଶ ରୂପେ ଗ୍ୟାରଣ୍ଟୀଡ୍ ଆଡିଶନ୍‌ସ
◆ ସର୍ଭାଇଭାଲ୍ ବେନିଫିଟ୍ ପେମେଣ୍ଟ ବାଛିବାକୁ/ତା'ର ଟାଇମିଙ୍ଗ ଡିଫର୍ କରିବାକୁ ତିନୋଟି ଆକର୍ଷକ ବିକଳ୍ପ
◆ ଅଟୋ କଭର୍ ସୁବିଧା ◆ ବୟସ ଯୋଗ୍ୟତା 18 ବର୍ଷରୁ 50 ବର୍ଷ
*ବାଛିଥିବା ସର୍ଭାଇଭାଲ୍ ବେନିଫିଟ୍ ବିକଳ୍ପ ଅନୁସାରେ
LIC
LIFE INSURANCE CORPORATION OF INDIA
ପ୍ରତି କ୍ଷଣ ଆପଣଙ୍କ ସାଥିରେ
ନନ୍ - ପାର୍, ନନ୍ - ଲିଙ୍କ୍‌ଡ, ଲାଇଫ୍, ଇଣ୍ଡିଭିଜୁଆଲ୍, ସେଭିଙ୍ଗସ ପ୍ଲାନ
LIC/P1/2025-26/17/Ori
ଡାଉନ୍‌ଲୋଡ୍ କରନ୍ତୁ ଏଲଆଇସି ମୋବାଇଲ ଆପ LIC digital
ଦେଖନ୍ତୁ: licindia.in
କଲ୍ ସେଣ୍ଟର ସର୍ଭିସ (022) 6827 6827
8976862090 "Hi"
LIC India Forever | IRDAI Regn No.: 512

ଆମ ନାକ ଆଗରେ ଯାହା ଯେତିକି ଘଟୁଛି-ତା'ଛଡା ଯେହେତୁ ଆମେ ଆଉ କିଛି ଦେଖିପାରୁନାହୁଁ- ସେଥିପାଇଁ ଆମେ ଏଇସବୁ କୋଳାହଳ ଓ ଦୁର୍ଗନ୍ଧମୟ ବିଷୟ ଭିତରେ ମାତିଯାଇଛୁ। ଆରେ ନିର୍ବୋଧ ହୃଦୟର ମଣିଷମାନେ ! ନୀରବ ରୁହ। ନିଜର କ୍ଷୁଦ୍ର ଅହଂକାରକୁ ବିନାଶକର। ଏବଂ ଉଦାର ଭାବେ, ବିସ୍ତୃତ ଭାବେ ଓ ସାର୍ବଜନୀନ ଭାବେ ସବୁ କଥା ଦେଖିବାକୁ ଶିକ୍ଷାକର। -ଶ୍ରୀଅରବିନ୍ଦ



# ପ୍ରତିଶୋଧାତ୍ମକ ପଦକ୍ଷେପ



ଆକାର ପଟେଲ

ଗତ ମାସରେ ଏସିଆରୁ ପାକିସ୍ତାନ ଓ ଇରାକ ସହିତ ଭାରତ ଜାତିସଂଘ ମାନବାଧିକାର ପରିଷଦ(ୟୁଏନ୍‌ଏଚ୍‌ଆର୍‌ସି)କୁ ନିର୍ବାଚିତ ହୋଇଥିଲା। ୟୁଏନ୍‌ଏଚ୍‌ଆର୍‌ସି କହେ, ସାରା ବିଶ୍ୱରେ ମାନବାଧିକାରର ପ୍ରୋତ୍ସାହନ ଓ ସୁରକ୍ଷାକୁ ସୁଦୃଢ଼ କରିବା ଏହାର ଦାୟିତ୍ୱ। ୟୁଏନ୍‌ଏଚ୍‌ଆର୍‌ସିକୁ ନିର୍ବାଚିତ ହେବା ପାଇଁ ଭାରତ ସରକାର ବହୁ କିଛି କରିଥିଲେ। ଆହୁରି କୁହାଯାଇଛି, ଏହି ନିର୍ବାଚନ ମାନବ ଅଧିକାର ଏବଂ ମୌଳିକ ସ୍ୱାଧୀନତା ପ୍ରତି ଭାରତର ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ମୁଁ ଏକ ନିର୍ଦ୍ଦିଷ୍ଟ ଘଟଣା ଉପରେ ଆଲୋକପାତ କରିବାକୁ ଚାହେଁ, ଯାହା ଭାରତରେ ମାନବାଧିକାର ସ୍ଥିତିକୁ ଦର୍ଶାଇବ। ଏହି କ୍ଷେତ୍ରରେ ଯେଉଁମାନଙ୍କ ଅଧିକାରକୁ ଜାଣିଶୁଣି ଉଲ୍ଲଂଘନ କରାଯାଇଛି, ସେମାନଙ୍କ ପ୍ରତି ଭାରତର ଦୃଷ୍ଟିଭଙ୍ଗୀକୁ ବିଚାର କରାଯିବା ଉଚିତ। ୨୨ ନଭେମ୍ବର ୨୦୨୫ରେ ବିନା ବିଚାରରେ ଖୁରାମ ପର୍‌ଭେଜ ୪ ବର୍ଷ ବନ୍ଦୀ ଜୀବନ ପୂରଣ କରିଛନ୍ତି। ସେ ଦିଲ୍ଲୀ ରୋହିଣୀ ଜେଲରେ ବନ୍ଦୀ ଜୀବନ କାଟୁଛନ୍ତି। ତାଙ୍କ ସ୍ତ୍ରୀ ଏବଂ ଦୁଇ ଛୋଟ ପିଲା କଶ୍ମୀରରେ ଏକ ନ୍ୟାୟିକ ବିଚାର ପାଇଁ ଅପେକ୍ଷା କରିଥିଲେ ବି ତାହାକୁ ସ୍ଥାନାନ୍ତର କରାଯିବାକୁ ମନାକରାଯାଇଛି। ଭାରତର ଆତଙ୍କବାଦ ବିରୋଧୀ ଆଇନଭାବେ ଜଣାଶୁଣା ବେଆଇନ କାର୍ଯ୍ୟକଳାପ (ପ୍ରତିକାର) ଆଇନ ବା ୟୁଏପିଏକୁ ମାନବାଧିକାର ସୁରକ୍ଷାକାରୀଙ୍କ ମୁହଁ ବନ୍ଦକରିବା ପାଇଁ ବ୍ୟବହାର କରାଯିବାରେ ତାଙ୍କ ଜେଲଦଣ୍ଡ ଏକ ବଡ଼ ତଥା ପ୍ରତୀକାତ୍ମକ ଉଦାହରଣ। ଏପରିକି ନୂତନ ଭାରତରେ ଜମ୍ମୁ ଏବଂ କଶ୍ମୀର ଅବୈଧ ହତ୍ୟା, ଦଣ୍ଡମୂଳକ ଘର ଭାଙ୍ଗିବା, ମନମୁଖୀ ଗିରଫଦାରି, ବେଆଇନ ନଜରବନ୍ଦୀ ଏବଂ ଯାତ୍ରା ପ୍ରତିବନ୍ଧକର ପ୍ରତ୍ୟକ୍ଷ ସାକ୍ଷୀ ସାଜିଛି। ଏଠାରେ ଏକ ନିର୍ବାଚିତ ସରକାରଙ୍କୁ କେନ୍ଦ୍ର ସରକାର କ୍ଷମତା ଶୂନ୍ୟ କରିଦେଇଛନ୍ତି, ଯାହା ଚଳିତ ସପ୍ତାହରେ ଜଣେ ସାମ୍ବାଦିକଙ୍କ ଘର ଭାଙ୍ଗିବା ଘଟଣାରୁ ଜାଣିପାରିବା। ଏହିସବୁ କାରଣରୁ ଖୁରାମ ପର୍‌ଭେଜ ସେଠାକାର ନିର୍ଯ୍ୟାତନାକୁ ଲିପିବଦ୍ଧ କରିବା ଆବଶ୍ୟକତା ଥିଲା, ଅପରିହାର୍ଯ୍ୟ ମଧ୍ୟ। ୨ ଦଶନ୍ଧି ଧରି ପର୍‌ଭେଜ କଶ୍ମୀରର ଜଣେ ସମ୍ମାନିତ ଏବଂ ଜଣାଶୁଣା ମାନବାଧିକାର ସ୍ୱର ଥିଲେ ବୋଲି ମୁଁ ଏହା ନିଶ୍ଚିତକରି କହିପାରେ। କାରଣ ମୁଁ ଯେଉଁ ବିଶ୍ୱସ୍ତରୀୟ ପ୍ୟାନେଲରେ ଅଛି ସେଠାରେ ତାଙ୍କ ଜେଲଦଣ୍ଡ ବିଷୟରେ ଗମ୍ଭୀର ଆଲୋଚନା କରାଯାଇଛି।

ଜମ୍ମୁ-କଶ୍ମୀର କୋଆଲିସନ ଅଫ୍ ସିଭିଲ ସୋସାଇଟି (ଜେକେସିସିଏସ୍)ର କାର୍ଯ୍ୟକ୍ରମ ସଂଯୋଜକ ଭାବେ ପରଭେଜ ଏକ ସବୁଠୁ ବିଶ୍ୱସନୀୟ ମାନବାଧିକାର ଗୋଷ୍ଠୀ ଗଠନ କରିବାରେ ସାହାଯ୍ୟ କରିଥିଲେ। ନିର୍ଯ୍ୟାତନା, ଅନିର୍ଦ୍ଦିଷ୍ଟ କାଳ ପାଇଁ ଅଟକ ଏବଂ ନିଖୋଜ ସମ୍ପର୍କିତ ତଥ୍ୟ ସଂଗ୍ରହ କରିବାରେ ଜେକେସିସିଏସ୍ କାର୍ଯ୍ୟ କରିଥିଲା। ଫଳରେ ଜାତିସଂଘ ମାନବାଧିକାର ଉଚ୍ଚାୟୁକ୍ତ ଏ ସଂକ୍ରାନ୍ତୀୟ କଶ୍ମୀରର ୨୦୧୮ ଏବଂ ୨୦୧୯ ରିପୋର୍ଟ ଉପରେ ଅଧିକ ନିର୍ଭର କରିଥିଲେ। ଏହା ସ୍ପଷ୍ଟ ଯେ, ଏହି କାର୍ଯ୍ୟ ପାଇଁ ପର୍‌ଭେଜଙ୍କୁ ଟାର୍ଗେଟ କରାଯାଇଥିଲା। ୨୧ ନଭେମ୍ବର ୨୦୨୧ରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ତାଙ୍କୁ ଆତଙ୍କବାଦୀ ପାଣ୍ଠି ସଂଗ୍ରହ କରିବା, ଷଡ଼ଯନ୍ତ୍ର ଏବଂ ରାଷ୍ଟ୍ର ବିରୋଧୀ କାର୍ଯ୍ୟ କରିବା ଅଭିଯୋଗରେ ଗିରଫ କରିଥିଲା। ହେଲେ ୪ବର୍ଷ ପରେ ତାଙ୍କ ମାମଲାର ବିଚାର ଆରମ୍ଭ ହୋଇନାହିଁ। ପର୍‌ଭେଜ ଏବେ ଜେଲରେ ଅଛନ୍ତି ଏବଂ କେବେ ଓ କେତେବେଳେ ତାଙ୍କୁ କୋର୍ଟ ରୁମ୍‌ରେ ଦେଖିବାକୁ ମିଳିବ ତାହା କହିହେଉନାହିଁ। ସେ ଏକା ନୁହନ୍ତି, ମାର୍ଚ୍ଚ ୨୦୨୩ରେ ଜେକେସିସିଏସ୍ ସହ ଜଡ଼ିତ ସାମ୍ବାଦିକ ଇର୍‌ଫାନ ମେହରାଜଙ୍କୁ ମଧ୍ୟ ସେହି ମାମଲାରେ ଗିରଫ କରାଯାଇଥିଲା। ସେହି ବର୍ଷ ଅଗଷ୍ଟରେ ଜେକେସିସିଏସ୍ ପ୍ରତିଷ୍ଠାତା ପର୍‌ଭେଜ ଇମ୍‌ରୋଜ୍‌ଙ୍କ ଘରେ ଏନ୍‌ଆଇଏ ଚଢ଼ାଉକରି ପଚରାଉଚରା ପାଇଁ ତାଙ୍କୁ ଦିଲ୍ଲୀ ଡକାଇଥିଲା। ଆଇନର ଆଧାର ନ ଥାଇ ଚଢ଼ାଉ ଏବଂ ସମନ ଜାରି କରିବା ବାସ୍ତବରେ ସଙ୍ଗଠନ ଏବଂ ଅଭିବ୍ୟକ୍ତି ସ୍ୱାଧୀନତାର ବାଧକ।

ଅନ୍ତର୍ଜାତୀୟ ମାନବାଧିକାର ସଙ୍ଗଠନଗୁଡ଼ିକ ଏ ସମ୍ପର୍କରେ ବାରମ୍ବାର ଚିନ୍ତା ପ୍ରକଟ କରିଛନ୍ତି। ଜୁନ୍ ୨୦୨୩ରେ ମନମୁଖୀ ଅଟକ ଉପରେ କାର୍ଯ୍ୟକରୁଥିବା ଜାତିସଂଘର ୱାର୍କିଂଗ୍ରୁପ୍ ପର୍‌ଭେଜଙ୍କ ଅଟକକୁ ମନମୁଖୀ କହିବା ସହ ତାଙ୍କୁ ମୁକ୍ତ କରିବାକୁ ଦାବି କରିଥିଲା। ହେଲେ ଆଜି ପର୍ଯ୍ୟନ୍ତ ଭାରତୀୟ କର୍ତ୍ତୃପକ୍ଷ ୱାର୍କିଂଗ୍ରୁପ୍‌ର ନିର୍ଦ୍ଦେଶ ପାଳନ କରିନାହାନ୍ତି କିମ୍ବା ଏବକାର ସ୍ଥିତି ବିଷୟରେ କିଛି ବି ଜଣାଇନାହାନ୍ତି। ପର୍‌ଭେଜ ଜାତିସଂଘ ସହ ଜଡ଼ିତ ହୋଇ ପ୍ରତିଶୋଧର ସମ୍ମୁଖୀନ ହେବା ପ୍ରଥମ ଘଟଣା ନୁହେଁ। ସେପ୍ଟେମ୍ବର ୨୦୧୬ରେ ମାନବାଧିକାର ପରିଷଦ ଅଧିବେଶନରେ ଯୋଗଦେବା ପାଇଁ ତାଙ୍କ ଜେନେଭା ଗସ୍ତକୁ ରୋକାଯାଇ ୭୬ ଦିନ ଅଟକ ରଖାଯାଇଥିଲା। ବିଭିନ୍ନ ପ୍ରତିଶୋଧାତ୍ମକ ପଦକ୍ଷେପ ସମ୍ପର୍କିତ ଜାତିସଂଘ ମହାସଚିବଙ୍କ ବାର୍ଷିକ ରିପୋର୍ଟରେ ୨୦୧୮ରୁ ପ୍ରତିବର୍ଷ ପର୍‌ଭେଜଙ୍କ ମାମଲା ଅନ୍ତର୍ଭୁକ୍ତ କରାଯାଇଆସିଛି। ୟୁଏପିଏରେ ବିଚାର ପୂର୍ବରୁ ୧୮୦ ଦିନ ଅଟକ ଅବଧି ଏବଂ ଏହାର ବୃଦ୍ଧିକୁ ନେଇ ଅକ୍ଟୋବର ୨୦୨୩ରେ ଜାତିସଂଘର ମାନବାଧିକାର ବିଶେଷଜ୍ଞମାନେ ଚିନ୍ତା ପ୍ରକଟ କରିଥିଲେ। ଏହା ଅତ୍ୟଧିକ ବୋଲି ସେମାନେ କହିଥିଲେ ଏବଂ ଭାରତକୁ ଅନ୍ତର୍ଜାତୀୟ ମାନବାଧିକାର ମାନଦଣ୍ଡ ଅନୁଯାୟୀ ଏହି ଆଇନରେ ସଂସ୍କାର ଆଣିବାକୁ ଅନୁରୋଧ କରିଥିଲେ।

ପ୍ରାୟ ୨ ଦଶନ୍ଧି ଧରି ଅନେକ ଲକ୍ଷ କଶ୍ମୀରୀ ସମ୍ମୁଖୀନ ହେଉଥିବା ମାନବାଧିକାର ଉଲ୍ଲଂଘନକୁ ପର୍‌ଭେଜ ଏବଂ ଜେକେସିସିଏସ୍ ସାମ୍ନାକୁ ଆଣିଥିଲେ। ଏବେ ଭାରତରେ ଆତଙ୍କବାଦ ନିରୋଧୀ ଆଇନର ଅପବ୍ୟବହାରରେ ସର୍ବାଧିକ ଶିକାର ହୋଇଛନ୍ତି ପର୍‌ଭେଜ। ତାଙ୍କ ମାମଲା ଦର୍ଶାଏ, ସବୁଠି ମାନବାଧିକାର ସୁରକ୍ଷା କର୍ମୀ ବିପଦର ସମ୍ମୁଖୀନ ହେଉଛନ୍ତି। ସେମାନେ କ୍ଷମତାକୁ ଚ୍ୟାଲେଞ୍ଜ କରି ଦେଶର ଶତ୍ରୁ ପାଲଟିଛନ୍ତି। ଭାରତରେ ଆଇନର ଅପବ୍ୟବହାର ବିଷୟରେ ଯେଉଁମାନେ ତଦନ୍ତ କରି ରିପୋର୍ଟ ପ୍ରସ୍ତୁତ କରନ୍ତି କିମ୍ବା କୁହନ୍ତି ସେମାନଙ୍କୁ ପ୍ରତିଶୋଧାତ୍ମକ ପଦକ୍ଷେପର ସାମ୍ନା କରିବାକୁ ପଡୁଛି। ଏଣୁ ଭାରତ ନିଜକୁ ଆଇନର ଶାସନ ଦ୍ୱାରା ପରିଚାଳିତ ଏକ ଦେଶ ବୋଲି ଦାବି କରିପାରିବ ନାହିଁ। ଖୁରାମ ପର୍‌ଭେଜଙ୍କୁ ଗିରଫ କରାଯିବା ଉଚିତ ନୁହେଁ। ଜଣେ ମାନବାଧିକାର ସୁରକ୍ଷା କର୍ମୀଙ୍କୁ ଗୋଟିଏ ଦିନ ଅଟକ ରଖିବା ଅନ୍ୟାୟ। ତଥାପି ସେ ୪ବର୍ଷରୁ ଅଧିକ ସମୟ ଜେଲରେ ବିତାଇସାରିଲେଣି। ମାନବ ଅଧିକାର ଉପରେ ଭାରତ ଯେଉଁ ଗଳାଫଟେଇ କହୁଛି ଏହା ତାହାର ବିପରୀତ ସ୍ଥିତିକୁ ଦର୍ଶାଉଛି। ଏହା ସହ ଜାତିସଂଘ ମାନବାଧିକାର ପରିଷଦରେ ନିଜର ସ୍ଥାନ ହାସଲକରି ସାରା ବିଶ୍ୱରେ ମାନବାଧିକାର ପ୍ରଚାର ଏବଂ ସୁରକ୍ଷାକୁ ମଜଭୁତ କରୁଛି ବୋଲି ଯାହା ଦର୍ଶାଉଛି ତାହା କେବଳ ଏକ ଛଳନା।

Email:aakar.patel@gmail.com

# ଗଣତନ୍ତ୍ରର ସଂଜ୍ଞା ଓ ସ୍ୱରୂପ



ହରିଶଙ୍କର ମିଶ୍ର

ଆମର ପ୍ରାଥମିକ ଶିକ୍ଷା ସମୟରେ ଗଣତନ୍ତ୍ରର ସଂଜ୍ଞାରେ କୁହାଯାଇଥାଏ ଯେ ଏହା ଲୋକମାନଙ୍କର, ଲୋକମାନଙ୍କ ଦ୍ୱାରା ଏବଂ ଲୋକମାନଙ୍କ ପାଇଁ ଶାସନ। ଏହା ମଧ୍ୟ କୁହାଯାଏ ଯେ ସୁଶାସନଠାରୁ ସ୍ୱଶାସନ ଭଲ। ସ୍କୁଲଗୁଡ଼ିକରେ ସ୍ୱାଧୀନତା ଓ ଗଣତନ୍ତ୍ର ଦିବସରେ ଯେଉଁମାନଙ୍କ ବଳିଦାନ ଏବଂ ନେତୃତ୍ୱ ଦେଶକୁ ପରାଧୀନ ଶୃଙ୍ଖଳାରୁ ମୁକ୍ତ କରିବାରେ ସହାୟକ ହୋଇଥିଲା ତାଙ୍କର ସ୍ମୃତିଚାରଣ କରାଯାଏ। କିନ୍ତୁ ଉଚ୍ଚ ଶିକ୍ଷା ପରେ ସେଇ ଛାତ୍ରୀଛାତ୍ରମାନେ ଜାଣନ୍ତି ଯେ ଭାରତର ସ୍ୱାଧୀନତା ସଂଗ୍ରାମ ଏବଂ ସ୍ୱାଧୀନୋତ୍ତର ବିଖଣ୍ଡିତ ଭାରତ ସମ୍ପର୍କରେ ଇତିହାସ ସ୍ପଷ୍ଟ ଏବଂ ନିରପେକ୍ଷ ନୁହେଁ। ଏବେ ବି ଦେଶର ସ୍ୱାଧୀନତା ଆନ୍ଦୋଳନ ସମ୍ପର୍କରେ ଅନେକ ଘଟଣା ଅନାଲୋଚିତ ଏବଂ ରହସ୍ୟମୟ ତଥା ବିବାଦୀୟ ହୋଇ ରହିଛି। ସାଧୀନୋତ୍ତର ଭାରତ ଓ ସାମ୍ପ୍ରତିକ ସ୍ଥିତିକୁ ଗଭୀର ଭାବେ ଅନୁଶୀଳନ କଲେ ଆମ ଦେଶର ଗଣତାନ୍ତ୍ରିକ ସ୍ଥିତି ଓ ଉପଯୋଗ ସମସ୍ତ ଲୋକ ପରିବର୍ତ୍ତେ କିଛି ଲୋକଙ୍କ ଦ୍ୱାରା କିଛି ଲୋକଙ୍କ ପାଇଁ ଏବଂ କିଛି ଲୋକଙ୍କର ବେଶ୍ ଉପଭୋଗ୍ୟ ହୋଇଥିବା ଜଣାଯାଏ।

ଦେଶ ସ୍ୱାଧୀନତା ପ୍ରାପ୍ତିର ଦୀର୍ଘ ବର୍ଷ ପରେ ମଧ୍ୟ ଏପରି କିଛି ଲୋକ ଅଛନ୍ତି ଯେଉଁମାନଙ୍କ ପାଇଁ କୌଣସି ବ୍ୟକ୍ତି ବା ରାଜନୈତିକ ଦଳର ଆଭିମୁଖ୍ୟ ଏବେ ଅବୋଧ। ସେମାନଙ୍କ ପାଇଁ ଗଣତନ୍ତ୍ରର ସ୍ୱାଦ ଖଟା ବା ମିଠା ତାହା ଜାଣିବାର ଅବକାଶ ବା ଆବଶ୍ୟକତା ନ ଥାଏ। ସେମାନେ ଅନୁଭବ କରନ୍ତି ଯେ କ୍ଷମତା ଧନ ପ୍ରତିପତ୍ତିରେ କିଛି ଲୋକ ନିଶ୍ଚିତ ସ୍ୱତନ୍ତ୍ର। ଦେଶର ଅମୃତ ମହୋତ୍ସବ ପାଳନ ସମ୍ପର୍କରେ ଜାଣିବା ସେମାନଙ୍କ ପାଖରେ ମୂଲ୍ୟହୀନ। କିଛି ଲୋକ ମଧ୍ୟ ପାଉଥିବା ସମସ୍ତ ସରକାରୀ ସୁବିଧାର ଶ୍ରେୟ ସାମୂହିକ ବା ସରକାର ପରିବର୍ତ୍ତେ କୌଣସି ବ୍ୟକ୍ତିଙ୍କୁ ଦେଇଥାନ୍ତି ଏବଂ ମାନସିକ ସ୍ତରରେ ତାଙ୍କୁ ସରକାର ବୋଲି ସ୍ୱୀକାର କରନ୍ତି। ଗଣତନ୍ତ୍ର ଶାସନରେ କୌଣସି ନିର୍ଦ୍ଦିଷ୍ଟ ଶାସକ ନ ଥିବାରୁ ଯିଏ ଲୋକଙ୍କ ପାଖରେ ଗ୍ରହଣୀୟ ସେ ହିଁ ସରକାର କିନ୍ତୁ ତାଙ୍କ ଉପରେ ଉତ୍ତର ଦାୟିତ୍ୱ ନଥାଏ। ସେଥିପାଇଁ ଗଣତନ୍ତ୍ର ଶାସନରେ ସମସ୍ତଙ୍କ ଅଧିକାର ସମାନ ବୋଲି କେବଳ ପାଠ୍ୟପୁସ୍ତକ ଓ ରାଜନୈତିକ ନେତାଙ୍କ ଭାଷଣରେ ସୀମିତ ରହିଥିବା ବେଳେ ଆମ ଦେଶର ନାଗରିକ କେବଳ ଭୋଟ ଦାନ ବ୍ୟତୀତ ଅନ୍ୟ କୌଣସି କ୍ଷେତ୍ରରେ ସମାନ ଅଧିକାର ପ୍ରାପ୍ତ ନୁହନ୍ତି। ଗଣତନ୍ତ୍ର ଶାସନରେ ଏଇ ଅନୁଭବ ମଧ୍ୟ ଆସେ ଯେ ରାଜନୈତିକ ପୃଷ୍ଠଭୂମି ବା ଆର୍ଥିକ ସ୍ଥିତିରେ ଦୃଢ଼ ଥିବା ନତୁବା ଶାସନକୁ ଯେକୌଣସି ଭାବରେ ପ୍ରଭାବିତ କରିପାରୁଥିବା ବିବିଧ କ୍ଷମତାପ୍ରାପ୍ତ ଗୋଷ୍ଠୀର ଅଧିକାର ସତନ୍ତ୍ର ଏବଂ ଉପଭୋଗ୍ୟ। ଗଣତାନ୍ତ୍ରିକ ରାଷ୍ଟ୍ରର ପ୍ରତ୍ୟେକ ନାଗରିକ ରାଷ୍ଟ୍ର ସ୍ୱାର୍ଥ ପ୍ରତି ସମର୍ପିତ ହେବା ଜରୁରୀ। କିନ୍ତୁ ଏପର୍ଯ୍ୟନ୍ତ ଦେଶକୁ ଶାସନ କରିଥିବା କୌଣସି ରାଜନୈତିକ ଦଳ ଲୋକଙ୍କ ମନରେ ଏହା ସୃଷ୍ଟି କରି ପାରିନାହାନ୍ତି ବା କରିବା ସେମାନଙ୍କ କର୍ତ୍ତବ୍ୟ ବୋଲି ମନେ କରିନାହାନ୍ତି। ବରଂ ସେମାନେ ଲୋକଙ୍କ ପ୍ରଦତ୍ତ ରାଜସ୍ୱର କିୟଦଂଶ ସେମାନଙ୍କ ପାଇଁ ବିନିମୟରେ ନିରଙ୍କୁଶ କ୍ଷମତା ଭୋଗ ଲକ୍ଷ୍ୟ ରଖନ୍ତି। ସେମାନେ ଜାଣନ୍ତି ଯେ ରାଷ୍ଟ୍ରର ପ୍ରତ୍ୟେକ ନାଗରିକ ସେମାନଙ୍କ ଦାୟିତ୍ୱ ଓ ଅଧିକାର ପ୍ରତି ସଚେତନ ହୋଇଗଲେ ରାଷ୍ଟ୍ର ବା ରାଜ୍ୟର ପ୍ରତ୍ୟେକ ନିର୍ବାଚନ ନିଶ୍ଚିତ ଗୋଟିଏ ଗୋଟିଏ ନୀରବ ସଂଗ୍ରାମରେ ରୂପାନ୍ତର ହୋଇଯିବ। ଦେଶ ସ୍ୱାଧୀନ ହେବା ସମୟରେ କ୍ଷମତାପ୍ରାପ୍ତ ବ୍ୟକ୍ତି ବିଶେଷ ଏହାକୁ ଦୃଷ୍ଟିରେ ରଖି ବୋଧହୁଏ ନିର୍ବାଚନରେ ପ୍ରାର୍ଥୀ, ଦଳର ଆଭିମୁଖ୍ୟ ପରିବର୍ତ୍ତେ ନିର୍ବାଚନରେ ଚିହ୍ନକୁ ଗୁରୁତ୍ୱ ଦେଇଥିଲେ।

ଗଣତନ୍ତ୍ର ଶାସନରେ ସମସ୍ତ ତଥ୍ୟ ଜାଣିବା ବା ନୀତି ନିର୍ଦ୍ଧାରଣରେ ସଂଶ୍ଳିଷ୍ଟ ହେବାର ଅଧିକାର ସଭିଙ୍କର ଥାଏ। କିନ୍ତୁ ଆମ ଦେଶରେ ସ୍ୱାଧୀନତା ଏପରି ବଣ୍ଟନ ହୋଇଛି ଯେ ପ୍ରତିନିଧି ଭାବରେ ନିର୍ବାଚିତ ସାଂସଦ ଓ ବିଧାୟକଙ୍କ ପ୍ରାପ୍ୟ ଏବଂ ସମସ୍ତ ଆଚରଣ ବ୍ୟବସ୍ଥା ବା ମାନ୍ୟକ୍ରମ ଓ ଦାପ୍ତରିକ ସୁଯୋଗ ସହ ପେନସନ ପାଇଁ ନିୟମ ସେଇମାନେ ପ୍ରଣୟନ କରନ୍ତି। ପ୍ରଶାସନର ମୁଖ୍ୟ ଭାଗରେ ଥିବା ଉଚ୍ଚ ପ୍ରଶାସନିକ ଅଧିକାରୀମାନେ ନିଜର ପ୍ରାପ୍ୟ ସହ ସମସ୍ତ ସରକାରୀ ସୁଯୋଗ ଏବଂ ଦାପ୍ତରିକ ଆଦବ କାଇଦା ନିର୍ଣ୍ଣୟ କରନ୍ତି। ଗଣତନ୍ତ୍ରର ଅନ୍ୟ ସ୍ତମ୍ଭ କୁହାଯାଉଥିବା ବିଚାର ବିଭାଗ ମଧ୍ୟ ସେମାନଙ୍କ ମାସିକ ବେତନ ସହ ଅନ୍ୟାନ୍ୟ ପ୍ରାପ୍ୟ ଏବଂ ନିଜ ପାଇଁ ମାନ୍ୟକ୍ରମ ତଥା ସାମାଜିକ ଓ ଦାପ୍ତରିକ ନିରାପତ୍ତା ନିଜେ ନିର୍ଣ୍ଣୟ କରିପାରନ୍ତି ଏବଂ ଦେଶର ସାଧାରଣ ନାଗରିକ ନ୍ୟାୟ ପାଇଁ ଡହଳବିକଳ ହେଉଥିବା ବେଳେ ମାମଲାର ଗୁରୁତ୍ୱ ପରିବର୍ତ୍ତେ ସେମାନେ ନିଜ ପାଇଁ ଶକ୍ତ ସୁରକ୍ଷା ବଳୟ ସୃଷ୍ଟିକୁ ନିଜର ମର୍ଯ୍ୟାଦା ଭାବରେ ବିବେଚନା କରନ୍ତି। ଏଥିରେ ପ୍ରତିବାଦ ବା ଅସନ୍ତୋଷକୁ ବ୍ୟବସ୍ଥାର



ଅବମାନନା ଭାବରେ ବିଚାର ହୁଏ। ବେଳେ ବେଳେ ଏଇ ତିନି ବର୍ଗ ମଧ୍ୟରେ କ୍ଷମତାର ମାତ୍ରାକୁ ନେଇ ଏଭଳି ପ୍ରତିଯୋଗିତା ଚାଲିଥାଏ ଯେ ସେମାନେ ନିଜ ଉପରେ ନ୍ୟସ୍ତ ସମସ୍ତ ନୈତିକ ଦାୟିତ୍ୱର ହିତାଧିକାରୀ ସ୍ୱୟଂ ଜନସାଧାରଣ ବୋଲି ଭୁଲିଯାଆନ୍ତି। ବରଂ ଉତ୍ତରଦାୟୀ ହୋଇ ନିଜର ମର୍ଯ୍ୟାଦା ହାନି ଭାବରେ ଗ୍ରହଣ କରନ୍ତି। ସେଥିପାଇଁ ଦେଶକୁ ସ୍ୱାଧୀନ କରିବାକୁ ଜୀବନ ବାଜିରେ ଲଗାଇଥିବା ସେଇ ଦିବଂଗତ ବା ବିଦ୍ୟମାନ ବ୍ୟକ୍ତି ବିଶେଷ କେବେ ବି ଦେଶର ଏପରି ଭବିଷ୍ୟତ ଆଶା କରିନଥିବେ।

ଏହା ସତ୍ୟ ଯେ ଏଯାବତ ଆମର ସଂସ୍କୃତି ସମ୍ପନ୍ନ ସାଧୀନ ରାଷ୍ଟ୍ର ଗଠନର ସ୍ୱାଦ ଅନୁଭ ବା ଫଳପ୍ରଦ ହୋଇନାହିଁ। ବରଂ ଶାସନ ତନ୍ତ୍ରଠାରୁ ବିଚାର ବ୍ୟବସ୍ଥାରେ ସାହେବୀ ଢାଞ୍ଚା ଏବେ ବି ପୂର୍ଣ୍ଣ ମାତ୍ରାରେ ପରିସ୍ଫୁଟ ହେଉଛି। ଦେଶ ସ୍ୱାଧୀନ ହେବାପରେ ବହୁ ଦେଶର ଶାସନ ଖସଡ଼ା ଅନୁକରଣରେ ପ୍ରସ୍ତୁତ ସମ୍ବିଧାନ ୭୫ ବର୍ଷରେ ୧୨୪ ଥର ସଂଶୋଧନ ହୋଇସାରିଛି ଏବଂ ଭବିଷ୍ୟତରେ ମଧ୍ୟ ଏକାଧିକବାର ସଂଶୋଧନ ହୋଇପାରେ। ସାଧୀନତା ପରେ ଆମ ଦେଶ ନିଜସ୍ୱ ଜ୍ଞାନ କୌଶଳ ଉଦ୍ଭାବନ ଓ ଉପଯୋଗରେ ଯଥେଷ୍ଟ ଉନ୍ନତି କରିଛି। ଖାଦ୍ୟ ଉତ୍ପାଦନ ସହ ଅନେକ କ୍ଷେତ୍ରରେ ସ୍ୱାବଲମ୍ବୀ ହେବାସହ ପୃଥିବୀରେ ଏକ ଉନ୍ନତ ଦେଶ ଓ ବିକଶିତ ଶକ୍ତି ଭାବରେ ନିଜର ସ୍ଥିତି ଜାହିର କରିପାରିଛି। କିନ୍ତୁ ଯେଉଁମାନେ ଦେଶର ଉନ୍ନତି ଓ ନୂତନ ଜ୍ଞାନ କୌଶଳକୁ ପରିବର୍ଦ୍ଧିତ କରିଛନ୍ତି ସେମାନଙ୍କ ସଫଳତାର ଶ୍ରେୟ ଶାସନ ଖସଡ଼ା ଧରିଥିବା ବ୍ୟକ୍ତିଙ୍କ ଦ୍ୱାରା ଅପହୃତ ହୋଇ ଚାଲିଛି। ଦେଶର ନାଗରିକଙ୍କ କର୍ତ୍ତବ୍ୟ ଓ ଅଧିକାର କେବଳ ନିର୍ବାଚନ ସମୟରେ ଖଣ୍ଡିଏ ଭୋଟରେ ସୀମିତ ରହୁଛି।

ଆମ ଗଣତନ୍ତ୍ରର ପରିଭାଷା ଏପରି ନିର୍ଦ୍ଧାରିତ ହୋଇଛି ଯେ ମାତ୍ର ୩୦ ଶତାଂଶ ନାଗରିକଙ୍କ ସମର୍ଥନ ପାଇ ୭୦ ଶତାଂଶ ନାଗରିକଙ୍କ ବିରୋଧ ସତ୍ତ୍ୱେ କୌଣସି ରାଜନୈତିକ ଦଳ ସଂଖ୍ୟାଗରିଷ୍ଠ ହୋଇ ଶାସନ ତନ୍ତ୍ରକୁ ନିୟନ୍ତ୍ରଣ କରିପାରୁଛି। ଲୋକଙ୍କ ଟିକସ ଦେୟ ଓ ପ୍ରାକୃତିକ ସମ୍ପଦର ସୁପରିଚାଳନା ପରିବର୍ତ୍ତେ ଦୁର୍ନୀତି ଓ ରାଜସ୍ୱ ଲୁଣ୍ଠନ ପାଇଁ ଖସଡ଼ା ପ୍ରସ୍ତୁତ ହେଉଛି। ଅର୍ଥ ଓ କ୍ଷମତାର ବଳ ମାଧ୍ୟାକର୍ଷଣ ଶକ୍ତିଠାରୁ ଅଧିକ ବଳଶାଳୀ ସାବ୍ୟସ୍ତ ହେଉଛି। ବୈଦେଶିକ ଋଣ ଭାରରୁ ରାଜ୍ୟରେ ଜନ୍ମ ନେଉଥିବା ପ୍ରତ୍ୟେକ ଶିଶୁ ମୁଣ୍ଡରେ ତିନି ହଜାର ଟଙ୍କା ବୈଦେଶିକ ଋଣ ରହୁଛି। ଏସବୁ କେବଳ ଗଣତାନ୍ତ୍ରିକ ରାଷ୍ଟ୍ର ଯୋଗୁସମ୍ଭବ ହୋଇ ପାରିଥିବାରୁ ଗଣତନ୍ତ୍ରର ଜୟଗାନ ତଥାକଥିତ ଜନ ସେବକଙ୍କଠାରୁ ପ୍ରଶାସନିକ ବା ଆଇନ ରକ୍ଷକଙ୍କ ପାଇଁ ରକ୍ଷା କବଚ ହୋଇଛି। ଦେଶ ସ୍ୱାଧୀନ ହେବାପରେ ଯେଉଁମାନେ ଗଣତନ୍ତ୍ରର ସ୍ୱାଦ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଦାୟିତ୍ୱ ନେଲେ ସେମାନେ ଗଣତନ୍ତ୍ର ରୁପୀ ଉଙ୍ଗାର ମଙ୍ଗକୁ ଏଭଳି ମୋଡ଼ି ଦେଇଛନ୍ତି ଯେ ତାହା ନିର୍ବାଚନକୁ ବ୍ୟୟବହୁଳ କରିବା ସହ ଦାପ୍ତରିକ ବା ନ୍ୟାୟାଳୟ ପରିସର ଜନସାଧାରଣଙ୍କ ପାଇଁ ଦୟାର କ୍ଷେତ୍ର ପରିବେଶକୁ ସୁସ୍ପଷ୍ଟ କରୁଛି। ପ୍ରତ୍ୟେକ ସମସ୍ୟାର ସରଳ ସମାଧାନ ପରିବର୍ତ୍ତେ ତାକୁ ଜଟିଳତା ମଧ୍ୟକୁ ନେବା ମଧ୍ୟ ଆମ ଗଣତନ୍ତ୍ର ଅନ୍ୟତମ ସଫଳତା ହୋଇସାରିଛି।

୧୧୩-ଗୁଣ୍ଡିଚା ବିହାର, ପୁରୀ
ମୋ: ୭୯୭୮୭୮୫୪୭୮

# ନିଷ୍କ୍ରିୟ ଜମାଖାତାର ଅର୍ଥରାଶି




ଡ. ତପନ କୁମାର ପାଳ

ଭାରତର ଅର୍ଥନୀତିକୁ ସୁଦୃଢ଼ କରିବାରେ ବ୍ୟାଙ୍କଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି। ବ୍ୟାଙ୍କିଙ୍ଗ ସେବା ଦିନକୁ ଦିନ ଏପରି ବ୍ୟବସ୍ଥିତ ହେଉଛି ଯେ ଯାହାଦ୍ୱାରା ଲୋକମାନେ ହାତପାହାନ୍ତାରେ ନିଜ ମୋବାଇଲ ଦ୍ୱାରା ସମସ୍ତ ଦେଣନେଣ କରିପାରୁଛନ୍ତି। ତେବେ ବ୍ୟାଙ୍କରେ ଅର୍ଥ କାରବାର ସମୟରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ କେବଳ ଗ୍ରାହକମାନଙ୍କ ଭିତରେ ନୁହେଁ ପ୍ରାୟ ସମସ୍ତଙ୍କ ଭିତରେ ସୃଷ୍ଟି ହୋଇଥାଏ, ତାହା ହେଉଛି ଦୀର୍ଘ ଦିନ ଧରି ବ୍ୟାଙ୍କରେ ପଡ଼ିରହିଥିବା ନିଷ୍କ୍ରିୟ ଇନ୍‌ଅପରେଟିଭ ଓ ବେୱାରିସ ଜମାଖାତାଗୁଡ଼ିକର ପଇସା ଯାଏ କୁଆଡ଼େ? ଏହାକୁ କିଏ ହଡ଼ପ କରି ନେଇଯାଏ ନାହିଁ ତ? ବହୁ ବର୍ଷ ପରେ ଯଦି ଉତ୍ତରାଧିକାରୀମାନେ ମୃତକଙ୍କର ବ୍ୟାଙ୍କ ଜମାଖାତାରେ ଥିବା ଟଙ୍କାର ସନ୍ଧାନ ପାଆନ୍ତି ତା'ହେଲେ ତାହାକୁ ଆଦାୟ କରାଯାଇ ପାରିବ ନା ନାହିଁ?

ସାଧାରଣରେ ବ୍ୟବସ୍ଥାଟି ହେଉଛି ଏହା ଯେ ଜଣେ ବ୍ୟାଙ୍କରେ ଖାତା ଖୋଲିଥିବା ବା ଜମାକାରୀ ଜଣଙ୍କର ମୃତ୍ୟୁ ହୋଇଯିବା ପରେ ତାଙ୍କ ନିକଟ ପରିଜନ ବିଶେଷକରି ଉତ୍ତରାଧିକାରୀମାନଙ୍କ ପାଖରେ ସୂଚନା ନ ଥିବା କାରଣ ପାଇଁ ବର୍ଷ ବର୍ଷ ଧରି ବ୍ୟାଙ୍କ ଜମାଖାତାରେ ଟଙ୍କା ଅଯଥାରେ ପଡ଼ିରହେ। ଏହା ବ୍ୟତୀତ କେତେକ କ୍ଷେତ୍ରରେ ପାସ୍‌ବୁକଧାରୀ ବା ଜମାକାରୀ ଜଣକ କୌଣସି ଅବହେଳା ବଶତଃ ଅନେକ ଦିନ ଧରି ବ୍ୟାଙ୍କରେ ରହିଥିବା ଅର୍ଥର କୌଣସି କାରବାର ଅର୍ଥାତ୍ ଡିପୋଜିଟ ବା ଉଠାଣ କରି ନ ଥାନ୍ତି। ଏଭଳି ଖାତା ବର୍ଷ ବର୍ଷ ଧରି ବ୍ୟାଙ୍କରେ ନିଷ୍କ୍ରିୟ ହୋଇପଡ଼ିରହେ। ମାତ୍ର ତାହା ଜମାକାରୀଙ୍କ ସମ୍ପତ୍ତି। ଏଣୁ ବ୍ୟାଙ୍କ ବା ଅନ୍ୟ କେହି ତାହାକୁ ନେଇ ଅନ୍ୟତ୍ର ବିନିଯୋଗ କରିପାରିବେ ନାହିଁ। ତେବେ ସମସ୍ତଙ୍କ ଅଜ୍ଞାତରେ ବ୍ୟାଙ୍କ ଖାତାରେ ଦୀର୍ଘଦିନ ପଡ଼ି ରହିଥିବା ଏଭଳି ଅର୍ଥ ଉପରେ କୌଣସି ହଡ଼ପକାରୀଙ୍କ ନଜର ପଡ଼ିଯିବା ଅସମ୍ଭବ ନୁହେଁ। ତେଣୁ ଏହାକୁ ସୁରକ୍ଷିତ ରଖିବା ପାଇଁ ଅଧିକ ସତର୍କତା ଅବଲମ୍ବନ ଜରୁରୀ।

ଭାରତୀୟ ରିଜର୍ଭ ବ୍ୟାଙ୍କ ଏ ନେଇ ବିଭିନ୍ନ ନିର୍ଦ୍ଦେଶନାମାକୁ ସମୀକ୍ଷା କରି ଚଳିତ ବର୍ଷ ଜାନୁଆରୀରେ ଏକ ସମନ୍ୱିତ ସର୍କୁଲାର ଘୋଷଣା କରି ଏହାକୁ ବିଜ୍ଞପ୍ତି ଭାବେ ଜଣାଇଛନ୍ତି। ସେଗୁଡ଼ିକ ଭିତରେ ପ୍ରମୁଖ ହେଉଛି ଯେ ସର୍ବନିମ୍ନ ଲଗାତର ଭାବେ ଦୁଇବର୍ଷ ଧରି ବ୍ୟାଙ୍କ ଖାତାଧାରୀ ଯଦି କୌଣସି କାରଣବଶତଃ ଆର୍ଥିକ କାରବାର ବା ଦେଣନେଣ କରି ନ ଥାନ୍ତି ତେବେ ଏହି ବ୍ୟାଙ୍କ ଖାତାକୁ ନିଷ୍କ୍ରିୟ ବ୍ୟାଙ୍କ ଖାତା ଭାବେ ବିଚାର



କରାଯିବ। ସେହିପରି କ୍ରମାଗତ ଭାବେ ଦଶ ବର୍ଷ ଧରି ଦେଣନେଣ କାରବାର ବା ଦେଣନେଣ ହେଉ ନ ଥିବା କିମ୍ବା ଜମାରାଶି ଉପରେ କୌଣସି ଦାବିଦାର ନ ଥିଲେ ତାହାକୁ ବେୱାରିସ ଧରିନିଆଯିବ। ବ୍ୟାଙ୍କଗୁଡ଼ିକ ଏହି ଜମାରାଶିକୁ ନିଜ ପାଖରେ ନ ରଖି ୨୦୧୪ ମେ' ୨୪ ତାରିଖ ନିର୍ଦ୍ଦେଶନାମା ମୁତାବକ ତାହାକୁ ରିଜର୍ଭ ବ୍ୟାଙ୍କର ଜମାକାରୀ ଶିକ୍ଷା ଓ ସଚେତନତା ଫଣ୍ଡରେ ଜମା କରିବ। ପରେ କେବେ ଯଦି ଜମାକାରୀ ବା ନ୍ୟାଯ୍ୟ ଦାବିଦାର ଆସନ୍ତି, ତେବେ ବ୍ୟାଙ୍କ ବିଧି ମୁତାବକ କେୱାଇସି ତନଖି କରି ସୁଧ ସମେତ ଏହି ଅର୍ଥରାଶି ଫେରସ୍ତ କରିବେ ଏବଂ ରିଜର୍ଭ ବ୍ୟାଙ୍କରୁ ସେତିକି ଅର୍ଥ ଫେରାଇ ଆଣିପାରିବେ। ସମସ୍ତ ନିଷ୍କ୍ରିୟ ସଞ୍ଚୟ ଜମା ଅର୍ଥର ବ୍ୟାଙ୍କିଙ୍ଗ ନିୟମ ଅନୁଯାୟୀ ଯାହା ସୁଧରାଶି ରହିଛି ଏହାକୁ ବ୍ୟାଙ୍କଗୁଡ଼ିକ ପ୍ରଦାନ କରିବେ ଓ ଏ ନେଇ ଏହାକୁ ସକ୍ରିୟ କରାଇଥିବାରୁ କୌଣସି ଅର୍ଥରାଶି ଫି'ବା ଶୁଳ୍କ ଭାବେ ଗ୍ରହଣ କରିବେ ନାହିଁ। ସେହିପରି ୧ ବର୍ଷରୁ ଊର୍ଦ୍ଧ୍ୱ କାଳ କୌଣସି ବ୍ୟାଙ୍କର ଜମାଖାତାରେ କାରବାର ନ ହୋଇଥିଲେ ବ୍ୟାଙ୍କ ପକ୍ଷରୁ ଉକ୍ତ ଜମାକାରୀଙ୍କୁ ଚିଠି କିମ୍ବା ଇ-ମେଲ୍ କିମ୍ବା ମୋବାଇଲ ବାର୍ତ୍ତା ଦ୍ୱାରା ସୂଚନା ପ୍ରଦାନ କରାଯାଇଥାଏ। ବର୍ତ୍ତମାନ ସମସ୍ତ ସରକାରୀ ସାହାଯ୍ୟପ୍ରାପ୍ତ ଅର୍ଥରାଶିର କାରବାର ପାଇଁ ବ୍ୟାଙ୍କରେ ଖାତା ବ୍ୟବସ୍ଥା ବାଧ୍ୟତାମୂଳକ ରହିବା ସହ ଏହି ଜମାଖାତାର ନିଷ୍କ୍ରିୟ ଘୋଷଣା ପାଇଁ ଦୁଇବର୍ଷ ଉପରୋକ୍ତ ନେଣଦେଣର ନିୟମ ଲାଗୁ ନ ହେବାର ବ୍ୟବସ୍ଥା ରହିଛି। ଏହା ଏକ ସ୍ୱତନ୍ତ୍ର ବ୍ୟବସ୍ଥା।

ଏଠାରେ ଏକ ସ୍ୱାଭାବିକ ପ୍ରଶ୍ନ ଉଠୁଛି ଆମ୍ଭେମାନେ ଦିନକୁ ଦିନ ସଚେତନ ହେଉଛେ ଏବଂ ଆମ ବ୍ୟବସ୍ଥିତ ସେବାଗୁଡ଼ିକ ମଧ୍ୟ ପ୍ରାୟତଃ ମୋବାଇଲ ଦ୍ୱାରା ହାତପାଆନ୍ତାରେ ଅତ୍ୟନ୍ତ ସୁବିଧାଜନକ ହୋଇପାରୁଛି। ଏପରି ସ୍ଥଳେ କୌଣସି ପରିସ୍ଥିତିରେ ଯେପରି ଆମର ଆକାଉଣ୍ଟ ନିଷ୍କ୍ରିୟ ଘୋଷିତ ନ ହୁଏ ଆମ୍ଭେମାନେ ଏ ଦିଗକୁ ଦେଖିବା କଥା। କାରଣ ପ୍ରଥମତଃ ଏହା ଅବହେଳା ବଶତଃ ହୋଇଥିଲେ ମଧ୍ୟ ବାସ୍ତବ ଦୃଷ୍ଟିକୋଣରୁ ନିଷ୍କ୍ରିୟ ହେବାଦ୍ୱାରା ଅଯଥା ବ୍ୟାଙ୍କ ଉପରେ ଆମ୍ଭେମାନେ ଏକ ପ୍ରକାର ଚାପ ସୃଷ୍ଟି କରିଥାଉ। ଦ୍ୱିତୀୟତଃ ଭାରତର ଅର୍ଥନୀତି ପାଇଁ ଏହା ଏକ ଖରାପ ପ୍ରସଙ୍ଗ। ଆମ୍ଭମାନଙ୍କ ପାଇଁ ଏହି ନିଷ୍କ୍ରିୟଜନିତ କାରଣରୁ ବ୍ୟାଙ୍କରେ ଯେଉଁ ଟଙ୍କା ପଡ଼ିରହେ ଏହା ଦ୍ୱାରା ବ୍ୟାଙ୍କଗୁଡ଼ିକ ଏହାକୁ ପରିଚାଳନାଗତ କ୍ଷେତ୍ର ପାଇଁ ଅଯଥାରେ ସେମାନଙ୍କ ମୂଲ୍ୟବାନ ସମୟ ନଷ୍ଟ କରିଥାନ୍ତି। ସେହିପରି ଆମ୍ଭମାନଙ୍କ ଟଙ୍କା ପଡ଼ିରହିବା ଦ୍ୱାରା କିଛି ଲୋକଙ୍କ ମତରେ କିଛି ସୁଧରାଶି ଆମେ ପାଇଥାଉ ସତ କିନ୍ତୁ ମୂଳତଃ ଏହା ଆମର ଅର୍ଥଗତ କ୍ଷେତ୍ରରେ ସେପରି ଉଦ୍‌ଯୋଗ କାମ ପାଇଁ ଲାଗିପାରି ନ ଥାଏ। ତେବେ ଯାହାହେଉନା କାହିଁକି ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ କିନ୍ତୁ ଉପରୋକ୍ତ ବ୍ୟବସ୍ଥା ରହିଛି ବ୍ୟାଙ୍କରେ ପଡ଼ିରହିଥିବା ନିଷ୍କ୍ରିୟ ଖାତାର ଅର୍ଥରାଶିକୁ ନେଇ।

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଷ୍ଟାଫ୍ କଲୋନୀ,
ଦେଉଳ ସାହି, ତୁଳସୀପୁର, କଟକ
ମୋ: ୯୯୩୭୬୫୮୩୬୨

## ଏଇ ଭାରତରେ

ଗାଁରେ ରହି କୌଣସି କ୍ଷେତ୍ରରେ ବଡ଼ ପରିବର୍ତ୍ତନ ଅଣାଯାଇପାରେ, ଯାହା ପ୍ରମାଣ କରି ପାରିଛନ୍ତି ବିହାରର ପ୍ରିନ୍ସ ଶୁକ୍ଳା। ସେ ଶିକ୍ଷା ଶେଷ କରି ବେଙ୍ଗାଲୁରୁରେ କାମ କରୁଥିଲେ। କୋଭିଡ୍ ମହାମାରୀ ଆସିବାରୁ ସେ କାମ ଛାଡ଼ି ତାଙ୍କ ଗାଁକୁ ଫେରି ଆସିଲେ। ଗାଁରେ କୃଷକଙ୍କ ଦୁର୍ଦ୍ଦଶା ଦେଖି ସେମାନଙ୍କୁ ସାହାଯ୍ୟ କରିବା ଲାଗି ଯୋଜନା ପ୍ରସ୍ତୁତ କରିଥିଲେ। ତାଙ୍କ ବାପାଙ୍କଠାରୁ ୧ ଲକ୍ଷ ଟଙ୍କା ଧାର ଆଣି 'ଆଗ୍ରେଟ' ସଂସ୍ଥା ଗଠନ କରି ଗାଁର କୃଷକଙ୍କୁ ସହଯୋଗ କଲେ। ସେ ପ୍ରଥମେ କ୍ଷୁଦ୍ର କୃଷକଙ୍କୁ ଭଲ କିସମର ମଞ୍ଜି, ଜଳ ସିଞ୍ଚନର ବ୍ୟବସ୍ଥା ଏବଂ ପରିବେଶ ଉପଯୋଗୀ ସାର ଯୋଗାଇଥିଲେ। ପରେ କୃଷକମାନେ କିଭଳି ଅଧିକ ଲାଭ ପାଇବେ, ସେଥିପାଇଁ ସେ ଆଧୁନିକ କୃଷି ପ୍ରଣାଳୀ ସମ୍ପର୍କରେ ପ୍ରଶିକ୍ଷଣ ଦେବା ଆରମ୍ଭ କରିଥିଲେ। ସେ ଆଗ୍ରେଟ୍ ମାଧ୍ୟମରେ ୧୦,୦୦୦ରୁ ଊର୍ଦ୍ଧ୍ୱ କୃଷକଙ୍କୁ ସାମିଲ କରିବା ସହ ଆଇଟିସି, ଗୋଦ୍‌ରେଜ ଏବଂ ପାର୍ଲେ ସହଭାଗୀଦାରି ହେବା ଫଳରେ କୃଷକମାନେ ବ୍ୟାପକ ମାର୍କେଟିଂ ବ୍ୟବସ୍ଥା ସହ ଯୋଡ଼ି ହୋଇପାରିଛନ୍ତି। ଏବେ ତାଙ୍କ କମ୍ପାନୀର କାରବାର ୨.୫ କୋଟିରେ ପହଞ୍ଚିଛି ଓ ତାହା ବୃଦ୍ଧି ପାଇବାରେ ଲାଗିଛି।

## ୫୦ ବର୍ଷ ତଳର ଧରିତ୍ରୀ

୩୦ ନଭେମ୍ବର ୧୯୭୬

- ଆଫ୍ରିକାର ନାଇରୋବି ଓ ମୋମ୍ବାସା ମଧ୍ୟରେ ଏକ ଟ୍ରେନ୍ ଲାଇନ୍‌ଚ୍ୟୁତ ହେବା ଫଳରେ ଶତାଧିକ ଯାତ୍ରୀଙ୍କ ମୃତ୍ୟୁ।
- କାର୍ ଦୁର୍ଘଟଣାରେ ଢାକାସ୍ଥିତ ଲିବ୍ୟା ରାଷ୍ଟ୍ରଦୂତ ଚାର୍ଜ-ଡି-ଆଫାୟାର୍ସ ଅବଦୁଲ ଓହାବ ଏଲ୍-ଆରବୀ ନିହତ।
- ଆନ୍ଧ୍ରପ୍ରଦେଶର ବାତ୍ୟା ବିପନ୍ନମାନଙ୍କ ନିମନ୍ତେ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ତାଙ୍କ ରିଲିଫ ପାଣ୍ଠିରୁ ୩ ଲକ୍ଷ ଟଙ୍କା ଦେଇଛନ୍ତି।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 1 | | | | | | 9 | |
| | 2 | 6 | 9 | 1 | | | 3 | |
| | | | | 2 | | | | |
| | | | | | 5 | | 8 | 3 |
| 7 | | | | 6 | | | | 4 |
| | 3 | 5 | | | 2 | | | |
| | | | 6 | 7 | 4 | | | |
| | | | | | | | 2 | 5 |
| | | 4 | | | 3 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 5 | 4 | 2 | 9 | 6 | 3 | 8 | 7 |
| 9 | 2 | 8 | 1 | 3 | 7 | 4 | 6 | 5 |
| 6 | 7 | 3 | 4 | 5 | 8 | 1 | 2 | 9 |
| 4 | 8 | 6 | 9 | 7 | 1 | 2 | 5 | 3 |
| 5 | 3 | 9 | 8 | 4 | 2 | 7 | 1 | 6 |
| 2 | 1 | 7 | 5 | 6 | 3 | 9 | 4 | 8 |
| 3 | 6 | 1 | 7 | 2 | 5 | 8 | 9 | 4 |
| 7 | 9 | 2 | 6 | 8 | 4 | 5 | 3 | 1 |
| 8 | 4 | 5 | 3 | 1 | 9 | 6 | 7 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଶକ୍ତି ସଂରକ୍ଷଣ କରାଯାଉ

ମହାଶୟ,

ରାଜ୍ୟ ଜନସଂଖ୍ୟାକୁ ଦୃଷ୍ଟିରେ ଦେଖି ଶକ୍ତି ଆବଶ୍ୟକତା ପୂରଣ କରାଯାଇପାରୁନାହିଁ। ଅଥଚ ରାଜ୍ୟରେ ସରକାରୀ ହେଉ କିମ୍ବା ବେସରକାରୀ କ୍ଷେତ୍ରରେ ଶକ୍ତି ଅପଚୟ ହେବାରେ ଲାଗିଛି। ଶକ୍ତି ଅପଚୟ ନ ରୋକିଲେ ଆଗାମୀ ଦିନରେ ବଡ଼ ସଙ୍କଟର ସମ୍ମୁଖୀନ ହେବାକୁ ପଡ଼ିବ। ଜଳବାୟୁ ପ୍ରଭାବରେ ବର୍ଷା ଓ ନଦୀ ଜଳଧାରଣ କ୍ଷମତା କମୁଥିବାରୁ ବିଦ୍ୟୁତ୍ ଉତ୍ପାଦନ ଆଗାମୀ ଦିନରେ ଚାହିଦା ପୂରଣ କରିପାରିବ ନାହିଁ। ଏଣୁ ଶକ୍ତି ସଂରକ୍ଷଣ କରିବା ସମସ୍ତଙ୍କର ଦାୟିତ୍ୱ ରହିଛି। ବିଦ୍ୟୁତ୍ ବ୍ୟବହାର ଆବଶ୍ୟକ ନ ଥିଲେ ସୁଇଚ୍ ଅଫ୍ କରିବାକୁ ଆଦୌ ଭୁଲିବା ଉଚିତ ନୁହେଁ। କିନ୍ତୁ ଦେଖାଯାଉଛି, ସରକାରୀ କର୍ମଚାରୀମାନେ ଫ୍ୟାନ୍ ଲାଇଟ୍ ଅଫ୍ ନ କରି ଚାଲିଯାଇଥାନ୍ତି। କେବଳ ଶକ୍ତି ନୁହେଁ, ଜଳାଭାବ ମଧ୍ୟ ଦେଖାଗଲାଣି। ଏଣୁ ପାଣି ନେବା ପରେ ଟ୍ୟାପକୁ ବନ୍ଦ କରିବା ଉଚିତ। ପାଣିର ଆଦୌ ଅପଚୟ କରା ନ ଯାଉ।

**- ରମେଶ ଚନ୍ଦ୍ର ବେହେରା, ଆୟତପୁର, କଟକ**

## ଚିରନ୍ତନୀ

ଭୁଲି ଗଲି ବିଶ୍ୱମୟ ଲାଗିଲା କି ପ୍ରାସ ଯେ,
ନ ବୁଝିଲି ତୁମେ କିମ୍ପା କର ଉପହାସ ହେ ।
ମୋର ସବୁ ଛନ୍ଦର ଯେ ତୁମେ ପରା ନାୟିକା,
ସବୁ ସ୍ୱର ସାଧନାର ତୁମେ ଚାରୁ ଗାୟିକା ।
ତେବେ କିମ୍ପା ଉପହାସ କର ରହି ରହି ଗୋ,
ନ ପାରଇଁ ବୁଝି କିଛି କହ ପ୍ରିୟସହୀ ଗୋ !
-(ଛନ୍ଦ ନାୟିକା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ୱିଣ୍ଟର ୱାର୍କଆଉଟ୍



ବର୍ଷସାରା ୱାର୍କଆଉଟ୍ କରୁଥିବା ଯୁବପିଢ଼ି ଶୀତଦିନେ ବି ନିଜର ଏହି ରୁଟିନ୍ ମେଣ୍ଟେନ୍ କରିବାକୁ ଚେଷ୍ଟା କରନ୍ତି। ହେଲେ କେବେକେବେ ଅଧିକ ଥଣ୍ଡା ତ ଆଉ କେବେ ଘନ କୁହୁଡି ସେମାନଙ୍କ ଏକ୍ସରସାଇଜ୍‌ରେ ବାଧା ସୃଷ୍ଟି କରିଥାଏ। ଏମିତିରେ କେତେକ ଦିଗ ପ୍ରତି ସଜାଗ ରହିଲେ ଏଦିନେ ବି ଠିକ୍ ଭାବେ ୱାର୍କଆଉଟ୍ କରି ନିଜ ଫିଟ୍‌ନେସ୍‌କୁ ବଜାୟ ରଖାଯାଇପାରିବ...

ବର୍ତ୍ତମାନ ଅଧିକାଂଶ ଯୁବପିଢି ନିଜ ଫିଟ୍‌ନେସ୍‌କୁ ନେଇ ବେଶ୍ ସଜାଗ। ଯେଉଁଥିପାଇଁ ସେମାନେ ପ୍ରତିଦିନ ଘରେ ହେଉ ଅବା ପାର୍କ କିମ୍ବା ଜିମ୍ ଯାଇ ୱାର୍କଆଉଟ୍ କରୁଛନ୍ତି। ହେଲେ ଶୀତଦିନ ଆସିଲେ ଥଣ୍ଡା ଯୋଗୁ ଅନେକଙ୍କ ୱାର୍କଆଉଟ୍ ରୁଟିନ୍ ବାଧାପ୍ରାପ୍ତ ହୋଇଥାଏ। ହେଲେ କେତୋଟି ଦିଗ ପ୍ରତି ବିଶେଷ ଦୃଷ୍ଟିଦେଲେ ଶୀତଦିନେ ବି ସେମାନେ ନିଜ ୱାର୍କଆଉଟ୍ ରୁଟିନ୍ ମେଣ୍ଟେନ୍ ରଖିପାରିବା ସହିତ ନିଜକୁ ଫିଟ୍ ବି ରଖିପାରିବେ। ଜାଣି ରଖନ୍ତୁ ସେ ସମ୍ପର୍କରେ...

**ମର୍ନିଂୱାକ୍ ବେଳେ ରୁହନ୍ତୁ ସତର୍କ:** ପ୍ରତିଦିନ ମର୍ନିଂୱାକ୍ କରିବା ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ। ତେଣୁ ଅଧିକାଂଶ ଯୁବତୀଯୁବକ ମର୍ନିଂୱାକ୍ କିମ୍ବା ଜଗିଂ କରିବାକୁ ପସନ୍ଦ କରନ୍ତି। ହେଲେ ଶୀତଦିନେ ତାପମାତ୍ରା ହ୍ରାସ ହେବା କାରଣରୁ ବାୟୁମଣ୍ଡଳର ଘନତ୍ୱ ବୃଦ୍ଧି ପାଇଥାଏ। ଯେଉଁଥିପାଇଁ ଧୂଳିକଣାରୁ ଆରମ୍ଭ କରି ବିଭିନ୍ନ ପ୍ରକାରର ବିଷାକ୍ତ ଉପାଦାନ ବାୟୁମଣ୍ଡଳରେ ରହିଯାଏ ଏବଂ ପ୍ରଦୂଷଣ ବୃଦ୍ଧି ପାଇଥାଏ। ବିଶେଷକରି ସକାଳ ସମୟରେ କୁହୁଡ଼ି ବା ଫଗ୍ ସହିତ ଧୂଆଁ ମିଶି ସ୍ମଗ୍ ସୃଷ୍ଟି କରିଥାଏ। ତେଣୁ ଏଦିନେ ମର୍ନିଂୱାକ୍ ସମୟରେ ନିଃଶ୍ୱାସରେ ଶରୀର ମଧ୍ୟକୁ କାର୍ବନ ମନୋକ୍ସାଇଡ୍, କାର୍ବନ ଡାଇଅକ୍ସାଇଡ୍, ସଲ୍‌ଫର୍ ଡାଇଅକ୍ସାଇଡ୍, ନାଇଟ୍ରୋଜେନ୍ ଅକ୍ସାଇଡ୍ ଭଳି ବିଷାକ୍ତ ପଦାର୍ଥ ଯାଇ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଉପୁଜାଇଥାଏ। ତେଣୁ ଏଦିନେ ସକାଳ ସମୟରେ ବାହାରେ ନ କରି ଇନ୍‌ଡୋର ୱାକିଂ, ବ୍ରିସ୍କ ୱାକିଂ କରିବା ଭଲ। ଯଦି ବାହାରେ କରୁଛନ୍ତି, ତେବେ ସୂର୍ଯ୍ୟୋଦୟର କିଛି ସମୟ ପରେ ଅର୍ଥାତ୍ କୁହୁଡ଼ି କମିବା ପରେ କରନ୍ତୁ। ମନେରଖନ୍ତୁ, ରାସ୍ତା କଡ଼ ଅପେକ୍ଷା ଅଧିକ ଗଛ ଥିବା ସ୍ଥାନ ଯେପରିକି ପାର୍କ ଆଦି ଅପେକ୍ଷାକୃତ କମ୍ ପ୍ରଦୂଷିତ ହୋଇଥିବାରୁ ୱାକିଂ ପାଇଁ ଭଲ।

**ଘରେ କରିପାରିବେ ଏକ୍ସରସାଇଜ୍:**

❖ଶୀତରେ ଯଦି ବାହାରକୁ ଯାଇ ଏକ୍ସରସାଇଜ୍ କରିବାକୁ ଇଚ୍ଛା ନ ହେଉଛି, ତେବେ ଘରେ ରହି କପାଳଭାତି, ସୂର୍ଯ୍ୟ ନମସ୍କାର, ପ୍ରାଣାୟାମ ଭଳି ବିଭିନ୍ନ ଯୋଗାସନ କରିପାରିବେ। ଏହା ମଧ୍ୟ ଶରୀରକୁ ଫୂର୍ତ୍ତି ରଖିବା ଓ ଉର୍ଜା ଯୋଗାଇବା ପାଇଁ ବେଶ୍ ଉପକାରୀ।

❖ଯଦି ଶୀତରେ ଜିମ୍ ନ ଯାଇ ପାରୁଛନ୍ତି, ତେବେ ସେହି ସମୟକୁ ଶୋଇବା କିମ୍ବା ଅନ୍ୟ କୌଣସି କାର୍ଯ୍ୟରେ ବ୍ୟବହାର ନ କରି ଘରେ ଏକ୍ସରସାଇଜ୍ ନିହାତି କରନ୍ତୁ। ଘରେ ଜମ୍ପିଂ ଜ୍ୟାକ୍, ପୁସ୍ ଅପ୍ସ, ୱାର୍କଆଉଟ୍, ଲଞ୍ଜେସ୍, ହାଇନିଜ୍, ବର୍ପିଜ୍ ଭଳି ଇଣ୍ଡୋର କାର୍ଡିଓ କଲେ ହେଲ୍‌ଥ ଏବଂ ଫିଗର ମେଣ୍ଟେନ୍ ରହିବ।

❖ଅଧିକ ଶୀତରେ ବାହାରକୁ ପାର୍କ କିମ୍ବା ଜିମ୍ ନ ଯାଇପାରିଲେ ଘରେ କରିବା ଲାଗି ଏକ ଭଲ ଏକ୍ସରସାଇଜ୍ ହେଉଛି ଏରୋବିକ୍ସ ଏବଂ ଜୁମ୍ବା। ଟିଭି କିମ୍ବା ୟୁଟ୍ୟୁବ୍‌ରେ କୌଣସି ଟ୍ରେନରଙ୍କ ଭିଡିଓ ଦେଖି ମ୍ୟୁଜିକ୍ ତାଳେ ତାଳେ ଏହି ଡ୍ୟାନ୍ସ ଏକ୍ସରସାଇଜ୍ କରିପାରିବେ। ଏହାଦ୍ୱାରା କ୍ୟାଲୋରି ବର୍ନ ହେବା ସହ ଦିନସାରା ଆକ୍ଟିଭ୍ ଫିଲ୍ କରିପାରିବେ।

❖ଯଦି ଶୀତରେ ଅନ୍ୟ ଏକ୍ସରସାଇଜ୍ କରି ନ ପାରୁଛନ୍ତି ତେବେ ସ୍କିପିଂ କରିପାରିବେ। ଏହା ମଧ୍ୟ କ୍ୟାଲୋରୀ ବର୍ନ କରିବା ସହ ବଡିକୁ ଆକ୍ଟିଭ୍ ଏବଂ ଏନର୍ଜେଟିକ୍ ରଖିବାରେ ସାହାଯ୍ୟ କରିଥାଏ। ଏହାଦ୍ୱାରା ଶରୀରରେ ରକ୍ତ ସଞ୍ଚାଳନ ଠିକ୍ ଭାବେ ହୋଇଥାଏ ଏବଂ ହୃତ୍‌ପିଣ୍ଡ ସୁସ୍ଥ ରହିଥାଏ।

**ଜାଣିରଖନ୍ତୁ:**


❖ଶୀତଦିନେ ପରିବେଶ ତାପମାତ୍ରା ସହିତ ଶରୀରର ତାପମାତ୍ରା ମଧ୍ୟ କମ୍ ଥାଏ। ତେଣୁ ହଠାତ୍ ଏକ୍ସରସାଇଜ୍ ଆରମ୍ଭ କରିବା ମାତ୍ରେ ଶରୀରର ତାପମାତ୍ରା ବଢ଼ିଯାଏ। ଫଳରେ କେତେକ କ୍ଷେତ୍ରରେ ଶରୀର ଥଣ୍ଡାରୁ ଗରମ ହୋଇଯିବା ବା ତାପମାତ୍ରା ଅସନ୍ତୁଳନ ହୋଇଯିବା ଯୋଗୁ ବ୍ଲଡ୍ ସର୍କୁଲେଶନ୍ ବାଧାପ୍ରାପ୍ତ ହୁଏ, ଅକ୍ସିଜେନ୍ ମାତ୍ରା ପ୍ରଭାବିତ ହୁଏ ଏବଂ ହାର୍ଟ ଉପରେ ଚାପ ପଡ଼ିଥାଏ। ଫଳରେ ବିଭିନ୍ନ ଶାରୀରିକ ସମସ୍ୟା ଦେଖାଦେଇଥାଏ। ତେଣୁ ଏକ୍ସରସାଇଜ୍ ଆରମ୍ଭ କରିବା ପୂର୍ବରୁ ପ୍ରଥମେ ୱାର୍ମଅପ୍ କରି ଶରୀରର ତାପମାତ୍ରା ନର୍ମାଲ୍ ବା ରୁମ୍ ଟେମ୍ପରେଚରକୁ ଆଣନ୍ତୁ। ଏହାପରେ ଏକ୍ସରସାଇଜ୍ କରିବା ନିରାପଦ।

❖ଏଦିନେ ବାହାରକୁ ୱାକିଂ କିମ୍ବା ଏକ୍ସରସାଇଜ ପାଇଁ ଯାଉଥିଲେ ଫୁଲ୍ ୱିଣ୍ଟର ଡ୍ରେସ୍ ପିନ୍ଧିବା ସହ କାନ ଘୋଡାଇ ରଖିବା ଲାଗି କ୍ୟାପ୍ କିମ୍ବା ଇୟର ମଫ୍ ବ୍ୟବହାର କରନ୍ତୁ।


❖ବର୍ଷସାରା ଯେପରି ୱାର୍କଆଉଟ୍ ବେଳେ ଖାଦ୍ୟ ପ୍ରତି ଧ୍ୟାନ ଦେବା ଆବଶ୍ୟକ, ଶୀତରେ ମଧ୍ୟ ସେହିପରି ଖାଦ୍ୟକୁ ଅଧିକ ଗୁରୁତ୍ୱ ଦେବା ଜରୁରୀ। ତା'ଛଡା ଏଦିନେ ପାଣିପାଗ ପରିବର୍ତ୍ତନ ସାଙ୍ଗକୁ ପ୍ରଦୂଷଣ ହେତୁ ଅଧିକାଂଶଙ୍କଠାରେ ଥଣ୍ଡା, ଜ୍ୱର, କାଶ ଭଳି ସିଜିଓନାଲ୍ ଇଫେକ୍ଟିଭ୍ ଡିସ୍‌ଅର୍ଡର ସମସ୍ୟା ଦେଖାଦିଏ। ତେଣୁ ପ୍ରତିରୋଧକ ଶକ୍ତି ବୃଦ୍ଧି କରି ନିଜକୁ ଫିଟ୍ ରଖିବା ଲାଗି ସୁଷମ ଆହାର ଗ୍ରହଣ କରନ୍ତୁ। ବିଶେଷକରି ପ୍ରୋଟିନ୍, ଆଇରନ୍, ଜିଙ୍କ୍, ଭିଟାମିନ୍ ସି ଯୁକ୍ତ ଖାଦ୍ୟ ସହିତ ଋତୁଭିତ୍ତିକ ସବୁଜ ପନିପରିବା, ଫଳ ଓ ଶାଗ ଭଳି ଆଣ୍ଟିଅକ୍ସିଡାଣ୍ଟଯୁକ୍ତ ଖାଦ୍ୟ ଖାଆନ୍ତୁ। ଖାଦ୍ୟ ତାଲିକାରେ ଗାଈଘିଅକୁ ସାମିଲ କରନ୍ତୁ। ଭିଟାମିନ୍ ଡି'ର ତତ୍ତ୍ୱ ଏବଂ ଓମେଗା-୩ ଫ୍ୟାଟି ଏସିଡ୍ ଥିବା ଖାଦ୍ୟ ଯଥା ମାଛ ଖାଆନ୍ତୁ। ଏଦିନେ ତଟକା ପନିପରିବା, ଫଳ ଅଧିକ ଖାଆନ୍ତୁ।

❖ଯଦି ଶୀତଦିନେ ରେଗୁଲାର୍ ଘରେ ହେଉ ଅବା ଜିମ୍ ଯାଇ ୱାର୍କଆଉଟ୍, ୱେଟ୍ ଟ୍ରେନିଂ ଆଦି କରୁଛନ୍ତି, ତେବେ ପ୍ରଚୁର ପରିମାଣରେ ପାଣି ପିଅନ୍ତୁ। କାରଣ ଏଦିନେ ଶରୀର ଖୁବ୍ ଶୀଘ୍ର ଡିହାଇଡ୍ରେଟ୍ ହୋଇଯାଏ। ତା'ଛଡା ଏଦିନେ ଶୋଷ କମ୍ ଲାଗିବା ସହ ଅଧିକ ପରିସ୍ରା ଲାଗିଥାଏ। ଏମିତିରେ ଏକ୍ସରସାଇଜ୍ କରିବା ଯୋଗୁ ଝାଳ ବାହାରିଲେ ଶରୀରରୁ ଖୁବ୍‌ଶୀଘ୍ର ଜଳୀୟାଂଶ କମିଯାଏ, ଯଦ୍ଦ୍ୱାରା ଦୁର୍ବଳ ଲାଗିବା ଭଳି ସମସ୍ୟା ଉପୁଜିପାରେ। ତେଣୁ ଅଧିକ ପାଣି ପିଇବା ସହ ଜୁସ୍, ପଇଡ ପାଣି ଆଦି ପିଇବା ବି ଭଲ।

❖ଶୀତଦିନେ ଜିମ୍ ଯାଉଥିଲେ ୱାର୍କଆଉଟ୍ କରିବାର ତୁରନ୍ତ ପରେ ବାହାରକୁ ନ ବାହାରି କିଛି ସମୟ ବସିବା ପରେ ବାହାରନ୍ତୁ। କାରଣ ୱାର୍କଆଉଟ୍ ପରେ ଶରୀରର ତାପମାତ୍ରା ଗରମ ଥାଏ। ଏ ସମୟରେ ବାହାରେ ଥଣ୍ଡା ଥିବାରୁ ହଠାତ୍ ବାହାରିପଡ଼ିଲେ ତାପମାତ୍ରା ସହ ବ୍ଲଡ୍ ସର୍କୁଲେଶନ୍‌ରେ ଅସନ୍ତୁଳନ ଦେଖାଦେବା କାରଣରୁ ଦେହ ଖରାପ ହୋଇପାରେ।







## ଏ ସପ୍ତାହର ପ୍ରଶ୍ନ ?

୧- ଭାରତ-ଶ୍ରୀଲଙ୍କା ସଂସ୍କୃତ ମହୋତ୍ସବ ୨୦୨୫ .......... ଠାରେ ଅନୁଷ୍ଠିତ ହୋଇଯାଇଛି ?

୨- ଆମେରିକା ଏବଂ ............ ଦୁଇ ଦେଶ ମିଳିତ ଭାବେ ଓମେନ୍ ଡ୍ରୋନ୍ ନିର୍ମାଣ କରିଛନ୍ତି ?

୩- ମରମ ଜନଜାତି ମୁଖ୍ୟତଃ .......... ରାଜ୍ୟରେ ବସବାସ କରନ୍ତି ?

୪- ଇ-ଜାଗୃତି ପ୍ଲାଟ୍‌ଫର୍ମ ମିନିଷ୍ଟ୍ରି ଅଫ୍ ............. ପକ୍ଷରୁ ଆରମ୍ଭ କରାଯାଉଛି ?

୫- ସାକୁରାଜିମା ଭଲ୍‌କାନୋ ........... ଦେଶରେ ଅବସ୍ଥିତ ?

## ଗତ ଥରର ଉତ୍ତର

୧ ନ୍ୟାଶନାଲ୍ କୋଅପରେଟିଭ୍ ଡେଭେଲପ୍‌ମେଣ୍ଟ କର୍ପୋରେଶନ୍

୨ ଭାରତ ମହାସାଗର

୩ ଚାଇନା

୪ କ୍ରିକେଟ୍

୫ ନ୍ୟାଶନାଲ୍ ମିସନ୍ ଫର୍ କ୍ଲିନ୍ ଗଙ୍ଗା

## ଉତ୍ତରଦାତା



ଅନ୍ନଦା ପ୍ରସାଦ ପଟ୍ଟନାୟକ, କଟକ



ଶେଖ୍ ଅମିନୁଲ୍ ଇରଫାନ୍, ଢେଙ୍କାନାଳ

## ଟପ୍ ଟେନ୍ ୧୦

**ସର୍ବାଧିକ ସବ୍‌ସ୍କ୍ରାଇବର୍ ଥିବା ୟୁଟ୍ୟୁବ ଚ୍ୟାନେଲ୍-୨୦୨୫**

୧ . ମିଷ୍ଟର ବିଷ୍ଟ ................ ୪୫୨ ମିଲିଅନ୍
୨. ଟି-ସିରିଜ୍ ................ ୩୦୭ ମିଲିଅନ୍
୩. କୋକୋମେଲନ୍- ନର୍ସରୀ ରାଇମ୍ସ................ ୧୯୮ ମିଲିଅନ୍
୪. ସେଟ୍ ଇଣ୍ଡିଆ ................ ୧୮୭ ମିଲିଅନ୍
୫. ଭ୍ଲାଡ୍ ଆଣ୍ଡ ନିକି ................ ୧୪୭ ମିଲିଅନ୍
୬. କିଡ୍ସ ଡିଆନା ଶୋ ................ ୧୩୭ ମିଲିଅନ୍
୮. ଷ୍ଟକ୍ସ ଟ୍ୱିନ୍ସ ................ ୧୩୨ ମିଲିଅନ୍
୯. କିମ୍ପ୍ରୋ................ ୧୨୩ ମିଲିଅନ୍
୧୦. ଜୀ ମ୍ୟୁଜିକ୍ କମ୍ପାନୀ ................ ୧୨୧ ମିଲିଅନ୍

**ସୂଚନା:** ଆଗାମୀ ଆଶା ପୃଷ୍ଠାରେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ସହ ନିଜ ନାମ, ଠିକଣା, ଫଟୋ ଏବଂ ମତାମତ ଲେଖି ପଠାନ୍ତୁ।
**ଇ-ମେଲ୍ ଠିକଣା:** dharitriagamiasha@gmail.com

## ୟୁଥ୍ ଆଲର୍ଟ

# ଚିନାବାଦାମ ଖାଉଥିଲେ...

ଚିନାବାଦାମରେ ପ୍ରଚୁର ପରିମାଣରେ ପୋଷକତତ୍ତ୍ୱ ଭରି ରହିଥିବାରୁ ଏହାକୁ ପାୱାର ଫୁଡ୍ ବୋଲି କୁହାଯାଏ। ହେଲେ ଏହାକୁ ଖାଇବା ବେଳେ କେତୋଟି ଦିଗ ପ୍ରତି ଅଣଦେଖା କଲେ ଏହାର ସମ୍ପୂର୍ଣ୍ଣ ଲାଭ ପାଇବା ପରିବର୍ତ୍ତେ ସ୍ୱାସ୍ଥ୍ୟ ସମସ୍ୟା ଉପୁଜିପାରେ। ଜାଣିରଖନ୍ତୁ ସେ ସମ୍ପର୍କରେ...

➔ଚିନାବାଦାମରେ ପ୍ରଚୁର ପରିମାଣରେ ପ୍ରୋଟିନ୍, ହେଲ୍‌ଦି ଫ୍ୟାଟ୍, ଭିଟାମିନ୍ ଇ, ଭିଟାମିନ୍ ବି, ମ୍ୟାଗ୍ନେସିୟମ, ଫସ୍‌ଫରସ୍, କ୍ୟାଲ୍‌ସିୟମ, ସୋଡିୟମ ଭରି ରହିଛି, ଯାହାକି ଶରୀରକୁ ସୁସ୍ଥ ରଖିବା ଲାଗି ବେଶ୍ ଉପକାରୀ। ବିଶେଷକରି ଶୀତଦିନେ ଏହାକୁ ଖାଇଲେ ଶରୀରର ତାପମାତ୍ରା ନିୟନ୍ତ୍ରଣରେ ରଖିବାରେ ସାହାଯ୍ୟ କରେ। ହେଲେ ଏହାକୁ ଖାଇବା ପରେ ତୁରନ୍ତ ପାଣି ପିଇବା ଠିକ୍ ନୁହେଁ। କାରଣ ଏହାଦ୍ୱାରା ଶ୍ୱାସନଳୀ ଏବଂ ପେଟରେ ବିଭିନ୍ନ ସମସ୍ୟା ଦେଖାଦେଇପାରେ।

➔ଚିନାବାଦାମରେ ଭରପୂର ମାତ୍ରାରେ ଆଣ୍ଟିଅକ୍ସିଡାଣ୍ଟ ଭରି ରହିଛି, ଯାହାକି ମସ୍ତିଷ୍କର କାର୍ଯ୍ୟକ୍ଷମତା ବୃଦ୍ଧି କରିଥାଏ। ହେଲେ ଏହାକୁ ଦିନ,ରାତି ଯେକୌଣସି ସମୟରେ ନ ଖାଇ ଏକ ନିର୍ଦ୍ଦିଷ୍ଟ ସମୟରେ ଖାଇବା ଆବଶ୍ୟକ। କାରଣ ସନ୍ଧ୍ୟା ପରେ କିମ୍ବା ରାତିରେ ଏହାକୁ ଖାଇଲେ ବଦହଜମି, ଗ୍ୟାସ୍, ଏସିଡିଟି ଭଳି ବିଭିନ୍ନ ସମସ୍ୟା ଉପୁଜିଥାଏ। ତେଣୁ ବାଦାମ ଖାଇବା ଲାଗି ସର୍ବଦା ସକାଳ ସମୟ ସବୁଠୁ ଭଲ।

➔ପାଟିକୁ ସ୍ୱାଦିଷ୍ଟ ଲାଗୁଥିବାରୁ ଅନେକେ ବାଦାମ ଛାଣି କିମ୍ବା ପକୋଡ଼ା କରି ଖାଇଥାନ୍ତି। ହେଲେ ଏହାଦ୍ୱାରା ମଧ୍ୟ ଗ୍ୟାସ୍ ଏସିଡିଟି ଭଳି ସମସ୍ୟା ଦେଖାଦିଏ। ଏହା ବଦଳରେ ବାଦାମକୁ ଭାଜି, ସିଝାଇ ଖାଇଲେ ଭଲ। ତେବେ ବାଦାମକୁ ରାତିରେ ଭିଜାଇ ସକାଳୁ ଖାଇଲେ ଏଥିରେ ଥିବା ସମସ୍ତ ପୋଷାକ ତତ୍ତ୍ୱ ଶରୀରକୁ ମିଳିଥାଏ।

➔ପ୍ରତିଦିନ ଅଧିକ ପରିମାଣରେ ବାଦାମ ଖାଇବା ମେଦବହୁଳତାର କାରଣ ସାଜିପାରେ। ତେଣୁ ଅଳ୍ପ ପରିମାଣର ବାଦାମ ଖାଇବା ସ୍ୱାସ୍ଥ୍ୟ ପାଇଁ ଭଲ।



## ଜାଣନ୍ତୁ ଦୁନିଆ

# ଭାରତର ହଣ୍ଟେଡ୍ ରେଲୱେ ଷ୍ଟେଶନ୍

ଭାରତରେ ଏଭଳି ଅନେକ ସ୍ଥାନ ରହିଛି, ଯେଉଁଠି ଭୂତ ପ୍ରେତ ଥିବା କଥା ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଭୂତିରୁ ଜଣାପଡ଼େ। ତେବେ ଜାଣନ୍ତୁ ସେହିଭଳି କେତେକ ହଣ୍ଟେଡ୍ ରେଲ୍‌ୱେ ଷ୍ଟେଶନ୍ ସମ୍ପର୍କରେ, ଯେଉଁଠାକୁ ଭୂତ ଭୟରେ ସନ୍ଧ୍ୟା ପରେ ଯାତ୍ରୀମାନେ ଯିବାକୁ ଭୟ କରିଥା'ନ୍ତି ...



**ରବୀନ୍ଦ୍ର ସରୋବର ମେଟ୍ରୋ ଷ୍ଟେଶନ୍, ପଶ୍ଚିମବଙ୍ଗ:** କଲିକତାସ୍ଥିତ ଏହି ଷ୍ଟେଶନ୍‌ରେ ପ୍ରତିଦିନ ବହୁସଂଖ୍ୟାରେ ଯାତ୍ରୀ ଯାତାୟାତ କରିଥାନ୍ତି। ହେଲେ ରାତି ୧୦.୩୦ରେ ଶେଷ ଟ୍ରେନ୍ ଯିବାପରେ ଏଠାକୁ ଯିବା ପାଇଁ ଯାତ୍ରୀଙ୍କୁ ଭୟ ଲାଗିଥାଏ। କାରଣ ଏଠାରେ ଅନ୍ଧାର ରାତିରେ ଭୂତ ବୁଲୁଥିବା, ଟ୍ରେନ୍‌ଲାଇନ୍ ଉପରେ ଠିଆ ହୋଇଥିବାର କେତେଜଣ ଦେଖିଥିବା ଦାବି କରନ୍ତି।

**ଦ୍ୱାରକା ସେକ୍ଟର ୯ ମେଟ୍ରୋ ଷ୍ଟେଶନ, ଦିଲ୍ଲୀ:** ଏଠାରେ ରାତି ସମୟରେ ଟ୍ରେନ୍ ଚାଲିଯିବା ପରେ ଏହା ପଛେ ପଛେ ଏକ ମହିଳା ଚାଲୁଥିବା ଦୃଶ୍ୟ ଅନେକେ ଦେଖିଥିବା ପ୍ରକାଶ କରନ୍ତି। କେତେକ ଯାତ୍ରୀଙ୍କର ସେଠାରେ କିଛି ଅଦୃଶ୍ୟ ଶକ୍ତି ସେମାନଙ୍କୁ ଶବ୍ଦ କରି ଡାକିବା, ଚାପୁଡ଼ା ମାରିବା ଭଳି ଅନୁଭୂତି ମଧ୍ୟ ରହିଛି। ଏମିତିକି ଏଭଳି ଘଟଣା ଯୋଗୁ ଭୟରେ ସେଠାରେ କେତେ ଜଣଙ୍କ ମୃତ୍ୟୁ ମଧ୍ୟ ହୋଇସାରିଛି। ତେଣୁ ରାତିରେ ଜନଗହଳି କମିବା ପରେ ସେଠାକୁ କେହି ଯିବା ପାଇଁ ଭୟ କରନ୍ତି।

**ନୈନୀ ରେଲ୍‌ୱେ ଷ୍ଟେଶନ୍, ଉତ୍ତରପ୍ରଦେଶ:** ଏହି ରେଲ୍‌ୱେ ଷ୍ଟେଶନ୍ ଉତ୍ତରପ୍ରଦେଶ ରାଜ୍ୟର ପ୍ରୟାଗରାଜ ଜିଲାରେ ଅବସ୍ଥିତ। ଏଠାରେ ରାତିରେ ରେଲ୍‌ୱେ ଟ୍ରାକ୍ ଉପରେ ବିଭିନ୍ନ ପ୍ରକାରର ଅଦ୍ଭୁତ ଜିନିଷ ଏବଂ ଦୃଶ୍ୟ ଦେଖିବାର ନଜିର ରହିଛି। କୁହାଯାଏ, ଷ୍ଟେଶନ୍‌ଠୁ ଅଳ୍ପ ଦୂରରେ ଥିବା ନୈନୀ ଜେଲ୍‌ରେ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ବନ୍ଦୀ କରି ରଖାଯାଇଥିଲା ଏବଂ ବହୁ ଅତ୍ୟାଚାର କରାଯାଉଥିଲା। ପରେ ସେମାନଙ୍କ ମୃତ୍ୟୁ ହୋଇଥିଲା। ଆଉ ସେମାନଙ୍କ ଅତୃପ୍ତ ଆତ୍ମା ସେହିଠାରେ ହିଁ ରହିଯାଇଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ସେଠାରେ ସେହି ଆତ୍ମାଗୁଡ଼ିକର ଉପସ୍ଥିତି ଅନୁଭବ କରାଯାଇଥାଏ, ହେଲେ ସେମାନେ କାହାର କ୍ଷତି ପହଞ୍ଚାଇ ନ ଥାନ୍ତି।



**ଏମ୍‌ଜି ରୋଡ଼ ମେଟ୍ରୋ ଷ୍ଟେଶନ୍, ଗୁର୍‌ଗାଓଁ:** ଏହାକୁ ଭାରତର ସବୁଠୁ ପୁରୁଣା ହଣ୍ଟେଡ୍ ରେଲ୍‌ୱେ ଷ୍ଟେଶନ୍ ବୋଲି କୁହାଯାଏ। ଏଠାରେ ରାତି ସମୟରେ ଯାତ୍ରୀମାନେ ବିଭିନ୍ନ ପ୍ରକାରର ଅସାଧାରଣ ଗତିବିଧି ଅନୁଭବ କରୁଥିବା ପ୍ରକାଶ କରିଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ସେଠାରେ ଜଣେ ୪୦ ବର୍ଷୀୟା ମହିଳାଯାତ୍ରୀଙ୍କ ଛୁଆ ହଜିଯାଇଥିଲା ଏବଂ ସେ ତାକୁ ଖୋଜୁ ଖୋଜୁ ରେଲ୍ ଟ୍ରାକ୍‌ରେ ପଡ଼ିଯାଇଥିଲେ। ଟ୍ରେନ୍ ଚଢ଼ିଯିବାରୁ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଆଉ ସେବେଠୁ ତାଙ୍କର ଅତୃପ୍ତ ଆତ୍ମା ସେଠାରେ ଘୂରି ବୁଲୁଛି। ତେବେ ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି, ଏ ପର୍ଯ୍ୟନ୍ତ ଅନେକ ଯାତ୍ରୀ ସେହି ସ୍ତ୍ରୀ ଲୋକ ମୁକୁଳା କେଶରେ ବୁଲୁଥିବାର ଭୂତ ସେଠାରେ ଦେଖିଛନ୍ତି, ଯାହାକି କେବଳ ମେଟ୍ରୋ ଟ୍ରେନ୍‌ର ଦର୍ପଣ କିମ୍ବା ଗ୍ଲାସ୍‌ରେ ଦେଖାଯାଇଥାଏ।

# ପାଣ୍ଡିଆନ୍ ବେଳେ କାଗଜବାଘ ଥିଲେ, ଏବେ ଚିତ୍କାର କରୁଛନ୍ତି'

## ବିରୋଧୀ ସଦସ୍ୟଙ୍କୁ ଶାସକ ଦଳ ସଦସ୍ୟଙ୍କ ଟାର୍ଗେଟ

ଭୁବନେଶ୍ୱର,୨୯।୧୧(ସୁନିତ୍ ମିଶ୍ର)

ବିରୋଧୀ ଆଣିଥିବା 'ଇ-କେୱାଇସି ପରେ ସର୍ଭେ ଆଳରେ ଲୋକଙ୍କ ରାଶନ କାର୍ଡ କାଟୁଛନ୍ତି ସରକାର, ଲୋକେ ହନ୍ତସନ୍ତ' ସମ୍ପର୍କିତ ମୁଲତବୀ ପ୍ରସ୍ତାବ ଆଲୋଚନାରେ ଭାଗ ନେଇ ବର୍ଷିଛନ୍ତି ଶାସକ ଦଳର ସଦସ୍ୟ। ପୂର୍ବ ସରକାର ରାଜନୈତିକ ଉଦ୍ଦେଶ୍ୟ ରଖି ରାଶନକାର୍ଡ କାଟିବାରେ ମାହିର ଥିଲା ବୋଲି କହିଛନ୍ତି। ଭାଜପା ସଦସ୍ୟମାନେ ବିଜେଡି ସରକାର ସମୟ କଥା କହି ବିରୋଧୀଙ୍କୁ ଟାର୍ଗେଟ କରିଥିବା ବେଳେ ପାଣ୍ଡିଆନ୍ ସମୟରେ କାଗଜ ବାଘ ଥିଲେ, ପାଟି ଫିଟୁ ନ ଥିଲା। ଏବେ ବାଘ ଭଳି ଚିତ୍କାର କରୁଛନ୍ତି କହି ଶାସକ ଦଳ ସଦସ୍ୟ ତାଚ୍ଛଲ୍ୟ କରିଛନ୍ତି।

ଭାଜପା ସଦସ୍ୟ ପ୍ରତାପ ଚନ୍ଦ୍ର ନାଏକ କହିଛନ୍ତି, ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯେଉଁ ଗପ କହିଲେ ତାହା ସେ ଶୁଣିଲେ। ନବୀନବାବୁ ଗୋଟିଏ ଗପ ଲେଖନ୍ତୁ ଏବଂ ତା'ର ମୁଖ୍ୟ ଚରିତ୍ରରେ ପାଣ୍ଡିଆନ୍‌ଙ୍କ ରଖନ୍ତୁ। ଗତ ସରକାର ୧୦ ଲକ୍ଷ ୩୦ ହଜାର ୬୯ ଜଣଙ୍କ ରାଶନକାର୍ଡ କାଟିଥିଲେ। ଏବେ ସରକାର ଅଯୋଗ୍ୟ ହିତାଧିକାରୀଙ୍କୁ କାଟିବା କାର୍ଯ୍ୟ କରୁଛନ୍ତି। ସେଥିରେ ବିରୋଧୀ ସଦସ୍ୟମାନେ ସରକାରରେ ଥିବାବେଳେ ଯେଉଁ ମାମୁପୁଅ, ମାଉସୀ ପୁଅମାନଙ୍କୁ ପୂରାଇଛନ୍ତି ସେମାନଙ୍କର ନାଁ କାଳେ କଟିଯିବ ବୋଲି ଡରୁଛନ୍ତି। ସେଥିଲାଗି ମିଛଟାରେ ଚିତ୍କାର କରୁଛନ୍ତି। ଯେଉଁ ବିରୋଧୀ ସଦସ୍ୟ ଏବେ ଚିତ୍କାର କରୁଛନ୍ତି ପାଣ୍ଡିଆନ୍ ଶାସନ ବେଳେ ସେମାନଙ୍କ ପାଟି ଫିଟୁନଥିଲା, ଖାଲି କାଗଜବାଘ ଥିଲେ। କିନ୍ତୁ ଏବେ ସତସତିକା ବାଘ ହୋଇଗଲା ଭଳି ଚିତ୍କାର କରୁଛନ୍ତି ବୋଲି ପ୍ରତାପ କହିଛନ୍ତି। ଭାଜପା ସଦସ୍ୟ ପଦ୍ମଲୋଚନ ପଣ୍ଡା କହିଛନ୍ତି, ବିଜେଡି ସଦସ୍ୟମାନେ ନୂଆପଡ଼ା ଉପନିର୍ବାଚନ ପରେ ହତୋତ୍ସାହିତ ହୋଇପଡ଼ିଛନ୍ତି। ଗତ ବିଧାନସଭା ପର୍ଯ୍ୟନ୍ତ ସେମାନଙ୍କ ଯେଉଁ ସ୍ୱର ଥିଲା ସେଥିରେ ସମ୍ପୂର୍ଣ୍ଣ ପରିବର୍ତ୍ତନ ହୋଇଛି। ଆକାଶ ପାତାଳ ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି। ଗତ ୧୭ ମାସ ଭିତରେ ସେମାନଙ୍କର ଯେଉଁ ଉତ୍ପାତ ଥିଲା ସେକଥା ଆଉ ଏବେ ନାହିଁ। ଆଉ ନୂଆପଡ଼ା ଉପନିର୍ବାଚନବେଳେ ନବୀନବାବୁଙ୍କୁ ଯେଉଁ ଅବସ୍ଥାରେ ୨ ଥର ନେଇ ପ୍ରଚାର କରାଇଲେ ତାହା ଦେଖି ଦୁଃଖ ଲାଗୁଥିଲା ବୋଲି ପଦ୍ମଲୋଚନ କହିଛନ୍ତି।

ଭାଜପା ସଦସ୍ୟ ଆଶ୍ରିତ ପଟ୍ଟନାୟକ କହିଛନ୍ତି, ପୂର୍ବ ସରକାର କେବଳ ରାଜନୈତିକ ଉଦ୍ଦେଶ୍ୟ ରଖି ରାଶନ କାର୍ଡ କାଟୁଥିଲେ। ୨୦୧୫ରୁ ୨୦୨୪ ମଧ୍ୟରେ ରାଜ୍ୟର ପ୍ରାୟ ୩୦ ଲକ୍ଷ ହିତାଧିକାରୀଙ୍କ ରାଶନକାର୍ଡ କଟାଯାଇଛି। ଭାଜପା ସରକାର ଆସିବା ପରେ ୧୫ ଲକ୍ଷରୁ ଅଧିକ ଆବେଦନକାରୀଙ୍କ ମଧ୍ୟରୁ ୬ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ଯୋଗ୍ୟ ବିବେଚିତକରି କାର୍ଡ ପ୍ରଦାନ କରିଛି। ଭାଜପା ସଦସ୍ୟ ଅମର ନାୟକ କହିଛନ୍ତି, ୧୫ ଲକ୍ଷ ହିତାଧିକାରୀଙ୍କୁ ଇ-କେୱାଇସି ଦେବାକୁ ଅବଧି ଦେଇଛୁ। ବାକି ୩ କୋଟିରୁ ଅଧିକ ହିତାଧିକାରୀଙ୍କ ଇ-କେୱାଇସି ସରିଲାଣି। ହେଲେ ବିରୋଧୀ ସେହି ୧୫ ଲକ୍ଷ ହିତାଧିକାରୀଙ୍କ କଥା କହି ରାଜନୀତି କରିବାକୁ ଚାହୁଁଛନ୍ତି। ଗତ ସରକାର ବହୁ ଯୋଗ୍ୟ ଲୋକଙ୍କୁ ମାଗଣା ଚାଉଳ ପାଇବାରୁ ବଞ୍ଚିତ ରଖିଥିଲେ। କେବଳ ସେତିକି ନୁହେଁ, ଅନେକଙ୍କୁ ଅଯୋଗ୍ୟ ବିବେଚିତ କରିବା ସହ ଜରିମାନା ବାବଦରେ ୪୨ କୋଟି ଟଙ୍କା ଆଦାୟକରି ଜେଲ ପଠାଇଥିବା ସେ କହିଛନ୍ତି।

## ବିଧାନସଭା ଖବର

### ସୁଭଦ୍ରା ମେଣ୍ଟେନାନ୍ସ ପାଇଁ ଖର୍ଚ୍ଚ ହୋଇଛି ୧୩ କୋଟି ୮ ଲକ୍ଷ

#### ୧୩ ଜିଲାରେ ୩୩୮ ରୁ ସମ୍ପୂର୍ଣ୍ଣ ହୋଇଛି ୩୩୨ ସୁଭଦ୍ରା ଶକ୍ତି କେନ୍ଦ୍ର

ଭୁବନେଶ୍ୱର, ୨୯।୧୧(ସୁନିତ୍ ମିଶ୍ର): ସୁଭଦ୍ରା ମେଣ୍ଟେନାନ୍ସ ପାଇଁ ୧୩ କୋଟି ୮ ଲକ୍ଷ ଟଙ୍କା ସରକାର ଖର୍ଚ୍ଚ କରିଛନ୍ତି। ସୁଭଦ୍ରା ପୋର୍ଟାଲର ମେଣ୍ଟେନାନ୍ସ, ହଷ୍ଟିଙ୍ଗ୍ ଏବଂ ଡାଟା ସୁରକ୍ଷା ପାଇଁ ଏହି ଅର୍ଥ ଖର୍ଚ୍ଚ ହୋଇଛି। ସୁଭଦ୍ରା ପୋର୍ଟାଲ, ଡେଭଲପମେଣ୍ଟ ଓ ସୁରକ୍ଷା ପାଇଁ ୧ କୋଟି ୫୪ ଲକ୍ଷ ୭୮ ହଜାର ଟଙ୍କା ବିଭାଗ ଖର୍ଚ୍ଚ କରିଛି। ବିଭାଗ ପକ୍ଷରୁ କ୍ଲାଉଡ୍ ହୋଷ୍ଟିଂ ପାଇଁ ୧୨ କୋଟି ୨୮ ଲକ୍ଷ ୧୫ ହଜାର ଟଙ୍କା ଖର୍ଚ୍ଚ ହୋଇଛି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ଏକ ପ୍ରଶ୍ନର ଉତ୍ତରରେ ଏହା ଲିଖିତ ଭାବେ ଦେଇଛନ୍ତି। ସେହିପରି ସେ ଆଉ ଏକ ପ୍ରଶ୍ନର ଉତ୍ତରରେ କହିଛନ୍ତି, ରାଜ୍ୟର ୧୩ଟି ଜିଲାରେ ୩୩୮ଟି ସୁଭଦ୍ରା ଶକ୍ତି କେନ୍ଦ୍ର ମଞ୍ଜୁର ହୋଇଥିବା ବେଳେ ୩୨୨ଟି ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ମୟୂରଭଞ୍ଜରେ ସର୍ବାଧିକ ୨୫ଟି, ଗଞ୍ଜାମରେ ୨୪ଟି, ସୁନ୍ଦରଗଡ଼ରେ ୨୧ଟି ନିର୍ମାଣ ହୋଇଛି।

### ଉପଭୋକ୍ତାଙ୍କୁ ଠକୁଛି ଟାଟା ପାୱାର: ସାରଦା

ବିଧାନସଭା ଶୂନ୍ୟକାଳ ଆଲୋଚନା ସମୟରେ ବିଜେଡି ବିଧାୟକ ସାରଦା ପ୍ରସନ୍ନ ଜେନା କହିଛନ୍ତି, ଓଇଆର୍‌ସି ସମୀକ୍ଷା ରିପୋର୍ଟ ଅନୁସାରେ ଟାଟା ପାୱାର ରାଜ୍ୟର ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଠକୁଛନ୍ତି। ଚାରୋଟି ବିଦ୍ୟୁତ୍ ସଂସ୍ଥା ମିଳିତ ଭାବେ ଟାଟା ପାୱାର ଦ୍ୱାରା ୧ ହଜାର ୬୫ କୋଟି ଟଙ୍କା ଠକିଛନ୍ତି। ଓଇଆର୍‌ସି ଯେଉଁ ଦର ଧାର୍ଯ୍ୟ କରିଛି ୟୁନିଟ୍ ପିଛା ଟାଟା ପାୱାର ତା'ଠାରୁ ଅଧିକ ୩୬ ପଇସା ଲେଖା ଆଦାୟ କରୁଛି। ଲୋକଙ୍କ ମିଟର ଲଗାଇବାଠାରୁ ଟ୍ରାନ୍ସଫର୍ମର ବସାଇବା ଆଦି ବିଭିନ୍ନ କଥାରେ ଟାଟା ପାୱାର ଠକିବାରେ ଲାଗିଛି। ୨ ଲକ୍ଷରୁ ଅଧିକ ଟ୍ରାନ୍ସଫର୍ମର ୬୫ କେଭିରୁ କମ୍ ଅଛି। ଉପକୂଳ ଓଡ଼ିଶାରେ ମାସକୁ ୨୩ ଘଣ୍ଟା, ଉତ୍ତର ଓଡ଼ିଶାରେ ମାସକୁ ୨୭ ଘଣ୍ଟା ବିଦ୍ୟୁତ୍ କାଟ୍ ହେଉଛି। ଓଏଚ୍‌ପିସି, ଓପିଜିସି ସେମାନଙ୍କ ବାର୍ଷିକ ରିପୋର୍ଟ ମଧ୍ୟ ଦେଉନାହାନ୍ତି। ସେହି ସଂସ୍ଥା ବିରୋଧରେ ତଦନ୍ତକରି ସରକାର କାର୍ଯ୍ୟାନୁଷ୍ଠାନ ନିଅନ୍ତୁ। ଏହା ସହ ହିତାଧିକାରୀଙ୍କୁ ସୁଧ ସହ ଅର୍ଥ ଫେରାଇବାକୁ ସେ ନିବେଦନ କରିଛନ୍ତି।

### ବିଧବାଭତ୍ତା ୩୫୦୦ ଟଙ୍କା ହେଉ: ବଦ୍ରି

ରାଜ୍ୟରେ ଥିବା ବିଧବା ମହିଳାଙ୍କ ଭତ୍ତା ବୃଦ୍ଧି ଲାଗି ରାଜ୍ୟ ସରକାରଙ୍କ ନିକଟରେ ବିଜେଡି ବିଧାୟକ ବଦ୍ରିନାରାୟଣ ପାତ୍ର ନିବେଦନ କରିଛନ୍ତି। ବିଧାନସଭାର ଶୂନ୍ୟକାଳରେ ବିଧାୟକ ପାତ୍ର କହିଛନ୍ତି, ବିଧବାମାନଙ୍କୁ ୩୫୦୦ ଟଙ୍କା ଭତ୍ତା ଯୋଗାଇ ଦିଆଯାଉ। ସରକାର ୮୦ ବର୍ଷରୁ ଊର୍ଦ୍ଧ୍ୱବୟସ୍କ ଏବଂ ୮୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମଙ୍କୁ ୩୫୦୦ ଟଙ୍କା ଭତ୍ତା ଦେଉଛନ୍ତି। ହେଲେ ପରିତାପର ବିଷୟ, ବିଧବାମାନଙ୍କୁ ଯେଉଁ ଭତ୍ତା ମିଳୁଛି ତାହା ସେମାନଙ୍କୁ ଅଣ୍ଟୁନାହିଁ। ଫଳରେ ବାରଦୁଆର ବୁଲିବାକୁ ପଡୁଛି। ତେଣୁ ସରକାର ୩,୫୦୦ ଟଙ୍କା ଭତ୍ତା କାହାକୁ ଦିଅନ୍ତୁ ବା ନ ଦିଅନ୍ତୁ କିନ୍ତୁ ପ୍ରାଥମିକତା ଦେଇ ବିଧବାମାନଙ୍କୁ ପ୍ରଦାନ କରନ୍ତୁ ବୋଲି ବଦ୍ରି କହିଛନ୍ତି।

ଏହି ଶୂନ୍ୟକାଳ ଆଲୋଚନାରେ ଅନ୍ୟମାନଙ୍କ ମଧ୍ୟରେ ଦୁର୍ଗାପ୍ରସନ୍ନ ନାୟକ, ଭାଦବ ହାଁସଦା, ଅଭିମନ୍ୟୁ ସେଠୀ, ପବିତ୍ର ସାଉଁତା, ରଘୁନାଥ ଜଗଦଲା, ଆକାଶ ଦାସନାୟକ, ପ୍ରଦୀପ କୁମାର ଦିଶାରୀ, କହ୍ନେଇ ଚରଣ ଡାଙ୍ଗ,ରୂପୁ ଭାତ୍ରା, ରମେଶ ବେହେରା, ନରସିଂହ ମାଡକାମୀ, ସି.ଏସ୍. ରାଜନ ଏକ୍କା,ଫକୀର ମୋହନ ନାଏକ, ବିଭୂତି ଭୂଷଣ ପ୍ରଧାନ, ଗଣେଶ୍ୱର ବେହେରା, ସନାତନ ବିଜୁଳି, ପ୍ରଦୀପ ସାହୁ ଏବଂ ସୋଫିଆ ଫିର୍ଦୋସ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ବିଜେଡି ଛାଡ଼ିଲେ ବନ୍ତ ବ୍ଲକ୍ ଅଧ୍ୟକ୍ଷ

## ନିଲମ୍ବିତ କଲା ଦଳ

ଭଦ୍ରକ,୨୯।୧୧(ସନାତନ ରାଉତ): ଭଦ୍ରକ ଜିଲା ରାଜନୀତି କିଛିଦିନ ଧରି ସରଗରମ ଥିବାବେଳେ ଶନିବାର ଏହା ନାଟକୀୟ ମୋଡ଼ ନେଇଛି। ଶନିବାର ବନ୍ତ ବିଜେଡି ପକ୍ଷରୁ ଖବରଦାତା ସମ୍ମିଳନୀ କରାଯାଇ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଅଣାଯାଇଥିଲା। ବ୍ଲକ ଅଧ୍ୟକ୍ଷ ଭେଣ୍ଡର କୋଡ୍ ଖୋଲି ଟଙ୍କା ଆତ୍ମସାତ୍ କରୁଥିବା ଅଭିଯୋଗ ସହ ଦଳ ଓ ଜିଲା ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଥିଲା। ଏହାର କିଛି ସମୟ ପରେ ବ୍ଲକ ଅଧ୍ୟକ୍ଷ ଘଡ଼େଇ ବ୍ୟକ୍ତିଗତ କାରଣ ଦର୍ଶାଇ ତାଙ୍କ ଇସ୍ତଫା ପତ୍ର ବିଜେଡି ଜିଲା ସଭାପତିଙ୍କୁ ପଠାଇଥିଲେ। ଏହାର କିଛି ସମୟ ପରେ ରାଜ୍ୟ ବିଜେଡି ଉପସଭାପତି ପ୍ରତାପ ଜେନା ବନ୍ତ ବ୍ଲକ ଅଧ୍ୟକ୍ଷ ଘଡ଼େଇଙ୍କୁ ଦଳରୁ ନିଲମ୍ବନ କରିଥିବା ନେଇ ଶଙ୍ଖ ଭବନରୁ ପ୍ରକାଶ ପାଇଥିବା ଚିଠି ଏବେ ସୋସିଆଲ ମିଡିଆରେ ଘୂରି ବୁଲୁଛି।



ବକ୍ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ

ଖବରଦାତା ସମ୍ମିଳନୀ, ଇସ୍ତଫା ଓ ନିଲମ୍ବନ ଏସବୁ ଗୋଟିଏ ଦିନରେ ନାଟକୀୟ ଢଙ୍ଗରେ ହୋଇଥିବାବେଳେ ସୋସିଆଲ ମିଡିଆରେ ଏହାକୁ ନେଇ ଜୋରଦାର ଭାଇରାଲ ହେଉଛି। ପ୍ରକାଶଥାଉ କି, କିଛିଦିନ ତଳେ ବିଜେଡିରୁ ଇସ୍ତଫା ଦେଇଥିବା ପ୍ରୟାସକାନ୍ତି ସାମଲଙ୍କ ସହ ବନ୍ତ, ଭଣ୍ଡାରିପୋଖରୀ, ଭଦ୍ରକ ଓ ବାସୁଦେବପୁର ବ୍ଲକ ଅଧ୍ୟକ୍ଷ ଏକ ବୈଠକ କରିବା ସହ ଏମ୍‌ପି ଅଭିମନ୍ୟୁ ସେଠୀଙ୍କୁ ତାଙ୍କ ବାସଭବନରେ ଭେଟିଥିଲେ। ଭାଜପାରେ ମିଶିବା ପାଇଁ ଏମାନେ ଏମ୍‌ପିଙ୍କୁ ଦରଖାସ୍ତ ଦେଇଥିବା ଚର୍ଚ୍ଚା ହେବା ପରେ ଜିଲା ରାଜନୀତି ଚଳଚଞ୍ଚଳ ହୋଇଥିଲା। ତେବେ ଆଜିର ଏହି ନାଟକୀୟ ମୋଡ଼ ଏଠାକାର ରାଜନୀତିକୁ ଆହୁରି ସରଗରମ କରିଛି।

# ମହିଳାଙ୍କ ଘରେ ପଶି ସୁନା ଓ ଟଙ୍କା ଲୁଟ, ଜାଳିଦେଲେ କାର୍

**ବ୍ରହ୍ମପୁର,୨୯।୧୧ (ସୁବାସ ଚନ୍ଦ୍ର ପାଢ଼ୀ):** ବଡ଼ବଜାର ଥାନା ଅନ୍ତର୍ଗତ ଶାନ୍ତିନଗରରେ ରହୁଥିବା ଜଣେ ମହିଳାଙ୍କ ଘରେ ପଶି ଦୁର୍ବୃତ୍ତମାନେ ଲୁଟ କରିବା ପରେ ଘର ବାହାରେ ଥିବା କାରକୁ ଜାଳି ଦେଇଛନ୍ତି। ଅଭିଯୋଗ ପରେ ପୋଲିସ ଥାନାରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି । ବଡ଼ବଜାର ନିକଟ ଶାନ୍ତିନଗର ପ୍ରଥମ ଲାଇନରେ ଲିଜା ନାହାକ ଓ ତାଙ୍କ ପୁଅ ରହୁଛନ୍ତି । ଶୁକ୍ରବାର ସନ୍ଧ୍ୟାରେ ଲିଜା ନିଜ ଘରେ ଥିବାବେଳେ ଏକାଧିକ ଦୁର୍ବୃତ୍ତ ଘର ନିକଟକୁ ଆସି କଲିଂ ବେଲ୍ ବଜାଇଥିଲେ । ଲିଜା କବାଟ ଖୋଲିବା ପରେ ଦୁର୍ବୃତ୍ତମାନେ ତାଙ୍କୁ ମାରପିଟ କରିଥିଲେ । ଏହାପରେ ସେମାନେ ଘର ଭିତରେ ରଖା ଯାଇଥିବା ନଗଦ ୧୨ ହଜାର ଟଙ୍କା, ସୁନା ମୁଦି, ସୁନା କାନଫୁଲ ଓ ସୁନା ଚେନ ଲୁଟ କରି ନେଇଯାଇଥିଲେ । ତେବେ ଦୁର୍ବୃତ୍ତମାନେ ଗଲାବେଳେ ଘର ବାହାରେ ରଖାଯାଇଥିବା ତାଙ୍କ କାର ଉପରେ ପେଟ୍ରୋଲ ପକାଇ ନିଆଁ ଲଗାଇ ଦେଇଥିଲେ ବୋଲି ଲିଜା ନିଜ ଅଭିଯୋଗରେ ଦର୍ଶାଇଛନ୍ତି । ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ଘଟଣା ଘଟିଥିବା ସନ୍ଦେହ କରାଯାଉଛି । ପୋଲିସ ବିଭିନ୍ନ ଦିଗରୁ ଘଟଣାର ତଦନ୍ତ ଜାରି ରଖିଥିବା କହିଛି ।

# ଦୁର୍ନୀତି ଅଭିଯୋଗ ଆଣିଲା ବିଜେଡି



ବିଜେଡି ପକ୍ଷରୁ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳୀୟ ନେତା।

ଭଦ୍ରକ,୨୯।୧୧(ସନାତନ ରାଉତ)

କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଆତ୍ମସାତ୍ କରିଥିବା ନେଇ ନିଜ ଦଳ ସମର୍ଥିତ ବନ୍ତ ବ୍ଲକ ଅଧ୍ୟକ୍ଷଙ୍କ ବିରୋଧରେ ବ୍ଲକ ବିଜେଡି ଅଭିଯୋଗ ଆଣିଛି। କିଛିଦିନ ପୂର୍ବରୁ ଭାଜପାରେ ମିଶିବା ପାଇଁ ୪ ବ୍ଲକ ଅଧ୍ୟକ୍ଷ ଭାଜପା ରାଜ୍ୟ ସଭାପତିଙ୍କୁ ଦରଖାସ୍ତ ଦେଇଥିଲେ। ଏହାକୁ ନେଇ ବିଜେଡି ମଧ୍ୟରେ କମ୍ପନ ସୃଷ୍ଟି ହୋଇଥିବା ବେଳେ ଏବେ ତାହା ବିସ୍ଫୋରଣର ରୂପ ନେଇଛି। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ନିଜ ନାମରେ ଭେଣ୍ଡର କୋଡ୍ ଖୋଲି ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ ଏହି ଟଙ୍କା ଆତ୍ମସାତ୍ କରିଥିବା ଭଣ୍ଡାରିପୋଖରୀ ବିଧାୟକଙ୍କ ଭଦ୍ରକ ଅପର୍ତ୍ତିବିନ୍ଧାସ୍ଥିତ ବାସଭବନରେ ଶନିବାର ଅପରାହ୍ନ ୧ଟାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି। ଜଣେ ନିର୍ବାଚିତ ପ୍ରତିନିଧି ଓ ବ୍ଲକ ଅଧ୍ୟକ୍ଷ ଭାବେ ନିଜ ନାମରେ ଭେଣ୍ଡର କୋଡ୍ ଖୋଲିବା ୧୯୮୭ ଓଡ଼ିଶା ପଞ୍ଚାୟତ ସମିତି ଆକ୍ଟର ଉଲ୍ଲଂଘନ ବୋଲି ରାଜ୍ୟ ଯୁବ ବିଜେଡି ସମ୍ପାଦକ ସ୍ମୃତିରଞ୍ଜନ ସ୍ୱାଇଁ ଅଭିଯୋଗ କରିଛନ୍ତି। ବ୍ଲକ ଅଧ୍ୟକ୍ଷଙ୍କ ଏହି ବ୍ୟାଙ୍କ ଆକାଉଣ୍ଟକୁ ଫ୍ରିଜ୍ କରାଯିବା ପାଇଁ ସ୍ମୃତିରଞ୍ଜନ ଦାବି କରିଛନ୍ତି। ଏହି ଦୁର୍ନୀତି ସମ୍ପର୍କରେ ବିଜେଡି ସୁପ୍ରିମୋଙ୍କ ସହ ବିଧାୟକ ଓ ବ୍ଲକ ବିଜେଡି ସଭାପତିଙ୍କୁ ଅବଗତ କରାଯାଇଛି। ଏହି ଦୁର୍ନୀତି ଦଳକୁ ବଦ୍‌ନାମ କରିବା ସହ ବିଧାୟକଙ୍କ ଭାବମୂର୍ତ୍ତିକୁ କ୍ଷତି ପହଞ୍ଚାଇଛି। ବ୍ଲକ ଅଧ୍ୟକ୍ଷଙ୍କ ବିରୋଧରେ ଦଳୀୟ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଦାବି କରିଥିଲେ। ସେହିପରି ଏହି ଦୁର୍ନୀତିର ତଦନ୍ତ କରି ତାଙ୍କ ଅଧ୍ୟକ୍ଷ ପଦ ରଦ୍ଦ କରାଯିବାକୁ ଦଳୀୟ ନେତୃବୃନ୍ଦ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଯେନା, ବିଜେଡି ଜିଲା ଉପସଭାପତି ପ୍ରଶାନ୍ତ ଦାସ, ବନ୍ତ ବ୍ଲକ ସଭାପତି ଲକ୍ଷ୍ମୀକାନ୍ତ ମହାନ୍ତି, ବ୍ଲକ ଯୁବ ସଭାପତି ସତ୍ୟସାଧନ ବେଜ, ସରପଞ୍ଚ ଗଜେନ୍ଦ୍ର ସେଠୀ, ଧୀରେନ୍ଦ୍ର ଖିଲାର, ଚିତ୍ତରଞ୍ଜନ ଦାସ, ଭବେନ୍ଦ୍ର ସାହୁ, ଅକ୍ଷୟ ଦାସ, ରାଜୀବ ଲୋଚନ ଜେନା, ଦୀପକ ମହାନ୍ତି, ବନମାଳୀ ବେହେରାଙ୍କ ସମେତ ବିଭିନ୍ନ ପଞ୍ଚାୟତର ବିଜେଡି ସମର୍ଥିତ ସରପଞ୍ଚ ଓ ସମିତିସଭ୍ୟ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ। ଅପରପକ୍ଷେ ଅଧ୍ୟକ୍ଷ ଘଡ଼େଇ କହିଛନ୍ତି, ସେ ବ୍ଲକ ଅଧ୍ୟକ୍ଷ ହେବା ପୂର୍ବରୁ ତାଙ୍କ ବ୍ୟବସାୟ ପାଇଁ ସେ ୨୦୦୯ରେ ଭେଣ୍ଡର କୋଡ୍ ଖୋଲିଥିଲେ। ଏବେ ତାଙ୍କ ସହ ଜଣେ ଆସିଷ୍ଟାଣ୍ଟ ଇଞ୍ଜିନିୟର ଓ ଜେଇଙ୍କ ମିଳିତ ଆକାଉଣ୍ଟରେ ଭେଣ୍ଡର କୋଡ୍ ଖୋଲାଯାଇଛି। ଏଥିରେ କୌଣସି ଦୁର୍ନୀତି ହୋଇନାହିଁ। ରାଜନୈତିକ ଆକ୍ରୋଶରୁ ଏପରି ଅଭିଯୋଗ କରାଯାଇଛି। ଏହାର ତଦନ୍ତ କରାଗଲେ ସତ୍ୟ ସାମ୍ନାକୁ ଆସିବ ବୋଲି ସେ କହିଛନ୍ତି।

# ୨୭ବର୍ଷର ପୁରୁଣା ଫାଇଲ୍, ରେକର୍ଡପତ୍ର ଗାଏବ

## ଜିଲା ନିର୍ବାଚନ କାର୍ଯ୍ୟାଳୟ ଷ୍ଟୋର୍ ରୁମ୍‌ରୁ ଚୋରି

ବାଲେଶ୍ୱର, ୨୯।୧୧(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ଅସୁରକ୍ଷିତ ହୋଇପଡ଼ିଛି। ସିକ୍ୟୁରିଟି ଗାର୍ଡ ଓ ସିସିଟିଭି ଲାଗିଥିବା ବେଳେ ଜିଲା ନିର୍ବାଚନ କାର୍ଯ୍ୟାଳୟ ଷ୍ଟୋର୍ ରୁମ୍‌ରୁ ୨୭ବର୍ଷର ପୁରୁଣା ଫାଇଲ୍ ଓ ରେକର୍ଡପତ୍ର ଗାଏବ ସହ ବିଭିନ୍ନ ସାମଗ୍ରୀ ଚୋରି ହେବା ପ୍ରଶାସନ ଓ ପୋଲିସର ପାରିବାପଣିଆ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ ହୋଇଛି। ଏହା ବିଭାଗୀୟ ଅଧିକାରୀଙ୍କ ସଲାସୂତରାରେ ଗାଏବ କରାଯାଇଛି ନା ପ୍ରକୃତରେ ଚୋରି ହୋଇ ତାହା ତଦନ୍ତସାପେକ୍ଷ। ବାଲେଶ୍ୱର ଜିଲା ନିର୍ବାଚନ କାର୍ଯ୍ୟାଳୟ ଷ୍ଟୋର୍ ରୁମ୍‌ରୁ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଡେପୁଟି କଲେକ୍ଟର (ନିର୍ବାଚନ) ସହଦେବଖୁଣ୍ଟା ଥାନାରେ ଶନିବାର ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ. ୪୪୭/୨୫) ରୁଜୁ କରି ତଦନ୍ତ ଜାରି ରଖିଛି। ଦୀର୍ଘବର୍ଷ ଧରି ଏହି ଷ୍ଟୋର୍ ରୁମ୍‌ରେ ନିର୍ବାଚନ ସମ୍ବନ୍ଧୀୟ ସମସ୍ତ ରେକର୍ଡ ପତ୍ର ଓ ସାମଗ୍ରୀ ରହିଥିଲା। ୧୯୯୫ରୁ ୨୦୨୧ ମସିହା ପର୍ଯ୍ୟନ୍ତ ପୁରୁଣା ଫାଇଲ୍ ଓ ରେକର୍ଡପତ୍ର ସହ ଇ-ରୋଲ୍ ସିଡି, କମ୍ପ୍ୟୁଟର, ପ୍ରିଣ୍ଟର, ଲ୍ୟାଣ୍ଡ ଫୋନ୍, ଟାଇପ୍ ରାଇଟର, ଲଣ୍ଠନ ଆଦି ସାମଗ୍ରୀ ଚୋରି ହୋଇଥିବା ଏତଲାରେ ଦର୍ଶାଯାଇଛି। ତେବେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଏହି ଷ୍ଟୋର ରୁମ୍‌ରୁ କିଭଳି ଚୋରି ହେଲା ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜିଲାର ସମସ୍ତ ନିର୍ବାଚନମଣ୍ଡଳୀର ନିର୍ବାଚନ ସମ୍ବନ୍ଧୀୟ ରେକର୍ଡପତ୍ର ଏଠାରେ ରହୁଥିବା ବେଳେ ଅକସ୍ମାତ୍ ଏସବୁ କିଏ ଗାଏବ କଲା ତାହା ତଦନ୍ତସାପେକ୍ଷ। ଅଭିଯୋଗ କ୍ରମେ ଆଇଆଇସି ବିଜୟ କୁମାର ଦାସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।





4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
52 Years
ପୃଷ୍ଠା–୮+୮
ଭୁବନେଶ୍ୱର, ରବିବାର, ନଭେମ୍ବର ୩୦/୨୦୨୫ (୮+୮=୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, November 30/2025 | Page 16 | ₹ 7.00 | BALASORE
୫୨ଶ ଭାଗ ୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 7 | ମୂଲ୍ୟ ₹୭/-

# ରାଶନ କାର୍ଡରୁ ନାଁ ବାଦ୍: ବିରୋଧୀଙ୍କ ହଙ୍ଗାମା

**ରାଜ୍ୟରେ ଯେଉଁ କେତେକ ପ୍ରସଙ୍ଗ ଉପରେ ଶାସକ ଓ ବିରୋଧୀଙ୍କ ମଧ୍ୟରେ ଆରୋପ ପ୍ରତ୍ୟାରୋପ ଜାରି ରହିଛି ସେଥିମଧ୍ୟରେ ରାଶନ କାର୍ଡ ଅନ୍ୟତମ। ରାଶନ କାର୍ଡ ହିତାଧିକାରୀଙ୍କ ପାଇଁ ଅନେକ ସରକାରୀ ସୁବିଧା ସୁଯୋଗ ରହିଥିବାରୁ ଏହାକୁ ନେଇ ରାଜନୀତି ଚାଲିଆସିଛି। ଏହାସହ ଏଥିରେ ମୃତ ହିତାଧିକାରୀଙ୍କ ନାଁରେ ସାମଗ୍ରୀ ଓ ଅର୍ଥ ହଡ଼ପ ଭଳି ଅନେକ ଅନିୟମିତତା ହୋଇଆସୁଥିବାବେଳେ ଯୋଗ୍ୟଙ୍କୁ ବାଦ୍ ଦେଇ ଅଯୋଗ୍ୟଙ୍କୁ ରାଶନ କାର୍ଡ ମିଳିଥିବା ଅଭିଯୋଗ ମଧ୍ୟ ବେଶ୍ ପୁରୁଣା। ଏଭଳିସ୍ଥଳେ ଶାସକ ଦଳକୁ ସୁହାଇଲା ଭଳି ହିତାଧିକାରୀ ଚୟନ ହେଉଥିବା ବିରୋଧୀ ଦଳ ଅର୍ଥାତ୍ ୨୦୨୪ ପୂର୍ବରୁ ଭାଜପା, କଂଗ୍ରେସ ଏବଂ ଏବେ ବିଜେଡି, କଂଗ୍ରେସ ଅଭିଯୋଗ କରୁଛନ୍ତି। ସମ୍ପ୍ରତି ସରକାର ରାଶନ କାର୍ଡ ହିତାଧିକାରୀ ତାଲିକାରୁ ଅଯୋଗ୍ୟଙ୍କ ନାଁ କାଟିବା ଏବଂ ନୂଆ ଯୋଗ୍ୟ ହିତାଧିକାରୀଙ୍କ ନାଁ ଯୋଡ଼ିବାକୁ ଉଦ୍ୟମ ଚଳାଇଥିବାବେଳେ ପୁଣି ଜୋର ଧରିଛି ରାଜନୀତି। ଏହାକୁ ନେଇ ଶନିବାର ବିଧାନସଭାରେ ବିରୋଧୀଙ୍କ ପକ୍ଷରୁ ମୁଲତବୀ ଆଲୋଚନା ହୋଇଥିବାବେଳେ ବିରୋଧୀ ଏବଂ ଶାସକ ଦଳ ସଦସ୍ୟମାନେ ପରସ୍ପରର ଦୋଷଦୁର୍ବଳତା ବଖାଣିଛନ୍ତି।**

ଭୁବନେଶ୍ୱର,୨୯।୧୧(ସୁନିତ୍ ମିଶ୍ର)

ବିଧାନସଭାରେ ଶନିବାର ରାଶନକାର୍ଡ ତାଲିକାରୁ ନାମ ବାଦ୍ ପ୍ରସଙ୍ଗରେ ବିରୋଧୀ ସରକାରଙ୍କୁ ଘେରିଛନ୍ତି। ଇ-କେୱାଇସି ନେଇ ଯେଉଁ ତଥ୍ୟ ମନ୍ତ୍ରୀ ଦେଉଛନ୍ତି ତାହା ସି-ଗ୍ରେଡ୍‌ରେ ଯିବ, ଯାହା ଗ୍ରହଣଯୋଗ୍ୟ ନୁହେଁ। ମହଙ୍ଗା ଦର ଆକାଶଛୁଆଁ ହେଲାଣି ତଥାପି ରାଜ୍ୟର ସରକାର 'ଚାଙ୍ଗାସୀ'(ସବୁ ଠିକ୍)। ଯିଏ ଏବେ ସରକାରଙ୍କୁ ପ୍ରଶ୍ନ କରିବ ସେ ଦେଶଦ୍ରୋହୀ ହୋଇଯିବ। ଏବେ ରାଜ୍ୟରୁ ରାଶନକାର୍ଡ ହିତାଧିକାରୀଙ୍କ ସଂଖ୍ୟା କମ୍ କରିବା ସରକାରଙ୍କ ମୁଖ୍ୟ ଲକ୍ଷ୍ୟ ପାଲଟିଛି। ସାରା ଦେଶରେ ବିଭିନ୍ନ ଯୋଜନାରୁ ୨ କୋଟି ହିତାଧିକାରୀଙ୍କୁ ନାନା ପ୍ରକାର କାରଣ ଦର୍ଶାଇ ବାଦ୍ ଦିଆସରିଲାଣି। ରାଜ୍ୟରୁ ବହୁ ଯୋଗ୍ୟ ରାଶନକାର୍ଡ ହିତାଧିକାରୀ କଟିସାରନ୍ତେଣି। ହେଲେ ନୂଆପଡା ଉପନିର୍ବାଚନ ଲାଗି ଆସନ୍ତା ଡିସେମ୍ବର ୩୧ ପର୍ଯ୍ୟନ୍ତ ଏହି ସମୟ ଗଡ଼ାଯାଇଛି। ବିଭିନ୍ନ ଜିଲାରୁ ଏବେ ରାଶନକାର୍ଡ ରଖିଥିବା ହିତାଧିକାରୀଙ୍କ ସଂଖ୍ୟା କମାଇବା ପାଇଁ ଏହା ଭିତରେ ରାଜ୍ୟ ସରକାର ସବୁ ଜିଲାପାଳଙ୍କୁ ୨ ଥର ଚିଠି ଦେଲେଣି। ଜିଲାପାଳମାନେ ପଞ୍ଚାୟତ ଅଧିକାରୀଙ୍କୁ ଚିଠି ଲେଖି ଯେତେ ଅଧିକ ହିତାଧିକାରୀଙ୍କୁ କଟାଯାଇପାରିବ ସେଦିଗରେ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଥିବା ବିରୋଧୀ ଦଳ ସଦସ୍ୟ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି।

ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଏବଂ ଅନ୍ୟ ସଦସ୍ୟମାନେ ଶନିବାର ଗୃହରେ 'ଇ-କେୱାଇସି ପରେ ଏବେ ସର୍ଭେ ଆଳରେ ଲୋକଙ୍କ ରାଶନ କାର୍ଡ ସରକାର କାଟୁଛନ୍ତି, ଲୋକେ ହନ୍ତସନ୍ତ' ମୁଲତବୀ ପ୍ରସ୍ତାବ ଆଗତ କରିଥିଲେ। ଏହା ଉପରେ ଆଲୋଚନାରେ ପ୍ରଥମେ ଭାଗନେଇ ରଣେନ୍ଦ୍ର କହିଛନ୍ତି, ଜିଲାପାଳ ପଞ୍ଚାୟତ ଅଧିକାରୀମାନଙ୍କୁ ଯେଉଁ କେତୋଟି ପଏଣ୍ଟରେ ହିତାଧିକାରୀ ☞ପୃଷ୍ଠା–୩



## ମୁଲତବୀ ଆଲୋଚନା

### ଯେତେ ଅଧିକ ହିତାଧିକାରୀଙ୍କୁ କାଟିପାରିବ ବୋଲି ଜିଲାପାଳଙ୍କୁ ନିର୍ଦ୍ଦେଶ: ରଣେନ୍ଦ୍ର

## ଅଯୋଗ୍ୟ କଟିବାରୁ ୨୧୦ କୋଟି ବଞ୍ଚିଛି: ମନ୍ତ୍ରୀ

ଭୁବନେଶ୍ୱର,୨୯।୧୧(ସୁନିତ୍ ମିଶ୍ର)

ମୁଲତବୀ ପ୍ରସ୍ତାବରେ ବିରୋଧୀ ଆଣିଥିବା ଅଭିଯୋଗକୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଖଣ୍ଡନ କରିଛନ୍ତି। ସେ ଏହାର ଜବାବରେ କହିଛନ୍ତି, ଇ-କେୱାଇସି ସର୍ଭେ ଆଳରେ ଗତ ଜୁନ୍‌ଠାରୁ ଜଣେ ହେଲେ ଯୋଗ୍ୟ ବ୍ୟକ୍ତିଙ୍କ ରାଶନକାର୍ଡ କଟାଯାଇନାହିଁ। ଗତ ଜୁନ୍‌ରୁ ଅଦ୍ୟାବଧି ଏନ୍‌ଏଫ୍‌ଏସ୍(ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା) ୨୦୧୩ ଆଇନ ଅନୁଯାୟୀ ୯୯ ଲକ୍ଷ ୫୨ ହଜାର ୧୫୩ ପରିବାରର ୩ କୋଟି ୨୭ ଲକ୍ଷ ୮୭ ହଜାର ୨୬୩ ଜଣଙ୍କୁ ଚାଉଳ ବଣ୍ଟନ କରାଯାଉଛି। ଅଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କିଛି ନୂଆ କଥା ନୁହେଁ। ୨୦୧୫ରୁ ୨୦୨୪ ମଧ୍ୟରେ ଏହି ପ୍ରକ୍ରିୟା ଗତ ସରକାର କରିଥିଲେ। ସେଥିରେ ୧୦ ଲକ୍ଷରୁ ଅଧିକ ପରିବାରର ୩୦ ଲକ୍ଷ ହିତାଧିକାରୀଙ୍କ କାର୍ଡ କଟାଯାଇଥିଲା। କେବଳ ସେତିକି ନୁହେଁ, ଲୋକଙ୍କୁ ଅକଥନୀୟ ଅତ୍ୟାଚାର କରାଯିବା ସହ ମହିଳାଙ୍କୁ ମଧ୍ୟ ଛଡ଼ାଯାଇ ନ ଥିଲା, ଜେଲରେ ପୂରାଯାଇଥିଲା।

- **୮ ଲକ୍ଷ ୧୬ ହଜାର ୦୫୬ ଅଯୋଗ୍ୟ କଟିଛନ୍ତି**
- **୬ ଲକ୍ଷ ୩୯ ହଜାର ୮୨୭ ନୂଆ କାର୍ଡ ଦିଆଯାଇଛି**
- **ସେପ୍ଟେମ୍ବର, ଅକ୍ଟୋବର, ନଭେମ୍ବରରେ ମାଗଣା ୫ କେଜି ଚାଉଳ ଦିଆଯାଇଛି**
- **ରାଜ୍ୟରେ ୧୫ ଲକ୍ଷ ନୂଆ ହିତାଧିକାରୀଙ୍କୁ ଯୋଡ଼ିବାକୁ ନିର୍ଦ୍ଦେଶ**

ଏହାସହ ଲୋକଙ୍କୁ ଅର୍ଥଦଣ୍ଡ ମଧ୍ୟ ଦେଇ ଭୟର ବାତାବରଣ ସୃଷ୍ଟି କରାଯାଇଥିଲା। ୬ ଲକ୍ଷ ୯୫ ହଜାର ୫୩୦ ମୃତ ହିତାଧିକାରୀ ଚିହ୍ନଟ କରାଯାଇ ସେମାନଙ୍କ କାର୍ଡ କଟାଯାଇଛି, ଯେଉଁମାନଙ୍କୁ ଭୂତ ହିତାଧିକାରୀ କୁହାଯାଉଛି। ୭୫,୦୩୦ ସରକାରୀ ଚାକିରିଆ କାର୍ଡ ହାତେଇଥିଲେ, ସେମାନଙ୍କ କାର୍ଡ କଟାଯାଇଛି। ଇନ୍‌କମ୍ ଟ୍ୟାକ୍ସ ଦେଉଥିବା ୪୫ ହଜାର ୪୯୬ ଜଣଙ୍କ କାର୍ଡ କଟାଯାଇଛି। ଏହିପରି ମୋଟ୍ ୮ ଲକ୍ଷ ୧୬ ହଜାର ୦୫୬ ଜଣଙ୍କ ରାଶନ କାର୍ଡ କଟାଯାଇଛି। ଏହାଦ୍ୱାରା ☞ପୃଷ୍ଠା–୩










# ବିପଦରେ ଗୋବରଘାଟା, ବୈରାଟଆଡ଼ି ନଦୀବନ୍ଧ



ଗୋବରଘାଟା ଗାଁ ବୈରାଟଆଡି ପୋଖରୀ ବନ୍ଧ ନିକଟରେ ନଦୀତଟ ସୁରକ୍ଷା ପାଇଁ କାମ ଚାଲିଛି।



ନଦୀ କୂଳରୁ ବେଆଇନ ବାଲି ଉତ୍ତୋଳନ କରାଯାଉଛି।

## ଗୋଟିଏପଟେ ତଟ ସୁରକ୍ଷା, ଅନ୍ୟପଟେ ବାଲି ଉତ୍ତୋଳନ

ଜଳେଶ୍ୱର, ୨୯।୧୧(ନବୀନ ସାହୁ)

ବାଲେଶ୍ୱର ଜିଲା ଜଳେଶ୍ୱର ତହସିଲ ଅଧୀନ ଗୋବରଘାଟା ଗାଁ ଏବେ ସୁବର୍ଣ୍ଣରେଖା ଆଁ ଭିତରେ। ବିଶେଷକରି ଏହି ଗାଁର ବୈରାଟଆଡି ପୋଖରୀ ବନ୍ଧ ନିକଟରେ ନଦୀ କୂଳ ଖାଉଛି। ସେହି ସ୍ଥାନରେ ତଟ ସୁରକ୍ଷା ପାଇଁ ଜଳସମ୍ପଦ ବିଭାଗ ପକ୍ଷରୁ ୫ କୋଟି ଟଙ୍କାର କାମ ଆରମ୍ଭ ହୋଇଛି। ସେହି ସ୍ଥାନରୁ ବାଲି ଚୋରାଚାଲାଣକାରୀମାନେ ମେଳି କରି ୬୦ରୁ ଊର୍ଦ୍ଧ୍ୱ ଲୁହା ଡଙ୍ଗାରେ ବାଲି ଉତ୍ତୋଳନ କରୁଥିବା ବେଳେ ପ୍ରଶାସନ ନୀରବଦ୍ରଷ୍ଟା ସାଜିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସୁବର୍ଣ୍ଣରେଖା ତଟଦେଶରେ ଥିବା ବାଲେଶ୍ୱର ଜିଲାର ଯେକୌଣସି ଗାଁ ମଧ୍ୟରୁ ଗୋବରଘାଟା ଗାଁ ସବୁଠାରୁ ସମ୍ବେଦନଶୀଳ ଗାଁ। ଏହି ଗାଁ ନିକଟରେ ଓ ଗାଁ ନିକଟସ୍ଥ ବୈରାଟଆଡ଼ି ପୋଖରୀ ନଦୀବନ୍ଧ ଉପରେ କେବଳ ଗୋବରଘାଟା ଗାଁ ନୁହେଁ ପଡ଼ୋଶୀ ଲକ୍ଷ୍ମଣନାଥ ପଞ୍ଚାୟତ ସମେତ ଜଳେଶ୍ୱର ମ୍ୟୁନିସିପାଲିଟି ବନ୍ୟାକାଳୀନ ସୁରକ୍ଷା ନିର୍ଭର କରେ। ଗତ କିଛିବର୍ଷ ପୂର୍ବରୁ ସୁବର୍ଣ୍ଣରେଖା ନଦୀ ଏହି ଗାଁଠାରୁ ବେଶ କିଛି ଦୂରରେ ଅର୍ଥାତ୍ ନଦୀର ଅପରପାର୍ଶ୍ୱରେ ଥିବା ଦକ୍ଷିଣ ପ୍ରହରାଜପୁର ଗାଁ ନିକଟରେ ଥିଲା। କିନ୍ତୁ କ୍ରମାଗତ ଭାବେ ନଦୀ ଗୋବରଘାଟା ଗାଁର ସ୍ଥଳଭାଗକୁ ଗିଳି ଚାଲିଛି। ବିଶେଷ କରି ଗୋବରଘାଟା ଶ୍ମଶାନ ନିକଟରେ ନଦୀ ଭୟଙ୍କର ରୂପ ଗ୍ରାମବାସୀଙ୍କୁ ଡରାଉଛି। ବୈରାଟଆଡ଼ି ବନ୍ଧ ନିକଟରେ ମଧ୍ୟ ସମାନ ଅବସ୍ଥା। ଏହି ବିପଦସଙ୍କୁଳ ସ୍ଥାନରେ ତଟ ସୁରକ୍ଷା ପାଇଁ ଗ୍ରାମବାସୀଙ୍କ ବାରମ୍ବାର ଦାବି ପରେ ବୈରାଟଆଡି ନିକଟରେ ଦୁଇଟି ସ୍ପର ନିର୍ମାଣ ସହ ଶ୍ମଶାନ ନିକଟରେ ୧୭୦ ମିଟର ପଥର ଲଞ୍ଚ୍ ପ୍ୟାକିଂ ପାଇଁ ୫କୋଟି ଟଙ୍କାର ଯୋଜନା ହୋଇଥିଲା। ଯେଉଁ କାମ ଏବେ ଆରମ୍ଭ ହୋଇଛି। ହେଲେ ନଦୀ କୂଳ ଖାଉଥିବା ବେଳେ ବାଲି ମାଫିଆଙ୍କ ସେନେଇ ଚିନ୍ତା କି ଡର ଭୟ ନାହିଁ। ବାଲି ଚୋରାଚାଲାଣକାରୀମାନେ ବିଭିନ୍ନ ଗୋଷ୍ଠୀରେ ବିଭକ୍ତ ହୋଇ ବେଆଇନ ଭାବେ ୫୦ରୁ ଊର୍ଦ୍ଧ୍ୱ ଲୁହା ଡଙ୍ଗା ସାହାଯ୍ୟରେ ବାଲି ଉତ୍ତୋଳନ କରୁଛନ୍ତି। ବାଲି ଉତ୍ତୋଳନ କାମରେ ସ୍ଥାନୀୟ ଅଞ୍ଚଳର ୨୦୦ରୁ ଊର୍ଦ୍ଧ୍ୱ ଶ୍ରମିକଙ୍କୁ ନିୟୋଜିତ କରାଯାଇଛି। ପ୍ରଶାସନିକ କାର୍ଯ୍ୟାନୁଷ୍ଠାନକୁ ଏଡ଼ାଇବା ପାଇଁ ରାତି ୪ଟାରୁ ବାଲି ଉତ୍ତୋଳନ ଆରମ୍ଭ ହୋଇ ସକାଳ ୯ଟା ଯାଏ ଚାଲୁଛି। ସ୍ଥାନୀୟ ଅଞ୍ଚଳକୁ ଟ୍ରାକ୍ଟରରେ ଓ ପଶ୍ଚିମବଙ୍ଗକୁ ଡମ୍ପର ସାହାଯ୍ୟରେ ବାଲି ଚାଲାଣ ହେଉଛି। ଏପରିକି ନଦୀବନ୍ଧ ପାର୍ଶ୍ୱରେ ଓ ବିଭିନ୍ନ ରାସ୍ତା ପାର୍ଶ୍ୱରେ ଶହ ଶହ ଟ୍ରାକ୍ଟର ବାଲି ମଧ୍ୟ ମହଜୁଦ ରହିଛି। ସେହି ରାସ୍ତା ଦେଇ ଖଣି, ରାଜସ୍ୱ ଓ ପୋଲିସ ଅଧିକାରୀ ଏଣେତେଣେ ଯାଉଥିଲେ ମଧ୍ୟ ସେମାନଙ୍କ ଆଖିରେ ବାଲି ମହଜୁଦର ଦୃଶ୍ୟ କିପରି ପଡୁନି ତାହା ସାଧାରଣରେ ବିସ୍ମୟ ସୃଷ୍ଟି କରିଛି। ଏନେଇ ଜଳେଶ୍ୱର କନିଷ୍ଠ ଖଣି ଅଧିକାରୀ ତାପସ ବେହେରାଙ୍କୁ ପଚାରିବାରୁ ସେ କହିଥିଲେ ଆମେ ଚଢ଼ାଉ ଜାରି ରଖିଛୁ ଆଗକୁ ମଧ୍ୟ ବଡ ଧରଣର ଚଢାଉ କରାଯିବ।

# ‘କବି ତୀର୍ଥ ଶାନ୍ତିକାନନର ଉନ୍ନତି ଉପରେ ଗୁରୁତ୍ୱ ଦିଆଯାଉ’

## ବିଧାନସଭାରେ ପ୍ରଶ୍ନ ଉଠାଇଲେ ବିଧାୟକ ମାନସ



ବାଲେଶ୍ୱର, ୨୯।୧୧(ବାଞ୍ଛାନିଧି ଦେ)

ଓଡ଼ିଶାରେ ନୂତନ ସରକାର ଗଠନର ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଥା ସମ୍ରାଟ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ସ୍ମୃତିପୀଠର ଉନ୍ନତି ପାଇଁ ଘୋଷଣା କରିଥିଲେ। ଏ ଦିଗରେ ସରକାରଙ୍କ ସଂସ୍କୃତି ବିଭାଗର ଉଦ୍ୟମ ସମ୍ପର୍କରେ ଜାଣିବାକୁ ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ ବିଧାନସଭା ଶୀତକାଳୀନ ଅଧିବେଶନରେ ପ୍ରଶ୍ନ ଉଠାଇଥିଲେ। ବ୍ୟାସକବିଙ୍କ ଜନ୍ମସ୍ଥାନ ଶାନ୍ତିକାନନ ପୀଠର ଉନ୍ନତି ମାଧ୍ୟମରେ ଫକୀର ମୋହନଙ୍କ ସ୍ମୃତି ଉଦ୍‌ଜୀବିତ ରଖିବା ପାଇଁ ଏକ ବୈଷୟିକ ଦଳ ଦ୍ୱାରା ଘୋଷିତ ପ୍ରକଳ୍ପର ପୂର୍ଣ୍ଣାଙ୍ଗ ଡିପିଆର୍ ପ୍ରସ୍ତୁତି ସହ ସ୍ୱତନ୍ତ୍ର ବଜେଟ ବ୍ୟବସ୍ଥା କରିବା ଦିଗରେ ସରକାରଙ୍କ ପଦକ୍ଷେପ ସମ୍ପର୍କରେ ବିଧାୟକ ଦତ୍ତ ଜାଣିବାକୁ ଚାହିଁଥିଲେ।

ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଏହି ପ୍ରଶ୍ନର ଉତ୍ତରରେ କହିଥିଲେ ଯେ, ରାଜ୍ୟର ବରପୁତ୍ର ଓ ସ୍ୱାଧୀନତା ସଂଗ୍ରାମୀଙ୍କୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ସେମାନଙ୍କ ଜନ୍ମସ୍ଥାନଗୁଡ଼ିକୁ ସ୍ମାରକୀ ଭାବେ ରୂପାନ୍ତରିତ ପାଇଁ ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନା ଶୁଭାରମ୍ଭ କରାଯାଇଛି। ଏହି କ୍ରମରେ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜନ୍ମସ୍ଥାନ ବାଲେଶ୍ୱର ସହରର ମଲ୍ଲିକାଶପୁରସ୍ଥିତ କବିତୀର୍ଥ ଶାନ୍ତିକାନନକୁ ବରପୁତ୍ର ଐତିହ୍ୟ ଗ୍ରାମ ରୂପେ ଚୟନ କରାଯାଇଛି। ଯୋଜନା ଅନୁଯାୟୀ ଶାନ୍ତିକାନନ ସ୍ମୃତିପୀଠର ଉନ୍ନତି ପାଇଁ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ମନ୍ତ୍ରୀ ସୂର୍ଯ୍ୟବଂଶୀ କହିଛନ୍ତି।

# ‘ଡ୍ରପ୍ ଆଉଟ୍ ସଂଖ୍ୟା ହ୍ରାସ ହେଉ’

## ବିଧାନସଭାରେ ପ୍ରଶ୍ନ ଉଠାଇଲେ ବିଧାୟିକା ସୁବାସିନୀ

ବାଲେଶ୍ୱର, ୨୯।୧୧(ବାଞ୍ଛାନିଧି ଦେ)



ଚଳିତ ବିଧାନସଭାର ଶୀତକାଳୀନ ଅଧିବେଶନର ଦ୍ୱିତୀୟ ଦିବସରେ ଶୁକ୍ରବାର ଅନୁଷ୍ଠିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଭାଗନେଇ ବସ୍ତା ବିଧାୟିକା ସୁବାସିନୀ ଜେନା ବସ୍ତା ନିର୍ବାଚନମଣ୍ଡଳୀରେ ପ୍ରାଥମିକ ଏବଂ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ଡ୍ରପଆଉଟ୍ ସଂଖ୍ୟା ହାରାହାରି କେତେ ଏବଂ ବାଲେଶ୍ୱର ଜିଲାରେ ଏହାକୁ ହ୍ରାସ କରିବା ପାଇଁ ସରକାରଙ୍କ ପକ୍ଷରୁ କଣ ସବୁ ପଦକ୍ଷେପ ନିଆଯାଉଛି ଜାଣିବାକୁ ଚାହିଁଥିଲେ। ଏଥିସହିତ ଆଉ ଦୁଇଟି ସପ୍ଲିମେଣ୍ଟାରୀ ପ୍ରଶ୍ନରେ ବର୍ତ୍ତମାନ ରାଜ୍ୟରେ ମାଧ୍ୟମିକ ଡ୍ରପ୍ ଆଉଟ୍ ହାର ୨୭.୩ ପ୍ରତିଶତ ଥିବା ବେଳେ, ପ୍ରାଥମିକ ଏବଂ ମାଧ୍ୟମିକ ବିଦ୍ୟାଳୟ ଛାଡୁଥିବା ପିଲାଙ୍କ ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ଚିହ୍ନଟ କରାଯାଇଥିବା ପ୍ରମୁଖ କାରଣ କଣ ବୋଲି ପଚାରିଥିଲେ। ଗତ ଦୁଇବର୍ଷ ମଧ୍ୟରେ ବାଲେଶ୍ୱର ଜିଲା ସମେତ ସମଗ୍ର ରାଜ୍ୟରେ ପାଠପଢ଼ା ବା ସ୍କୁଲ ଛାଡ଼ିଥିବା କେତେ ସଂଖ୍ୟକ ପିଲାଙ୍କୁ ଚିହ୍ନଟ କରି ପୁଣି ସ୍କୁଲରେ ନାମ ଲେଖାଯାଇଛି ଏବଂ ସମଗ୍ର ରାଜ୍ୟରେ ଆଦିବାସୀ ଏବଂ ସଂଖ୍ୟାଲଘୁ ବହୁଳ ଅଞ୍ଚଳରେ ଯେଉଁଠାରେ ଡ୍ରପ୍‌ଆଉଟ୍ ହାର ତୁଳନାତ୍ମକ ଭାବରେ ଅଧିକ, ସେଠାରେ ଡ୍ରପ୍ ଆଉଟ୍ ହାର ହ୍ରାସ କରିବା ପାଇଁ କ’ଣ ବିଶେଷ ପଦକ୍ଷେପ ନିଆଯାଉଛି, ତାହା ଜଣାଇବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କୁ ପ୍ରଶ୍ନ କରିଥିଲେ।

ଏହାର ଉତ୍ତରରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଡ୍ରପ୍ ଆଉଟ୍ ହାର ହ୍ରାସ କରିବା ପାଇଁ ସରକାରଙ୍କ ବିଭିନ୍ନ ପଦକ୍ଷେପ ସମ୍ବନ୍ଧରେ ସୂଚନା ଦେଇଥିଲେ। ଚାଇଲ୍ଡଟ୍ରାକିଂ ସର୍ଭେ ମାଧ୍ୟମରେ, ଆସ ସ୍କୁଲ ଯିବା ଅଭିଯାନ, ପିଲାମାନଙ୍କ ଅଭିଭାବକମାନଙ୍କ ସହ ଆଲୋଚନା ଏବଂ ବିଭିନ୍ନ ସମୟରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରି ପିଲାମାନଙ୍କୁ ସ୍କୁଲକୁ ଫେରାଇ ଆଣିବାକୁ ଚେଷ୍ଟା ଜାରି ରହିଛି ବୋଲି କହିଥିଲେ। ସେହିପରି ଆଦିବାସୀ ଏବଂ ସଂଖ୍ୟାଲଘୁ ବହୁଳ ଅଞ୍ଚଳରେ ଡ୍ରପ୍ ଆଉଟ୍ ହାର ତୁଳନାତ୍ମକ ଭାବରେ ଅଧିକ ବୋଲି ମନ୍ତ୍ରୀ ସ୍ୱୀକାର କରିବା ସହ ଏଥିପାଇଁ ମଧୋ ସିଂ ଯୋଜନା ଲାଗୁ କରାଯାଇଛି ବୋଲି କହିଥିଲେ। ଏଥିସହ ବସ୍ତା ନିର୍ବାଚନମଣ୍ଡଳୀର ୩୨୯ ଡ୍ରପ୍ ଆଉଟ୍ ପିଲାଙ୍କ ମଧ୍ୟରୁ ୩୦୦ ଜଣଙ୍କୁ ଫେରାଇ ଅଣାଯାଇଛି ଏବଂ ବହୁଶୀଘ୍ର ଆଉ ୨୯ ପିଲାଙ୍କୁ ଫେରାଇ ଅଣାଯିବ ବୋଲି ଉତ୍ତର ରଖିଥିଲେ।

# ‘କ୍ରୀଡ଼ାବିତ୍‌ଙ୍କ ପ୍ରତିଭା ବିକାଶର ପ୍ଲାଟ୍‌ଫର୍ମ’

ବାଲେଶ୍ୱର, ୨୯।୧୧(ବାଞ୍ଛାନିଧି ଦେ)



ଏମ୍‌ପିଙ୍କ ସମେତ ଅଧିକାରୀମାନେ ଶପଥ ପାଠ କରୁଛନ୍ତି।

## ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟିତ

ବାଲେଶ୍ୱର ପରମିଟ୍ ପଡ଼ିଆରେ ଶନିବାର ସାଂସଦ ଖେଳ ମହୋତ୍ସବ-୨୦୨୫ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏହି ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ‘ଫିଟ୍ ଇଣ୍ଡିଆ’ ଅଭିଯାନକୁ ଘରେ ଘରେ ପହଞ୍ଚାଇବା ସହିତ ବିକଶିତ ଭାରତ ୨୦୪୭ ଏହାର ମୁଖ୍ୟ ଲକ୍ଷ୍ୟ। ଏହା କ୍ରୀଡ଼ାବିତ୍‌ଙ୍କ ପ୍ରତିଭା ବିକାଶର ପ୍ଲାଟଫର୍ମ। ରାଷ୍ଟ୍ର ପାଇଁ ସମସ୍ତେ ସମର୍ପିତ ହେବା ଜରୁରୀ ବୋଲି ଏମ୍‌ପି ଷଡ଼ଙ୍ଗୀ ବକ୍ତବ୍ୟରେ କହିଥିଲେ।

ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଏଥିରେ ଅଧ୍ୟକ୍ଷତା କରି କ୍ରୀଡ଼ା ସଂସ୍କୃତିକୁ ମଜଭୂତ କରିବା, କ୍ରୀଡ଼ା ଚେତନା ଜାଗ୍ରତ କରିବା ଏହାର ମୂଳ ଉଦ୍ଦେଶ୍ୟ ବୋଲି ବକ୍ତବ୍ୟରେ କହିଥିଲେ। ସମ୍ମାନନୀୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ (ସାଧାରଣ) ସୁଧାକର ନାୟକ ଯୋଗଦେଇ ଏହି ଗୌରବମୟ ଦିବସରେ ସମସ୍ତ କ୍ରୀଡ଼ାବିତ୍ ରାଷ୍ଟ୍ରର ବିକାଶ ଦିଗରେ ବ୍ରତୀ ହେବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଏସ୍‌ପି ପ୍ରତ୍ୟୁଷ ଦିବାକର, ଉପଜିଲାପାଳ ଶିବ ମାଲବୀୟ, ଜିଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ସିଭିଲ ସୋସାଇଟିର ଈଶ୍ୱର ଚନ୍ଦ୍ର ବେହେରା ଓ ପ୍ରଦୀପ ପଣ୍ଡା ମଞ୍ଚାସୀନ ଥିଲେ। ଏହି ଅବସରରେ ଏମ୍‌ପି ଷଡ଼ଙ୍ଗୀ କ୍ରୀଡ଼ା ଜ୍ୟୋତି ପ୍ରଜ୍ୱଳନ ଓ ଧ୍ୱଜା ଉତ୍ତୋଳନ କରି ମହୋତ୍ସବର ଶୁଭାରମ୍ଭ କରିଥିଲେ। ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଫୁଟବଲ୍, ଭଲିବଲ୍, କବାଡ଼ି, ଖୋ-ଖୋ, ଆଥଲେଟିକ୍ସ (୧୦୦ ମି ଦୌଡ଼, ୮୦୦ ମି ଦୌଡ଼, ଲଙ୍ଗଜମ୍ପ, ସର୍ଟ୍ ପୁଟ୍, ୧୦୦ ମି ହଡ଼ଲ୍ସ) ସହ ମ୍ୟୁଜିକ ଚେୟାର, ଟଗ ଅଫ୍ ୱାର ଏବଂ ସ୍କିପିଂ ଆଦି ଖେଳରେ ୩ହଜାର ଖେଳାଳି ଅଂଶଗ୍ରହଣ କରିବେ ବୋଲି ସୂଚନା ଦିଆଯାଇଥିଲା।

# ସିମୁଳିଆ ବଜାରରୁ ବାଇକ୍ ଚୋରି

ବାଲିଆପାଳ, ୨୯।୧୧(ଗୋପାଳ ଚନ୍ଦ୍ର ସାହୁ)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ମଧୁପୁରା ପଞ୍ଚାୟତର ସିମୁଳିଆ ଦୈନିକ ବଜାରରୁ ବାଇକ ଚୋରି ହେବା ନିତିଦିନିଆ ଘଟଣାରେ ପରିଣତ ହୋଇଛି। ଶୁକ୍ରବାର କୁଦମାନସିଂ ଗ୍ରାମର ବାଦଲ ମହାଳିକଙ୍କ ବାଇକ୍ (ନଂ. ଓଡି୦୧ଆର୍-୭୪୨୮) ସିମୁଳିଆ ବଜାରରୁ ଚୋରି ହୋଇଯାଇଛି। ଏନେଇ ଗାଡ଼ି ମାଲିକ ବାଦଲ ମହାଳିକ ବାଲିଆପାଳ ଥାନାରେ ଅଭିଯୋଗ କରିଛନ୍ତି। ବାଦଲ ଶୁକ୍ରବାର ସିମୁଳିଆ ବଜାରକୁ ଯାଇ ନିଜ ବାଇକ୍ ରାସ୍ତା କଡ଼ରେ ହଳଦୀଗୁଣ୍ଡ ବ୍ୟବସାୟ କରୁଥିବା ବଙ୍ଗାଳୀ ବ୍ୟକ୍ତିଙ୍କ ସାଇଡ୍‌ରେ ହ୍ୟାଣ୍ଡେଲ ଲକ୍ କରି ମାଛ ଆଣିବାକୁ ଯାଇଥିଲେ। କିଛି ସମୟ ପରେ ସେଠାରେ ବାଇକ୍ ନ ଥିବା ଦେଖିଥିଲେ। ଏନେଇ ସେ ବ୍ୟବସାୟୀଙ୍କୁ ପଚାରିବାରୁ ସେ ଜାଣିନାହାନ୍ତି ବୋଲି କହିଥିଲେ।

# ନବୋଦୟ ବିଦ୍ୟାଳୟରେ ଅଗ୍ନିକାଣ୍ଡ

ସୋର, ୨୯।୧୧ (ଜନ୍ମେଜୟ ମିଶ୍ର)

ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ବାଗୁଡିସ୍ଥିତ ଜବାହର ନବୋଦୟ ବିଦ୍ୟାଳୟର ଏକ ହଷ୍ଟେଲରେ ବିଦ୍ୟୁତ ସର୍ଟ୍ ସର୍କିଟରୁ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡି ପାଉଁଶ ହୋଇଯାଇଛି। ଶନିବାର ସକାଳେ ବିଦ୍ୟାଳୟ ପରିସରରେ ଥିବା ଉଦୟଗିରି କନିଷ୍ଠ ଛାତ୍ରାବାସରେ ରହୁଥିବା ପିଲାମାନଙ୍କର ବହି ଖାତା, ଲୁଗାପଟା, ଆସବାବପତ୍ର ପୋଡି ପାଉଁଶ ହୋଇଛି। ସକାଳେ ଛାତ୍ରାବାସରେ ରହୁଥିବା ଛାତ୍ରମାନେ ବିଦ୍ୟାଳୟକୁ ଯାଇଥିବା ବେଳେ ବିଦ୍ୟୁତ୍ ସର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିଥିଲା। ସୋର ଅଗ୍ନିଶମ ବିଭାଗର କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

# ପୂର୍ବତନ ସମ୍ପାଦକଙ୍କୁ ୩ବର୍ଷ ସଶ୍ରମ କାରାଦଣ୍ଡ

## ଅର୍ଣ୍ଣପାଳ ସେବା ସମିତିରେ ଆର୍ଥିକ ହେରଫେର ମାମଲା

ବାଲେଶ୍ୱର(ବାଞ୍ଛାନିଧି ଦେ)/ ଭଦ୍ରକ(ସନାତନ ରାଉତ), ୨୯।୧୧

ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ଅଧୀନ ଭଦ୍ରକ ଜିଲା ଅର୍ଣ୍ଣପାଳ ସେବା ସମବାୟ ସମିତିରେ ଆର୍ଥିକ ହେରଫେର ମାମଲାର ବିଚାର କରି ଶନିବାର ଭିଜିଲାନ୍ସ ସ୍ପେଶାଲ କୋର୍ଟ ଜଜ୍ ଲଳିତ କୁମାର ଦାଶ ପୂର୍ବତନ ସମ୍ପାଦକ ରମେଶ ଚନ୍ଦ୍ର ସେନଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଦୋଷୀଙ୍କୁ ୩ବର୍ଷ ସଶ୍ରମ କାରାଦଣ୍ଡ ସହ ୫୦ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଧିକ ୬ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି।

ପୂର୍ବତନ ସମ୍ପାଦକ ସେନ ସମିତିରୁ ୪ଲକ୍ଷ ଟଙ୍କା ହେରଫେର କରିଥିବା ଅଭିଯୋଗ ହୋଇଥିଲା। ଏହି ଟଙ୍କାର କୌଣସି ହିସାବ କିମ୍ବା ସନ୍ତୋଷଜନକ କୈଫିୟତ୍ ସେ ଦେଇପାରି ନ ଥିଲେ। ସମିତିର ଏହି ଆର୍ଥିକ ହେରଫେର ଓ ଅନିୟମିତତା ଅଭିଯୋଗ ସମ୍ପର୍କରେ ୨୦୧୩ ଅଗଷ୍ଟ ୨୪ତାରିଖରେ ବାଲେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ. ୩୨/୧୩) ରୁଜୁ ହୋଇଥିଲା। ତଦନ୍ତ ପୂର୍ବକ ଚାର୍ଜଶିଟ୍ ଦାଖଲ ହୋଇଥିଲା। ୧୩ ସାକ୍ଷୀ ଓ ଦଲିଲ ଦସ୍ତାବିଜ୍‌କୁ ଭିତ୍ତି କରି ଜଜ୍ ଦାଶ ଦୋଷୀଙ୍କୁ ଉପରୋକ୍ତ ଦଣ୍ଡରେ ଦଣ୍ଡିତ କରିଛନ୍ତି। ସରକାରଙ୍କ ପକ୍ଷରୁ ଭିଜିଲାନ୍ସର ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ରାଧାକାନ୍ତ ମହାପାତ୍ର ମକଦ୍ଦମା ପରିଚାଳନା କରୁଥିଲେ।

# ଅବକାରୀ ଚଢ଼ାଉ, ୩ ଗିରଫ

ସୋର, ୨୯।୧୧(ଜନ୍ମେଜୟ ମିଶ୍ର)

ସୋର ଅବକାରୀ ବିଭାଗ ତରଫରୁ କୁରୁଣିଆ ସମେତ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଦେଶୀମଦ ଜବତ କରାଯାଇ ୩ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ସୋର ଅବକାରୀ ଥାନାଧିକାରିଣୀ ପ୍ରଜ୍ଞାପ୍ରିୟା ନାୟକ ଏକ ଟିମ୍ ସହ ମଧୁସୂଦନପୁର ପଞ୍ଚାୟତ କୁରୁଣିଆ ଗ୍ରାମରେ ଚଢ଼ାଉ କରି ରତ୍ନାକର ଦାସଙ୍କ ନିକଟରୁ ୯୦ ଲିଟର ଦେଶୀମଦ, ଡଗରା ଗ୍ରାମର ଟିକମ ସିଂଙ୍କ ନିକଟରୁ ୩୫ ଲିଟର ଏବଂ ସବିରା ପଞ୍ଚାୟତ ତପିସା ଗ୍ରାମର ସାବିତ୍ରୀ ସାହୁଙ୍କ ନିକଟରୁ ୮୦ ଲିଟର ଦେଶୀମଦ ଜବତ କରାଯାଇଛି।

# ଭାଲୁ ଆକ୍ରମଣରେ ମହିଳା ଗୁରୁତର

ନୀଳଗିରି, ୨୯।୧୧(ପ୍ରଶାନ୍ତ ବିଶ୍ୱାଳ): ନିକଟସ୍ଥ ଜଙ୍ଗଲକୁ ଜାଳେଣି କାଠ ଆଣିବାକୁ ଯାଇ ଭାଲୁ ଆକ୍ରମଣର ଶିକାର ହୋଇଛନ୍ତି ଜଣେ ମହିଳା। ଜଙ୍ଘ ଓ ମୁଣ୍ଡରେ ଗଭୀର କ୍ଷତ ଯୋଗୁ ଗୁରୁତର ହୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି।

ନୀଳଗିରି ଏନ୍‌ଏସି ୪ନଂ. ୱାର୍ଡ ମିରିଗିଣି ପଥୁରିଆସାହି ଗ୍ରାମର ଜୟୀରାମ ଦେହୁରୀ ଏବଂ ତାଙ୍କ ସ୍ତ୍ରୀ ମୀନତି(୪୦) ନିକଟସ୍ଥ ଖଣ୍ଡିଆହୁଡ଼ି ଜଙ୍ଗଲକୁ ଜାଳେଣି କାଠ ଆଣିବାକୁ ଯାଇଥିବା ବେଳେ ହଠାତ୍ ଏକ ଭାଲୁ ମୀନତିଙ୍କୁ ପଛପଟୁ ଆକ୍ରମଣ କରିଥିଲା। ଫଳରେ ମହିଳାଙ୍କ ଜଙ୍ଘ ଏବଂ ମୁଣ୍ଡର ପଛପଟେ ଗଭୀର କ୍ଷତ ହୋଇଥିବା ଜଣାପଡ଼ିଛି। ତୁରନ୍ତ ମହିଳାଙ୍କ ସ୍ୱାମୀ ଏବଂ ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ନୀଳଗିରି ମେଡିକାଲ ଆଣିଥିଲେ। ଆଶୁ ଚିକିତ୍ସା ପରେ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ତାଙ୍କୁ ରେମୁଣା ମେଡିକାଲ କଲେଜକୁ ପଠାଇ ଦିଆଯାଇଛି। ମୀନତିଙ୍କ ଜଙ୍ଘ ହାଡ଼ ଭାଙ୍ଗିଯାଇଥିବା ବେଳେ ଖପୁରୀ ଉପୁଡ଼ିଯାଇଥିବା ସ୍ଥାନୀୟ କାଉନସିଲର ମହେନ୍ଦ୍ର ବେହେରା ସୂଚନା ଦେଇଛନ୍ତି। ନୀଳଗିରି ବନ ଅଧିକାରୀ ମନୱାର ଖାଁ କର୍ମଚାରୀଙ୍କୁ ମେଡିକାଲକୁ ପଠାଇଛନ୍ତି।

# ଚିକିତ୍ସାଧୀନ ଅବସ୍ଥାରେ ଆଖିବୁଜିଲେ ପ୍ରଧାନଶିକ୍ଷକ

ଖଇରା, ୨୯।୧୧(ଉତ୍କଳବନ୍ଧୁ ପଣ୍ଡା)



ଗୌରାଙ୍ଗ।

ବାଲେଶ୍ୱର ଜିଲା ଖଇରା ବ୍ଲକ ମହତୀପୁର ପଞ୍ଚାୟତ ଗନ୍ଧାଳୀ ଗ୍ରାମର ବାସିନ୍ଦା ତଥା ସାରକୋଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୌରାଙ୍ଗ ଚରଣମୁଖୀ(୪୯) ଶୁକ୍ରବାର ରାତିରେ ବିଶାଖାପାଟଣାର ଏକ ଘରୋଇ ହସ୍‌ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଆଖିବୁଜିଛନ୍ତି । ସେ କିଛି ମାସ ତଳେ କର୍କଟ ରୋଗରେ ଆକ୍ରାନ୍ତ ପରେ ବିଶାଖାପାଟଣାକୁ ଚିକିତ୍ସା ପାଇଁ ଯାଇଥିଲେ । ପ୍ରଥମେ କଣ୍ଟାପଡା ପରେ ତେଲଦିଆରେ ଶିକ୍ଷକତା ପରେ ସାରକୋଣାରେ ପ୍ରଧାନ ଶିକ୍ଷକ ଦାୟିତ୍ୱରେ ଥିଲେ । ତାଙ୍କର ଏଭଳି ଆକସ୍ମିକ ମୃତ୍ୟୁ ଖବର ପାଇଁ ବିଭିନ୍ନ ଶିକ୍ଷକ ସଙ୍ଗଠନ ତରଫରୁ ଶୋକ ପ୍ରକାଶ କରାଯାଇଛି।

# ଜବତ ବାଲି ଚୋରି ବେଳେ ଧରିଲା ପୋଲିସ

ଖଇରା, ୨୯।୧୧(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଖଣି ବିଭାଗ ତରଫରୁ ଚଢାଉ କରି ଖଇରା ବ୍ଲକ ପରିସରରେ ରଖାଯାଇଥିବା ବାଲିକୁ ଚୋରି କରାଯାଉଥିବା ବେଳେ ପୋଲିସ ହାତରେ ଧରା ପଡିଛି । ଖଣି ବିଭାଗ ପକ୍ଷରୁ ବାଲି ବୋଝେଇ ଟ୍ରକକୁ ଜବତ କରାଯିବା ପରେ ଟ୍ରକ ମୁକୁଳିବା ପରେ ବାଲିକୁ ବ୍ଲକ ପରିସରରେ ମହଜୁଦ ରଖାଯାଉଥିଲା। ଶନିବାର ସକାଳେ ଟ୍ରାକ୍ଟରରେ ଉକ୍ତ ବାଲିକୁ ନେଇ ଖଇରା ହାଇସ୍କୁଲରେ ଢଳା ଚାଲିଥିବା ବେଳେ ଖବର ପାଇ ଏସ୍‌ଆଇ ତପନ ଜେନା ଉକ୍ତ ଟ୍ରାକ୍ଟରକୁ ଜବତ କରି ଖଇରା ଥାନାକୁ ଆଣିଥିଲେ। ଏ ସମ୍ପର୍କରେ ଆଇଆଇସି ଭୁବନମୋହନ ସେଠୀଙ୍କ ପ୍ରତିକ୍ରିୟା ନେବାରେ ଟ୍ରାକ୍ଟର ମାଲିକଙ୍କୁ ପଚରାଉଚୁରା ପରେ ସବୁକିଛି ଜଣାପଡିବ ବୋଲି କହିଛନ୍ତି ।

# ଆଗାମୀ ପରିଚୟ ନେଇ ଠିଆହେବା ହିଁ ପ୍ରକୃତ ଶିକ୍ଷା



ଛାତ୍ରୀମାନଙ୍କ ଦ୍ୱାରା ପ୍ରଦର୍ଶିତ ନୃତ୍ୟ।

## ସାଇଦୁଃଖୀ ଶଙ୍ଖାଳୀ ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବ

ସିମୁଳିଆ,୨୯।୧୧(ସନ୍ତୋଷ ନାୟକ)

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ସାଇଦୁଃଖୀ ଶଙ୍ଖାଳି ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବ, ବାର୍ଷିକ କ୍ରୀଡା ଓ ସାଂସ୍କୃତିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ନିରାକାର ଜେନାଙ୍କ ଅଧ୍ୟକ୍ଷତାରେ କୃଷ୍ଣ ମଣ୍ଡପରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା ରୂପେ ତଳନଗର ବିଦ୍ୟାଳୟର ଶିକ୍ଷକ ତଥା ଇଂରାଜୀ ଗବେଷକ ଅନିରୁଦ୍ଧ ରାଉତ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ବୟସ ଜ୍ଞାନର ମାପକାଠି ନୁହେଁ ଓ ଆଗମୀ ପରିଚୟ ନେଇ ଠିଆହେବା ହିଁ ପ୍ରକୃତ ଶିକ୍ଷା ବୋଲି କହିଥିଲେ। ସମ୍ମାନିତ ଅତିଥି ରୂପେ ଯୁବକବି ସୂର୍ଯ୍ୟମଣୀ ବୋଇତି ପ୍ରତ୍ୟେକ ଜୀବନର ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ରହିଛି, ଜଣେ ସାଧାରଣ ମଣିଷ ଅସାଧାରଣ କଥା ଚିନ୍ତା କରିପାରେ ବୋଲି କହିଥିଲେ। ସେହିପରି ମୁଖ୍ୟଅତିଥି କମଳାକାନ୍ତ ପତି ସମସ୍ତଙ୍କ ସହଯୋଗ ବିନା ଅନୁଷ୍ଠାନ ଆଗକୁ ଯାଇପାରିବ ନାହିଁ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜେନ୍ଦ୍ର କୁମାର ମହାପାତ୍ର, ପ୍ରସନ୍ନ କୁମାର ଧଳ, ବନମାଳୀ ନାୟକ, ସରପଞ୍ଚ ଧରଣୀଧର ନାୟକ, ପ୍ରକ୍ତନ ବ୍ଲକ ଅଧ୍ୟକ୍ଷା ସରୋଜିନୀ ମହାପାତ୍ର ଓ ଭଗବାନ ବାରିକ ପ୍ରମୁଖ ଯୋଗ ଦେଇଥିଲେ।

ଏହି ଅବସରରେ ଗତ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ମନସ୍ୱିନୀ ଦାସଙ୍କୁ ସଞ୍ଜୁକ୍ତା ମହାପାତ୍ର ମେଧା ପ୍ରୋତ୍ସାହନ, ଇତିଶ୍ରୀ ସାହୁଙ୍କୁ ବାସନ୍ତୀ ପତି ପ୍ରତିଭା ଓ ଗୀତା ଭାସ୍କର ମେଧା ପ୍ରୋତ୍ସାହନ, ଶ୍ରାବଣୀ ନାୟକଙ୍କୁ ନୟନା ସୁଧୀର ମାତୃଭାଷା ମେଧା ପ୍ରୋତ୍ସାହନ ଓ ବିଭିନ୍ନ କ୍ରୀଡା ଓ ସାଂସ୍କୃତିକ ଉତ୍ସବରେ ୬୦ଜଣଙ୍କୁ ସମ୍ମାନିତ କରାଯାଇଥିଲା । ଅତିଥିମାନଙ୍କ ଦ୍ୱାରା ବିଦ୍ୟାଳୟର ପ୍ରତିଷ୍ଠାତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ଶିକ୍ଷକ ଦିଲୀପ କୁମାର ରଥ ମଞ୍ଚ ଆହ୍ୱାନ, ବ୍ରଜମୋହନ ଦାଶଙ୍କ ତତ୍ତ୍ୱାବଧାନରେ ଛାତ୍ରୀମାନଙ୍କ ଦ୍ୱାରା ଉଦ୍‌ଘାଟନୀ ଓ ଉଦ୍‌ଯାପନୀ ସଙ୍ଗୀତ, ଛାତ୍ରମାନଙ୍କ ଦ୍ୱାରା ପିରାମିଡ, ଯୋଗ ଆଦି ପ୍ରଦର୍ଶିତ ହୋଇଥିଲା । ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ ଉତ୍ସବ ଅନୁଷ୍ଠିତ ହୋଇଥିଲା ।

# ମଧ୍ୟାହ୍ନଭୋଜନ ଚାଉଳ ଚୋରି ଅଭିଯୋଗ

**ଚିକିଟାମାଟିଆ ବାଳକ ଆଶ୍ରମ ବିଦ୍ୟାଳୟ**

■ଜଣେ ବ୍ୟକ୍ତି ସ୍କୁଟି ଯୋଗେ ଚାଉଳ ନେଉଥିବା ଭିଡିଓ ଭାଇରାଲ

■୨ ଦିନ ପୂର୍ବେ ୪ ଅନ୍ତେବାସୀ ପାଚେରି ଡେଇଁ ପଳାଇଥିଲେ

ମୋରଡ଼ା,୨୯।୧୧(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ୍ ଅଧୀନ ଚିକିଟାମାଟିଆ ବାଳକ ଆଶ୍ରମ ବିଦ୍ୟାଳୟ ହଷ୍ଟେଲ କର୍ତ୍ତୃପକ୍ଷଙ୍କ କଳାକାରନାମା ପଦାକୁ ଆସିବାରେ ଲାଗିଛି। ୨ ଦିନ ପୂର୍ବରୁ ୪ ଅନ୍ତେବାସୀ ପାଚେରି ଡେଇଁ ପଳାଇଥିଲେ। ଘଟଣାରେ ଅଭିଭାବକ କର୍ତ୍ତୃପକ୍ଷଙ୍କ ଅବହେଳାକୁ ଦାୟୀ କରୁଥିବା ବେଳେ ବିଦ୍ୟାଳୟରୁ ମଧ୍ୟାହ୍ନଭୋଜନ ଚାଉଳ ଚୋରି ହେଉଥିବା ଅଭିଯୋଗ କରିଛନ୍ତି। ଏପରି କି କର୍ତ୍ତୃପକ୍ଷ ବିଦ୍ୟାଳୟ ପରିସରରେ ମଦ, ମାଂସର ଆସର ଜମାଉଥିବା ଅଭିଭାବକମାନେ ଗୁରୁତର ଅଭିଯୋଗ ଆଣିଛନ୍ତି।

ସୂଚନା ମୁତାବକ, ଗତ ୨ ଦିନ ପୂର୍ବେ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ୪ ଅନ୍ତେବାସୀ ପାଚେରି ଡେଇଁ ବିପଦସଙ୍କୁଳଭାବେ ଜଙ୍ଗଲ ରାସ୍ତାରେ ଚାଲି ଚାଲି ପଳାଇଥିଲେ। ପରବର୍ତ୍ତୀ ଅବସ୍ଥାରେ ଧାତିକା ପଞ୍ଚାୟତର ପୂର୍ବତନ ସରପଞ୍ଚ ମିନତୀ ସୋରେନଙ୍କ ଦ୍ୱାରା ଶୁଳିଆପଦା ପୋଲିସ ଉକ୍ତ ଅନ୍ତେବାସୀଙ୍କୁ ଉଦ୍ଧାର କରିଥିଲା। ପିଲାମାନେ ହଷ୍ଟେଲରୁ ଚାଲି ଆସିବାର କାରଣ ମିନତୀ ପଚାରିବାରୁ ସେମାନଙ୍କୁ ହଷ୍ଟେଲ କର୍ତ୍ତୃପକ୍ଷ ମାଡ଼ ମାରୁଛନ୍ତି ବୋଲି କହିଥିଲେ। ତେବେ ଉକ୍ତ ଘଟଣାରେ ବର୍ତ୍ତମାନ ସୁଦ୍ଧା ବ୍ଲକ୍ ଏବଂ ଜିଲା ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ହଷ୍ଟେଲ



ଅଭିଯୋଗ କରିଥିବା ୱାର୍ଡ ସଦସ୍ୟ ଓ ଗ୍ରାମବାସୀ।

ସୁପରିଣ୍ଟେଣ୍ଡେଣ୍ଟ ଜ୍ୟୋସ୍ନା ମୁର୍ମୁଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାନ୍ତି। ଏହାରି ମଧ୍ୟରେ ଜ୍ୟୋସ୍ନାଙ୍କ ଆଉ କିଛି କଳାକାରନାମାର ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ ରାତି ଅଧରେ ଜଣେ ଲୋକଙ୍କୁ ଡାକି ହଷ୍ଟେଲ ପିଲାଙ୍କ ପାଇଁ ଆସିଥିବା ମଧ୍ୟାହ୍ନଭୋଜନ ଚାଉଳ ବସ୍ତାକୁ ସ୍କୁଟି ଯୋଗେ ବାହାରକୁ ପଠାଉଥିବା ଭିଡିଓରୁ ଜଣାପଡୁଛି। ସେହିପରି ଅନ୍ୟ ଏକ ଭିଡିଓରେ ଛୋଟ ପିଲାମାନେ ବିଦ୍ୟାଳୟ ଗୃହକୁ ସଫା କରୁଥିବା ଦେଖିବାକୁ ମିଳିଛି। ପିଲାଙ୍କୁ ମାତ୍ର ଥରେ ଖାଇବାକୁ ଦିଆଯାଉଥିବା ବେଳେ ଚାଉଳ ବିକ୍ରି କରି ହଷ୍ଟେଲ ପରିସରରେ କର୍ତ୍ତୃପକ୍ଷ ମଦ ମାଂସର ଆସର ଜମାଉଛନ୍ତି। ଉପର ଅଧିକାରୀ ଏହାର ଉପଯୁକ୍ତ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ୱାର୍ଡ ସଦସ୍ୟ ବିଶ୍ୱମିତ୍ର ଭକ୍ତା, ଲୋଧା ସମ୍ପ୍ରଦାୟର ନେତ୍ରୀ ଦ୍ରୌପଦୀ କଟାଳ ଦାବି କରିଛନ୍ତି। ଏ ବାବଦରେ ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଦାୟିତ୍ୱରେ ଥିବା ପାର୍ବତୀ ହାଁସଦା କହିଛନ୍ତି। ସୁପରିଣ୍ଟେଣ୍ଡେଣ୍ଟଙ୍କୁ କେବଳ ମୌଖିକ ଭାବେ ତାଗିଦା କରାଯାଇଛି। ପରବର୍ତ୍ତୀ ଅବସ୍ଥାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଜିଲା ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଗୁରୁଚରଣ ମଲ୍ଲିକ କହିଛନ୍ତି, ଘଟଣାରେ ଯେଉଁମାନେ ସମ୍ପୃକ୍ତ ଅଛନ୍ତି, ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ହିମାଂଶୁଙ୍କ ବିଜ୍ଞାନ ପ୍ରକଳ୍ପ ଜିଲାସ୍ତରକୁ ଉନ୍ନୀତ

ବୈଶିଙ୍ଗା,୨୯।୧୧(ରତନ ଦାଶ)

ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅର୍ନ୍ତଗତ ରାଇକମାସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ପ୍ରକଳ୍ପ ଜିଲାସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀରେ ଅଂଶ ଗ୍ରହଣ ପାଇଁ ଯୋଗ୍ୟ ବିବେଚିତ ହୋଇଛି। 'ୱେଷ୍ଟ ମ୍ୟାନେଜମେଣ୍ଟ ଆଣ୍ଡ ଅଲ୍ଟାରନେଟିଭ ଟୁ ପ୍ଲାଷ୍ଟିକ' ବିଷୟବସ୍ତୁ ପ୍ରକଳ୍ପକୁ ପ୍ରଧାନ ଶିକ୍ଷକ ଅଜିତ କୁମାର ଜେନାଙ୍କ ମାର୍ଗ ଦର୍ଶନରେ ନବମ ଶ୍ରେଣୀ ଛାତ୍ର ହିମାଂଶୁ ସେନାପତି ପ୍ରସ୍ତୁତ କରିଥିଲେ। ସାମ୍ପ୍ରତିକ ପରିସ୍ଥିତିରେ ପ୍ଲାଷ୍ଟିକ ବର୍ଜ୍ୟ ବସ୍ତୁର ସମ୍ଭରଣ, ପୁନଃ ବ୍ୟବହାର କିପରି କରାଯିବ, ତାହା ପ୍ରକଳ୍ପ ମାଧ୍ୟମରେ ଦର୍ଶାଯାଇଛି। ତତ୍ ସହିତ ପ୍ଲାଷ୍ଟିକର ବ୍ୟବହାର ହ୍ରାସ ସହିତ ଏହାର ବିକଳ୍ପ ସମ୍ବନ୍ଧରେ ଦର୍ଶାଯାଇଛି। ହିମାଂଶୁ ସେନାପତିଙ୍କ ପ୍ରକଳ୍ପଟି ମୁନିଲାଲ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ବ୍ଲକ୍‌ସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀରେ ବିଚାରକ ମଣ୍ଡଳୀଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇ ଶ୍ରେଷ୍ଠ ପ୍ରକଳ୍ପ ଭାବରେ ଜିଲାସ୍ତରକୁ ଉନ୍ନୀତ ହୋଇଛି। ସଫଳତା ପାଇଁ ସ୍ଥାନୀୟ ଅଞ୍ଚଳରୁ ବହୁ ବୁଦ୍ଧିଜୀବୀ ହିମାଂଶୁଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପ୍ରକାଶ ଥାଉକି, ରଘୁନାଥ ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ବିଜ୍ଞାନ ପ୍ରକଳ୍ପଗୁଡ଼ିକ କ୍ରମାଗତ ବହୁ ବର୍ଷ ଧରି ଜିଲା, ରାଜ୍ୟ ତଥା ଜାତୀୟସ୍ତରରେ ସଫଳତା ହାସଲ କରିଆସୁଛି।

## ଜାତୀୟ ମହିଳା ଆୟୋଗ ସଦସ୍ୟାଙ୍କ ଜିଲା ଗସ୍ତ



ଜାତୀୟ ମହିଳା ଆୟୋଗ ସଦସ୍ୟା ଡା. ଅର୍ଚ୍ଚନା ମଜୁମଦାରଙ୍କୁ ସ୍ୱାଗତ କରାଯାଉଛି।

ବାରିପଦା,୨୯।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଜାତୀୟ ମହିଳା ଆୟୋଗ ସଦସ୍ୟା ଡା. ଅର୍ଚ୍ଚନା ମଜୁମଦାର ଜିଲା ଗସ୍ତରେ ଆସି ମହିଳାମାନଙ୍କ ନିମନ୍ତେ ଥିବା ବିଭିନ୍ନ ସରକାରୀ ଯୋଜନା ଓ ମୟୂରଭଞ୍ଜ ଜିଲାରେ ଥିବା ମହିଳାଙ୍କ ସମସ୍ୟା ବିଷୟରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଶନିବାର ଶାମାଖୁଣ୍ଟା ବ୍ଲକର ରଙ୍ଗାମାଟିଆଠାରେ ଅନୁସୂଚିତ ଜାତି ଓ ଜନଜାତିବର୍ଗର ମହିଳାଙ୍କ ଏକ ସଭାରେ ଭାଗନେଇ ସେମାନଙ୍କ ସହ ୱାନଷ୍ଟପ ସେଣ୍ଟର, ଶକ୍ତି ସଦନ, ସଖୀ ନିବାସ , ୧୮୧ ମହିଳା ସହାୟତା, ମାତୃମୃତ୍ୟୁ ହାର, ବାଲ୍ୟବିବାହ, ଅଳ୍ପ ବୟସରେ ମା' ହେବାର କୁ-ପରିଣାମ ଓ କାର୍ଯ୍ୟକ୍ଷେତ୍ରରେ ଯୌନ ନିର୍ଯାତନା ସମ୍ବନ୍ଧରେ ଆଲୋଚନା କରିଥିଲେ। ସଭାରେ ଜିଲାପାଳ ହେମକାନ୍ତ ସୟ ମହିଳାଙ୍କ ନିମନ୍ତେ ଥିବା ସରକାରୀ ଯୋଜନା ସମ୍ବନ୍ଧରେ ମହିଳାମାନଙ୍କୁ ଅବଗତ କରାଇଥିଲେ। ଜିଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲି, ଅତିରିକ୍ତ ଜିଲାପାଳ ଦୁଃଖବନ୍ଧୁ ନାୟକ , ଜିଲା ସମାଜ ମଙ୍ଗଳ ଅଧିକାରୀ ନିହାରିକା ମହାନ୍ତି , ଜିଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲା ସୁରକ୍ଷା ତଥା କାର୍ଯ୍ୟକ୍ରମ ଅଧିକାରୀ , ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଶିଶୁ ବିକାଶ ଯୋଜନା ଅଧିକାରୀ ଓ ସ୍ଥାନୀୟ ସରପଞ୍ଚ ଉପସ୍ଥିତ ଥିଲେ।

## ଦୁର୍ଘଟଣାରେ ଜଣେ ଗୁରୁତର

ମୋରଡା, ୨୯।୧୧(ସ୍ମାରକ ମାଜୀ)

ଏକ ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଯୁବକ ହେଲେ ମୋରଡା ଥାନା ଅଧୀନ ପାରିଆକୁଲି ସରାଶୋଳ ଗ୍ରାମର ରତନ ଟୁଡୁ। ଶନିବାର ସନ୍ଧ୍ୟାରେ ରତନ ଏକ ବାଇକ ଯୋଗେ ୨ଜଣ ସାଙ୍ଗଙ୍କ ସହିତ ମୋରଡାକୁ ଯାଉଥିବା ବେଳେ ପେଟ୍ରୋଲ ପମ୍ପ ନିକଟରେ ଏକ ଟାଟା ଏସିଇକୁ ଧକ୍କା ଦେବା ଫଳରେ ରତନ ଗୁରୁତର ଆହତ ହୋଇଥିଲେ। ରତନଙ୍କୁ ଆମ୍ବୁଲାନ୍ସ ଯୋଗେ ବାରମାଇଲସ୍ଥିତ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିବା ବେଳେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଫେରାର ଅଭିଯୁକ୍ତ ଗିରଫ

ବୈଶିଙ୍ଗା,୨୯।୧୧(ରତନ ଦାଶ)

ମୟୂରଭଞ୍ଜ ଜିଲାର ବୈଶିଙ୍ଗା ପୋଲିସ ଗତ ଜୁଲାଇରେ ଏକ ଡକାୟତି ଗ୍ୟାଙ୍ଗ ଉପରେ ଚଢ଼ାଉ କରି ୨ଜଣଙ୍କୁ ଗିରଫ କରିଥିଲା। ସେମାନଙ୍କଠାରୁ ତେଲେଙ୍ଗା କଟୁରୀ, ଭୁଜାଲି, ଲୁହାଛଡ଼ ଓ ଏକ ବାଇକ ମଧ୍ୟ ଜବତ କରାଯାଇଥିଲା। ହେଲେ ଅନ୍ଧାରରେ ସୁଯୋଗ ପାଇ ଅନ୍ୟ ଜଣେ ଖସି ପଳାଇବାରେ ସକ୍ଷମ ହୋଇଥିଲେ। ଥାନାଧିକାରୀ ବାରିଣୀ ଦାସଙ୍କ ନେତୃତ୍ୱରେ ପୋଲିସ ଟିମ୍ ଶୁକ୍ରବାର ବାଲେଶ୍ୱର ଜିଲାର ଖନ୍ତାପଡା ଅଞ୍ଚଳରୁ ଚନ୍ଦନ ମଣ୍ଡଳ ନାମକ ସେହି ଫେରାର ଅଭିଯୁକ୍ତଙ୍କୁ ଗିରଫ କରି ତାଙ୍କ ସାସ୍ଥ୍ୟ ପରୀକ୍ଷା ପରେ ସନ୍ଧ୍ୟାରେ କୋର୍ଟ ଚାଲାଣ କରିଛନ୍ତି।

## ବ୍ଲକ୍‌ସ୍ତରୀୟ ନିଯୁକ୍ତି ମେଳା



ନିଯୁକ୍ତି ମେଳାରେ ଯୋଗଦେଇଥିବା ଛାତ୍ରୀଛାତ୍ର।

ଝାରପୋଖରିଆ,୨୯।୧୧
(ସୁଧୀର କୁମାର ମହାନ୍ତ)

ମୟୂରଭଞ୍ଜ ଜିଲା ସାରସକଣା ପଞ୍ଚାୟତ ସମିତି କନ୍‌ଫରେନ୍ସ ହଲ୍‌ରେ ଶନିବାର ପୂର୍ବାହ୍ନ ୧୧ଟାରେ ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ବିଭାଗ ପକ୍ଷରୁ ବ୍ଲକ୍‌ସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ କଡ଼ାଇ ଟୁଡୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବାଶିଷ ସାହୁ ସଭାପତିତ୍ୱ କରିଥିଲେ। ବ୍ଲକ୍ ପଞ୍ଚାୟତ ଉନ୍ନୟନ ଅଧିକାରୀ ରାଜେଶ ବେହେରାଙ୍କ ସହିତ ଏକ୍ସପର୍ଟ ପ୍ରାଇଭେଟ ଲିମିଟେଡ କମ୍ପାନୀର ଟ୍ରେନର ରବି ଦାସ, ଏମଆଇଏସ ଓ ଆଇଟି ଟ୍ରେନର୍ ଡମ୍ବରୁଧର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ବିଭିନ୍ନ ଶିକ୍ଷା ଅନୁଷ୍ଠାନରୁ ୧୮ରୁ ୩୫ ବର୍ଷ ପର୍ଯ୍ୟନ୍ତ ଶତାଧିକ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରି ତାଲିମ ଗ୍ରହଣ କରିଥିଲେ। ଶିକ୍ଷା କ୍ଷେତ୍ର, ଶିକ୍ଷା ସମାପ୍ତ ପରେ ଇଚ୍ଛୁକ ପ୍ରାର୍ଥୀ ଆବଶ୍ୟକୀୟ ଦସ୍ତାବିଜ ସହିତ ଅନ୍ୟାନ୍ୟ କ୍ଷେତ୍ରରେ ତାଲିମ ନେଇଥିବାର ପ୍ରମାଣପତ୍ର ସହିତ ଉକ୍ତ କମ୍ପାନୀରେ ଅନ୍‌ଲାଇନ ମାଧ୍ୟମରେ ଆବେଦନ କରିବେ। କମ୍ପାନୀ ଦ୍ୱାରା ପ୍ରାର୍ଥୀ ଚୟନ କରି ତାଲିମଧାରୀଙ୍କୁ ଶିକ୍ଷା ଓ ଦକ୍ଷତା ଅନୁଯାୟୀ ବିଭିନ୍ନ ଅନୁଷ୍ଠାନରେ ବିନା ମୂଲ୍ୟରେ ରହିବା, ଖାଇବା, ପୋଷାକ, ଆବଶ୍ୟକୀୟ କିଟ୍‌ମାନ ପ୍ରଦାନ କରି ୪୫ ଦିନ ସମୟର ବ୍ୟବସ୍ଥା କରି କମ୍ପାନୀ ନିଜ ନିଜ କ୍ଷେତ୍ରରେ ନିଯୁକ୍ତି ପ୍ରଦାନ କରିବାର ବ୍ୟବସ୍ଥା କରାଯାଇଛି।

## ତହସିଲଦାରଙ୍କୁ ଅଶାଳୀନ ବ୍ୟବହାର

ମୋରଡା/ ରାସଗୋବିନ୍ଦପୁର,୨୯/୧୧
(ସ୍ମାରକ ମାଜୀ/ ସତ୍ୟବାଦୀ ପରିଡା)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ତହସିଲ, ସବ୍‌ରେଜିଷ୍ଟ୍ରର କାର୍ଯ୍ୟାଳୟର ଜଣେ ଷ୍ଟାମ୍ପ ଭେଣ୍ଡରଙ୍କୁ ଶନିବାର ପୋଲିସ ଗିରଫ କରି ବିଚାର ବିଭାଗୀୟ ହାଜତକୁ ପଠାଇଛି। ଷ୍ଟାମ୍ପ ଭେଣ୍ଡର ନରେନ୍ଦ୍ର ଚାନ୍ଦ ତହସିଲଦାର ଉପେନ୍ଦ୍ର କୁମାର ଦାସଙ୍କୁ ବିଭିନ୍ନ କାର୍ଯ୍ୟ ପାଇଁ ଚାପ ପକାଇବାକୁ ଚେଷ୍ଟା କରୁଥିଲେ। ତହସିଲଦାର ଏସବୁ କରିବାକୁ ମନା କରିବା ପରେ ତାଙ୍କୁ ଖରାପ ବ୍ୟବହାର କରିବା ସହିତ ଜାତିଆଣ ମନ୍ତବ୍ୟ ଦେଇଥିଲେ। ଏ ନେଇ ତହସିଲଦାର ଦାସ ରାସଗୋବିନ୍ଦପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(ନଂ.୪୬୦/୨୫) ରୁଜୁ କରି ଷ୍ଟାମ୍ପ ଭେଣ୍ଡରଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

## ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ

ବାରିପଦା, ୨୯।୧୧
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ତକତପୁରସ୍ଥିତ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ଦ୍ୱାରା ପିଏମ ଉଷା ଆନୁକୂଲ୍ୟରେ 'ଓଡ଼ିଆ ଭାଷା ଓ ସାହିତ୍ୟ ଗବେଷଣା ପଦ୍ଧତିର ପ୍ରୟୋଗବିଧି' ବିଷୟରେ ଆୟୋଜିତ ପଞ୍ଚଦିବସୀୟ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ସାହିତ୍ୟିକା ତଥା ଗବେଷିକା ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା ମୁଖ୍ୟଅତିଥି ରୂପେ ଯୋଗଦେଇ ସ୍ଥାନୀୟ ମହନୀୟତାକୁ କିପରି ଗବେଷଣା ମାଧ୍ୟମରେ ବିଶ୍ୱ ଦରବାରରେ ପହଞ୍ଚାଯାଇପାରିବ ସେ ସମ୍ବନ୍ଧରେ ଗବେଷକମାନେ ଯତ୍ନବାନ ହେବା ଉଚିତ୍ ବୋଲି କହିଥିଲେ। ଦିଲ୍ଲୀ ଜବାହରଲାଲ ନେହେରୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଭାଷା ସାହିତ୍ୟ ବିଭାଗ ସାରଳା ଚେୟାରର ପ୍ରଫେସର ଉଦୟନାଥ ସାହୁ ସମ୍ମାନିତ ଅତିଥି ରୂପେ ଯୋଗଦାନ କରି ଗବେଷକମାନେ ଗବେଷଣାର ଗଭୀରତମ ପ୍ରଦେଶକୁ ପ୍ରବେଶ କରିବା ଉଚିତ୍ ବୋଲି ଅଭିଭାଷଣ ରଖିଥିଲେ। ଆବାହକ ସହକାରୀ ପ୍ରଫେସର ଡକ୍ଟର ଶିଶିର ବେହେରା ସମାହିତ କାର୍ଯ୍ୟକ୍ରମ ବିବରଣୀ ପ୍ରଦାନ ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। କୁଳପତି ପ୍ରଫେସର ଶତପଥୀ ନିଜର ସଭାପତି ଅଭିଭାଷଣରେ ଗବେଷକମାନେ ବିଶବିଦ୍ୟାଳୟ, ମହାବିଦ୍ୟାଳୟ ତଥା ଅନୁଷ୍ଠାନର ଗୌରବ ଗବେଷଣା ମାଧ୍ୟମରେ ବୃଦ୍ଧି କରିବା ପାଇଁ ଏକ ପ୍ରେରଣାଦାୟୀ ବକ୍ତବ୍ୟ ରଖିଥିଲେ। ଏ ଅବସରରେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ବିଭାଗର ସହକାରୀ ପ୍ରଫେସର ବିଚିତ୍ରନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବୈଶିଙ୍ଗା ଲ୍ୟାମ୍ପସ୍‌ରେ ଚାଷୀଙ୍କ ସାଧାରଣ ବୈଠକ

ବୈଶିଙ୍ଗା,୨୯।୧୧(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗାସ୍ଥିତ ବହୁମୁଖୀ ସମବାୟ ସମିତି ଆନୁକୂଲ୍ୟରେ ପଞ୍ଜିକୃତ ଚାଷୀ ତଥା ସାଧାରଣ ଲୋକଙ୍କୁ ନେଇ ଏକ ସାଧାରଣ ବୈଠକ ଶୁକ୍ରବାର ଲ୍ୟାମ୍ପ୍ସ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କୃଷି ଯାନ୍ତ୍ରପାତି ବିକ୍ରୟ ପାଇଁ ଏକ ସୋରୁମ ଉଦ୍‌ଘାଟିତ ହୋଇଛି। ସ୍ଥାନୀୟ ସରପଞ୍ଚ ସାବିତ୍ରୀ ମୁର୍ମୁ ଉପସ୍ଥିତ ରହି ଫିତା କାଟି ସୋରୁମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସମିତି ସଭ୍ୟା ସରସ୍ୱତୀ ଦାସ ଏବଂ ଲ୍ୟାମ୍ପସ ପରିଚାଳନା କମିଟିର ସଭାପତି ଶତୃଘନ ସିଂ ଉପସ୍ଥିତ ଥିଲେ। ପରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଲ୍ୟାମ୍ପ୍ସ ଦାୟିତ୍ୱରେ ଥିବା କାର୍ଯ୍ୟକାରୀ ପରିଚାଳିକା ସୁଶ୍ରୀ ଶାନ୍ତା ଗୌରା ପରିଡ଼ା ବିବରଣୀ ପାଠ ସହିତ ସାଧାରଣ ବୈଠକର ଆଭିମୂଖ୍ୟ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥିଭାବେ ସମବାୟ ବିଭାଗର ଆଞ୍ଚଳିକ ଅଧିକାରୀ ଅଜିତ୍ କୁମାର ବିଶ୍ୱାଳ ଯୋଗଦେଇ ଚାଷୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ପରିଚାଳନା କମିଟିର ସଭାପତି ଶତୃଘ୍ନ ସିଂ ଉପସ୍ଥିତ ଚାଷୀଙ୍କୁ ନାଫେଡ଼ ତରଫରୁ ରିହାତି ମୂଲ୍ୟରେ କୃଷି ଯନ୍ତ୍ରପାତି ଓ ବିହନ ବିକ୍ରୀ ପାଇଁ ଉଦ୍‌ଘାଟିତ ବିକ୍ରୟ କେନ୍ଦ୍ରର ଲାଭ ନେବା ପାଇଁ ପରାମର୍ଶ ଦେଇଥିଲେ। ପରିଚାଳନା କମିଟିର ସଦସ୍ୟ ଭାବେ ରବିନାରାୟଣ ପଣ୍ଡା, ଚତୁର୍ଭୁଜ ପୁଷ୍ଟି, ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କ ସମେତ ୧୬୨ଜଣ ଚାଷୀ ଯୋଗ ଦେଇଥିଲେ।



ବୈଠକରେ ଉପସ୍ଥିତ ଚାଷୀ।

## ଖେଳ ଯୁବପିଢ଼ିଙ୍କୁ ଶୃଙ୍ଖଳିତ କରେ

ବଞ୍ଜୋ,୨୯।୧୧(ପ୍ରଦୋଷ କୁମାର ବିଶ୍ୱାଳ)

କେନ୍ଦୁଝର ଜିଲା ଆନନ୍ଦପୁର ଷ୍ଟାଡ଼ିୟମରେ ସାଂସଦ ଖେଳ ମହୋତ୍ସବ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଆନନ୍ଦପୁର ଉପଖଣ୍ଡ ପୋଲିସ ଅଧିକାରୀ ପ୍ରଶାନ୍ତ ବେହେରା ଯୋଗଦେଇ ଖେଳକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କର ଖେଳ ଯୁବପିଢ଼ିଙ୍କୁ ଶାରୀରିକ ଓ ମାନସିକ ଭାବେ ସକ୍ରିୟ ଏବଂ ଶୃଙ୍ଖଳିତ କରେ ବୋଲି କହିଥିଲେ। ଅନ୍ୟମାନଙ୍କ ମାଧ୍ୟରେ ଭାଜପା ନେତା ଆଲୋକ ସେଠୀ, ଏମ୍‌ପିଙ୍କ ପ୍ରତିନିଧି ପ୍ରମୁଖ ଯୋଗଦେଇଥିଲେ। ପ୍ରତିଯୋଗିତାରେ ହାଟଡ଼ିହୀ ଓ ଆନନ୍ଦପୁର ବ୍ଲକ୍‌ର ପ୍ରତିଭାବାନ ଖେଳାଳି ଫୁଟ୍‌ବଲ, କବାଡ଼ି, ଖୋଖୋ ଆଦି ବିଭିନ୍ନ ବିଭାଗର ପ୍ରତିଯୋଗିତାରେ ଭାଗ ନେବେ। ଆଗାମୀ ଦିନରେ ଭାରତରେ ହେବାକୁ ଥିବା ଅଲମ୍ପିକ କ୍ରୀଡ଼ାରେ ଭାରତରୁ ଭଲ ଖେଳାଳି ଯେପରି ଅଂଶଗ୍ରହଣ କରି ସଫଳତା ପାଇବେ, ସେଥିପାଇଁ ପ୍ରସ୍ତୁତ ହେବା ଏହି ଖେଳର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଭାଜପା ନେତା ଆଲୋକ ସେଠୀ କହିଛନ୍ତି।

## ଦଧିବାମନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା

ପାଟଣା,୨୯।୧୧(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଅନ୍ତର୍ଗତ ତୁରୁମଙ୍ଗାସ୍ଥିତ ଦଧିବାମନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରାଙ୍ଗଣରେ ୨୫ତମ ବାର୍ଷିକ କ୍ରୀଡ଼ା ସମାରୋହ ଉଦ୍‌ଯାପିତ ହୋଇଯାଇଛି। ଅଧକ୍ଷା ଅନ୍ନପୂର୍ଣ୍ଣା ମିଶ୍ର ସମାରୋହକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ମହାବିଦ୍ୟାଳୟ ପ୍ରତିଷ୍ଠାତା ସମ୍ପାଦକ ପ୍ରତାପ ଚନ୍ଦ୍ର ସାହୁ, ସମ୍ମାନିତ ଅତିଥିଭାବେ ପ୍ରାକ୍ତନ ଅଧ୍ୟକ୍ଷ ଯତୀନ୍ଦ୍ର ମିଶ୍ର ଯୋଗଦେଇଥିଲେ। କ୍ରୀଡ଼ା ବିଭାଗର ଉପଦେଷ୍ଟା ସ୍ନାତକୋତ୍ତର ଶିକ୍ଷକ ପ୍ରଭଞ୍ଜନ ନାଏକଙ୍କ ତତ୍ତ୍ୱାବଧାନରେ ଛାତ୍ରୀ ରାଜତରଙ୍ଗିଣୀ ନାଏକ ସମସ୍ତ ଛାତ୍ରୀଛାତ୍ରଙ୍କୁ ଶପଥ ପାଠ କରାଇଥିଲେ। ସ୍ନାତକୋତ୍ତର ଶିକ୍ଷୟତ୍ରୀ, ଶିକ୍ଷକ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅନ୍ୟ କର୍ମଚାରୀ ଉପସ୍ଥିତ ରହି କ୍ରୀଡ଼ା ଉତ୍ସବକୁ ସଫଳ କରିଥିଲେ।

## ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାନାନ୍ତର ଲାଗି ଜମି ହସ୍ତାନ୍ତର

ବେତନଟୀ, ୨୯।୧୧(ଧରଣୀଧର ମହାନ୍ତି)

ଦୀର୍ଘବର୍ଷ ଧରି ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ୧୮ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ରହି ଲୋକଙ୍କୁ ସେବା ଯୋଗାଇ ଆସୁଛି। ରୋଗୀ ସଂଖ୍ୟା ବୃଦ୍ଧି, ଡାକ୍ତରଖାନାର ଚିକିତ୍ସା ବିଭାଗ ବୃଦ୍ଧିକୁ ଆଖି ଆଗରେ ରଖି ଏହି ଡାକ୍ତରଖାନାକୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଆବଶ୍ୟକ ହେଉଥିଲା। ଏଥିପାଇଁ ବେତନଟୀ ଡାକ୍ତରଖାନାର ପ୍ରଶାସନିକ ବିଭାଗ ଓ ବେତନଟୀ ଜନସାଧାରଣ, ସାମାଜିକ କର୍ମୀ ମହଲରୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ହୋଇଥିବା ଉଦ୍ୟମ ସଫଳ ହୋଇଛି। ପୂର୍ବରୁ ଏହି ଡାକ୍ତରଖାନାକୁ ତୁଳସୀଚଉରା ମୌଜାକୁ ସ୍ଥାନାନ୍ତର କରିବା ପାଇଁ ବେତନଟୀ ତହସିଲ ପକ୍ଷରୁ ସ୍ଥାନ ଚିହ୍ନଟ କରାଯାଇଥିଲା। ଶୁକ୍ରବାର ବେତନଟୀ ଡାକ୍ତରଖାନାର ପ୍ରଶାସନିକ ବିଭାଗ ଓ ବେତନଟୀ ତହସିଲଦାରଙ୍କ ସମେତ ତହସିଲଦାର କାର୍ଯ୍ୟାଳୟର ଟିମ୍ ତୁଳସୀଚଉରା ମୌଜାରେ ମିଳିତ ଭାବେ ଉପସ୍ଥିତ ରହି ଏହି ସ୍ଥାନର ସୀମା ନିର୍ଦ୍ଧାରଣ କରାଯାଇ ଡାକ୍ତରଖାନା ପାଇଁ ଜମି ହସ୍ତାନ୍ତର କରାଯାଇଛି।

ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରିବା ପାଇଁ ନୂତନ ଭାବେ ଚୟନ ହୋଇଥିବା ତୁଳସୀଚଉରା ମୌଜାର ୩୦ଶଯ୍ୟା ବିଶିଷ୍ଟ ଏକ ନୂତନ ଡାକ୍ତରଖାନା ନିର୍ମାଣ ପାଇଁ ୩ ଏକର ଜାଗା ରହିଥିବା ବେଳେ ଏହାର ଖାତା ନମ୍ବର ୪୫୪ ପ୍ଲଟ ନମ୍ବର ୭ ରହିଥିବା ସୀମା ନିର୍ଦ୍ଧାରଣ କରାଯାଇଛି। ବେତନଟୀ ଅଞ୍ଚଳ ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପଖଣ୍ଡ ଡାକ୍ତରଖାନା ଘୋଷଣା ହେବାକୁ ଥିବା ବେଳେ ତାହାକୁ ଦୃଷ୍ଟିରେ ରଖି ଡାକ୍ତରଖାନା ସ୍ଥାନାନ୍ତର ହେବା ପାଇଁ ନିଷ୍ପତ୍ତି ହୋଇଛି। ବେତନଟୀ ଡାକ୍ତରଖାନାରେ ପ୍ରଶାସନିକ ବିଭାଗ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଉପଖଣ୍ଡସ୍ତରୀୟ ଡାକ୍ତରଖାନା କରାଯିବା ନେଇ ଏକ ପ୍ରସ୍ତାବ ମୟୂରଭଞ୍ଜ ଜିଲାପାଳଙ୍କ ଅନୁମୋଦନ ଲାଭ ପରେ ଓଡିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନିକଟରେ ବିଚାରାଧୀନ ରହିଛି। ଫଳରେ ଡାକ୍ତରଖାନା ମୌଜାକୁ ସ୍ଥାନାନ୍ତର କରାଗଲେ ପ୍ରଶସ୍ତ ସରକାରୀ ଜମି ରହିଥିବାରୁ ଡାକ୍ତରଖାନାର ରୋଗୀଶଯ୍ୟା, ଚିକିତ୍ସା ବିଭାଗ ଡାକ୍ତରଖାନା, ଡାକ୍ତରଖାନାରେ ପ୍ରଶାସନିକ ବିଭାଗ ବଢ଼ିଲେ ମଧ୍ୟ ତୁଳସୀଚଉରାଠାରେ ପ୍ରଶସ୍ତ ଜମି ଥିବାରୁ ଆଗାମୀ ଦିନରେ ଡାକ୍ତରଖାନା ବଢିଲେ ମଧ୍ୟ କୌଣସି ଅସୁବିଧା ହେବ ନାହିଁ ବୋଲି ଜଣାପଡିଛି। ସରକାରଙ୍କ ପକ୍ଷରୁ ବେତନଟୀ ଏନଏସି ଘୋଷଣା କରାଯାଇଥିବା ବେଳେ ବେତନଟୀଠାରେ ସମସ୍ତ ବିଭାଗର ସବଡିଭିଜନଲ କାର୍ଯ୍ୟାଳୟ ରହିଛି। ଆଗାମୀ ଦିନରେ ବେତନଟୀକୁ ରାଜସ୍ୱ ଉପଖଣ୍ଡ ମାନ୍ୟତା ପାଇଁ ଜନସାଧାରଣଙ୍କ ପକ୍ଷରୁ ଦାବି ରହିଥିବା ବେଳେ ବେତନଟୀ ଡାକ୍ତରଖାନାକୁ ଆଗାମୀ ଦିନରେ ସରକାରଙ୍କ ପକ୍ଷରୁ ଉପଖଣ୍ଡ ସ୍ତରୀୟ ଡାକ୍ତରଖାନାକୁ ଘୋଷଣା କରିବା ପାଇଁ ସବୁ ମହଲରୁ ଦାବି ଉଠିଥିବା ଜଣାପଡିଛି। ଜମି ଚିହ୍ନଟ ସମୟରେ ବେତନଟୀ ତହସିଲଦାର ଚନ୍ଦ୍ରଜିତ ବେହେରା, ଅତିରିକ୍ତ ତହସିଲଦାର ଈଶ୍ୱର ରଣା, ମେଡିକାଲ ଅଧିକାରୀ ଡ଼ ସିପୁନ କୁମାର ପଣ୍ଡା, ଅମିତାବ ଦାଶ, ସସ୍ମିତା ଦାଶ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ ଏହି ଡାକ୍ତରଖାନାକୁ ତୁଳସୀଚଉରାକୁ ସ୍ଥାନାନ୍ତର ନିଷ୍ପତ୍ତି ସମୟରେ ବେତନଟୀ ଡାକ୍ତରଖାନାଠାରୁ ୪ କି.ମି. ଦୂର ନହଣ୍ଡାଶୋଳଠାରେ କରାଯିବା ନିଷ୍ପତ୍ତିକୁ ଜନସାଧାରଣଙ୍କ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇବା ପରେ ବିରୋଧ ହୋଇଥିଲା। ବେତନଟୀ ଅଞ୍ଚଳର ଯୁବ ସଙ୍ଗଠକ ସିଦ୍ଧାର୍ଥ ଅଗ୍ରୱାଲଙ୍କ ନେତୃତ୍ୱରେ କେତେକ ସଙ୍ଗଠନ ନହଣ୍ଡା ଶୋଳ ପରିବର୍ତ୍ତେ ଡାକ୍ତରଖାନା ନିକଟବର୍ତ୍ତୀ ତୁଳସୀଚଉରାଠାରେ କରାଯିବା ପାଇଁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ଦାବିକୁ ଭିତ୍ତି କରି ପ୍ରଶାସନ ତୁଳସୀଚଉରାକୁ ଡାକ୍ତରଖାନା ନିର୍ମାଣ ପାଇଁ ନିଷ୍ପତ୍ତି ନେଇଥିଲେ। ପୂର୍ବରୁ ଡାକ୍ତରଖାନା ନିର୍ମାଣ ହେବାକୁ ଥିବା ଜମି ନିକଟରେ ଗ୍ରାମବାସୀଙ୍କ ଶ୍ମଶାନ ଥିବାରୁ ଗ୍ରାମବାସୀଙ୍କ ପକ୍ଷରୁ ଏକ ରାସ୍ତା ପାଇଁ ସମସ୍ୟା ହେବ ବୋଲି ଅଭିଯୋଗ ହୋଇଥିଲା ମାତ୍ର ପ୍ରଶାସନ ଏହି ଅଭିଯୋଗକୁ ବିଚାର କରି ଶୁକ୍ରବାର ସ୍ଥାନ ଚିହ୍ନଟ ସମୟରେ ଶ୍ମଶାନକୁ ରାସ୍ତା ପ୍ରଦାନ କରିଥିବା ଜଣାପଡିଛି। ପ୍ରଶାସନ କୌଣସି ବିବାଦ ନ ରଖି ତୁଳସୀଚଉରାଠାରେ ୩୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା ନିର୍ମାଣକୁ ବେତନଟୀର ବିଭିନ୍ନ ସଙ୍ଗଠନ ଓ ଜନସାଧାରଣଙ୍କ ପକ୍ଷରୁ ସ୍ୱାଗତ କରାଯାଇଛି।



ଜମି ଚିହ୍ନଟ ବେଳେ ଉପସ୍ଥିତ ବେତନଟୀ ତହସିଲଦାର, ମେଡିକାଲ ଇନଚାର୍ଜଙ୍କ ସମେତ ଅନ୍ୟ କର୍ମଚାରୀ।

# ବାକି ଟଙ୍କା ନ ଦେଇ କଲେ ଡକାୟତି





ଜବତ ଟଙ୍କା, ସୁନା ଅଳଙ୍କାର, କାର୍ ଏବଂ ସ୍କୁଟି।

ଝାରସୁଗୁଡ଼ା,୨୯।୧୧(ଆଶିଷ ରଞ୍ଜନ ଦାଶ)

- ■ବ୍ୟବସାୟୀଙ୍କ ଘରୁ ଡକାୟତି ଘଟଣା: ୮ ଗିରଫ
- ■୨ ନାବାଳକଙ୍କୁ ବାଳସୁଧାର ଗୃହକୁ ପଠାଗଲା
- ■୫୨୧ ଗ୍ରାମ୍ ସୁନା, ୧୪.୩୨ କେଜି ରୁପା ଅଳଙ୍କାର, ୩୭ ଲକ୍ଷ ଟଙ୍କା, ବନ୍ଧୁକ, ଗାଡ଼ି, ମୋବାଇଲ ଜବତ

ଝାରସୁଗୁଡ଼ା ଜିଲା ଟାଉନ୍ ଥାନା ଅଧୀନ ମନମୋହନ ସ୍କୁଲ ପଡ଼ିଆ ସମ୍ମୁଖ ବିନାୟକପୁରମ୍ କଲୋନିରେ ଗତ ୧୯ ତାରିଖରେ ଘଟିଥିବା ବଡ଼ଧରଣର ଡକାୟତି ଘଟଣାରେ ପୋଲିସ ଜଣେ ମହିଳା, ୨ ନାବାଳକଙ୍କ ସମେତ ୧୦ ଜଣଙ୍କୁ କାବୁ କରିଛି। ସେମାନଙ୍କ ମଧ୍ୟରୁ ୮ ଜଣଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ବିହାର ଭୋଜପୁରର ସଞ୍ଜୟ ସିଂହ(୫୩), ଝାରସୁଗୁଡ଼ା ସଦର ଥାନା ଅଧୀନ ବମ୍ବେ ଛକର ଅଶୋକ ପଣ୍ଡା(୫୮), ଝାରସୁଗୁଡ଼ାରେ ରହୁଥିବା ବୌଦ୍ଧ ଅଞ୍ଚଳର ଆକାଶ ଓରଫ ରାଧାକାନ୍ତ କହଁର(୩୮), ଜଗତ୍‌ସିଂହପୁର ଜିଲା ପାରାଦୀପ ଅଞ୍ଚଳର କାହ୍ନାଚରଣ ସ୍ୱାଇଁ(୨୫), କଟକ ଜିଲା ନେମାଳ ଅଞ୍ଚଳର ଜଗବନ୍ଧୁ ବେହେରା(୫୬), ବଲାଙ୍ଗୀର ଜିଲା ପାଟଣାଗଡ଼ ଥାନା ଅଧୀନ ବଡ଼ ବାବିଯୋରି ଅଞ୍ଚଳର ଆନନ୍ଦ ରାୟ(୨୪), ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲର ଜିତେନ୍ଦ୍ର ସାହୁ(୩୦), ବଲାଙ୍ଗୀର ଜିଲା ବେଲପଡ଼ାର ପିଙ୍କି ଓରଫ ସୁଶୀଳା ମେହେର(୩୦)। ଏଥିସହ ଅନ୍ୟ ୨ ଜଣ ନାବାଳକଙ୍କୁ ରାଉରକେଲାସ୍ଥିତ ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି। ଅଭିଯୁକ୍ତମାନଙ୍କଠାରୁ ୩୭ ଲକ୍ଷ ୨୭ ହଜାର ଟଙ୍କା, ୫୨୧ ଗ୍ରାମ୍ ସୁନା ଅଳଙ୍କାର, ୧୪.୩୨ କେଜି ରୁପା ଅଳଙ୍କାର, ୩ଟି ଦେଶୀ ବନ୍ଧୁକ, ୧୨ଟି ଗୁଳି, ୧୨ଟି ମୋବାଇଲ ଫୋନ୍, ୨ଟି କାର, ୨ଟି ସ୍କୁଟି, ଗୋଟିଏ କାର୍, ଦୁଇଟି ଛୁରି, ନକଲି ନମ୍ବର ପ୍ଲେଟ୍, ଟିଭି, ଫ୍ରିଜ୍, ହୋମ୍ ଥିଏଟର ଆଦି ଜବତ କରାଯାଇଛି ବୋଲି ଶନିବାର ଝାରସୁଗୁଡ଼ା ଏସ୍‌ପିଙ୍କ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର କହିଛନ୍ତି।

ସୂଚନା ଅନୁଯାୟୀ, ବିନାୟକପୁରମ୍ କଲୋନିରେ ରହୁଥିବା ବ୍ୟବସାୟୀ ମୁକେଶ ବୁଟଓ୍ୱାନୀଙ୍କ ଏକ ପାନମସଲା ହୋଲ୍‌ସେଲ୍ ଦୋକାନ ରହିଛି। ଗତ ୫ବର୍ଷ ହେଲା ଡକାୟତି ଘଟଣାର ମୁଖ୍ୟ ଅଭିଯୁକ୍ତ ଅଶୋକ ପଣ୍ଡା ମୁକେଶଙ୍କ ଠାରୁ ପାନମସଲା କିଣି ତାଙ୍କ ଦୋକାନରେ ବିକ୍ରି କରୁଥିଲେ। ଇତିମଧ୍ୟରେ ଅଧିକ ଟଙ୍କା ବାକି ହୋଇଯାଇଥିଲା। ମୁକେଶ ତାଙ୍କୁ ବାରମ୍ବାର ବାକି ଟଙ୍କା ମାଗୁଥିଲେ। ସେ ଟଙ୍କା ଦେବା ବାହାନା ଦେଖାଇ ଜମି କାରବାର କରିବା ପାଇଁ ମୁକେଶଙ୍କୁ ପ୍ରବର୍ତ୍ତାଉଥିଲେ। ମାତ୍ର ମୁକେଶ ଏଥିରେ ରାଜି ନ ହେବାରୁ ଅଶୋକ ଉତ୍କ୍ଷିପ୍ତ ହୋଇଯାଇଥିଲେ। ଏହି ଘଟଣାକୁ ନେଇ ଅଶୋକ ସହଯୋଗୀ ସଞ୍ଜୟଙ୍କ ସହ ମୁକେଶଙ୍କ ଘରେ ଡକାୟତି କରିବା ପାଇଁ ଯୋଜନା କରିଥିଲେ। ଗତ ୨ବର୍ଷ ମଧ୍ୟରେ ସେମାନେ ୧୦ରୁ ଅଧିକ ଥର ଡକାୟତି ଉଦ୍ୟମ କରି ବିଫଳ ହୋଇଥିଲେ। ଏପରି କି ମୁକେଶଙ୍କ ବଡ଼ଭାଇ ସୁନୀଲଙ୍କ ପୁରୁଣା ବସଷ୍ଟାଣ୍ଡ ନିକଟରେ ଥିବା ପାନମସଲା ଦୋକାନରେ ମଧ୍ୟ ଡକାୟତି ପାଇଁ ଯୋଜନା କରି ସଫଳ ହୋଇ ନ ଥିଲେ। ଶେଷରେ ଗତ ୧୯ ତାରିଖରେ ମୁକେଶଙ୍କ ଘରେ ସଂଘବଦ୍ଧ ଭାବେ ଡକାୟତି ପାଇଁ ଯୋଜନା କରିଥିଲେ। ପୋଲିସ ସୂଚନା ଅନୁସାରେ, ସଞ୍ଜୟ, ଜଗବନ୍ଧୁ ଓ ୨ଜଣ ନାବାଳକ ମାରଣାସ୍ତ୍ର ଧରି ମୁକେଶଙ୍କ ଘରେ ପଶିଥିଲେ। ବାହାରର ସ୍ଥିତି ସମ୍ପର୍କରେ ଜଣାଇବା ପାଇଁ ମନମୋହନ ସ୍କୁଲ ପଡ଼ିଆରେ ଆକାଶ ଏକ ଫୋନ ଜରିଆରେ ଭିତରେ ଥିବା ସହଯୋଗୀଙ୍କ ସହିତ ଯୋଗାଯୋଗରେ ଥିଲେ। ୩ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ମୁକେଶ ଏବଂ ତାଙ୍କ ପରିବାରର ସମସ୍ତଙ୍କ ହାତଗୋଡ଼ ବାନ୍ଧି ଲକ୍ଷାଧିକ ଟଙ୍କା ସହ ବିପୁଳ ପରିମାଣର ସୁନା ଓ ରୁପା ଅଳଙ୍କାର ଲୁଟି ନେଇଥିଲେ। ଏନେଇ ମୁକେଶ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୫୮୭/୨୫) ରୁଜୁ କରିଥିଲା। ପୋଲିସ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀକୁକୁର ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ଏଥିସହ ଡକାୟତମାନଙ୍କ ଫିଙ୍ଗର ପ୍ରିଣ୍ଟ ଓ ଛାଡ଼ିଯାଇଥିବା ବନ୍ଧୁକ ଜବତ କରିଥିଲା। ଡକାୟତଙ୍କ ଗତିବିଧି ସମ୍ପର୍କରେ ଜାଣିବା ପାଇଁ ପୋଲିସ ସ୍ଥାନୀୟ ଅଞ୍ଚଳର ସିସିଟିଭି ଯାଞ୍ଚ କରିଥିଲା। ହେଲେ ଡକାୟତମାନେ ସିସିଟିଭିରେ ଯେଭଳି ନ ଆସିବେ ସେଥିପାଇଁ ସେମାନେ କିସାନପଡ଼ା, ଗୌରପଡ଼ା ଦେଇ ବେହେରାପାଲିରେ ଏକତ୍ରିତ ହୋଇଥିଲେ। ପୂର୍ବରୁ ସେଠାରେ ଅପେକ୍ଷା କରିଥିବା ମୁଖ୍ୟ ଅଭିଯୁକ୍ତ ଅଶୋକ ଓ ଅନ୍ୟମାନେ ଲୁଟ୍ ହୋଇଥିବା ଟଙ୍କା, ଅଳଙ୍କାର ଧରି କାର୍ ଯୋଗେ ଫେରାର ହୋଇଯାଇଥିଲେ। ପୋଲିସ ସିସିଟିଭିରୁ କିଛି ସୁରାକ ନ ପାଇବାରୁ ଅଭିଯୁକ୍ତଙ୍କ ମୋବାଇଲ୍ ଫୋନ୍ ଟ୍ରାକିଂ କରିଥିଲା। ଏଥିରେ ୨ଟି ନକଲି (ପ୍ରି-ଆକ୍ଟିଭେଟେଡ୍) ସିମ୍ ବ୍ୟବହାର ହୋଇଥିବା ଜାଣିବାକୁ ପାଇଥିଲା। ପୋଲିସ ଉକ୍ତ ସିମ୍‌କୁ ଟ୍ରାକ୍ କରି କାହ୍ନା ଓ ସୁଶୀଳାଙ୍କୁ ଗିରଫ କରିଥିଲା। କାହ୍ନାଙ୍କଠାରୁ ସମସ୍ତ ତଥ୍ୟ ପାଇବା ପରେ ପୋଲିସ ବେହେରାପାଲିରେ ଚଢ଼ାଉ କରି ଦୁଇଟି ଛୁରି ପାଇଥିଲା। ଏଥିସହ କାହ୍ନାଙ୍କ ସାଙ୍ଗ ଝାରସୁଗୁଡ଼ାର ଗ୍ୟାରେଜରେ କାମ କରୁଥିବା ଆକାଶଙ୍କୁ ଗିରଫ କରିଥିଲା। ଏହାପରେ ମୁଖ୍ୟ ଅଭିଯୁକ୍ତ ଅଶୋକଙ୍କ ସମେତ ଅନ୍ୟମାନଙ୍କୁ ଗିରଫ କରିଥିଲା।

# ଦୋଷୀଙ୍କୁ ଆଜୀବନ କାରାଦଣ୍ଡ

ବାଲେଶ୍ୱର, ୨୯।୧୧(ବାଞ୍ଛାନିଧି ଦେ)

**ନାବାଳିକା ବଳାତ୍କାର ମାମଲା**

ଏକ ନାବାଳିକା ବଳାତ୍କାର ମାମଲାର ଶୁଣାଣି କରି ଶନିବାର ବାଲେଶ୍ୱର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ଜଜ୍ ଇନ୍ଦିରା ପ୍ରିୟଦର୍ଶିନୀ ଅଭିଯୁକ୍ତ ବେଣୁଧର ମହାନ୍ତିଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ତାଙ୍କୁ ଆଜୀବନ କାରାଦଣ୍ଡ ସହ ୨୦ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରାଯାଇଛି। ଜରିମାନା ଅନାଦାୟ ଅଧିକ ୧ ବର୍ଷ କାରାଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ଏଥିସହ ପୀଡ଼ିତାଙ୍କୁ ୪ ଲକ୍ଷ ଟଙ୍କାର ସହାୟତା ପ୍ରଦାନ ଲାଗି ଜିଲା ଆଇନ ସେବା ପ୍ରାଧିକରଣ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି।

ବାଲେଶ୍ୱର ଜିଲା ସିଂଲା ଥାନା ଅଞ୍ଚଳର ଜଣେ ୧୧ ବର୍ଷୀୟା ନାବାଳିକା ସ୍ଥାନୀୟ ଆଖୁବାଡ଼ିକୁ ଆଖୁ ଖାଇବା ପାଇଁ ଯାଇଥିଲେ। ଆଖୁବାଡ଼ିର ମାଲିକ ବେଣୁଧର ମହାନ୍ତି (୬୫) ସେଠାରେ ଥିବା ଏକ ବାଉଁଶ ଭାଡ଼ିକୁ ଡାକିନେଇ ନାବାଳିକାଙ୍କୁ ବଳାତ୍କାର କରିଥିଲେ। ଏକଥା କାହାରିକୁ କହିବା ପାଇଁ ସେ ମନା କରିଥିଲା। ପରିବାର ଲୋକେ ଏହା ଜାଣିପାରି ଅଭିଯୁକ୍ତଙ୍କ ଘରକୁ ଯାଇ ପଚରାଉଚୁରା କରିଥିଲେ। ବୃଦ୍ଧ ବେଣୁଧର ଉତ୍କ୍ଷିପ୍ତ ହୋଇ ଜାତି ଉଠାଇ ଗାଳିଦେବା ସହ ଧମକ ଦେଇଥିଲେ। ବାଧ୍ୟ ହୋଇ ପୀଡ଼ିତାଙ୍କ ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଏନେଇ ୨୦୨୫ ଜାନୁଆରୀ ୩୦ ତାରିଖରେ ପୋଲିସ ଏକ ମାମଲା (ନଂ.୧୬୭/୨୦୨୫) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏହି ମାମଲାରେ ପୀଡ଼ିତାଙ୍କ ବୟାନ ସହ ୧୭ଜଣ ସାକ୍ଷୀ ଓ ୨୯ଦଲିଲ ଦସ୍ତାବିଜକୁ ଆଧାର କରି ଜଜ୍ ଦୋଷୀଙ୍କୁ ଉପରୋକ୍ତ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହି ମାମଲାରେ ଡେପୁଟି ଡାଇରେକ୍ଟର ପ୍ରସିକ୍ୟୁଶନ୍ ବାଲେଶ୍ୱର ଦୀପ୍ତିରଞ୍ଜନ ସେଣ୍ଡଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପ୍ରଣବ କୁମାର ପଣ୍ଡା ମାମଲାର ପରିଚାଳନା କରୁଥିଲେ।

**ନାବାଳିକା ବଳାତ୍କାର ମାମଲା**

# ଦୋଷୀଙ୍କୁ ଆଜୀବନ କାରାଦଣ୍ଡ

ବାରିପଦା,୨୯।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ଫାଷ୍ଟ ଟ୍ରାକ୍ ସ୍ପେଶାଲ ପୋକ୍‌ସୋ କୋର୍ଟରେ ଶନିବାର ଏକ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ସନ୍ତୋଷ କୁମାର ନାୟକ ମାମଲାର ବିଚାର କରି ଦୋଷୀଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି। ଏହାସହ ୫୦ହଜାର ଟଙ୍କା ଜରିମାନା ଅନାଦେୟ ଅତିରିକ୍ତ ୩ ବର୍ଷ ଜେଲ୍‌ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ଦୋଷୀ ହେଲେ ବୈଶିଙ୍ଗା ଥାନା ଅଧୀନ ମାନଗୋବିନ୍ଦପୁର ପଞ୍ଚାୟତ ଶିମିଳିଡାହି ଗ୍ରାମର ଉମେଶ୍ୱର ସିଂ(୨୫)। ସୂଚନାଯୋଗ୍ୟ, ୨୦୨୧ ଫେବୃଆରୀ ୧୬ରେ ଉମେଶ୍ୱର ଜଣୈକା ନାବାଳିକାଙ୍କୁ ଷ୍ଟେଶନେରି ଜିନିଷ କିଣିବା ପାଇଁ ନିକଟସ୍ଥ ବଜାରକୁ ବାଇକ୍‌ରେ ବସାଇ ନେଇଥିଲେ। ଫେରିବା ବାଟରେ ଏକ ନିର୍ଜନ ସ୍ଥାନରେ ତାଙ୍କୁ ବଳାତ୍କାର କରିବା ସହ ଘଟଣା ସମ୍ପର୍କରେ କାହାରିକୁ ଜଣାଇଲେ ଜୀବନରୁ ମାରିଦେବେ ବୋଲି ସେ ଧମକ ଦେଇଥିଲେ। ନାବାଳିକା ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇବା ପରେ ପୀଡ଼ିତାଙ୍କ ବାପା ଏନେଇ ବୈଶିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ୧୧ ସାକ୍ଷୀଙ୍କ ବୟାନ, ଡାକ୍ତରୀ ଓ ପୋଲିସ ରିପୋର୍ଟକୁ ଭିତ୍ତିକରି ଜଜ୍ ରାୟ ପ୍ରକାଶ କରିଛନ୍ତି। ସରକାରୀ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ମାମଲା ପରିଚାଳନା କରୁଥିଲେ।

# ମାଂସ ବିକ୍ରି ଟଙ୍କା ନ ଦେବାରୁ ମାରିଦେଲେ ସାଙ୍ଗ

ଉଦଳା/ଗୋପବନ୍ଧୁ ନଗର,୨୯।୧୧(ସନ୍ତୋଷ କୁମାର ବାଛିନି/ ଶାନ୍ତନୁ କୁମାର ମଢୁଆଳ)

**ଯୁବକଙ୍କୁ ଇଟାରେ ଛେଚି ହତ୍ୟା ଘଟଣା**

କେଇଟା ଟଙ୍କା ପାଇଁ ବନ୍ଧୁତାକୁ ଭୁଲିଗଲେ ସାଙ୍ଗ। ଇଟାରେ ଛେଚି ସାଙ୍ଗକୁ ମାରିଦେଲେ। ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ବଡ଼ଖୁଣ୍ଟା ରାସ୍ତାରେ ଯୁବକଙ୍କୁ ପଥରରେ ଛେଚି ହତ୍ୟା ଘଟଣାର ତଦନ୍ତ ପରେ ସତ୍ୟ ସାମ୍ନାକୁ ଆସିଛି। ମୃତ ଖପରାପାଳ ଗ୍ରାମର ଗଣେଶ ହେମ୍ବ୍ରମଙ୍କ ସାଙ୍ଗ ଭୁଡୁରୁକୁଲା ଗାଁର ଅଭିଯୁକ୍ତ ମଙ୍ଗଳ ମୁର୍ମୁଙ୍କୁ ଶନିବାର ଖୁଣ୍ଟା ପୋଲିସ ଗିରଫ କରି କୋର୍ଟଚାଲାଣ କରିବା ସହ ପୂରା ଘଟଣା ଉପରୁ ପରଦା ହଟାଇଛି। ମାଂସ ବିକ୍ରି ଟଙ୍କା ନ ଦେବାରୁ ସାଙ୍ଗଙ୍କୁ ହତ୍ୟା କରିଥିବା ଅଭିଯୁକ୍ତ ମଙ୍ଗଳ ପୋଲିସ ଆଗରେ ସ୍ୱୀକାର କରିଛନ୍ତି।

ସୂଚନା ଅନୁଯାୟୀ, ଗଣେଶ ଓ ମଙ୍ଗଳ ଗୁରୁବାର ଏକ ମୃତ ଛେଳିକୁ କାଟି ମାଂସ ବିକ୍ରି କରିବା ନିମନ୍ତେ ଖୁଣ୍ଟା ସାପ୍ତାହିକ ହାଟକୁ ଯାଇଥିଲେ। ହାଟରେ ଉଭୟ ମିଶି ମାଂସ ବିକ୍ରି କରି ଫେରିବା ସମୟରେ ମଙ୍ଗଳ ଗଣେଶଙ୍କୁ ମାଂସ ବିକ୍ରି ଟଙ୍କା ମାଗିଥିଲେ। ହେଲେ ଗଣେଶ ଟଙ୍କା ନାହିଁ ବୋଲି କହିବାରୁ ବଡ଼ଖୁଣ୍ଟା ନିକଟ ରାସ୍ତାରେ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏହି ଝଗଡ଼ା ଉଗ୍ରରୂପ ନେବାରୁ ମଙ୍ଗଳ ଏକ ଇଟା ଆଣି ଗଣେଶଙ୍କ ମୁଣ୍ଡକୁ ଛେଚି ହତ୍ୟା କରିଥିଲେ। ପରେ ତାଙ୍କ ପକେଟରୁ ମୋବାଇଲ ଏବଂ ଟଙ୍କା ନେଇ ଫେରାର ହୋଇଯାଇଥିଲେ। ଶୁକ୍ରବାର ସକାଳେ ବଡ଼ଖୁଣ୍ଟା ରାସ୍ତାପାର୍ଶ୍ୱରୁ ଗଣେଶଙ୍କ ମୃତଦେହ ମିଳିଥିଲା। ଘଟଣାସ୍ଥଳରେ ପଡ଼ିଥିବା ଏକ ଗାଡ଼ି ଚାବିକୁ ନେଇ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଏନେଇ ଥାନାରେ ହତ୍ୟା ମାମଲା (ନଂ. ୩୮୦/୨୫) ରୁଜୁ ହୋଇଛି।

# ମଧ୍ୟାହ୍ନଭୋଜନ ଚାଉଳ ସହ ଧରାପଡ଼ିଲେ ପ୍ରଧାନଶିକ୍ଷକ

ବଇଣ୍ଡା, ୨୯।୧୧ (ପରିକ୍ଷିତ ସାହୁ)

**କାର୍, ୨ ବସ୍ତା ଚାଉଳ ପୋଲିସକୁ ହସ୍ତାନ୍ତର**

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଅଞ୍ଚଳର ଏକ ବିଦ୍ୟାଳୟରୁ ଶୁକ୍ରବାର ରାତିରେ ୨ ବସ୍ତା ମଧ୍ୟାହ୍ନଭୋଜନ ଚାଉଳ ନିଜ କାର୍‌ରେ ପ୍ରଧାନ ଶିକ୍ଷକ ନେଉଥିବା ବେଳେ ସ୍ଥାନୀୟ ଗ୍ରାମବାସୀଙ୍କ ହାତରେ ଧରାପଡିଛନ୍ତି। ଖବରପାଇ ପୋଲିସ ପହଞ୍ଚିବା ପରେ ଗ୍ରାମବାସୀ ଅଟକ ରଖିଥିବା କାର୍, ଚାଉଳ ଓ ପ୍ରଧାନ ଶିକ୍ଷକଙ୍କୁ ପୋଲିସକୁ ହସ୍ତାନ୍ତର କରିଛନ୍ତି।

ସୂଚନା ଅନୁଯାୟୀ, ପୂର୍ବରୁ ଉକ୍ତ ବିଦ୍ୟାଳୟରୁ କିଛି ସାମଗ୍ରୀ ଚୋରି ହୋଇଥିଲା। ଏହାପରେ ଗ୍ରାମବାସୀ ବିଦ୍ୟାଳୟ ଉପରେ ନଜର ରଖିଥିଲେ। ଶୁକ୍ରବାର ରାତି ପ୍ରାୟ ୮ଟାରେ ପ୍ରଧାନଶିକ୍ଷକ ତାଙ୍କ କାର୍ ଯୋଗେ ୨ ବସ୍ତା ମଧ୍ୟାହ୍ନଭୋଜନ ଚାଉଳ (ଏକ କୁଇଣ୍ଟାଲ) ବିଦ୍ୟାଳୟରୁ ନେଉଥିବା ବେଳେ କେତେଜଣ ଯୁବକ ଦେଖି ଗ୍ରାମବାସୀଙ୍କୁ ଜଣାଇଥିଲେ। ତୁରନ୍ତ ଗ୍ରାମବାସୀ ସ୍କୁଲରେ ପହଞ୍ଚି ପ୍ରଧାନଶିକ୍ଷକଙ୍କୁ ରାତିରେ ଆସିବାର କାରଣ ପଚାରିଥିଲେ। ପ୍ରଧାନଶିକ୍ଷକ କିଛି ଉତ୍ତର ନ ଦେବାରୁ ଗ୍ରାମବାସୀ ତାଙ୍କ କାର୍ ଯାଞ୍ଚ କରିଥିଲେ। ଗାଡ଼ି ଡିକିରେ ୨ ବସ୍ତା ମଧ୍ୟାହ୍ନଭୋଜନ ଚାଉଳ ଥିବା ଦେଖିବା ପରେ ଗ୍ରାମବାସୀ ପୋଲିସକୁ ସୂଚନା ଦେଇଥିଲେ। ଠାକୁରଗଡ଼ ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ଗ୍ରାମବାସୀ ଉକ୍ତ କାର୍ ଓ ଚାଉଳକୁ ହସ୍ତାନ୍ତର କରିଥିଲେ। ଏହାପରେ ପୋଲିସ ପ୍ରଧାନ ଶିକ୍ଷକଙ୍କୁ ଥାନାକୁ ଆଣି ଅଟକ ରଖି ପଚରାଉଚରା କରୁଛି। ତେବେ ଘଟଣାକୁ ଚପାଇ ଦେବା ପାଇଁ ଶିକ୍ଷା ବିଭାଗର କେତେଜଣ କର୍ମଚାରୀ ପୋଲିସ ଉପରେ ଚାପ ପକାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି। ଏ ସମ୍ପର୍କରେ ଠାକୁରଗଡ଼ ଥାନା ଅଧିକାରୀ ଶଶୀଭୂଷଣ ବେହେରା କହିଛନ୍ତି, ପୋଲିସ କାର୍, ଚାଉଳ ସହ ପ୍ରଧାନଶିକ୍ଷକଙ୍କୁ ଥାନାକୁ ଆଣି ଅଟକ ରଖିଛି। ଅଞ୍ଚଳବାସୀ ଲିଖିତ ଅଭିଯୋଗ କଲେ ମାମଲା ରୁଜୁ କରାଯିବ। ଆଠମଲ୍ଲିକ ଏସ୍‌ଡିପିଓ ସୁଶାନ୍ତ କୁମାର ତାଉଡିଆ କହିଛନ୍ତି, ଉକ୍ତ ଘଟଣାକୁ ନେଇ ଏକ ଷ୍ଟେଶନ ଡାଏରୀ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ପ୍ରଧାନଶିକ୍ଷକଙ୍କ ନାମରେ ଅଭିଯୋଗ ହେଲେ ମାମଲା ରୁଜୁ କରାଯିବ।



କାର୍ ଡିକିରେ ଥିବା ୨ ବସ୍ତା ମଧ୍ୟାହ୍ନଭୋଜନ ଚାଉଳ।

ପ୍ରଥମ ପୃଷ୍ଠାରୁ...

## ଅଯୋଗ୍ୟ କଟିବାରୁ...

ବର୍ଷରେ ସରକାରଙ୍କ ରାଜକୋଷରେ ୨୧୦ କୋଟି ଟଙ୍କା ବଞ୍ଚିଛି ବୋଲି ମନ୍ତ୍ରୀ ପାତ୍ର କହିଛନ୍ତି।

ମନ୍ତ୍ରୀ ଆହୁରି କହିଛନ୍ତି, ଇ-କେଓ୍ୱାଇସି ଦ୍ୱାରା ବାହାର ରାଜ୍ୟରେ ମଧ୍ୟ ଲୋକଙ୍କୁ ଚାଉଳ ମିଳିପାରୁଛି। ବିରୋଧୀ ଅଭିଯୋଗ କରୁଥିଲେ ଅନ୍ୟ ରାଜ୍ୟରେ ଏ ବ୍ୟବସ୍ଥା ନାହିଁ। ହେଲେ ତାମିଲନାଡୁ, କର୍ଣାଟକ ଏବଂ କେରଳରେ ଇ-କେଓ୍ୱାଇସି ହେଉଛି। ପୂର୍ବ ସରକାର ସମୟରେ ପୋର୍ଟାଲ ବନ୍ଦ କରିଦିଆଯାଇଥିଲା। ଫଳରେ ହିତାଧିକାରୀ ଆବେଦନ କରିପାରୁ ନ ଥିଲେ। ହେଲେ ଭାଜପା ସରକାର ଆସିବା ପରେ ପୋର୍ଟାଲ ଖୋଲିଲା ଏବଂ ବର୍ତ୍ତମାନ ସୁଦ୍ଧା ୧୫ ଲକ୍ଷ ଲୋକ ଆବେଦନ କରିଥିବାବେଳେ ସେମାନଙ୍କ ମଧ୍ୟରୁ ୬ ଲକ୍ଷ ୩୯ ହଜାର ୮୨୭ ଜଣଙ୍କୁ ଇନ୍‌କ୍ୱାରି କରି କାର୍ଡ ଦିଆଯାଇସାରିଛି। ସହରାଞ୍ଚଳରେ ଦେଢ଼ ଲକ୍ଷ ହିତାଧିକାରୀଙ୍କ ତାଲିକା ପ୍ରସ୍ତୁତ ଲାଗି କୁହାଯାଇଛି। ସେହିପରି ଗ୍ରାମାଞ୍ଚଳରେ ୧୩ ଲକ୍ଷ ୫୦ ହଜାର ନୂଆ ହିତାଧିକାରୀଙ୍କୁ ଯୋଡ଼ିବାକୁ କୁହାଯାଇଛି। ପୂର୍ବ ସରକାର ସମୟରେ ରାଜନୈତିକ ଉଦ୍ଦେଶ୍ୟ ରଖି ଯେଉଁମାନଙ୍କୁ ଭାଜପାର କହି କାଟିଦିଆଯାଉଥିଲା ସେମାନେ ଆଉ ଆବେଦନ କରିପାରୁ ନ ଥିଲେ। ହେଲେ ଏ ସରକାର ସେ ବ୍ୟବସ୍ଥା ବନ୍ଦ କରିଛନ୍ତି। ବିରୋଧୀ ଅଭିଯୋଗ କରୁଥିଲେ ଯିଏ ଲୋନ୍ ପାଇଁ ଆବେଦନ କରୁଛନ୍ତି ସେମାନଙ୍କ କାର୍ଡ କଟାଯାଉଛି, ଏହା ସମ୍ପୂର୍ଣ୍ଣ ଭୁଲ୍ କଥା। ଗତ ସେପ୍ଟେମ୍ବର, ଅକ୍ଟୋବର ଏବଂ ନଭେମ୍ବରରେ ହିତାଧିକାରୀଙ୍କୁ ମାଗଣାରେ ୫ କେଜି ଲେଖା ଚାଉଳ ଦିଆଯାଇଛି। ୧୭ ମାସ ଭିତରେ ଜଣେ ହେଲେ ଚାଷୀ ଆତ୍ମହତ୍ୟା କରିନାହାନ୍ତି, ବରଂ ସେମାନେ ସୁନାଦୋକାନ ଯାଇ ଏବେ ଆର୍ଥିକ ସ୍ୱଚ୍ଛଳ ହୋଇପାରିଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି।

## ରାଶନ କାର୍ଡରୁ ନାଁ...

ସଂଖ୍ୟା କମାଇବାକୁ ଲେଖିଛନ୍ତି, ସେଗୁଡ଼ିକ ମଧ୍ୟରେ ୬ ମାସ ଯଦି ଜଣେ ଚାଉଳ ଉଠାଇ ନ ଥିବେ, ୨.୪୭ ଏକର ଜମି ଯାହାର ଥିବ ଏବଂ ବାର୍ଷିକ ଯେଉଁମାନେ ୧ ଲକ୍ଷ ୨୦ ହଜାର ଟଙ୍କା ରୋଜଗାର କରୁଥିବେ ଆଦି ଅନ୍ତର୍ଭୁକ୍ତ। ରାଜ୍ୟରୁ ପ୍ରାୟ ୩୯.୪୭ ଲକ୍ଷ ଲୋକଙ୍କୁ ଅଯୋଗ୍ୟ ବର୍ଗରେ ରଖି ସେମାନଙ୍କ ନାଁ କାଟିବାକୁ ଜିଲାପାଳଙ୍କୁ ବାଧ୍ୟ କରାଯାଇଛି। ୪ ଲକ୍ଷ ୭୫ ହଜାର ଲୋକଙ୍କ ରାଶନ କାର୍ଡ କାଟିସାରିଛନ୍ତି। ସରକାର ଗୋଟେ କଥା ସ୍ପଷ୍ଟ କରନ୍ତୁ, ପିଏମ୍ କିଷାନ, ସିଏମ୍ କିଷାନ, ସୁଭଦ୍ରା ଯୋଜନାରେ ଯେଉଁମାନେ ଅର୍ଥ ପାଉଛନ୍ତି ସେମାନେ ରାଶନକାର୍ଡ ପାଇବା ଲାଗି ଯୋଗ୍ୟ ହେବେ ନା କଟିବେ। ସରକାର ଲୋକଙ୍କୁ କୃତ୍ରିମ ଭାବେ ଧନୀକରି ରାଶନକାର୍ଡରୁ ବଞ୍ଚିତ କରାଇବାକୁ ଲକ୍ଷ୍ୟ ରଖିଛନ୍ତି। ଯେଉଁମାନେ ଦାଦନ ଯାଇଛନ୍ତି ସେମାନେ ତ ୬ ମାସ ଚାଉଳ ଉଠାଇପାରିବେନାହିଁ। ତା'ମାନେ ସେମାନେ କ'ଣ ଅଯୋଗ୍ୟ ହେବେ? ଇଏ ଆଦାନୀ ଏବଂ ଆମ୍ବାନୀଙ୍କ ସରକାର ବୋଲି ରଣେନ୍ଦ୍ର କହିଛନ୍ତି। ବିଜେଡି ସଦସ୍ୟ ଦେବୀରଞ୍ଜନ ତ୍ରିପାଠୀ କହିଛନ୍ତି, ସସ୍‌ପେକ୍ଟଫୁଲ୍ ହିତାଧିକାରୀମାନେ କ'ଣ କ୍ରିମିନାଲ। ଏ ସରକାର ନିୟମ କରିଛନ୍ତି ଯେଉଁମାନଙ୍କ ୩ ଚକିଆ ଅଟୋ ଥିବ ସେ ମଧ୍ୟ ଚାଉଳ ପାଇବାରୁ ବଞ୍ଚିତ ହେବେ। ୧୦ ହଜାର ଟଙ୍କା ରୋଜଗାର କରୁଥିବା ଲୋକ ଏଥିରୁ ବଞ୍ଚିତ ହେବେ, ସରକାର କ'ଣ ଜାଣିଶୁଣି ସାଧାରଣ ଲୋକଙ୍କୁ ଏଥିରୁ ବଞ୍ଚିତ କରୁଛନ୍ତି। ସରକାର ଆଉ ଗୋଟେ ନିୟମ କରିଛନ୍ତି, ଯେଉଁମାନେ ଟ୍ୟାକ୍ସପେୟର ସେମାନେ ମଧ୍ୟ ଅଯୋଗ୍ୟ ହେବେ। ଏବେ ସାଧାରଣ ଲୋକଟିଏ ଋଣ ନେବାକୁ ଚାହିଁଲେ ସେମାନଙ୍କର ପ୍ୟାନ୍ କାର୍ଡ ଦରକାର। ଏହାସହ ସେ ଜିରୋ ରିଟର୍ନ ଫାଇଲ କରୁଥିବା ଦରକାର। ସେମାନଙ୍କୁ ବି କାଟିଦିଆଯିବ କି ବୋଲି ଦେବୀରଞ୍ଜନ ପ୍ରଶ୍ନ କରିଛନ୍ତି। ବିଧାୟକ ସାରଦା ପ୍ରସାଦ ଜେନା କହିଛନ୍ତି, ଇ-କେଓ୍ୱାଇସି ନାମରେ ରାଶନ କାର୍ଡ କାଟିବାକୁ ଯେଉଁ ଆତଙ୍କୀ କାର୍ଯ୍ୟକ୍ରମ କରାଯାଉଛି ତାହା ଦୁର୍ଭାଗ୍ୟଜନକ। ଏହା ଏସ୍‌ଆଇଆର୍‌ଠାରୁ ମଧ୍ୟ ଭୟଙ୍କର। ନୂଆପଡ଼ା ଉପନିର୍ବାଚନ ସମୟରେ ଶାସକ ଦଳ ନେତାମାନେ ସେଠାର ଭୋଟରଙ୍କୁ କହିଲେ, ଯଦି ଭୋଟ ନ ଦେବ ତେବେ ରାଶନକାର୍ଡ କାଟିଦିଆଯିବ। ଏଭଳି ଭୟ ସାଧାରଣ ଲୋକଙ୍କୁ ଦେଖାଯାଉଛି। ସରକାର ଆସିବାର ୧୭ ମାସ ପୂରଣ ହେଲାଣି, ଜଣେ ହେଲେ ନୂଆ ହିତାଧିକାରୀ ରାଶନକାର୍ଡ ରାଜ୍ୟରେ ପାଇନାହାନ୍ତି ବୋଲି ସେ କହିଛନ୍ତି।

କଂଗ୍ରେସ ସଦସ୍ୟ ଅଶୋକ ଦାସ କହିଛନ୍ତି, ରାଶନ କାର୍ଡ କାଟିବାର ଯେଉଁ ପ୍ରୟାସ ଆରମ୍ଭ ହୋଇଛି ତାହା ଦୁର୍ଭାଗ୍ୟଜନକ। ୨୦୧୩ରେ ଯେତେବେଳେ ଉପା ସରକାର ଥିଲା ସେତେବେଳେ ଯୋଜନା କରିଥିଲା, ଭାରତର ଯେପରି ଜଣେ କେହି ଭୋକିଲା ରହିବେ ନାହିଁ। ଏବେ ଏହି ଯୋଜନାକୁ ବିଭିନ୍ନ ନାମରେ ପରିବର୍ତ୍ତନ କରି ଏହାକୁ ନେଇ ବିଭିନ୍ନ ଦଳ ରାଜନୀତି କରୁଛନ୍ତି। ଇ-କେଓ୍ୱାଇସି ନାଁରେ ସାଧାରଣ ଲୋକଙ୍କୁ ଉକ୍ତ ଯୋଜନାରୁ ବାଦ୍ ପଡ଼ିବାକୁ ପଡୁଛି ବୋଲି ସେ କହିଛନ୍ତି। ସି.ଏସ୍. ରାଜନ ଏକ୍କା ମଧ୍ୟ ଇ-କେଓ୍ୱାଇସି ଯୋଗୁ ତାଙ୍କ ଅଞ୍ଚଳରେ ଉପୁଜୁଥିବା ସମସ୍ୟା କଥା କହିଛନ୍ତି।



## ୩୩.୧୬ ଗ୍ରାମ୍ ବ୍ରାଉନସୁଗାର ଜବତ, ଜଣେ ଗିରଫ

ବାସୁଦେବପୁର,୨୯।୧୧(କାଳିପଦ ରାୟ)

ଭଦ୍ରକ ଜିଲା ସଦର ବ୍ଲକ ଅଧୀନ ସାବରଙ୍ଗ ପୋଲିସ ଜଣେ ବ୍ରାଉନସୁଗାର ବେପାରୀଙ୍କୁ ଶନିବାର ଗିରଫ କରିଛି। ସେ ହେଲେ ଭଦ୍ରକ ଟାଉନ ଥାନା ଅଧୀନ ଏଲେଖା ଅଞ୍ଚଳର ମିରିଜା ବାବୁ(୨୧)। ତାଙ୍କଠାରୁ ୩୩. ୧୬ ଗ୍ରାମ୍ ବ୍ରାଉନସୁଗାର ଓ ଏକ ମୋବାଇଲ ଜବତ କରାଯାଇଛି। ସୂଚନା ଅନୁଯାୟୀ, ମିରିଜା ସକାଳେ ଇଚ୍ଛାପୁର-ବାସୁଦେବପୁର ରାସ୍ତାର ତାରିଣୀ ଛକଠାରେ ସନ୍ଦେହଜନକ ଅବସ୍ଥାରେ ବୁଲୁଥିଲେ। ଖବର ପାଇ ଥାନାଧିକାରୀ ଶାନ୍ତନୁ କୁମାର ଜେନାଙ୍କ ନିର୍ଦ୍ଦେଶକ୍ରମେ ଏସ୍ଆଇ ପ୍ରିୟବ୍ରତ ବିଶ୍ୱାଳ, ଏଏସ୍ଆଇ ବିଶ୍ୱମ୍ଭର ନାୟକ, ହାବିଲଦାର ବିନୋଦ ପୃଷ୍ଟି ଓ କନ୍ଷ୍ଟେବଲ ଲମ୍ବୋଧର ପାତ୍ର ତାଙ୍କ ପିଛା କରିଥିଲେ। ପୋଲିସକୁ ଦେଖି ସେ ଦୌଡ଼ି ପଳାଉଥିବା ବେଳେ ପୋଲିସ ପିଛା କରି ତାଙ୍କୁ ଧରିଥିବା ସଦର ଏସ୍ଡିପିଓ ବିଚିତ୍ରାନନ୍ଦ ସେଠୀ ସାବରଙ୍ଗ ଥାନାରେ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏନେଇ ଥାନାରେ ଏକ ମାମଲା (ନଂ.୨୯୬/୨୫) ରୁଜୁ କରାଯାଇ ସନ୍ଧ୍ୟାରେ ମିରିଜାଙ୍କୁ କୋର୍ଟଚାଲାଣ କରାଯାଇଛି।

## ଯାଞ୍ଚ ଆରମ୍ଭ ହୋଇନି, ହିତାଧିକାରୀଙ୍କୁ ଘାରିଛି ଭୟ

ତିହିଡ଼ି,୨୯।୧୧(ସଞ୍ଜିତ ବଳ)

- କଟିବେ ୩୧,୧୭୨ ରାଶନ ହିତାଧିକାରୀ
- ଯୋଜନାରେ ସାମିଲ ଅଛନ୍ତି ୪୯,୧୧୬

ତିହିଡ଼ି ବ୍ଲକର ୩୧ ପଞ୍ଚାୟତରେ ମୋଟ ୩୧,୧୭୨ଜଣ ରାଶନ ହିତାଧିକାରୀ କଟିବା ଆଶଙ୍କା ନେଇ ସରକାରଙ୍କ ପକ୍ଷରୁ ସୂଚନା ମିଳିବା ପରେ ହିତାଧିକାରୀମାନଙ୍କୁ ଭୟ ଘାରିଛି। ଏହି ତାଲିକା ଅନୁଯାୟୀ କିଏ କଟିବେ, କିଏ ରହିବେ ସେନେଇ ସବୁଠି ଚର୍ଚ୍ଚା ଚାଲିଛି। ପ୍ରତି ପଞ୍ଚାୟତରେ ହିତାଧିକାରୀଙ୍କ ସମ୍ପର୍କରେ ତଥ୍ୟ ହାସଲ ପାଇଁ ଏଯାବତ୍ ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇ ନ ଥିବାବେଳେ ହିତାଧିକାରୀମାନେ ତାଲିକାକୁ ନେଇ ଭୟଭୀତ ଅଛନ୍ତି।

ବ୍ଲକ ଯୋଗାଣ ବିଭାଗକୁ ମିଳିଥିବା ତାଲିକାରେ ସିନ୍ଦୋଳ ପଞ୍ଚାୟତରେ ସର୍ବାଧିକ ୧୬୯୯ ଏବଂ ନୂଆନନ୍ଦ ପଞ୍ଚାୟତରେ ସର୍ବନିମ୍ନ ୩୫ଜଣ ବାଦ୍ ପଡ଼ିବା ନେଇ ସୂଚନା ରହିଛି। ଏହାବ୍ୟତୀତ ରାଜନଗର ପଞ୍ଚାୟତରେ ୧୫୬୯, ସୟାରେ ୧୫୯୯, କୋହ୍ଲରେ ୧୫୧୮, ପାଳିଆବିନ୍ଧାରେ ୧୪୯୪, ବାମନବିନ୍ଧାରେ ୧୪୭୪, ବୋଡ଼କରେ ୧୪୩୮, ମୁକୁନ୍ଦପୁରରେ ୧୩୮୧, ବାରୋରେ ୧୩୩୧, ଭାଟପଡ଼ାରେ ୧୩୨୭ ଓ ବାରସରରେ ୧୩୦୪ ହିତାଧିକାରୀ ବାଦ୍ ପଡ଼ିବା ଆଶଙ୍କା ରହିଛି। ଗତ ଏପ୍ରିଲଠାରୁ ନଭେମ୍ବର ସୁଦ୍ଧା ୩୧ ପଞ୍ଚାୟତରେ ୨୨୪୬ଜଣ ନୂତନ ହିତାଧିକାରୀ ଯୋଜନାରେ ସାମିଲ ହୋଇଥିବା ବେଳେ ବ୍ଲକରେ ମୋଟ ୪୯ ହଜାର ୧୧୬ଜଣ ରାଶନ ହିତାଧିକାରୀ ଅଛନ୍ତି। ୩୧ ହଜାର ୧୭୨ଜଣ ବାଦ୍ ପଡ଼ିଲେ ଅବଶିଷ୍ଟ ୧୭,୯୪୪ ହିତାଧିକାରୀ ରହିବେ। ସରକାରଙ୍କ ନିୟମ ଅନୁଯାୟୀ ଚାରିଚକିଆ ଯାନ ଥିବା, ସରକାରୀ ଚାକିରିଆ, ୬ ମାସ ହେଲା ଚାଉଳ ନେଇ ନ ଥିବା, ୨ଟି ସ୍ଥାନରେ ରାଶନ ପାଉଥିବା ହିତାଧିକାରୀଙ୍କୁ ଯାଞ୍ଚ କରାଯିବା ପରେ ଯୋଜନାରୁ ବାଦ୍ କରାଯିବ। ପ୍ରତି ଗ୍ରାମରେ ଏହାକୁ ନେଇ ତଦନ୍ତ ହେବା ପରେ ଯୋଗ୍ୟ ବିବେଚିତ ହିତାଧିକାରୀମାନେ ଯୋଜନାରେ ଅନ୍ତର୍ଭୁକ୍ତ ରହିବେ। ବାଇକ୍ ବ୍ୟବହାର କରୁଥିବା ବ୍ୟକ୍ତି କିମ୍ବା ଧାନ ଚାଷ କରି ମଣ୍ଡିରେ ଧାନ ବିକ୍ରି କରୁଥିବା ଚାଷୀମାନେ ଯୋଜନାରୁ ବାଦ୍ ପଡ଼ିବା ନେଇ କୌଣସି ନିୟମ ନ ଥିବା ଜଣାଯାଇଛି। ତେବେ ବିଭିନ୍ନ ସମୟରେ ବିଭିନ୍ନ ଅଭିଯୋଗକୁ ଭିତ୍ତିକରି ଯାଞ୍ଚ ପରେ ଅଯୋଗ୍ୟଙ୍କୁ ଯୋଜନାରୁ ବାଦ୍ କରାଯାଇଥିବା ବେଳେ ଏତେସଂଖ୍ୟାରେ ହିତାଧିକାରୀ କଟିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ବ୍ଲକ ଯୋଗାଣ ଅଧିକାରୀ ପ୍ରୀତିଶ ସାମଲ କହିଛନ୍ତି, କେବେଠାରୁ ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହେବ ତାହା ଠିକ୍ ହୋଇନାହିଁ। ଯାଞ୍ଚ ପରେ ଯେଉଁମାନେ ଅଯୋଗ୍ୟ ବୋଲି ଜଣାପଡ଼ିବେ, ସେମାନଙ୍କୁ ଯୋଜନାରୁ ବାଦ୍ ଦିଆଯିବ।

## ଉପକୂଳ ସହଭାଗିତା କାର୍ଯ୍ୟକ୍ରମ




ଧାମରା ସାମୁଦ୍ରିକ ଥାନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଚାନ୍ଦବାଲି,୨୯।୧୧(ଅଶୋକ ପଣ୍ଡା)

ଭଦ୍ରକ ଜିଲା ଧାମରାରେ ୫୮ କି.ମି. ସମୁଦ୍ର ଉପକୂଳ ଥିବାବେଳେ ବାଂଲାଦେଶୀ ଅନୁପ୍ରବେଶକୁ ରୋକିବା ପାଇଁ ମତ୍ସ୍ୟଜୀବୀ ଓ ପୋଲିସ ମଧ୍ୟରେ ସହଭାଗିତା କାର୍ଯ୍ୟକ୍ରମ ଶୁକ୍ରବାର ସନ୍ଧ୍ୟାରେ ଧାମରା ସାମୁଦ୍ରିକ ଥାନାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅତିରିକ୍ତ ଏସ୍ପି ଅଂଶୁମାନ ଦ୍ୱିବେଦୀ, ଅନ୍ୟତମ ଅତିଥି ଭାବେ ଧାମରା ସାମୁଦ୍ରିକ ଥାନା ଅଧିକାରିଣୀ ପ୍ରିୟଦର୍ଶିନୀ ଖଟୁଆ, ଦେବାଶିଷ ଭୂୟାଁ, ଡେପୁଟି ରେଞ୍ଜର ସୁଶାନ୍ତ ବାଗ, ଦୋସିଙ୍ଗା ସରପଞ୍ଚ ରାମକୃଷ୍ଣ ଜାନା, ସାମାଜିକ କର୍ମୀ ଦେବେନ୍ଦ୍ର ନାୟକ, ଧାମରା ମତ୍ସ୍ୟଜୀବୀ ସଂଘ ସଭାପତି ଅଶୋକ ଜାନା, ସମ୍ପାଦକ ସୁଦର୍ଶନ ଲେଙ୍କା, ବାଲିଚର ମତ୍ସ୍ୟଜୀବୀ ସଂଘର ଅଶୋକ କୁମାର ଗିରି ପ୍ରମୁଖ ଯୋଗଦେଇ ସାଧାରଣ ଜନତା ଏବଂ ପୋଲିସ ମଧ୍ୟରେ ସମ୍ପର୍କ ନିକଟତର ହେବା ସହ ସମନ୍ୱୟ ରହିବା ଆବଶ୍ୟକ ବୋଲି କହିଥିଲେ। ବେଳାଭୂମି ଅଞ୍ଚଳରେ କୌଣସି ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଦେଖିଲେ ପୋଲିସ ସହ ଯୋଗାଯୋଗ କରିବାକୁ ମୁଖ୍ୟଅତିଥି ପରାମର୍ଶ ଦେଇଥିଲେ। ଏହି ଅବସରରେ ଅମର ନଗର ଓ ବାଂଶଡ଼ା ଟିମ୍ ମଧ୍ୟରେ ଏକ ଭଲିବଲ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। କୁନି କୁନି ପିଲାମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବା ସହ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପୁରସ୍କୃତ ଆପଦମିତ୍ର ପ୍ରତିମା ପରମାଣିକ ଏବଂ ବିଶ୍ୱକେତୁ ଖୁଣ୍ଟିଆଙ୍କୁ ସମ୍ମାନିତ କରାଯାଇଥିଲା। କୃଷ୍ଣଚନ୍ଦ୍ର ନାୟକ, ଶରତ ଚନ୍ଦ୍ର ଜେନା, ସଞ୍ଜୀବ ମଲିକ, ବେଣୁଧର ମଲିକଙ୍କ ସମେତ ବାଲିଚର ମତ୍ସ୍ୟଜୀବୀ ସଂଘର କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଦେୱାନୀ ଓ ଫୌଜଦାରି ଅଦାଲତର ପ୍ରତିଷ୍ଠା ଦିବସ

ଚାନ୍ଦବାଲି,୨୯।୧୧(କିଷାନ ପାତ୍ର)

ଚାନ୍ଦବାଲି ବିଜୁ ସ୍ମୃତି ଭବନ ପରିସରରେ ଶନିବାର ପୂର୍ବାହ୍ନ ୧୧ଟାରେ ଦେୱାନୀ ଓ ଫୌଜଦାରି ଅଦାଲତର ଅଷ୍ଟାଦଶ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ଓକିଲ ସଂଘ ସଭାପତି ଉପେନ୍ଦ୍ର ରାଉଳଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଚାନ୍ଦବାଲି କୋର୍ଟ ବିଚାରପତି ତନ୍ମୟ ରଞ୍ଜନ ଦାଶ ଯୋଗଦେଇ ଆଇନ ସେବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ଆଇନଜୀବୀ ପର୍ଶୁରାମ ଦ୍ୱିବେଦୀ ଯୋଗଦେଇ ଅଦାଲତର ଉନ୍ନୟନ ଏବଂ ନ୍ୟାୟ ସୁବିଧାର ବିସ୍ତାର ନେଇ ମତ ରଖିଥିଲେ। ଅନ୍ୟତମ ଅତିଥି ଅତିରିକ୍ତ ଏସ୍ପି ଅଂଶୁମାନ ଦ୍ୱିବେଦୀ, ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ବିଡିଓ ସଞ୍ଜୀବ କୁମାର ମହାପାତ୍ର, ତହସିଲଦାର ଭବତୋଷ ମଲ୍ଲିକ, ବିଶେଷ ଅତିଥି ଭାବେ ସହକାରୀ ଜିଲାପାଳ ଶାଶ୍ୱତୀ ମହାପାତ୍ର ଓ ସରୋଜ ବେହେରା ଯୋଗ ଦେଇଥିଲେ।

ଏହି ଅବସରରେ ପୂର୍ବତନ ସଭାପତି ପ୍ରଭାସ ଶୁଭଦର୍ଶନ ମହାନ୍ତି ଓ ରଜନୀକାନ୍ତ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ଆଇନଜୀବୀ ବୈରାଗୀ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଓକିଲ ସଂଘ ସମ୍ପାଦକ ରାଜନାରାୟଣ ନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଶେଷରେ ଆଇନଜୀବୀ ତ୍ରିଲୋଚନ ଦାଶ ଧନ୍ୟବାଦ ଦେଇଥିଲେ। ଆଇନଜୀବୀ ଆଦିତ୍ୟ କୁମାର ବିଶ୍ୱାଳ, ଶ୍ୟାମସୁନ୍ଦର ମହାନ୍ତି, ପ୍ରଭାସ ରଞ୍ଜନ ନାୟକ, ମଳୟ ଭୋଇ, ପ୍ରଶାନ୍ତ ଦାସ, ଦୀପକ ଭଳ, ନିରାକାର ରାଉତ, ମାନସୀ ଆଚାର୍ଯ୍ୟ, ପ୍ରିୟରଞ୍ଜନ ମହାନ୍ତି, ଜନ୍ମେଜୟ ଉଦ୍ଗାତା, ଧନେଶ୍ୱର ବେହେରା, ସତ୍ୟବୀର ପ୍ରତାପ ରାୟ, ତ୍ରିଲୋଚନ ମହାଲିକ, ସୁରେଶ ସାହୁ, ଯତୀନ୍ଦ୍ର ମହାନ୍ତି, ବିନିତା ମାହୁନ୍ତ, ରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।




କୋର୍ଟ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ।

## ସାହିତ୍ୟିକଙ୍କ ସ୍ମୃତିଚାରଣ

ବାସୁଦେବପୁର,୨୯।୧୧(କାଳିପଦ ରାୟ)

ବାସୁଦେବପୁର ଲୋକନାଥ ପାଠାଗାର ପକ୍ଷରୁ ଶନିବାର ଦିବଂଗତ ସାହିତ୍ୟିକ ଗଗନ ବିହାରୀ ସେଠୀଙ୍କ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ବାଇଚଢ଼େଇର ସଭାପତି ସୁଦର୍ଶନ ଅଗସ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସେବାନିବୃତ୍ତ ପ୍ରଧାନଶିକ୍ଷକ ସୁଧାଂଶୁ ଶେଖର ମିଶ୍ର, ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ଭରତ ଚନ୍ଦ୍ର ଦାସ, ସାହିତ୍ୟିକ ଭାଗୀରଥି ସ୍ୱାଇଁ, ଧନେଶ୍ୱର ରାଉତ, ସଦାନନ୍ଦ ପାଣିଗ୍ରାହୀ, ମନ୍ମଥ ଅଗସ୍ତି, ଶଶାଙ୍କ ଶେଖର ସାହୁ ପ୍ରମୁଖ ସ୍ୱର୍ଗତ ସେଠୀଙ୍କ ସ୍ମୃତିଚାରଣ କରିଥିଲେ। ପାଠାଗାରର ପ୍ରତିଷ୍ଠାତା ଓ ବାଇଚଢ଼େଇର ସମ୍ପାଦକ ବିକାଶ ଶତପଥୀ ଧନ୍ୟବାଦ ଦେଇଥିଲେ।

## ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ, ସାଙ୍ଗ ଗୁରୁତର

ଧାମନଗର,୨୯।୧୧(ଦେବେନ୍ଦ୍ର ଆନ୍ଦିଆ)

ଧାମନଗର ଥାନା ଅଧୀନ ୧୬ ନଂ. ଜାତୀୟ ରାଜପଥର ବିଷ୍ଣୁପୁର ଛକ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଦଳାଙ୍ଗ ପଞ୍ଚାୟତ ବିରୁହାଁ ଗ୍ରାମର ଅମିତ ମହାଲିକ (୨୪) ଓ ତାଙ୍କ ସାଙ୍ଗ ଅଭିଷେକ ମହାନ୍ତି ଗୁରୁତର ଅବସ୍ଥାରେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ସୂଚନା ଅନୁଯାୟୀ, ଅମିତ ବାଇକ୍‌ରେ ସେହି ଗ୍ରାମର ସାଙ୍ଗ ଅଭିଷେକଙ୍କୁ ଚରମ୍ପା ଷ୍ଟେଶନରେ ଛାଡ଼ିବାକୁ ଯାଉଥିଲେ। ବିଷ୍ଣୁପୁର ଛକ ନିକଟରେ ସାମ୍ନାରୁ ଆସୁଥିବା ଏକ ଅଜଣା ଗାଡ଼ି ବାଇକ୍‌କୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ଅମିତ ଓ ଅଭିଷେକ ରାସ୍ତାରେ ପଡ଼ି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଡାକ୍ତର ଅମିତଙ୍କୁ ମୃତ ଘୋଷଣା କରିଥିଲେ। ଧାମନଗର ଥାନା ଏଏସ୍ଆଇ ନରେନ୍ଦ୍ର ରାଉତ ଏକ ମାମଲା (ନଂ. ୪୫୩/୨୫) ରୁଜୁ କରି ତଦନ୍ତ କରୁଛନ୍ତି।


### Odisha State Museum

Kalpana Square, Bhubaneswar-751014 (Odisha), Dist.-Khordha, Tel/Fax-0674-2431597
Email: supdt.museum@hotmail.com Website:www.odishamuseum.nic.in/index.htm

NOTICE INVITING TENDER (NIT)

E-Procurement Notice No.1827/OSM/Dated.28.11.2025 (On-line)

No.RR-31: Name of Work: Renovation Works for the Ornament Gallery, Including Upgraded Illumination, Enhanced Interior Display, And Installation of Digital Interactive Systems, as per the Approved Specifications of the Odisha State Museum, Bhubaneswar

| Sl. No. | Name of Work | Eligibility | Time of Comple-tion | E.M.D. (Through on-line transfer system) In Percentage | Cost of Tender Document (Through online transfer system) in Rs. |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | Inviting Reputed Vendors to Submit Their Bids For Renovation Works for the Ornament Gallery, Including Upgraded Illumination, Enhanced Interior Display, And Installations of Digital Interactive Systems as per the Approved Specifications of the Odisha State Museum, Bhubaneswar | Eligible Agency Experienced in Similar Works as Specified in the Tender Document | 60 Days | 6,00,000/- | 10,000/- (Non- Refundable) |

Availability of Tender in website Online: From 29.11.2025, 10.00 AM to 19.12.2025, 5.00 PM. Submission of Bid On-line: From 29.11.2025, 10.00 AM to 19.12.2025, 5.00 PM. Date & Time of Opening of Technical Bid: 20.12.2025, 12.30 PM. Further details can be seen from the Govt. website : www.tendersodisha.gov.in. Amendment, Corrigendum/ Cancellation if any shall be posted online only.

OIPR-03015/11/0011/2526
Sd./- Superintendent of Museum, Odisha, Bhubaneswar

### ବିଜ୍ଞାପିତ ଅଞ୍ଚଳ ପରିଷଦ, ଆଠମଲ୍ଲିକ

ବିଜ୍ଞାପନ ସଂଖ୍ୟା ୨୬୮୭/ତାରିଖ ୨୭.୧୧.୨୦୨୫

ବିଜ୍ଞାପନ

No.C-1606:ଏତଦ୍ୱାରା ବିଜ୍ଞାପିତ ଅଞ୍ଚଳ ପରିଷଦ, ଆଠମଲ୍ଲିକ ଅନ୍ତର୍ଭୁକ୍ତ ଥିବା ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କୁ ଜଣାଇ ଦିଆଯାଉଅଛି କି ସମସ୍ତ ଗୃହକୁ ଜଳ ଯୋଗାଣ ଏବଂ ଜଳ କର ଆଦାୟ, ସହରାଞ୍ଚଳ ସ୍ୱଚ୍ଛତା ନିମନ୍ତେ ସ୍ୱୟଂ ସହାୟକ ଗୋଷ୍ଠୀର ଜଣେ ସଦସ୍ୟଙ୍କୁ ଜଳ ସାଥୀ ଏବଂ ୨ ଜଣ ସଦସ୍ୟଙ୍କୁ ସ୍ୱଚ୍ଛ ସାଥୀ ଭାବରେ ଚୟନ କରାଯାଇ ନିଯୁକ୍ତି କରାଯିବ ।
ଏଣୁ ଇଚ୍ଛୁକ ସଦସ୍ୟଙ୍କର ନିମ୍ନଲିଖିତ ଯୋଗ୍ୟତା ଅନୁଯାୟୀ ବିଜ୍ଞାପିତ ଅଞ୍ଚଳରେ ତା.୨୮.୧୧.୨୦୨୫ ଠାରୁ ୧୫.୧୨.୨୦୨୫ ମଧ୍ୟରେ ଆବେଦନ କରିବାପାଇଁ ଜଣାଇ ଦିଆଗଲା ।

| ଜଳ ସାଥୀ | ସ୍ୱଚ୍ଛ ସାଥୀ |
|---|---|
| ୧. ସଦସ୍ୟାଙ୍କ ବୟସ ୧୮ରୁ ୪୫ ମଧ୍ୟରେ ହୋଇଥିବା ଆବଶ୍ୟକ । ୨. ସଦସ୍ୟା ମାଟ୍ରିକ ପାସ କରିଥିବେ ଏବଂ ତାଙ୍କର ନିଜସ୍ୱ ସ୍ମାର୍ଟ ଫୋନ ଥିବା ଦରକାର । ୩. ସଦସ୍ୟା ସ୍ୱୟଂ ସହାୟକ ଗୋଷ୍ଠୀରେ ଅନ୍ୟୁନ ୨ ବର୍ଷ କାମ କରିଥିବେ । ୪. ସଦସ୍ୟାଙ୍କ ନିଜ ବ୍ୟାଙ୍କ ପାସବୁକ୍ ଏବଂ ଏ.ଟି.ଏମ. କାର୍ଡ ଥିବା ଆବଶ୍ୟକ । ୫. ସେ ଓଡ଼ିଶା ସରକାରଙ୍କ ଅନ୍ୟ କୌଣସି କାର୍ଯ୍ୟକ୍ରମରେ କାମ କରୁନଥିବେ । | ୧.ସଦସ୍ୟାଙ୍କ ବୟସ ୧୮ ରୁ ୪୫ ମଧ୍ୟରେ ହୋଇଥିବା ଆବଶ୍ୟକ । ୨. ସଦସ୍ୟା +୨ ପାସ୍ କରିଥିବେ । (ଯୋଗ୍ୟ ପ୍ରାର୍ଥୀଙ୍କ ଅନୁପଲବ୍ଧ କ୍ଷେତ୍ରରେ ଶିକ୍ଷାଗତ ଯୋଗ୍ୟତା କୋହଳ କରାଯାଇପାରେ) ୩. ସଦସ୍ୟାଙ୍କର ନିଜସ୍ୱ ସ୍ମାର୍ଟ ଫୋନ ଥିବା ଦରକାର । ୪. ସଦସ୍ୟା ସ୍ୱୟଂ ସହାୟକ ଗୋଷ୍ଠୀରେ ଅନ୍ୟୁନ ୨ ବର୍ଷ କାମ କରିଥିବେ । ୫. କଠିନ ବର୍ଜ୍ୟବସ୍ତୁ ପରିଚାଳନା ଦିଗରେ କାର୍ଯ୍ୟ କରିବାକୁ ଆଗ୍ରହୀ ଥିବା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟଙ୍କୁ ଅଗ୍ରାଧିକାର ଦିଆଯାଇପାରେ । ୬. ବିଜ୍ଞାପିତ ଅଞ୍ଚଳ ପରିଷଦଗୁଡିକ ଏରିଆ ଲେଭଲ୍ ଫେଡେରେସନ (ALF) ସକ୍ରିୟ ଥିବା ସଦସ୍ୟଙ୍କୁ ଅଗ୍ରାଧିକାର ଦିଆଯାଇପାରେ । |

❖ ଯେକୌଣସି ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା କୌଣସି ଗୋଟିଏ ପଦବୀ ପାଇଁ ଆବେଦନ କରିପାରିବେ ।
❖ ସଦସ୍ୟା ଯଦି କୌଣସି ଦାୟିତ୍ୱ ଏବଂ କର୍ତ୍ତବ୍ୟରେ ଅବହେଳା ପ୍ରଦର୍ଶନ କରନ୍ତି, ତାଙ୍କୁ ତୁରନ୍ତ ପରିବର୍ତ୍ତନ କରାଯାଇ ନୂତନ ସଦସ୍ୟାଙ୍କୁ ଚୟନ କରାଯିବ ।
❖ ସଦସ୍ୟା ସରକାରଙ୍କ ନିକଟରେ ଦୋଷୀ ସାବ୍ୟସ୍ତ ହୋଇନଥିବେ ଏବଂ ତାଙ୍କର ରାଜନୈତିକ ସଂପୃକ୍ତି ନଥିବ ।

ସ୍ୱା./-କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଆଠମଲ୍ଲିକ
OIPR-13161/11/0016/2526

### ସହକାରୀ ବୟନଶିଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ, ବୌଦ୍ଧ
### OFFICE OF THE ASSISTANT DIRECTOR OF TEXTILES, BOUDH

At/PO/Dist- Boudh -762014, Ph. No.-06841296260, E-mail: adtboudh@gmail.com

Notice No. 2491 / Dated. 28.11.2025

QUOTATION CALL NOTICE FOR SKILL UPGRADATION TRAINING UNDER CAPACITY BUILDING

No.PP-40 : Sealed quotations are invited from registered suppliers/ manufacturers/firms/agency for supply of following tool kits for Dyeing Training & for the Tie and Dye making and Weaving Training to the trainees of Boudh Textiles Zone under Capacity Building Component of "Promotion of Handloom Industries" for the year 2024-25.

For more details, terms & condition etc., please visit the official website of SADHAC, Bhubaneswar (www.sadhacodisha.org) or official website of Odisha State Handloom Weavers Co-operative Societies Ltd, Bhubaneswar (www.boyanika.com) or official website of Sambalpuri Bastralaya Weavers Co-operative Societies Ltd, Bargarh (www.sambalpuribastralaya.com) or Official website of Boudh District administration (www.boudh.odisha.gov.in) and may contact the Assistant Director of Textiles, Boudh in the above mentioned address, Email Id & phone number. The last date of receipt of the quotation in this Office is Dt.22.12.2025 up to 5:30 PM.

The undersigned reserves the right to reject or accept any or all the quotations without assigning any reason thereof.

Sd./- Assistant Director of Textiles, Boudh
OIPR-31027/11/0005/2526

### GOVERNMENT OF ODISHA
### DEPARTMENT OF WATER RESOURCES
### OFFICE OF THE SUPERINTENDING ENGINEER U.K.HEAD WORKS DIVISION, KOLABNAGAR (K), PIN.764011

No.A-1011:

e-Procurement Notice-SE-UKHWD-08/2025-26
Dated 28.11.2025 (ONLINE)

1. Name of Work :: Civil Works
2. No. of Work :: 07 (Seven) Nos.
3. Approximate Value of Work :: 4.85 Lakhs to 12.70 Lakhs
4. Class of Contractor :: Registered & License Contractors of 'C' & 'D' Class
5. Period of Completion :: 03 (Three) Calendar Months
6. Date & Time of availability of bid documents online :: 29.11.2025 at 11.00 Hours to 08.12.2025 upto 18.00 Hours
7. Date & Place of Opening of Bid Online :: 09.12.2025 (11.30 Hours) at Office of the Superintending Engineer, UKHWD, Kolab Nagar
8. Name of the Officer Inviting Bids :: Superintending Engineer UKHWD, Kolab Nagar

Further details can be seen from the e-procurement portal http://tendersodisha.gov.in. Addendum/Corrigendum/Cancellation, if any, required will be published in Govt. website only.

Sd./- Superintending Engineer, Upper Kolab Head Works Division Kolabnagar
OIPR-32015/11/0048/2526

### GOVERNMENT OF ODISHA
### OFFICE OF THE SUPERINTENDING ENGINEER RURAL WORKS DIVISION, DEOGARH

E-mail: eerw_deogarh@yahoo.co.in

1st Corrigendum to TCN No.SERWDGH-Online-08 of 2025-26 dtd.17.11.2025

No.O-1607: In partial modification to this office Tender Call Notice No.08/2025-26 invited this office letter no.3692, dtd.17.11.2025, the date & time of availability of tender on online for bidding and date & time of opening of tender have been re-scheduled as follows.
(1) Period and time of availability of the bid documents dated 30.11.2025 to 09.12.2025 upto 5.00 PM instead of dated 21.11.2025 11.00 AM to 28.11.2025 upto 5.00 PM.
(2) Date and Time of Opening of tender on dated 11.12.2025 at 11.00 AM instead of 29.11.2025 at 11.00 AM
N.B.- Other term & conditions of the TCN are remain unchanged.

Sd./- Superintending Engineer R.W.Division, Deogarh
OIPR-25087/11/0022/2526

### ODISHA STATE CIVIL SUPPLIES CORPORATION LTD., DHENKANAL

At-Mahisapat, Dist-Dhenkanal, Pin-759001

TENDER CALL NOTICE

File No-VIII/Esst./02/25-26

No.CAD-2500: The District office of OSCSC Ltd., Dhenkanal issued a Tender Call Notice vide letter No.2340 dated 27.11.2025 inviting sealed tenders from Travel Agency/Individual for hiring 01 (One) no of vehicle in the model Tiago/ Bolt/ Celerio etc. as per Finance Department Office Memorandum no. 15836, dt.27.05.2025 for Office use of the District Manager, OSCSC Limited, Dhenkanal.
The detailed Notice/Annexures inviting sealed tender will be available in the Office website of OSCSC Limited, Bhubaneswar i.e. www.oscsc.in
The intending Travel Agency/ Individual is requested to download the detailed notice from the above website.
LAST DATE OF RECEIVING OF APPLICATION/BID ONLY THROUGH REGD. POST/ SPEED POST/ COURIER SERVICE IS BY 8TH DECEMBER 2025 BY 2.30 P.M.

Sd./- CSO-cum-District Manager OSCSC Ltd., Dhenkanal
OIPR-07029/11/0006/2526

### OFFICE OF THE NOTIFIED AREA COUNCIL, KABISURYANAGAR

At/Po: Kabisuryanagar, Dist:Ganjam, Pin-761104
Ph:06810-270099, Email:ksnnac@rediffmail.com

ପତ୍ର ସଂଖ୍ୟା 1916 ତା.26.11.25

ନୋଟିସ୍

No.C-1588: ଏତଦ୍ୱାରା କବିସୂର୍ଯ୍ୟନଗର ବିଜ୍ଞାପିତ ଅଞ୍ଚଳ ପରିଷଦର ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ତା.୨୮.୧୧.୨୦୨୫ ରିଖ ଶୁକ୍ରବାର ଦିନ ସମୟ ଦିବା ଘ ୧୦.୦୦ଘଣ୍ଟା ପୂର୍ବରୁ ଉକ୍ତ ସ୍ଥାନରେ (ତଥା ଇଲେକ୍ଟ୍ରିକ ଅଫିସ ସାମ୍ନାରେ ଥିବା ପରିଷଦର ନିଜସ୍ୱ ଗୃହ ପୂର୍ବତନ ପ୍ରେସ କ୍ଲବ ଓ ଗୋପବନ୍ଧୁ ପାଠଶାଳା) ଥିବା ବ୍ୟକ୍ତିମାନେ ନିଜ ନିଜ ଆସବାବପତ୍ରକୁ ଖାଲି କରି କିମ୍ବା ଅନ୍ୟ ସ୍ଥାନାନ୍ତର ହୋଇ ଉକ୍ତ ଗୃହ କିମ୍ବା କୋଠାଗୁଡିକୁ ଖାଲି କରିଦିଅନ୍ତୁ । ଉପରୋକ୍ତ ଧାର୍ଯ୍ୟ ସମୟ ପରେ ଉକ୍ତ ଦର୍ଶିତ ବିପଦସଂକୁଳ ଅସୁରକ୍ଷିତ ଗୃହ କିମ୍ବା କୋଠାକୁ ପୂର୍ବ ନିର୍ଦ୍ଦେଶ ପ୍ରକାରେ ଭଙ୍ଗାଯିବ ।

ସ୍ୱା./-କାର୍ଯ୍ୟନିର୍ବାହୀ ଅଧିକାରୀ
କବିସୂର୍ଯ୍ୟନଗର ବିଜ୍ଞାପିତ ଅଞ୍ଚଳ ପରିଷଦ
OIPR-13208/11/0014/2526

### OFFICE OF THE DIVISIONAL FOREST OFFICER, PURI WILD LIFE DIVISION

CHAKRATIRTHA ROAD, PURI-752002

SHORT TENDER CALL NOTICE FOR DISPOSAL OF CASHEW NUTS 2025 CROP

No.MM-310 : Sealed tenders are invited for the sale of the 2025 cashew nut crop from Balukhanda and Konark (Wildlife) Ranges on "as is where" basis. Tender documents will be available from 29/11/2025 at 10:00 AM to the last date of submission on 05/12/2025 by 3:00 PM, for registration, please visit the official website: www.odishaforest.in

OIPR-08140/11/0020/2526
Sd./- DFO Puri (WL) Division

### PANCHAYAT SAMITI, RANGEILUNDA, KONISI

ANNECURA-A
BID IDENTIFICATION NO.02/2025-26
NIB NO. 6715/ Dated 26.11.2025

No.i-395 LIST OF WORKS PUT TO ON-LINE TENDER THROUGH e-Procurement

| Sl. No. | Name of the Project | Estimate Cost Put to Tender (in Rs.) | Earnest Money Deposit @1% of Tendered Value in Rs.) | Class of Contractor | Cost of BID document (Non-Refundable) | Cover Type | Period of Completion |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of PACs Office Building at Allipur | 10,25,211.00 | 10252.00 | "D&C" Class | Rs.10,000.00 | Single Cover | 6th Calendar Month |
| 2 | Construction of PACs Office Building and Godown at Padmapur | 24,48,847.20 | 24488.00 | "B & C" Class | Rs.10,000.00 | Single Cover | 6th Calendar Month |
| 3 | Construction of PACs Office Building and Godown at Palur | 24,48,847.20 | 24488.00 | "B & C" Class | Rs.10,000.00 | Single Cover | 6th Calendar Month |
| 4 | Construction of PACs Office Building and Godown at Phulta | 24,48,847.20 | 24488.00 | "B & C" Class | Rs.10,000.00 | Single Cover | 6th Calendar Month |

By the Order of Block Development Officer
Sd./- Panchayat Samiti, Rangeilunda
OIPR-19424/11/0008/2526

### Government of Odisha

Corrigendum to Bid Identification No. CCE.Ctc.(R&B) 8/2025-26
Tender Reference No. - CCE.Ctc.(R&B) 8/2025-26

E-mail ID - sectcrb_2006@yahoo.co.in, Tel/Fax - 0671-2301751/2302751

No.B-770 : The Bid availability period and Date of opening of the tenders have been modified due to unavoidable circumstances. The modified dates are as follows :

| Sl. No. | Bid Identification No. | Bid Availability period as per Tender Notice | Revised Bid Availability period | Bid opening Date as per Tender Notice | Revised opening Date |
|---|---|---|---|---|---|
| 1 | CCE.Ctc. (R&B)8/2025-26 | 04.11.2025 to 5.30 Hours of 18.11.2025 | 03.12.2025 to 5.30 Hours of 17.12.2025 | 19.11.2025 at 11.00 Hours | 18.12.2025 at 11.00 Hours |

All other terms and conditions remain unchanged. Further details can be seen from the website htpp://tendersodisha.gov.in.

Sd./- Chief Construction Engineer Cuttack (R&B) Circle
OIPR-34012/11/0052/2526

### ODISHA STATE CIVIL SUPPLIES CORPORATION LTD., DHENKANAL

At - Mahisapat, Dist - Dhenkanal, Pin - 759001

TENDER CALL NOTICE

File No - VIII/Esst./02/25-26

No.CAD-2507 : The District office of OSCSC Ltd., Dhenkanal issued a Tender Call Notice vide letter No 2342 dated 27.11.2025 inviting sealed tenders from Travel Agency/Individual for hiring 01 (one) no. of vehicle in the model TUV 300/Bolero/Sumo Gold/Ertiga etc. as per Finance Department Office Memorandum no. 15836 dt. 27.05.2025 for Supervision of Paddy Procurement operation for the KMS: 2025-26 in the O/o the District Manager, OSCSC Limited, Dhenkanal.
The detailed Notice/Annexures inviting sealed tender will be available in the Office website of OSCSC Limited, Bhubaneswar i.e WWW.OSCSC.in
The intending Travel Agency/Individual is requested to download the detailed notice from the above website.
LAST DATE OF RECEIVING OF APPLICATION/BID ONLY THROUGH REGD.POST /SPEED POST/COURIER SERVICE IS BY 8TH DECEMBER 2025 BY 2.30 P.M.

Sd./- CSO-cum-District Manager OSCSC Ltd., Dhenkanal
OIPR-07029/11/0007/2526

### GOVERNMENT OF ODISHA
### OFFICE OF THE SUPERINTENDING ENGINEER MINOR IRRIGATION DIVISION, MAYURBHANJ

Tel. No. (06792)260788, e-Mail ID : mi.mayurbhanj@yahoo.co.in

"e" Procurement Notice
No.4347 Dated 26.11.2025
Identification No. - S.E.M.I.D. MBJ. No. - 21/MID, MBJ/2025-26

No.A-1001 : The Superintending Engineer, M.I. Division, Mayurbhanj on behalf of Governor of Odisha invites percentage rate bids through e-procurement to be received in online mode only for the works as detailed in the table below.

| | | |
|---|---|---|
| 1 | Name of works | Civil Construction works as mentioned in the website |
| 2 | Total No. of work | 12 Nos |
| 3 | Tender amount | 10.11 Lakh to 12.56 Lakh (Detail of work Annexed) |
| 4 | Class of Contractor | As Mentioned against Work |
| 5 | Period of Completion | As Mentioned against Work |
| 6 | Date & time of Availability of Bid Document in the Portal | 01.12.2025 at 10.00 A.M. to 11.12.2025 up to 5.00 P.M. |
| 7 | Last Date / Time for receipt of Bids in the Portal | 11.12.2025 up to 5.00 P.M. |
| 8 | Date/Time of Opening of Technical Bid | 12.12.2025 at 11.00 A.M. |
| 9 | Name and Address of the Officer Inviting the Bid | Superintending Engineer, M.I.Division, Mayurbhanj |
| 10 | Mode of Payment of Bid Cost | Online |
| 11 | Further details can be seen from the "e" Procurement Portal "https://tendersorissa.gov.in" | |

Sd./- Superintending Engineer Minor Irrigation Division, Mayurbhanj
OIPR-32041/11/0021/2526

### OFFICE OF THE NOTIFIED AREA COUNCIL, BHUBAN

e-Mail: bhubann.hud@nic.in

INVITATION FOR BIDS

No.C-1604: E-Procurement Notice-04/2025-26
Tender Call Notice No-2064/BBN NAC Dt.27.11.2025

1. Name of the Work : 09 Numbers of Civil Construction Works as in the DTCN published in the website
2. Estimated Cost : Varies from Rs.5.2 Lakhs to Rs.13 Lakhs
3. Period of Completion : One Month to Three Months
4. Date and time of availability of bid document in the portal : From 11.00 A.M. of Dt.01.12.2025 to 5.00 P.M. of Dt.15.12.2025
5. Last date/time for receipt of bid in the portal : 5.00 P.M. of Dt.15.12.2025
6. Last date of submission of bid document through Regd.Post/ Speed Post : 5.00 P.M. of Dt.15.12.2025
7. Date and Time of opening of Bid : 11.00 AM hours of Dt.16.12.2025
8. Name and address of the Officer Inviting Bid : Executive Officer, Bhuban NAC

Further details can be seen from the e-procurement portal http://tenderorissa.gov.in.

Sd./- Executive Officer Bhuban N.A.C.
OIPR-13096/11/0015/2526

### GOVERNMENT OF ODISHA
### DEPARTMENT OF WATER RESOURCES
### Office of the Additional Chief Engineer, Drainage Circle, Balasore

No.A-981

Email id : sedcbls@yahoo.com

"e" PROCUREMENT NOTICE NO. ACEDCBLS-15/2025-26

| | | | |
|---|---|---|---|
| 1 | Name of work | : | Drainage works (Under D.I.P. Scheme) |
| 2 | Total No. of Project | : | 3 Nos. of Individual work |
| 3 | Estimated cost of individual works | : | Varies from Rs.2,02,79,343/- to 6,30,68,437/- (Excluding G.S.T.) |
| 4 | Period of completion | : | 11 (Eleven) Calendar months |
| 5 | Bid Identification Number | : | ACEDCBLS/DDBLS-01-15/2025-26 ACEDCBLS/DDBLS-02-15/2025-26 ACEDCBLS/DDBLS-03-15/2025-26 |
| 6 | Date & Time of availability of Bid document in the Portal | : | From Dt.01.12.2025 at 10.00 hours to Dt.15.12..2025 at 17.00 hours |
| 7 | Date & Time for receipt of Bid document in the Portal | : | From Dt.01.12.2025 at 10.00 hours to Dt.15.12.2025 at 17.00 hours |
| 8 | Date of Opening of Technical Bid | : | Dt.16.12.2025 at 11.30 hours in the Office of the Additional Chief Engineering, Drainage Circle, Balasore |
| 9 | Date of Opening of Financial bid | : | To be uploaded in portal |
| 10 | Cost of Tender Paper | : | Rs.10,000.00 |
| 11 | Procurement Officer/Name & address of the officer inviting Bids | : | Additional Chief Engineer, Drainage Circle, Balasore |

Further details can be seen from the Govt. Website www.tendersorissa.gov.in

Sd./- Additional Chief Engineer Drainage Circle, Balasore
OIPR-32190/11/0034/2526

## ବ୍ରାହ୍ମଣ ମହାସଂଘର ବାର୍ଷିକ ସମ୍ମିଳନୀ ପ୍ରସ୍ତୁତି

ଆନନ୍ଦପୁର,୨୯।୧୧ (ସୁଶାନ୍ତ କୁମାର ସାହୁ)

ଆନନ୍ଦପୁର ଉପଖଣ୍ଡ ବ୍ରାହ୍ମଣ ସମାଜ ମହାସଂଘର ସାଧାରଣ ପରିଷଦ ବୈଠକ ଓ ବାର୍ଷିକ ସମ୍ମିଳନୀ ପାଇଁ ଶନିବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଶ୍ରୀ ବାଲୁକେଶ୍ୱର ମନ୍ଦିର ପରିସରରେ ମହାସଂଘର ଉପଦେଷ୍ଟା ଶରତ ମିଶ୍ରଙ୍କ ଅଧ୍ୟକ୍ଷତାରେ କର୍ମକର୍ତ୍ତା ଯୋଗଦେଇ ବାର୍ଷିକ ସମ୍ମିଳନୀ ସମ୍ପର୍କରେ ଆଲୋଚନା କରିଥିଲେ। ଉକ୍ତ ବୈଠକରେ ୨ରେ ଶ୍ରୀ ବାଲୁକେଶ୍ୱର ମନ୍ଦିରରେ ସମ୍ମିଳନୀ ପାଳନ ହେବାକୁ ନିଷ୍ପତ୍ତି ହୋଇଥିଲା। ଖୋଦ୍ଦଳ ଶାସନ ବଡିଶ ପଡ଼ା ଶାସନ ଓ ତଉଷଠି ଉପଶାସନର ବହୁ ବ୍ରାହ୍ମଣ, କର୍ମକାଣ୍ଡ ବିଦ୍ ଯୋଗଦେଇଥିଲେ। ବ୍ରାହ୍ମଣ ସମାଜର ସୁରକ୍ଷା, ଭବିଷ୍ୟତ ପିଢ଼ିଙ୍କୁ କର୍ମକାଣ୍ଡ ପ୍ରଶିକ୍ଷଣ କରିବା ପାଇଁ ପ୍ରତିନିଧିମାନେ ସକ୍ରିୟ ଯୋଗଦାନ କରି ନିଜର ମତ ରଖିବାକୁ ମହାସଂଘର ଆବାହକ ମଦନ ପାଣି ଜଣାଇଛନ୍ତି।

# ୧୨ ହଜାର ଗଞ୍ଜେଇ ଗଛ ନଷ୍ଟକଲା ମିଳିତ ଟିମ୍

କେନ୍ଦୁଝର,୨୯।୧୧(ଦୀପକ ମିଶ୍ର)



ପୋଲିସ, ଅବକାରୀ ଓ ବନ ବିଭାଗ କର୍ମଚାରୀମାନେ ଗଞ୍ଜେଇ ଗଛ କାଟୁଛନ୍ତି।

କେନ୍ଦୁଝର ବନଖଣ୍ଡ ଭୂୟାଁ ଜୁଆଙ୍ଗ ପୀଢ଼ ରେଞ୍ଜ ଅଞ୍ଚଳ ଜଙ୍ଗଲରେ ବେଆଇନ ଗଞ୍ଜେଇ ଚାଷ ନଷ୍ଟକଲା ମିଳିତ ଟିମ୍। ଗୁଇନ୍ଦା ତଥ୍ୟ ପାଇ ବନ ବିଭାଗ, ଅବକାରୀ ଓ ପୋଲିସ ମିଳିତ ଭାବେ ଚଢ଼ାଉ କରି ପ୍ରାୟ ୧୨ହଜାର ଗଞ୍ଜେଇ ଗଛ କାଟି ନଷ୍ଟ କରିଛି। ନଷ୍ଟ ଗଞ୍ଜେଇର ଆନୁମାନିକ ବଜାର ଦର ୨ କୋଟିରୁ ଊର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି। ସୂଚନା ଅନୁଯାୟୀ, କାଞ୍ଚିପାଣି ସେକ୍ସନ ଟାଙ୍ଗରପଡ଼ା ଜଙ୍ଗଲରେ ବେଆଇନ ଭାବେ ବହୁ ଏକର ପରିମିତ ଜଙ୍ଗଲ ଜମିରେ ଗଞ୍ଜେଇ ଚାଷ ହୋଇଥିବା ନେଇ ଗୁଇନ୍ଦା ସୂଚନା ମିଳିଥିଲା। ତଥ୍ୟ ଆଧାରରେ କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନ୍ରାଜ ଏଚ୍‌ଡିଙ୍କ ନିର୍ଦ୍ଦେଶ କ୍ରମେ ଶନିବାର ସକାଳୁ କେନ୍ଦୁଝର ବନ ବିଭାଗ, କେନ୍ଦୁଝର ପୋଲିସ, ଅବକାରୀ ବିଭାଗ ମିଳିତ ଭାବେ ସେଠାରେ ଚଢ଼ାଉ କରିଥିଲା। ଚଢ଼ାଉରେ ଭୂୟାଁ ଜୁଆଙ୍ଗ ପିଢ଼ ରେଞ୍ଜର ନୟନକାନ୍ତ ସାହୁ, କାଞ୍ଚିପାଣି ଫରେଷ୍ଟର ସାବିତ୍ରୀ ସାହୁ, ଫରେଷ୍ଟ ଗାର୍ଡ ଯୋଗେନ୍ଦ୍ର ନାୟକ, ଚନ୍ଦ୍ରକାନ୍ତ ମହାନ୍ତ, କାଞ୍ଚିପାଣି ଥାନା ଅଧିକାରୀ ଉଦୟବୀର ଭୁଲ୍ଲ, ଅବକାରୀ ବିଭାଗର ସବ୍ ଇନ୍ସପେକ୍ଟର ରୋହିତ ନାୟକ ପ୍ରମୁଖଙ୍କ ସମେତ ୩ ବିଭାଗର ୫୦ଜଣ ଅଧିକାରୀ ଏବଂ କର୍ମଚାରୀ ସାମିଲ ଥିଲେ। ଚଢ଼ାଉ ସମୟରେ ପ୍ରାୟ ୫ଏକର ଜଙ୍ଗଲ ଜମିରେ ଗଞ୍ଜେଇ ଚାଷ ହୋଇଥିବା ଦେଖିଥିଲେ। ଅମଳ ହେବା ପୂର୍ବରୁ ୧୨ ହଜାରରୁ ଊର୍ଦ୍ଧ୍ୱ ବଡ଼ ଗଞ୍ଜେଇ ଗଛ ମିଳିତ ଟିମ୍ ନଷ୍ଟ କରିଛି। ଗଛଗୁଡ଼ିକୁ ମେସିନ ଏବଂ ଧାରୁଆ ଅସ୍ତ୍ରରେ କଟାଯିବା ପରେ ସେଠାରେ ପୋଡି ଦିଆଯାଇଛି। ୫୦ଜଣ ଅଧିକାରୀ ଏବଂ କର୍ମଚାରୀ ସାମିଲ ଥିଲେ। ଭୂୟାଁ ଜୁଆଙ୍ଗ ପୀଢ଼ ରେଞ୍ଜର ନୟନକାନ୍ତ ସାହୁ କହିଛନ୍ତି, ଅନୁଗୁଳ ଜିଲାର ସୀମାବର୍ତ୍ତୀ ଅଞ୍ଚଳ ଟାଙ୍ଗରପଡ଼ା ଖେସରା ଜଙ୍ଗଲରେ ହୋଇଥିବା ବେଆଇନ ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି। ଅନ୍ୟ କେଉଁ ସ୍ଥାନରେ ଗଞ୍ଜେଇ ଚାଷ କରାଯାଇଛି, ତାହା ଅନୁସନ୍ଧାନ କରାଯାଉଛି।

# ଦିବ୍ୟାଙ୍ଗ ପ୍ରେମାନନ୍ଦଙ୍କ ଚିକିତ୍ସାରେ ଅର୍ଥ ବାଧକ

## ପରିବାର ପକ୍ଷରୁ ସହାୟତା ନିବେଦନ

କେନ୍ଦୁଝର,୨୯।୧୧(ନରେଶ ଚନ୍ଦ୍ର ପଞ୍ଜନାୟକ)


ମାଆଙ୍କ ନିକଟରେ ପ୍ରେମାନନ୍ଦ।

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ଅନ୍ତର୍ଗତ କୋଡ଼ିଏଶା ପଞ୍ଚାୟତ ଅଧୀନ କୁଣ୍ଡେଇ ଗାଁର ଭୀମ ଜୁଆଙ୍ଗଙ୍କ ଏକମାତ୍ର ଦିବ୍ୟାଙ୍ଗ ପୁଅ ପ୍ରେମାନନ୍ଦଙ୍କ ଚିକିତ୍ସାରେ ଅର୍ଥ ବାଧକ ସାଜିଛି। ଗରିବ, ଦିନ ମଜୁରିଆ ଭାବେ ପରିବାର ପ୍ରତିପୋଷଣ କରୁଥିବାରୁ ପୁଅର ଚିକିତ୍ସା କରିବାରେ ସେ ଅକ୍ଷମତା ପ୍ରକାଶ କରିଛନ୍ତି। ସରକାରୀ ସାହାଯ୍ୟ ଆଶାରେ ଭୀମଙ୍କ ସମେତ ସପରିବାର ନିବେଦନ କରିଛନ୍ତି। ପ୍ରକାଶ ଯେ, ୨୦୧୨ରେ ପ୍ରେମାନନ୍ଦଙ୍କୁ ୬ ବର୍ଷ ହୋଇଥିବା ବେଳେ ପରୀକ୍ଷା କରାଯାଇ ୯୦ ପ୍ରତିଶତ ଦିବ୍ୟାଙ୍ଗ ଥିବା ଜଣାପଡ଼ିଥିଲା। ପ୍ରେମାନନ୍ଦଙ୍କୁ ଏବେ ୧୯ ବର୍ଷ ହୋଇଛି। ତାଙ୍କର ଛୋଟବେଳୁ ମୁଣ୍ଡରେ ସମସ୍ୟା ରହିଛି। କଥା କହି ପାରୁନିଛନ୍ତି ବି କିଛି ବୁଝି ପାରୁନାହାନ୍ତି। ମଝିରେ ମଝିରେ ଚିତ୍କାର କରନ୍ତି। ସେ ସମୟରେ ପ୍ରଶାସନ, ଜୁଆଙ୍ଗ ଉନ୍ନୟନ ସଂସ୍ଥା ପକ୍ଷରୁ ଚିକିତ୍ସା ପାଇଁ କୌଣସି ବ୍ୟବସ୍ଥା କରାଗଲାନାହିଁ। ଠିକ୍ ସମୟରେ ଚିକିତ୍ସା ମିଳିଥିଲେ ହୁଏତ ପିଲାଟି ସୁସ୍ଥ ହୋଇପାରିଥାନ୍ତା। ଭୀମ ନିଜ ଚେଷ୍ଟାରେ କିଛି ମାତ୍ରାରେ ଚିକିତ୍ସା କରାଇଥିଲେ। କିନ୍ତୁ ଦିନକୁ ଦିନ ରୋଗ ବଢ଼ି ଚାଲିଥିବା ବେଳେ ଚିକିତ୍ସା ନିମନ୍ତେ ଅଧିକ ଅର୍ଥ ଆବଶ୍ୟକ ପଡ଼ୁଛି। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ଏକ ମାତ୍ର ପୁଅର ସାସ୍ଥ୍ୟକୁ ନେଇ ମା'ବାପ ଚିନ୍ତାରେ ରହିଛନ୍ତି। ଖବର ପାଇ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଆଶା' ପକ୍ଷରୁ ବ୍ଲକ୍ କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗ କରି ସହାୟତା ଦେବାକୁ ଅନୁରୋଧ କରାଯାଇଛି। ଏଥିସହ ରାଜ୍ୟ ମୁଖ୍ୟ ଶାସନ ସଚିବ, ଜିଲାପାଳଙ୍କୁ ଏଥି ନିମନ୍ତେ ଆବଶ୍ୟକ ବ୍ୟବସ୍ଥା କରିବାକୁ ଅନୁରୋଧ କରାଯାଇଛି। ପିଲାଟିର ଚିକିତ୍ସା ଦାୟିତ୍ୱ ସରକାର ନିଅନ୍ତୁ ବୋଲି ଗ୍ରାମବାସୀ ନିବେଦନ କରିଛନ୍ତି।

# ୱାର୍ଡ ତଦାରଖ କଲେ ସ୍ୱଚ୍ଛ ସହର ଯୋଡ଼ି



ଭୁବିନେଶ୍ୱର ନିକଟ ମାଇକ୍ରୋ କମ୍ପୋଷ୍ଟ ସେଣ୍ଟର ତଦାରଖ କରିବାକୁ ଯାଇଥିବା ସ୍ୱଚ୍ଛ ସହର ଯୋଡ଼ି ସଦସ୍ୟମାନେ।

ଯୋଡ଼ା,୨୯।୧୧(ମାନସ ମହାନ୍ତି)

ଗୃହ ଓ ନଗର ଉନ୍ନୟନ ବିଭାଗ ନିର୍ଦ୍ଦେଶରେ ବିଏମସି ମେଣ୍ଟର ସିଟି ହିସାବରେ ଯୋଡ଼ା ପୌରପାଳିକା ମେଣ୍ଟି ସିଟିକୁ ୨ ଦିନିଆ ସ୍ୱଚ୍ଛ ସହର ଯୋଡ଼ି ପରିଦର୍ଶନ କରିଛନ୍ତି। ଏ ଅବସରରେ ଯୋଡ଼ା ପୌର କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଭୁବନେଶ୍ୱର ମେଣ୍ଟର ସିଟିରୁ ଆସିଥିବା ପରିଦର୍ଶକ ଯୋଡ଼ା ପୌରାଞ୍ଚଳର ବିଭିନ୍ନ ସ୍ଥାନ ପରିଦର୍ଶନ କରିଥିଲେ। ଯୋଡ଼ା ପୌରପାଳିକା ଅନ୍ତର୍ଗତ ମାଇକ୍ରୋ କମ୍ପୋଷ୍ଟ ସେଣ୍ଟର, ମ୍ୟାଟେରିଆଲ ରିକଭରୀ ଫେସିଲିଟିରେ କାର୍ଯ୍ୟ କରୁଥିବା ସ୍ୱଚ୍ଛକର୍ମୀଙ୍କ ସହିତ କାର୍ଯ୍ୟର ମାନ ଉପରେ ତଦାରଖ କରିଥିଲେ। ଏହାକୁ ଆହୁରି କିପରି ଗୁଣାତ୍ମକ ଭାବରେ କରାଯିବ ସେନେଇ ନିର୍ଦ୍ଦେଶ ଦେଇଥିଲେ। ଉପରେ ରାସ୍ତା ସଫା, ୱେଷ୍ଟ କଲେକ୍ସନ କାର୍ଯ୍ୟ ମଧ୍ୟ ତଦାରଖ କରିଥିଲେ। ସ୍ୱଚ୍ଛ ସହର ଯୋଡ଼ି ଭାବେ ଅତି ଭଲ କାର୍ଯ୍ୟ ଦକ୍ଷତାକୁ ନେଇ ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେସନ ମେଣ୍ଟର ସିଟି ଭାବେ ରହିଥିବା ବେଳେ ଯୋଡ଼ା ପୌର ପାଳିକା ମେଣ୍ଟି ସିଟି ଭାବେ ଯୋଡ଼ି ହୋଇଛି। ଏହି ତଦାରଖ ସମୟରେ ବିଏମସି ଆସିଷ୍ଟାଣ୍ଟ କମିଶନର ବାବୁଲା ଦଲେଇ, ସାନିଟେସନ ଏକ୍ସପୋର୍ଟ ହୃଦାନନ୍ଦ ପ୍ରଧାନ ଉପସ୍ଥିତ ରହି ସହରାଞ୍ଚଳର ବିଭିନ୍ନ ୱାର୍ଡ ତଦାରଖ କରିଥିଲେ।

# ଆମ ପୋଲିସ ସମିତି ବୈଠକ

ଡେଙ୍କିକୋଟ,୨୯।୧୧(ନୀଳମଣି ମଣ୍ଡଳ)


ପୋଲିସ କର୍ମଚାରୀ ଓ ପୋଲିସ ସମିତି ସଦସ୍ୟମାନେ।

କେନ୍ଦୁଝର ଜିଲା ଘଟଗାଁ ଥାନା ଡେଙ୍କିକୋଟ ପୋଲିସ ବିଟ୍ ହାଉସ୍ ଅଧୀନସ୍ଥ ଡେଙ୍କିକୋଟ ପଞ୍ଚାୟତ ସଭାଗୃହଠାରେ ଶନିବାର ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସବ୍‌ଇନ୍ସପେକ୍ଟର ଗାଙ୍ଗିଆ ଲାକ୍ରା ସଭାପତିତ୍ୱ କରିଥିବା ବେଳେ ଏଏସ୍‌ଆଇ କ୍ଷୀରୋଦିନୀ ନିଆଳ ସଭା ପରିଚାଳନା କରିଥିଲେ। ସଭାରେ ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ଡେଙ୍କିକୋଟର ମୌଳିକ ଅସୁବିଧା ସମ୍ପର୍କରେ ଆଲୋଚନା ହୋଇଥିଲା। ଡେଙ୍କିକୋଟଠାରେ ବସୁଥିବା ଶନିବାର ସାପ୍ତାହିକ ହାଟରେ ସପ୍ତାହକୁ ଥରେ କିମ୍ବା ବର୍ଷରେ ଥରେ ସଫା କରିବାକୁ ଦାବି ହୋଇଥିଲା। ଏଥିସହ ଜାତୀୟ ରାଜପଥ ଉପରେ ହାଟ ବସୁଥିବାରୁ ରାସ୍ତା ଜାମ ହେଉଛି। ସେବକୁ ଉପରେ ଧାନ ଦେବାକୁ କୁହାଯାଇଥିଲା। ଏସବୁକୁ ଦୃଷ୍ଟିରେ ରଖି ଶନିବାର ଚଳାପଥରେ ଭାରିଯାନ ଚଳାଚଳ ସକାଳ ୬ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ବନ୍ଦ କରିବା, ପୋଲିସ ପ୍ରଶାସନ ଆବଶ୍ୟକ କର୍ମଚାରୀ ନିୟୋଜିତ କରି ଟ୍ରାଫିକ ନିୟନ୍ତ୍ରଣ କରିବା ପାଇଁ ସର୍ବସମ୍ମତି କ୍ରମେ ଜିଲା ପୋଲିସ ଦୃଷ୍ଟି ଦେବା ପାଇଁ ପ୍ରସ୍ତାବ ଦିଆଗଲା।


## Odisha State Museum

Kalpana Square, Bhubaneswar-751014 (Odisha), Dist.-Khordha, Tel/Fax-0674-2431597
Email: supdt.museum@hotmail.com Website:www.odishamuseum.nic.in/index.htm

**NOTICE INVITING TENDER (NIT)**

E-Procurement Notice No.1827/OSM/Dated.28.11.2025 (On-line)

No.RR-31: Name of Work: Renovation Works for the Ornament Gallery, Including Upgraded Illumination, Enhanced Interior Display, And Installation of Digital Interactive Systems, as per the Approved Specifications of the Odisha State Museum, Bhubaneswar

| Sl. No. | Name of Work | Eligibility | Time of Completion | E.M.D. (Through on-line transfer system) In Percentage | Cost of Tender Document (Through online transfer system) in Rs. |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | Inviting Reputed Vendors to Submit Their Bids For Renovation Works for the Ornament Gallery, Including Upgraded Illumination, Enhanced Interior Display, And Installations of Digital Interactive Systems as per the Approved Specifications of the Odisha State Museum, Bhubaneswar | Eligible Agency Experienced in Similar Works as Specified in the Tender Document | 60 Days | 6,00,000/- | 10,000/- (Non- Refundable) |

Availability of Tender in website Online: From 29.11.2025, 10.00 AM to 19.12.2025, 5.00 PM. Submission of Bid On-line: From 29.11.2025, 10.00 AM to 19.12.2025, 5.00 PM. Date & Time of Opening of Technical Bid: 20.12.2025, 12.30 PM. Further details can be seen from the Govt. website : www.tendersodisha.gov.in. Amendment, Corrigendum/ Cancellation if any shall be posted online only.

Sd./- Superintendent of Museum, Odisha, Bhubaneswar

OIPR-03015/11/0011/2526



## ବିଜ୍ଞାପିତ ଅଞ୍ଚଳ ପରିଷଦ, ଆଠମଲ୍ଲିକ

ବିଜ୍ଞାପନ ସଂଖ୍ୟା ୨୫୮୭/ତାରିଖ ୨୭.୧୧.୨୦୨୫

**ବିଜ୍ଞାପନ**

No.C-1606: ଏତଦ୍ୱାରା ବିଜ୍ଞାପିତ ଅଞ୍ଚଳ ପରିଷଦ, ଆଠମଲ୍ଲିକ ଅନ୍ତର୍ଭୁକ୍ତ ଥିବା ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନଙ୍କୁ ଜଣାଇ ଦିଆଯାଉଅଛି ଯେ ସମସ୍ତ ଗ୍ରୁପ୍‌କୁ ଜଳ ଯୋଗାଣ ଏବଂ ଜଳ କର ଆଦାୟ, ସହରାଞ୍ଚଳ ସ୍ୱଚ୍ଛତା ନିମନ୍ତେ ସ୍ୱୟଂ ସହାୟକ ଗୋଷ୍ଠୀର ଦୁଇଜଣ ସଦସ୍ୟଙ୍କୁ ଜଳ ସାଥୀ ଏବଂ ୨ ଜଣ ସଦସ୍ୟଙ୍କୁ ସ୍ୱଚ୍ଛ ସାଥୀ ଭାବରେ ଚୟନ କରାଯାଇ ନିଯୁକ୍ତି କରାଯିବ। ଏଣୁ ଇଚ୍ଛୁକ ସଦସ୍ୟମାନେ ନିର୍ଦ୍ଧାରିତ ଯୋଗ୍ୟତା ଅନୁଯାୟୀ ବିଜ୍ଞାପିତ ଅଞ୍ଚଳରେ ତା.୧୮.୧୧.୨୦୨୫ ଠାରୁ ୧୫.୧୨.୨୦୨୫ ମଧ୍ୟରେ ଆବେଦନ କରିବାପାଇଁ ଜଣାଇ ଦିଆଗଲା।

| ଜଳ ସାଥୀ | ସ୍ୱଚ୍ଛ ସାଥୀ |
|---|---|
| ୧. ସଦସ୍ୟାଙ୍କ ବୟସ ୧୮ରୁ ୪୫ ମଧ୍ୟରେ ହୋଇଥିବା ଆବଶ୍ୟକ । ୨. ସଦସ୍ୟା ମାଟ୍ରିକ ପାସ କରିଥିବେ ଏବଂ ତାଙ୍କର ନିଜସ୍ୱ ସ୍ମାର୍ଟ ଫୋନ ଥିବା ଦରକାର । ୩. ସଦସ୍ୟା ସ୍ୱୟଂ ସହାୟକ ଗୋଷ୍ଠୀରେ ଅନ୍ୟୁନ ୨ ବର୍ଷ କାମ କରିଥିବେ । ୪. ସଦସ୍ୟାଙ୍କ ନିଜ ବ୍ୟାଙ୍କ ପାସବୁକ୍ ଏବଂ ଏ.ଡି.ଏମ୍. କାର୍ଡ ଥିବା ଆବଶ୍ୟକ । ୫. ସେ ରହିଥିବା ୱାର୍ଡରେ ଅନ୍ୟ କୌଣସି କାର୍ଯ୍ୟକ୍ରମରେ କାମ କରୁନଥିବେ । | ୧. ସଦସ୍ୟାଙ୍କ ବୟସ ୧୮ରୁ ୪୫ ମଧ୍ୟରେ ହୋଇଥିବା ଆବଶ୍ୟକ । ୨. ସଦସ୍ୟା ୫ମ ପାସ୍ କରିଥିବେ । (ଯୋଗ୍ୟ ପ୍ରାର୍ଥୀଙ୍କ ଅନୁପଲବ୍ଧ କ୍ଷେତ୍ରରେ ଶିକ୍ଷାଗତ ଯୋଗ୍ୟତା କୋହଳ କରାଯାଇପାରେ) ୩. ସଦସ୍ୟାଙ୍କର ନିଜସ୍ୱ ସ୍ମାର୍ଟ ଫୋନ ଥିବା ଦରକାର । ୪. ସଦସ୍ୟା ସ୍ୱୟଂ ସହାୟକ ଗୋଷ୍ଠୀରେ ଅନ୍ୟୁନ ୨ ବର୍ଷ କାମ କରିଥିବେ । ୫. ଉକ୍ତ ବର୍ଣ୍ଣିତ ପରିଚାଳନା ଦିଗରେ କାର୍ଯ୍ୟ କରିବାକୁ ଆଗ୍ରହୀ ଥିବା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟଙ୍କୁ ଅଗ୍ରାଧିକାର ଦିଆଯାଉଛି । ୬. ବିଜ୍ଞାପିତ ଅଞ୍ଚଳ ପରିଷଦ ଦ୍ୱାରା ଏରିଆ ଲେଭେଲ ଫେଡେରେସନ (ALF) ସକ୍ରିୟ ଥିବା ସଦସ୍ୟଙ୍କୁ ଅଗ୍ରାଧିକାର ଦିଆଯାଉଛି । |

❖ ଯେକୌଣସି ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ କୌଣସି ଗୋଟିଏ ପଦବୀ ପାଇଁ ଆବେଦନ କରିପାରିବେ ।
❖ ସଦସ୍ୟା ଯଦି କୌଣସି ଦାୟିତ୍ୱ ଏବଂ କର୍ତ୍ତବ୍ୟରେ ଅବହେଳା ପ୍ରଦର୍ଶନ କରନ୍ତି, ତାଙ୍କୁ ତୁରନ୍ତ ପରିବର୍ତ୍ତନ କରାଯାଇ ନୂତନ ସଦସ୍ୟଙ୍କୁ ଚୟନ କରାଯିବ ।
❖ ସଦସ୍ୟ ସରକାରଙ୍କ ନିକଟରେ ଦୋଷୀ ସାବ୍ୟସ୍ତ ହୋଇନଥିବେ ଏବଂ ତାଙ୍କର ଉପରେ କୌଣସି ଫୌଜଦାରୀ ମକଦ୍ଦମା ଦାୟର ହୋଇନଥିବା ଆବଶ୍ୟକ ।

ସ୍ୱା./-କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଆଠମଲ୍ଲିକ

OIPR-13161/11/0016/2526



ସହକାରୀ ବୟନଶିଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ, ବୌଦ୍ଧ

## OFFICE OF THE ASSISTANT DIRECTOR OF TEXTILES, BOUDH

At/PO/Dist- Boudh -762014, Ph. No.-06841296260, E-mail: adtboudh@gmail.com

Notice No. 2491 / Dated. 28.11.2025

**QUOTATION CALL NOTICE FOR SKILL UPGRADATION TRAINING UNDER CAPACITY BUILDING**

No.PP-40 : Sealed quotations are invited from registered suppliers/ manufacturers/firms/agency for supply of following tool kits for Dyeing Training & for the Tie and Dye making and Weaving Training to the trainees of Boudh Textiles Zone under Capacity Building Component of "Promotion of Handloom Industries" for the year 2024-25.

For more details, terms & condition etc., please visit the official website of SADHAC, Bhubaneswar (www.sadhacodisha.org) or official website of Odisha State Handloom Weavers Co-operative Societies Ltd, Bhubaneswar (www.boyanika.com) or official website of Sambalpuri Bastralaya Weavers Co-operative Societies Ltd, Bargarh (www.sambalpuribastralaya.com) or Official website of Boudh District administration (www.boudh.odisha.gov.in) and may contact the Assistant Director of Textiles, Boudh in the above mentioned address, Email Id & phone number. The last date of receipt of the quotation in this Office is Dt.22.12.2025 up to 5:30 PM.

The undersigned reserves the right to reject or accept any or all the quotations without assigning any reason thereof.

Sd./- Assistant Director of Textiles, Boudh

OIPR-31027/11/0005/2526



## GOVERNMENT OF ODISHA
## DEPARTMENT OF WATER RESOURCES
## OFFICE OF THE SUPERINTENDING ENGINEER U.K.HEAD WORKS DIVISION, KOLABNAGAR (K), PIN.764011

No.A-1011:

**e-Procurement Notice-SE-UKHWD-08/2025-26 Dated 28.11.2025 (ONLINE)**

1. Name of Work :: Civil Works
2. No. of Work :: 07 (Seven) Nos.
3. Approximate Value of Work :: 4.85 Lakhs to 12.70 Lakhs
4. Class of Contractor :: Registered & License Contractors of 'C' & 'D' Class
5. Period of Completion :: 03 (Three) Calendar Months
6. Date & Time of availability of bid documents online :: 29.11.2025 at 11.00 Hours to 08.12.2025 upto 18.00 Hours
7. Date & Place of Opening of Bid Online :: 09.12.2025 (11.30 Hours) at Office of the Superintending Engineer, UKHWD, Kolab Nagar
8. Name of the Officer Inviting Bids :: Superintending Engineer UKHWD, Kolab Nagar

Further details can be seen from the e-procurement portal http://tendersodisha.gov.in. Addendum/Corrigendum/Cancellation, if any, required will be published in Govt. website only.

Sd./- Superintending Engineer, Upper Kolab Head Works Division Kolabnagar

OIPR-32015/11/0048/2526



## GOVERNMENT OF ODISHA
## OFFICE OF THE SUPERINTENDING ENGINEER RURAL WORKS DIVISION, DEOGARH

E-mail: eerw_deogarh@yahoo.co.in

**1st Corrigendum to TCN No.SERWDGH-Online-08 of 2025-26 dtd.17.11.2025**

No.O-1607: In partial modification to this office Tender Call Notice No.08/2025-26 invited this office letter no.3692, dtd.17.11.2025, the date & time of availability of tender on online for bidding and date & time of opening of tender have been re-scheduled as follows.

(1) Period and time of availability of the bid documents dated 30.11.2025 to 09.12.2025 upto 5.00 PM instead of dated 21.11.2025 11.00 AM to 28.11.2025 upto 5.00 PM.

(2) Date and Time of Opening of tender on dated 11.12.2025 at 11.00 AM instead of 29.11.2025 at 11.00 AM

N.B.- Other term & conditions of the TCN are remain unchanged.

Sd./- Superintending Engineer R.W.Division, Deogarh

OIPR-25087/11/0022/2526



## ODISHA STATE CIVIL SUPPLIES CORPORATION LTD., DHENKANAL

At-Mahisapat, Dist-Dhenkanal, Pin-759001

**TENDER CALL NOTICE**

File No-VIII/Estt./02/25-26

No.CAD-2500: The District office of OSCSC Ltd., Dhenkanal issued a Tender Call Notice vide letter No.2340 dated 27.11.2025 inviting sealed tenders from Travel Agency/Individual for hiring 01 (One) no of vehicle in the model Tiago/ Celerio etc. as per Finance Department Office Memorandum no. 15836, dt.27.05.2025 for Office use of the District Manager, OSCSC Limited, Dhenkanal.

The detailed Notice/Annexures inviting sealed tender will be available in the Office website of OSCSC Limited, Bhubaneswar i.e. www.oscsc.in

The intending Travel Agency/ Individual is requested to download the detailed notice from the above website.

LAST DATE OF RECEIVING OF APPLICATION/BID ONLY THROUGH REGD. POST/ SPEED POST/ COURIER SERVICE IS BY 8TH DECEMBER 2025 BY 2.30 P.M.

Sd./- CSO-cum-District Manager OSCSC Ltd., Dhenkanal

OIPR-07029/11/0006/2526



## OFFICE OF THE NOTIFIED AREA COUNCIL, KABISURYANAGAR

At/Po: Kabisuryanagar, Dist:Ganjam, Pin-761104
Ph:06810-270099, Email:ksnnac@rediffmail.com

ପତ୍ର ସଂଖ୍ୟା 1916 ତା.26.11.25

**ନୋଟିସ୍**

No.C-1588: ଏତଦ୍ୱାରା କବିସୂର୍ଯ୍ୟନଗର ବିଜ୍ଞାପିତ ଅଞ୍ଚଳ ପରିଷଦର ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ତା.୨୮.୧୧.୨୦୨୫ ରିଖ ଶୁକ୍ରବାର ଦିନ ସମୟ ଦିବା ଘ ୧୦.୦୦ଙ୍କା ପୂର୍ବରୁ ଉକ୍ତ ସ୍ଥାନରେ (ଓଥା ଇଲେକ୍ଟ୍ରିକ ଅଫିସ ସାମ୍ନାରେ ଥିବା ପରିଷଦର ନିଜସ୍ୱ ଗୃହ ପୂର୍ବରେ ପ୍ରେସ କ୍ଲବ ଓ ଗୋଉଦବଳ ପାଞ୍ଚଶାଳା) ଥିବା ବାଷ୍ପିମାନେ ନିଜ ନିଜ ଆସବାବପତ୍ରକୁ ଖାଲି କରି କିମ୍ବା ଅନ୍ୟ ସ୍ଥାନାନ୍ତର ହୋଇ ଉକ୍ତ ଗୃହ କିମ୍ବା କୋଠାକୁ ଖାଲି କରିଦିଅନ୍ତୁ । ଉପରୋକ୍ତ ଧାର୍ଯ୍ୟ ସମୟ ପରେ ଉକ୍ତ ଦର୍ଶିତ ବିପଦସଂକୁଳ ଅସୁରକ୍ଷିତ ଗୃହ କିମ୍ବା କୋଠାକୁ ପୂର୍ବ ନିର୍ଦ୍ଦେଶ ପ୍ରକାରରେ ଭଙ୍ଗାଯିବ ।

ସ୍ୱା./-କାର୍ଯ୍ୟନିର୍ବାହୀ ଅଧିକାରୀ
କବିସୂର୍ଯ୍ୟନଗର ବିଜ୍ଞାପିତ ଅଞ୍ଚଳ ପରିଷଦ

OIPR-13208/11/0014/2526



## OFFICE OF THE DIVISIONAL FOREST OFFICER, PURI WILD LIFE DIVISION

CHAKRATIRTHA ROAD, PURI-752002

**SHORT TENDER CALL NOTICE FOR DISPOSAL OF CASHEW NUTS 2025 CROP**

No.MM-310 : Sealed tenders are invited for the sale of the 2025 cashew nut crop from Balukhanda and Konark (Wildlife) Ranges on "as is where" basis. **Tender documents will be available from 29/11/2025 at 10:00 AM to the last date of submission on 05/12/2025 by 3:00 PM,** for detailed information, please visit the official website: www.odishaforest.in

OIPR-08140/11/0020/2526 Sd./- DFO Puri (WL) Division



## PANCHAYAT SAMITI, RANGEILUNDA, KONISI

ANNECURA-A

BID IDENTIFICATION NO.02/2025-26
NIB NO. 6715/ Dated 26.11.2025

No.I-395 LIST OF WORKS PUT TO ON-LINE TENDER THROUGH e-Procurement

| Sl. No. | Name of the Project | Estimate Cost Put to Tender (in Rs.) | Earnest Money Deposit @1% of Tendered Value in Rs.) | Class of Contractor | Cost of BID document (Non-Refundable) | Cover Type | Period of Completion |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of PACs Office Building at Allipur | 10,25,211.00 | 10252.00 | "D&C" Class | Rs.10,000.00 | Single Cover | 6th Calendar Month |
| 2 | Construction of PACs Office Building and Godown at Padmapur | 24,48,847.20 | 24488.00 | "B & C" Class | Rs.10,000.00 | Single Cover | 6th Calendar Month |
| 3 | Construction of PACs Office Building and Godown at Palur | 24,48,847.20 | 24488.00 | "B & C" Class | Rs.10,000.00 | Single Cover | 6th Calendar Month |
| 4 | Construction of PACs Office Building and Godown at Phulta | 24,48,847.20 | 24488.00 | "B & C" Class | Rs.10,000.00 | Single Cover | 6th Calendar Month |

By the Order of Block Development Officer
Sd./- Panchayat Samiti, Rangeilunda

OIPR-19424/11/0008/2526



## Government of Odisha

**Corrigendum to Bid Identification No. CCE.Ctc.(R&B) 8/2025-26**
**Tender Reference No. - CCE.Ctc.(R&B) 8/2025-26**

E-mail ID - sectcrb_2006@yahoo.co.in, Tel/Fax - 0671-2301751/2302751

No.B-770 : The Bid availability period and Date of opening of the tenders have been modified due to unavoidable circumstances. The modified dates are as follows :

| Sl. No. | Bid Identification No. | Bid Availability period as per Tender Notice | Revised Bid Availability period | Bid opening Date as per Tender Notice | Revised opening Date |
|---|---|---|---|---|---|
| 1 | CCE.Ctc. (R&B)8/2025-26 | 04.11.2025 to 5.30 Hours of 18.11.2025 | 03.12.2025 to 5.30 Hours of 17.12.2025 | 19.11.2025 at 11.00 Hours | 18.12.2025 at 11.00 Hours |

All other terms and conditions remain unchanged. Further details can be seen from the website https://tendersodisha.gov.in.

Sd./- Chief Construction Engineer Cuttack (R&B) Circle

OIPR-34012/11/0052/2526



## ODISHA STATE CIVIL SUPPLIES CORPORATION LTD., DHENKANAL

At - Mahisapat, Dist - Dhenkanal, Pin - 759001

**TENDER CALL NOTICE**

File No - VIII/Estt./02/25-26

No.CAD-2507 : The District office of OSCSC Ltd., Dhenkanal issued a **Tender Call Notice vide letter No 2342 dated 27.11.2025** inviting sealed tenders from Travel Agency/Individual for hiring **01 (one)** no. of vehicle in the model **TUV 300/Bolero/Sumo Gold/Ertiga etc.** as per Finance Department Office Memorandum no. 15836 dt. 27.05.2025 for Supervision of Paddy Procurement operation for the KMS: 2025-26 in the O/o the District Manager, OSCSC Limited, Dhenkanal.

The detailed Notice/Annexures inviting sealed tender will be available in the Office website of OSCSC Limited, Bhubaneswar i.e WWW.OSCSC.in

The intending Travel Agency/Individual is requested to download the detailed notice from the above website.

LAST DATE OF RECEIVING OF APPLICATION/BID ONLY THROUGH REGD.POST /SPEED POST/COURIER SERVICE IS BY 8th DECEMBER 2025 BY 2.30 P.M.

Sd./- CSO-cum-District Manager OSCSC Ltd., Dhenkanal

OIPR-07029/11/0007/2526



## GOVERNMENT OF ODISHA
## OFFICE OF THE SUPERINTENDING ENGINEER MINOR IRRIGATION DIVISION, MAYURBHANJ

Tel. No. (06792)260788, e-Mail ID : mi.mayurbhanj@yahoo.co.in

**"e" Procurement Notice**

No.4347 Dated 26.11.2025

Identification No. - S.E.M.I.D. MBJ. No. - 21/MID, MBJ/2025-26

No.A-1001 : The Superintending Engineer, M.I. Division, Mayurbhanj on behalf of Governor of Odisha invites percentage rate bids through e-procurement to be received in online mode only for the works as detailed in the table below.

| | | |
|---|---|---|
| 1 | Name of works | Civil Construction works as mentioned in the website |
| 2 | Total No. of work | 12 Nos |
| 3 | Tender amount | 10.11 Lakh to 12.56 Lakh (Detail of work Annexed) |
| 4 | Class of Contractor | As Mentioned against Work |
| 5 | Period of Completion | As Mentioned against Work |
| 6 | Date & time of Availability of Bid Document in the Portal | 01.12.2025 at 10.00 A.M. to 11.12.2025 up to 5.00 P.M. |
| 7 | Last Date / Time for receipt of Bids in the Portal | 11.12.2025 up to 5.00 P.M. |
| 8 | Date/Time of Opening of Technical Bid | 12.12.2025 at 11.00 A.M. |
| 9 | Name and Address of the Officer Inviting the Bid | Superintending Engineer, M.I Division, Mayurbhanj |
| 10 | Mode of Payment of Bid Cost | Online |
| 11 | Further details can be seen from the "e" Procurement Portal "https://tendersorissa.gov.in" | |

Sd./- Superintending Engineer Minor Irrigation Division, Mayurbhanj

OIPR-32041/11/0021/2526



## OFFICE OF THE NOTIFIED AREA COUNCIL, BHUBAN

e-Mail: bhubann.hud@nic.in

No.C-1604:

**INVITATION FOR BIDS**

**E-Procurement Notice-04/2025-26**
**Tender Call Notice No-2064/BBN NAC Dt.27.11.2025**

1. Name of the Work : 09 Numbers of Civil Construction Works as in the DTCN published in the website
2. Estimated Cost : Varies from Rs.5.2 Lakhs to Rs.13 Lakhs
3. Period of Completion : One Month to Three Months
4. Date and time of availability of bid document in the portal : From 11.00 A.M. of Dt.01.12.2025 to 5.00 P.M. of Dt.15.12.2025
5. Last date/time for receipt of bid in the portal : 5.00 P.M. of Dt.15.12.2025
6. Last date of submission of bid document through Regd.Post/ Speed Post : 5.00 P.M. of Dt.15.12.2025
7. Date and Time of opening of Bid : 11.00 AM hours of Dt.16.12.2025
8. Name and address of the Officer Inviting Bid : Executive Officer, Bhuban NAC

Further details can be seen from the e-procurement portal http://tenderorissa.gov.in.

Sd./- Executive Officer Bhuban N.A.C.

OIPR-13096/11/0015/2526



## GOVERNMENT OF ODISHA
## DEPARTMENT OF WATER RESOURCES
## Office of the Additional Chief Engineer, Drainage Circle, Balasore

No.A-981

Email id : sedcbls@yahoo.com

**"e" PROCUREMENT NOTICE NO. ACEDCBLS-15/2025-26**

| | | |
|---|---|---|
| 1 | Name of work | Drainage works (Under D.I.P. Scheme) |
| 2 | Total No. of Project | 3 Nos. of individual work |
| 3 | Estimated cost of individual works | Varies from Rs.2,02,79,343/- to 6,30,68,437/- (Excluding G.S.T.) |
| 4 | Period of completion | 11 (Eleven) Calendar months |
| 5 | Bid Identification Number | ACEDCBLS/DDBLS-01-15/2025-26 ACEDCBLS/DDBLS-02-15/2025-26 ACEDCBLS/DDBLS-03-15/2025-26 |
| 6 | Date & Time of availability of Bid document in the Portal | From Dt.01.12.2025 at 10.00 hours to Dt.15.12.2025 at 17.00 hours |
| 7 | Date & Time for receipt of Bid document in the Portal | From Dt.01.12.2025 at 10.00 hours to Dt.15.12.2025 at 17.00 hours |
| 8 | Date of Opening of Technical Bid | Dt.16.12.2025 at 11.30 hours in the Office of the Additional Chief Engineer, Drainage Circle, Balasore |
| 9 | Date of Opening of Financial bid | To be uploaded in portal |
| 10 | Cost of Tender Paper | Rs.10,000.00 |
| 11 | Procurement Officer/Name & address of the officer inviting Bids | Additional Chief Engineer, Drainage Circle, Balasore |

Further details can be seen from the Govt. Website www.tendersorissa.gov.in

Sd./- Additional Chief Engineer Drainage Circle, Balasore

OIPR-32190/11/0034/2526

# 'ଗ୍ରାମ ସଶକ୍ତ ହେଲେ ବିକଶିତ ରାଷ୍ଟ୍ର ପରିକଳ୍ପନା ସାକାର ହେବ'



ମହୋତ୍ସବର ୫ମ ସନ୍ଧ୍ୟାରେ ଉପସ୍ଥିତ ଅତିଥି।

## ତ୍ୟାଗଭୂମି ମହୋତ୍ସବର ୫ମ ସନ୍ଧ୍ୟା

ଭଦ୍ରକ,୨୯।୧୧(ସନାତନ ରାଉତ)

ଗାଁର ଯୁବଶକ୍ତି, ନାରୀଶକ୍ତି, ପ୍ରଯୁକ୍ତି କାରିଗରୀ ଆଦିକୁ ନେଇ ଆତ୍ମନିର୍ଭର ଭାରତ ଗଠନର ସ୍ୱପ୍ନ ସାକାର ହେବା ସହ ବିକଶିତ ରାଷ୍ଟ୍ର ସମ୍ଭବ ହୋଇପାରିବ ବୋଲି ଶୁକ୍ରବାର ତ୍ୟାଗଭୂମି ମହୋତ୍ସବର ୫ମ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ମତବ୍ୟକ୍ତ କରିଛନ୍ତି। ଗ୍ରାମ୍ୟ ଜୀବନରେ ଅଗ୍ରଗତି ପାରିବାରିକ ସଂହତିକୁ ହ୍ରାସ କରୁଛି। ଗାଁର ମଣିଷ ପ୍ରଯୁକ୍ତିବିଦ୍ୟାର ଉପଯୋଗ କରୁଛି ସତ, କିନ୍ତୁ ମାନବୀୟ ଶୃଙ୍ଖଳା ଓ ସମ୍ବନ୍ଧଠାରୁ ଦୂରେଇ ଯାଉଛି ବୋଲି ମୁଖ୍ୟଅତିଥି କହିଥିଲେ। ଭଦ୍ରକ ମଠସାହି ଗୋପାଳଜୀଉ ପଡ଼ିଆରେ ଚାଲିଥିବା ମହୋତ୍ସବରେ ଏହି ସନ୍ଧ୍ୟାରେ ତ୍ୟାଗଭୂମିର ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଆଇନଜୀବୀ ପର୍ଶୁରାମ ଦ୍ୱିବେଦୀଙ୍କ ପୌରୋହିତ୍ୟରେ 'ଗ୍ରାମ୍ୟ ସମାଜ ଓ ପରିବର୍ତ୍ତନର ପଦଧ୍ୱନି' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟବକ୍ତା ଭାବେ ଓଡ଼ିଶାର ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ କୁମାର ପଟ୍ଟନାୟକ ଯୋଗଦେଇ କହିଥିଲେ, ପରିବର୍ତ୍ତନ ସଂସ୍କାରର ପଦଧ୍ୱନି। ଗ୍ରାମ ସଶକ୍ତ ହେଲେ ବିକଶିତ ରାଷ୍ଟ୍ର ପରିକଳ୍ପନା ସାକାର ହୋଇପାରନ୍ତା ବୋଲି ବକ୍ତବ୍ୟ ରଖିଥିଲେ। ଅନ୍ୟତମ ଅତିଥି ଭାବେ ଡା. ପ୍ରଦୀପ କୁମାର ନାୟକ ଯୋଗ ଦେଇଥିଲେ। ଶିକ୍ଷକ ବୈକୁଣ୍ଠ ବିଶ୍ୱାଳ ମଞ୍ଚ ଆହ୍ୱାନ ଓ ଶିକ୍ଷାବିତ୍ ଗୋବର୍ଦ୍ଧନ ସାମଲ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ସମ୍ବର୍ଦ୍ଧିତ ଡ. କେଶବ ଚନ୍ଦ୍ର ଜେନା, ଗୌରାଙ୍ଗ ବାରିକ, ବାଦଲ ସିକ୍‌ଦାର, ରଣଜିତ ମହାପାତ୍ର, ମୁକ୍ତିକାନ୍ତ ପାଲ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। କଣ୍ଠଶିଳ୍ପୀ ରୁଦ୍ରମାଧବ ଓ ଛାତ୍ରୀଛାତ୍ର 'ବନ୍ଦେ ଉତ୍କଳ ଜନନୀ' ଗାନ କରିଥିବା ବେଳେ ସଦସ୍ୟା ଚୈତାଳି ଖିଲାର ଧନ୍ୟବାଦ ଦେଇଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ତ୍ୟାଗଭୂମି ସଭାପତି ଅଜୟ ନାୟକ, ସମ୍ପାଦକ ଗଦାଧର ବଳ, ସଂଗଠନ ସମ୍ପାଦକ ସୁଧାକର ରାଉତ, ସଦସ୍ୟ ଅଶୋକ ଦ୍ୱିବେଦୀ, ଇଂ. ଅଖିଳ କୁମାର ପାଢ଼ୀ, ଇଂ. ଅମ୍ବିକା ବଲ୍ଲଭ ସ୍ୱାଇଁ, ବରିଷ୍ଠ ନାଗରିକ ମଞ୍ଚ ସଭାପତି ଲଲାଟେନ୍ଦୁ ମହାନ୍ତି, ବସୁମିତ୍ରା ସାହୁ, ଡ. ରାଧାରାଣୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଏବିଭିପିର ନଗର ସମ୍ମିଳନୀ

ବାସୁଦେବପୁର,୨୯।୧୧(କାଳିପଦ ରାୟ)

ଏବିଭିପି (ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ)ର ବାସୁଦେବପୁର ଶାଖା ପକ୍ଷରୁ ଶନିବାର ସ୍ଥାନୀୟ ହନୁମାନ ବାଟିକା ସରସ୍ୱତୀ ଶିଶୁମନ୍ଦିର ପରିସରରେ ନଗର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଜିଲା ପ୍ରମୁଖ ସ୍ୱାଧୀନ ସୁନ୍ଦର ଦାସଙ୍କ ସଂଯୋଜନାରେ ଆୟୋଜିତ ସମ୍ମିଳନୀରେ ଅତିଥି ଭାବେ ପୂର୍ବତନ କାର୍ଯ୍ୟକର୍ତ୍ତା ପୂର୍ଣ୍ଣିମା ମହାନ୍ତି, ନଗର ସଭାପତି ପୁରୁଷୋତ୍ତମ ବେହେରା, ସମ୍ପାଦକ ରଶ୍ମିରଞ୍ଜନ ମହାନ୍ତି ଓ ମୃତ୍ୟୁଞ୍ଜୟ ବିଶ୍ୱାଳ ଯୋଗଦେଇ ବିଦ୍ୟାର୍ଥୀ ପରିଷଦର ଲକ୍ଷ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ପୁରାତନ ଟିମ୍‌କୁ ଭଙ୍ଗ କରାଯାଇଥିଲା। ୨ୟ ଅଧିବେଶନରେ ମୁଖ୍ୟଅତିଥି ଭାବେ ଆର୍‌ଏସ୍‌ଏସ୍‌ର ଭଦ୍ରକ ଜିଲା ସେବା ପ୍ରମୁଖ ଶଶାଙ୍କ ଶେଖର ସାମଲ, ଏବିଭିପିର ଜିଲା ସଂଯୋଜକ ଓମ୍‌କାର ମହାନ୍ତି ଓ ବିଭାଗ ଏସ୍‌ଏଫ୍‌ଏସ୍ ପ୍ରମୁଖ ମାଧୁରୀ ରାଉତ ଉପସ୍ଥିତ ଥିଲେ। ଜିଲା ପ୍ରମୁଖ ଦାସ ନୂତନ ସଭାପତି ପୁରୁଷୋତ୍ତମ ବେହେରା ଓ ସମ୍ପାଦକ ରଶ୍ମିରଞ୍ଜନ ମହାନ୍ତିଙ୍କ ନାମ ଘୋଷଣା କରିଥିଲେ।ନୂତନ ସଭାପତି ବେହେରା ସମ୍ପୂର୍ଣ୍ଣ ଟିମ୍ ଘୋଷଣା କରିଥିଲେ।


ସମ୍ମିଳନୀରେ ଏବିଭିପିର କାର୍ଯ୍ୟକର୍ତ୍ତା।

# ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ସଭାରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଶାନ୍ତିଲତା ପତିଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ଧୂଷୁରୀ,୨୯।୧୧(ଦୀପ୍ତି ରଞ୍ଜନ ନାୟକ)

ଧାମନଗର ବ୍ଲକ ଧୁଷୁରୀ ପଞ୍ଚାୟତ ହରିହଂସ ସରକାରୀ ଉ.ପ୍ରା. ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଶାନ୍ତିଲତା ପତିଙ୍କୁ ଶନିବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟ ପ୍ରାଙ୍ଗଣରେ ପୂର୍ବତନ ପ୍ରଧାନଶିକ୍ଷକ ଅଲେଖ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ଧାମନଗର ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ଧୁଷୁରୀ ସରପଞ୍ଚ ଅନ୍ତର୍ଯ୍ୟାମୀ ପତି, ଅଧ୍ୟାପକ ନିକୁଞ୍ଜ କିଶୋର ଯେନା, ଧାମନଗର ଏବିଇଓ ସତ୍ୟସୁନ୍ଦର ପରିଡ଼ା, ଆନନ୍ଦପୁର ବିଇଓ ହେମେନ୍ଦ୍ର ମହାନ୍ତି, ସିଆର୍‌ସିସି ଅଭୟ ସାହୁ, ପୂର୍ବତନ ପ୍ରଧାନଶିକ୍ଷୟିତ୍ରୀ ସୁଜାତା ମହାନ୍ତି, ପ୍ରଧାନଶିକ୍ଷକ ଅକ୍ଷୟ କୁମାର ହୋତା ପ୍ରମୁଖ ଯୋଗଦେଇ ବିଦାୟୀ ପ୍ରଧାନଶିକ୍ଷୟିତ୍ରୀଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ। ସହକାରୀ ଶିକ୍ଷକ ସଞ୍ଜୟ କୁମାର ବିନ୍ଧାଣି ସ୍ୱାଗତ ଭାଷଣ ଦେବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ଦୀପିକା ବିଶ୍ୱାଳ, ଅମିତା ମହାଳିକ, ପୁଷ୍ପଲତା ପାଣିଗ୍ରାହୀ, ପରିଚାଳନା କମିଟି ସଭାନେତ୍ରୀ ଜ୍ୟୋତ୍ସ୍ନାରାଣୀ ନାୟକ ପ୍ରମୁଖ ସହଯୋଗ କରିଥିଲେ।

# କୁଚ ବିହାର ଟ୍ରଫି ପାଇଁ ସ୍ୱୟମ୍ଭୁ ମନୋନୀତ

ଚାନ୍ଦବାଲି, ୨୯।୧୧(କିଷାନ ପାତ୍ର)

ଭଦ୍ରକ ଜିଲାର ବାମହାତି ଓପନିଂ ବ୍ୟାଟ୍ସମ୍ୟାନ ଓ ଉଇକେଟ୍ କିପର୍ ସ୍ୱୟମ୍ଭୁ ପଲାଇ ୧୯ ବର୍ଷରୁ କମ୍ ସର୍ବଭାରତୀୟ କୁଚ ବିହାର ଟ୍ରଫି ପାଇଁ ମନୋନୀତ ହୋଇଛନ୍ତି। ଆସନ୍ତା ଡିସେମ୍ବର ୧ରୁ ଉତ୍ତରାଖଣ୍ଡରେ ଏହି ମ୍ୟାଚ୍ ଆରମ୍ଭ ହେବ। ସ୍ୱୟମ୍ଭୁ ପୂର୍ବରୁ ବିଭିନ୍ନ ଘରୋଇ ମ୍ୟାଚ୍‌ରେ ସଫଳ ବ୍ୟାଟିଂ ଓ ଉଇକେଟ୍ କିପିଂ ପ୍ରଦର୍ଶନ କରି ସେ ଚର୍ଚ୍ଚାରେ ରହିଥିଲେ। ଚାନ୍ଦବାଲି ବ୍ଲକ ମାଧପୁର ପଞ୍ଚାୟତର ଏହି ଯୁବ କ୍ରିକେଟରଙ୍କ ବାପା ସରଜୁ ସଲିଳ ପଲାଇ ଜଣେ ସରକାରୀ କର୍ମଚାରୀ ହୋଇଥିବା ବେଳେ ମା' ଜଣେ ଗୃହିଣୀ। ପୁଅର ଏହି ସଫଳତାରେ ଖୁସି ହୋଇ ସେମାନେ ଜିଲା କ୍ରିକେଟ ଆସୋସିଏଶନ ଏବଂ ଓଡ଼ିଶା କ୍ରିକେଟ ଆସୋସିଏଶନର କର୍ମକର୍ତ୍ତାଙ୍କୁ ଅଭିନନ୍ଦନ, ସାଧୁବାଦ ଜଣାଇଛନ୍ତି। ପୂର୍ବତନ ଜିଲା ପରିଷଦ ସଭ୍ୟ ସୁରେଶ ସାହୁ ସ୍ୱୟମ୍ଭୁଙ୍କ ସଫଳତା ପାଇଁ ଜିଲା କ୍ରିକେଟ ପରିବାର ଏବଂ ଓସିଏକୁ ଧନ୍ୟବାଦ ଜଣାଇଛନ୍ତି।

ଭାରତୀୟ ରିଜର୍ଭ ବ୍ୟାଙ୍କ୍
ସମ୍ପଦା ବିଭାଗ, ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର - 751001

ଟେଣ୍ଡର ବିଜ୍ଞପ୍ତି

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର **ନୟାପଲ୍ଲୀ, ଭୁବନେଶ୍ୱର, ଓଡ଼ିଶା ସ୍ଥିତ ନିଜର ଅଫିସର କ୍ୱାର୍ଟର୍ସରେ ବ୍ଲକ ଏ ରୁ ଇ ଏବଂ କମ୍ୟୁନିଟି ହଲ୍ କୁ ଛାଡି ବିଭିନ୍ନ ବ୍ଲକ ରେ ଥିବା ଏମଏସ / କାଠ ୱିଣ୍ଡୋଗୁଡିକୁ uPVC ୱିଣ୍ଡୋ ସହିତ ବଦଳାଇବା ପାଇଁ** ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖି ପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ । MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ **ଡିସେମ୍ବର 16, 2025 ଅପରାହ୍ଣ 02:00 ଟା** ଅଟେ ।

କ୍ଷେତ୍ରୀୟ ନିର୍ଦ୍ଦେଶକ
ଭୁବନେଶ୍ୱର

ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ
କ୍ଷେତ୍ରୀୟ କାର୍ଯ୍ୟାଳୟ: ବି-୨, ପଶ୍ଚିମ, ୨ୟ ମହଲା, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭, ଇ-ମେଲ: 0815samd@iob.in

ଗାଡି ନିଲାମ ବିକ୍ରୟ ବିଜ୍ଞପ୍ତି

ଏତଦ୍‌ଦ୍ୱାରା ନିମ୍ନଲିଖିତ ଋଣଗ୍ରହୀତା, ଆଇନଗତ ଉତ୍ତରାଧିକାରୀମାନଙ୍କୁ ଜଣାଇ ଦିଆଯାଉଅଛି କି, ବ୍ୟାଙ୍କ ଦ୍ୱାରା ବାରମ୍ବାର ନୋଟିସ୍ ଜାରି ହେବା ସତ୍ତ୍ୱେ ମଧ୍ୟ ସେମାନେ ସେମାନଙ୍କର ବ୍ୟାଙ୍କ ଦେୟ ପୈଠ କରୁନାହାଁନ୍ତି। ତେଣୁ ଆଇନ ଅନୁଯାୟୀ ନିମ୍ନ ସାରଣୀରେ ଦର୍ଶାଯାଇଥିବା ଗାଡି ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କର ନିମ୍ନଲିଖିତ ଶାଖା ଦ୍ୱାରା ଜବତ କରାଯାଇଅଛି। ଏହି ନୋଟିସ୍ ଦ୍ୱାରା ସୂଚିତ କରାଯାଉଛି କି, ସ୍ଥିର କରାଯାଇଥିବା ନିଲାମ ତାରିଖ ପୂର୍ବରୁ ସେମାନେ ସେମାନଙ୍କର ସମ୍ପୂର୍ଣ୍ଣ ବକେୟା ଦେୟ ପୈଠ କରନ୍ତୁ ନଚେତ ଗାଡିକୁ ସର୍ବସାଧାରଣ ନିଲାମରେ ବିକ୍ରୟ କରାଯିବ ଏବଂ ଯଦି କିଛି ବକେୟା ରହିଯାଏ ତେବେ ଆଇନ ଅନୁଯାୟୀ ସେମାନଙ୍କ ଠାରୁ ଆଦାୟ କରାଯିବ।

ନିଲାମ ଏବଂ ବିଡ୍ ଫର୍ମ ଖୋଲିବା ତାରିଖ : ତା.୧୯.୧୨.୨୦୨୫ରିଖ ଅପରାହ୍ନ ୩.୦୦ ଘଟିକାରେ ।

| ଶାଖାର ନାମ ସହିତ ଫୋନ ନମ୍ବର | ଋଣଗ୍ରହୀତାମାନଙ୍କ ନାମ ସହିତ ଋଣ ଆକାଉଣ୍ଟ ନଂ. | ଗାଡିର ପ୍ରକାର / ନିର୍ମାଣ ବର୍ଷ | ପଞ୍ଜିକୃତ ନମ୍ବର / ଇଞ୍ଜିନ୍ ନଂ. / ଚେଚିସ୍ ନଂ. | ସଂରକ୍ଷିତ ମୂଲ୍ୟ |
|---|---|---|---|---|
| ଚନ୍ଦ୍ରଶେଖରପୁର ଶାଖା / ୯୦୪୦୦୦୭୪୩୪ | ମେସର୍ସ କୁନାଲ ରୋଡୱେଜ୍ ୧୪୭୬୦୩୭୦୧୦୦୦୦୦୫ | SML ISUZU LTD / 04-2023 | OD05BM5727 / SLT6CM289227 / MBUZT54ADM0298055 | ଟ.୫,୦୦,୦୦୦/- |
| ଷ୍ଟକ୍‌ୟାର୍ଡ- ପାତ୍ରପଡା ଷ୍ଟକୟାର୍ଡ, ଉଦୟଗିରି ବିହାର, ପାତ୍ରପଡା, ଯୋଗାଯୋଗ ବ୍ୟକ୍ତି : ଜିତେନ୍ଦ୍ର ନାୟକ, ମୋ.: ୯୯୩୮୧୬୧୪୧୫ | | | | |
| ଚନ୍ଦ୍ରଶେଖରପୁର ଶାଖା / ୯୦୪୦୦୦୭୪୩୪ | ମେସର୍ସ କୁନାଲ ରୋଡୱେଜ୍ ୧୪୭୬୦୩୭୦୧୦୦୦୦୦୩ | SML ISUZU LTD / 04-2023 | OD02CK5727 / SLT6DM289831 / MBUZT54ADM0298563 | ଟ.୫,୦୦,୦୦୦/- |
| ଷ୍ଟକ୍‌ୟାର୍ଡ- ପଦ୍ମା ଷ୍ଟକୟାର୍ଡ, ଲକ୍ଷେଶ୍ୱର ମନ୍ଦିର ନିକଟ, ପାହାଳ, ଭୁବନେଶ୍ୱର, ପିନ୍-୭୫୪୦୦୧, ଯୋଗାଯୋଗ ବ୍ୟକ୍ତି : ଉମାକାନ୍ତ ମହାନ୍ତି, ମୋ.: ୯୪୩୭୮୮୯୭୪୧ | | | | |
| ସିଉଳା ଗୁଡିଆପୋଖରୀ ଶାଖା / ୯୩୩୮୬୯୮୭୧୩ | ଶ୍ରୀ ବିଷ୍ଣୁ ଚରଣ ପରିଡା ୩୦୫୦୦୩୫୨୦୦୦୦୦୦୧ | ZOOMLION FH SPEEDSTER 88 COMBINE HARVESTER | NA / Q200791203G / ZLPZ-B02663GW | ଟ.୩,୫୦,୦୦୦/- |
| ଷ୍ଟକ୍‌ୟାର୍ଡ- ଭବ୍ୟା ପାର୍କିଂ ସର୍ଭିସେସ୍, ପ୍ଲଟ ନଂ.: ୩୨/୫୮୪, ରେବତୀ ନଗର, ଶିଶୁପାଳଗଡ, ପୁରୀ କଟକ ବାଏପାସ୍ ରୋଡ, ଭୁବନେଶ୍ୱର-୭୫୧୦୨୨, ଯୋଗାଯୋଗ ବ୍ୟକ୍ତି : ବିପିନ ସାହୁ, ମୋ.: ୭୯୭୮୩୧୨୧୦୧ | | | | |
| ସିଉଳା ଗୁଡିଆପୋଖରୀ ଶାଖା / ୯୩୩୮୬୯୮୭୧୩ | ଶ୍ରୀ ରାଜେନ୍ଦ୍ର ସାହୁ ୩୦୫୦୦୩୭୦୭୦୦୦୦୧୧ | ZOOMLION FH SPEEDSTER 88 COMBINE HARVESTER | NA / Q210991452G / ZLPZ-D03146PW | ଟ.୩,୫୦,୦୦୦/- |
| ଷ୍ଟକ୍‌ୟାର୍ଡ- ପଦ୍ମା ଷ୍ଟକ୍‌ୟାର୍ଡ, ନଖରା, ଓଡିଶା, ଯୋଗାଯୋଗ ବ୍ୟକ୍ତି : ବିପିନ ସାହୁ, ମୋ.: ୭୯୭୮୩୧୨୧୦୧ | | | | |

ନିଲାମ ସ୍ଥାନ : ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ, ଏସ୍‌ଏଏମଡି ଡିପାର୍ଟମେଣ୍ଟ, କ୍ଷେତ୍ରୀୟ କାର୍ଯ୍ୟାଳୟ, ବି-୨, ପଶ୍ଚିମ, ୨ୟ ମହଲା, ଶହୀଦ ନଗର, ଭୁବନେଶ୍ୱର, କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଯୋଗାଯୋଗ ନଂ : ମୋ.: ୭୯୭୮୯୧୧୭୪୭
ଗାଡିକୁ ତା.୧୮.୧୨.୨୦୨୫ରିଖ ସୁଦ୍ଧା ସମସ୍ତ କାର୍ଯ୍ୟ ଦିବସର କାର୍ଯ୍ୟାଳୟ ସମୟ ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ ଯାଞ୍ଚ କରିପାରିବେ। ସମ୍ପୃକ୍ତ ଶାଖାରେ ମୁଦ ବିଡ୍ / ଟେଣ୍ଡର ଫର୍ମ ତା.୧୮.୧୨.୨୦୨୫ରିଖ ସୁଦ୍ଧା ଦାଖଲ କରିପାରିବେ।
**ନିଲାମର ନିୟମ ଓ ସର୍ତ୍ତାବଳୀ:** ୧) ଗାଡ଼ିର ଖୋଲା ନିଲାମ ବିକ୍ରୟରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ଇଚ୍ଛୁକ ନିଲାମଧାରୀମାନଙ୍କ ଠାରୁ ଡିମାଣ୍ଡ ଡ୍ରାଫ୍ଟ/ ବ୍ୟାଙ୍କର୍ସ ଚେକ୍ ମାଧ୍ୟମରେ ୧୦,୦୦୦/- (ଦଶ ହଜାର) ଟଙ୍କାର ଅମାନତ ରାଶି ସହିତ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କର ସମ୍ପୃକ୍ତ ଶାଖା ସପକ୍ଷରେ ପୈଠ ଦର୍ଶାଇ, ମୁଦ ଲଫାପାରେ ପ୍ରସ୍ତାବମାନ ଆହ୍ୱାନ କରାଯାଉଅଛି। ଗାଡ଼ି **"ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି"** ଭିତିରେ / ମୂଳ ଆରସି ବୁକ୍ ବିନା ନିଲାମ କରାଯିବ। ୨) ଯଦି ନିଲାମଧାରୀ ଗୋଟିଏ ରୁ ଅଧିକ ଗାଡ଼ି ପାଇଁ ଆବେଦନ କରିଥାନ୍ତି ତେବେ, ଏପରି କ୍ଷେତ୍ରରେ ପ୍ରତ୍ୟେକ ଗାଡ଼ି ପାଇଁ ଅମାନତ ରାଶି ସହିତ ପୃଥକ ଆବେଦନ ଫର୍ମ ଏବଂ ଟେଣ୍ଡର ଫର୍ମ ଦାଖଲ କରାଯିବା ଉଚିତ୍। ୩) ଯେକୌଣସି ଟେଣ୍ଡର ସଂରକ୍ଷିତ ମୂଲ୍ୟରୁ କମ୍ ହେଲେ ଏହାକୁ ପ୍ରତ୍ୟାଖ୍ୟାନ କରାଯିବ। ୪) ଗ୍ରହଣ କରାଯାଇଥିବା ଟେଣ୍ଡର ଫର୍ମ ଗୁଡ଼ିକ ଉପରୋକ୍ତ ସମ୍ପୃକ୍ତ ଶାଖାର ନିଲାମଧାରୀ ଏବଂ ବ୍ୟାଙ୍କ ଅଧିକାରୀଙ୍କ ଉପସ୍ଥିତିରେ ଉଲ୍ଲେଖିତ ତାରିଖ ଏବଂ ସମୟ ଅନୁଯାୟୀ ଖୋଲାଯିବ। ୫) ଇଚ୍ଛୁକ ନିଲାମଧାରୀମାନେ ଉପରୋକ୍ତ ତାରିଖ ଏବଂ ସମୟ ଅନୁଯାୟୀ ସମ୍ପୃକ୍ତ ଶାଖାରେ ଶାଖା ପ୍ରବନ୍ଧକଙ୍କ ପ୍ରାକ୍ ଅନୁମତି ସହ ନିଜ ଖର୍ଚ୍ଚରେ ଗାଡ଼ିର ଯାଞ୍ଚ କରିପାରିବେ। ୬) ନିଲାମରେ ଅଂଶଗ୍ରହଣ କରିବା ପୂର୍ବରୁ ନିଲାମଧାରୀମାନେ ଗାଡିର ଭୌତିକ ଯାଞ୍ଚ କରିବା ଉଚିତ୍, କ୍ରେତାମାନେ ରୋଡ୍ ପରମିଟ୍, ବୀମା, ଗାଡ଼ିର ସ୍ଥିତି ଇତ୍ୟାଦି ସମ୍ବନ୍ଧରେ ଯାଞ୍ଚ କରି ନିଜେ ସନ୍ତୁଷ୍ଟ ହେବା ଉଚିତ୍ ଏବଂ ନିଲାମ ପରେ ଏହି ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ/ ଦାବି ଶୁଣାଯିବ ନାହିଁ। ୭) ବିଡ୍ ଦାଖଲ ସଫଳ ହେବା ପରେ ଗାଡ଼ିର ନିର୍ମାଣ ବର୍ଷ, କାଗଜାତ୍, ଗାଡ଼ିର ସ୍ଥିତି ଇତ୍ୟାଦି ସମ୍ବନ୍ଧୀୟ କୌଣସି ବିବାଦ ବିଚାରକୁ ନିଆଯିବ ନାହିଁ। ୮) ସଫଳ ନିଲାମଧାରୀମାନଙ୍କୁ ଥରେ ବିକ୍ରୟ କରାଯାଇଥିବା ଗାଡ଼ି ବ୍ୟାଙ୍କ ଦ୍ୱାରା ଫେରସ୍ତ ନିଆଯିବ ନାହିଁ ଏବଂ କୌଣସି ପରିସ୍ଥିତିରେ ଏହି ସମ୍ବନ୍ଧୀୟ କୌଣସି ଆପତ୍ତିକୁ ଗ୍ରହଣ କରାଯିବ ନାହିଁ। ୯) ନିଲାମ ରାଶି ମଧ୍ୟରେ କୌଣସି ବୈଧାନିକ ବକେୟା ଟିକସ ଏବଂ ପ୍ରଯୁଜ୍ୟ ଆରଟିଓ ଫି ଅନ୍ତର୍ଭୁକ୍ତ ନୁହେଁ। ସଫଳ ନିଲାମଧାରୀ ଆଇନ୍ ଅନୁଯାୟୀ ସମସ୍ତ ଦେୟ, ମାଲିକାନା ହସ୍ତାନ୍ତର/ବକେୟା ଦେୟ, ଅନ୍ୟାନ୍ୟ ଆନୁସଙ୍ଗିକ ଦେୟ ଏବଂ ପ୍ରଯୁଜ୍ୟ ଭ୍ୟାଟ/ବିକ୍ରୟ କର/ଜିଏସ୍‌ଟି, ଯଦି କିଛି ଥାଏ ତାହା ବହନ କରିବେ। ୧୦) ବିଡ଼ରମାନେ ବୈଧ ପରିଚୟ ପତ୍ର ସହିତ ବ୍ୟକ୍ତିଗତ ଭାବେ ଏହି ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ କରିବେ ଏବଂ କୌଣସି କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କୁ ନିଲାମଧାରୀଙ୍କ ତରଫରୁ ନିଲାମରେ ଅଂଶଗ୍ରହଣ କରିବାକୁ ଅନୁମତି ଦିଆଯିବ ନାହିଁ। ୧୧) ଯଦି ଗୋଟିଏ ଗାଡ଼ି ପାଇଁ ଗୋଟିଏ ରୁ ଅଧିକ ବିଡ଼ ଗ୍ରହଣ କରାଯାଇଥାଏ, ତେବେ ନିଲାମଧାରୀଙ୍କ ମଧ୍ୟରେ ଖୋଲା ନିଲାମ କରାଯିବ ଏବଂ ସର୍ବୋଚ୍ଚ ନିଲାମଧାରୀଙ୍କୁ ସଫଳ ନିଲାମଧାରୀ ଭାବେ ଘୋଷଣା କରାଯିବ। ୧୨) ଅସଫଳ ନିଲାମଧାରୀମାନଙ୍କ ଦ୍ୱାରା ଜମା କରାଯାଇଥିବା ଅମାନତ ରାଶି ନିଲାମ ପରେ ସେହିଦିନ ଫେରସ୍ତ ଦିଆଯିବ। ୧୩) ସଫଳ ନିଲାମଧାରୀମାନେ ସେହି ଦିନ ନିଲାମ ପ୍ରକ୍ରିୟା ପରେ ନିଲାମ ରାଶିର ୨୫% ଦାଖଲ କରିବେ (ଅମାନତ ରାଶି ସହିତ) ଏବଂ ଅବଶିଷ୍ଟ ରାଶି ୩ ଦିନ ମଧ୍ୟରେ ବ୍ୟାଙ୍କ ଡ୍ରାଫ୍ଟ/ ବ୍ୟାଙ୍କର୍ସ ଚେକ୍ ମାଧ୍ୟମରେ ସମ୍ପୃକ୍ତ ଶାଖା ସପକ୍ଷରେ ପୈଠ କରିବେ। ୧୪) ଯଦି ସଫଳ ନିଲାମଧାରୀମାନେ ୩ ଦିନର ଧାର୍ଯ୍ୟ ସମୟସୀମା ମଧ୍ୟରେ ଅବଶିଷ୍ଟ ବିଡ଼ ରାଶି ଜମା କରିବାରେ ବିଫଳ ହୁଅନ୍ତି, ବିନା କୌଣସି ନୋଟିସ୍‌ରେ ଦାଖଲ କରିଥିବା ଅମାନତ ରାଶିକୁ ବାଜ୍ୟାପ୍ତି କରାଯିବ। ୧୫) ସଫଳ ନିଲାମଧାରୀମାନେ ୩ ଦିନ ଅତିକ୍ରାନ୍ତ ପରେ ବକେୟା ରାଶି ଉପରେ ୧୨% ହାରରେ ବିଳମ୍ବିତ ସୁଧ ଏବଂ ସେଥିପାଇଁ ନିଲାମ ତାରିଖ ଠାରୁ ସର୍ବାଧିକ ୭ ଦିନର ଅବଧି ରହିବ। ୧୬) ୭ ଦିନର ଧାର୍ଯ୍ୟ ସମୟଠାରୁ ଦେୟରେ ଖିଲାପ ହେଲେ ନିଲାମ ପ୍ରକ୍ରିୟାକୁ ବାତିଲ କରାଯିବ ଏବଂ ଅମାନତ ରାଶିକୁ ବାଜ୍ୟାପ୍ତି କରାଯିବ ଏବଂ ସଫଳ ନିଲାମଧାରୀମାନଙ୍କୁ ପରବର୍ତ୍ତୀ ନୋଟିସ୍ ବିନା ଗାଡ଼ିକୁ ପୁନଃ ବିକ୍ରି କରାଯିବ। ୧୭) ପରବର୍ତ୍ତୀ ତାରିଖରେ ଦେୟ ଗ୍ରହଣ କରିବା ବ୍ୟାଙ୍କର ନିଷ୍ପତ୍ତି ଅନୁଯାୟୀ ବିବେଚନା କରାଯିବ। ୧୮) ସଫଳ ନିଲାମଧାରୀ ସମ୍ପୂର୍ଣ୍ଣ ବିଡ୍ ରାଶି ଦାଖଲ କରି ବିକ୍ରୟ ତାରିଖ ଠାରୁ ୨ ଦିନ ମଧ୍ୟରେ ପାର୍କିଂ ୟାର୍ଡର ସମସ୍ତ ଦେୟ ପ୍ରଦାନ କରି ଗାଡ଼ିକୁ ପାର୍କିଂ ୟାର୍ଡରୁ ଯାହା ଯେପରି ଅଛି, ଯାହା ଯେଉଁଠାରେ ଯେପରି ଅଛି ଭିତିରେ ଗ୍ରହଣ କରିବେ। ଅନ୍ୟଥା ପାର୍କିଂ ଚାର୍ଜ ଟ.୩୦୦/- ସହିତ ପ୍ରତିଦିନ ଗାଡ଼ି ପ୍ରତି ପ୍ରଯୁଜ୍ୟ ଟ୍ୟାକ୍ସକୁ ବହନ କରିବେ। ୧୯) ବିକ୍ରୟ ବ୍ୟାଙ୍କ ଦ୍ୱାରା ଚୂଡାନ୍ତ ହେବା ଆବଶ୍ୟକ। ୨୦) ବ୍ୟାଙ୍କ କର୍ତ୍ତୃପକ୍ଷ କୌଣସି କାରଣ ନଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଗାଡ଼ିକୁ ଗ୍ରହଣ/ନାକଚ/ବାତିଲ/ସ୍ଥଗିତ କରିବାର ଅଧିକାର ସଂରକ୍ଷିତ ରଖିଛନ୍ତି ଏବଂ ଏହି ସମ୍ବନ୍ଧୀୟ କାରଣ ପାଇଁ ବ୍ୟାଙ୍କକୁ କେହି ଦାୟୀ କରିପାରିବେ ନାହିଁ। ୨୧) ସବିଶେଷ ବିବରଣୀ ଏବଂ କୌଣସି ତଥ୍ୟ ନିମନ୍ତେ ଆଗ୍ରହୀ ନିଲାମଧାରୀମାନଙ୍କୁ ସମ୍ପୃକ୍ତ ଶାଖା କିମ୍ବା କ୍ଷମତାପ୍ରାପ୍ତ ଅଧିକାରୀ, କ୍ଷେତ୍ରୀୟ କାର୍ଯ୍ୟାଳୟ, ଭୁବନେଶ୍ୱର ସହ ଯୋଗାଯୋଗ କରିବାକୁ ଅନୁରୋଧ।

ସ୍ଥାନ : ଭୁବନେଶ୍ୱର, ତାରିଖ : ୨୯.୧୧.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

# ସାମାଜିକ କର୍ମୀଙ୍କ ସ୍ମୃତିସଭା

ଭଣ୍ଡାରିପୋଖରୀ,୨୯।୧୧(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ ଜଳମଣ୍ଡୁଆ ପଞ୍ଚାୟତର ପଦିନାରାୟଣପୁର ଗ୍ରାମରେ ଦିବଂଗତ ସାମାଜିକ କର୍ମୀ ହିମାଂଶୁ ଭୂଷଣ ରାଉତଙ୍କ ସ୍ମୃତିସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ପୁରୁଷୋତ୍ତମ ଧଳ ଏଥିରେ ପୌରୋହିତ୍ୟ କରିଥିଲେ। ପୂର୍ବତନ ଏମ୍‌ପି ଅନନ୍ତ ପ୍ରସାଦ ସେଠୀ, ଭଦ୍ରକ ବ୍ଲକ ଉପାଧ୍ୟକ୍ଷ ମୁକୁନ୍ଦଦେବ ସାମଲ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ନରନାରାୟଣ ଜେନା, ପୂର୍ବତନ ଜିଲା କଂଗ୍ରେସ ସଭାପତି ସୁବ୍ରତ କୁମାର ଦାସ, ଶରତ କୁଣ୍ଡୁ, ସୁବାସ ମହାପାତ୍ର, ପ୍ରଶାନ୍ତ ଧଳ, ଧନେଶ୍ୱର ସ୍ୱାଇଁ, ସଞ୍ଜୟ ପଣ୍ଡା, ଘନଶ୍ୟାମ ସ୍ୱାଇଁ, ଅକ୍ଷୟ ମହାନ୍ତି, ସଚ୍ଚିଦାନନ୍ଦ ଧଳ, କରୁଣାକର ବାରିକ, ପ୍ରଫୁଲ୍ଲ ସାହୁ, ନାଟ୍ୟକାର ଅରୁଣ ବାରିକ, ରମାକାନ୍ତ ଜେନା, ଜଗବନ୍ଧୁ ରାଉତ, କବି ସନ୍ତୋଷ ସାହୁ, ପୂର୍ବତନ ସମିତିସଭ୍ୟ ବିକାଶ ସାମଲ ଓ ଉମାକାନ୍ତ ସାହୁ ଯୋଗଦେଇ ସ୍ୱର୍ଗତ ରାଉତଙ୍କ ସମାଜସେବା ଓ ପରୋପକାର କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ପ୍ରଫୁଲ୍ଲ କୁମାର ରାଉତ କୃତଜ୍ଞତା ଜ୍ଞାପନ କରିଥିଲେ।

## ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ

ଭଦ୍ରକ, ୨୯।୧୧ (ରବିନାରାୟଣ ଖିଲାର): ଭଦ୍ରକ ପୁରୁଣାବଜାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୧ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଶୁକ୍ରବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ବିଜୟ କୁମାର ବହଳୀ ଏଥିରେ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ପୁରୁଣାବଜାର ଥାନା ଆଇଆଇସି ସୁଶାନ୍ତ କୁମାର ସାହୁ, ଅନ୍ୟତମ ଅତିଥି ଭାବେ ଅନୁଷ୍ଠାନର ସମ୍ପାଦକ ଶିବ ଶଙ୍କର ଦାସ, କୋଷାଧ୍ୟକ୍ଷା ଶକୁନ୍ତଳା ଦାଶ ଓ ପ୍ରଧାନଆଚାର୍ଯ୍ୟ ରାଜକିଶୋର ଦାସ ଯୋଗ ଦେଇଥିଲେ। ମୁଖ୍ୟଅତିଥି କ୍ରୀଡ଼ାବିତ୍ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ମାର୍ଗଦର୍ଶନ ଦେଇଥିଲେ। ସଭାପତି ବହଳୀ କ୍ରୀଡ଼ା ବିଦ୍ୟାର୍ଥୀମାନଙ୍କୁ ଶୃଙ୍ଖଳିତ କରିବା ସହ ଶାରୀରିକ ଅଭିବୃଦ୍ଧିରେ କିପରି ସହାୟକ ହୋଇଥାଏ, ତାହା ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର କ୍ରୀଡ଼ା ପ୍ରମୁଖ ଆଚାର୍ଯ୍ୟ ଜ୍ୟୋତିର୍ମୟ ବେହେରା କ୍ରୀଡ଼ା ପତାକା ଉତ୍ତୋଳନ କରି ଶପଥପାଠ କରିସାରିବା ପରେ ଆଚାର୍ଯ୍ୟ ରାଜେନ୍ଦ୍ର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଆଚାର୍ଯ୍ୟ ମନ୍ଦରଧର ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ବରିଷ୍ଠ ଆଚାର୍ଯ୍ୟ ଦିଲୀପ କୁମାର ସେଠୀ ଅତିଥି ପରିଚୟ ଦେଇଥିଲେ। ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ସହଯୋଗ କରିଥିଲେ।

OFFICE OF THE
MUNICIPAL COUNCIL, MALKANGIR
ODISHA, PIN - 764045
Ph.: 06861-230244, e-Mail: eomalkangiri@gmail.com

ନିବେଦନ

ମାଲକାନଗିରି ସହରର ସମସ୍ତ ନାଗରିକଙ୍କୁ ସର୍ବନିମ୍ନ ମୌଳିକ ସେବା ଯୋଗାଇ ଦେବାରେ ନିମ୍ନଲିଖିତ ସହାୟତା ପ୍ରଦାନ କରିବା ଲାଗି ଅନୁରୋଧ କରୁଅଛୁ।
୦୧. ସହରର ସମସ୍ତ ବ୍ୟବସାୟୀ ନିଜନିଜର ବ୍ୟବସାୟ ପ୍ରତିଷ୍ଠାନ ଉତ୍ପନ୍ନ ବର୍ଜ୍ୟବସ୍ତୁ ପୃଥକ୍ ପୃଥକ୍ ଭାବେ (ଓଦା ଓ ଶୁଖିଲା) ସଂଗୃହୀତ କରି ରଖିବେ ଏବଂ ତତ୍‌ପରଦିନ ପୂର୍ବାହ୍ନରେ ପରିଷଦର ଆବର୍ଜନା ବାହନରେ ପକାଇବେ।
୦୨. ସେହିଭଳି ସହରର ସମସ୍ତ ନାଗରିକ ମଧ୍ୟ ନିଜ ଗୃହରେ ଉତ୍ପନ୍ନ ବର୍ଜ୍ୟବସ୍ତୁ ପୃଥକ୍ ପୃଥକ୍ ଭାବେ (ଓଦା ଓ ଶୁଖିଲା) ଆବର୍ଜନା ବାହନରେ ପକାଇବେ।
୦୩. କୌଣସି ନାଗରିକ ନିଜ ଗୃହପାଳିତ ପ୍ରାଣୀ ଯଥା: ଗାଈ, ମଇଁଷି, ଛେଳି, କୁକୁର ଇତ୍ୟାଦି ସର୍ବସାଧାରଣ ରାସ୍ତାରେ ଛାଡ଼ିବେ ନାହିଁ।
୦୪. ସହରର ସମସ୍ତ ବ୍ୟବସାୟୀ ନିଜ ନିଜର ବ୍ୟବସାୟ ପ୍ରତିଷ୍ଠା କରିବା ନିମନ୍ତେ ଅନୁମତି (Trade Licence) ପୌରପରିଷଦ, ମାଲକାନଗିରିଙ୍କଠାରୁ ଗ୍ରହଣ କରିବା ନିତାନ୍ତ ଜରୁରୀ ଅଟେ ଏବଂ ଉକ୍ତ ପ୍ରମାଣପତ୍ର ନିଜ ନିଜ ବ୍ୟବସାୟ ସ୍ଥଳୀରେ ଲଗାଇ ରଖିବେ।
୦୫. ଦୁଇଚକିଆ ଓ ଚାରିଚକିଆ ଯାନ ରାଜରାସ୍ତା ଉପରେ ରଖି ଅବରୋଧ କରନ୍ତୁ ନାହିଁ।
୦୬. ପଲିଥିନ ବ୍ୟାଗ ବ୍ୟବହାରଠାରୁ ଦୂରେଇ ରୁହନ୍ତୁ।
୦୭. ପରିଷଦର ଟିକସ ଆଦି ଠିକ୍ ସମୟରେ ପୈଠ କରନ୍ତୁ।
ଆସନ୍ତୁ ଆମେ ସମସ୍ତେ ମିଳିମିଶି ଆମ ସହରକୁ ଏକ ସୁସ୍ଥ ସବୁଜ ସହରରେ ପରିଣତ କରି କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ସ୍ୱପ୍ନକୁ ସାକାର କରିବା।

ଅଧ୍ୟକ୍ଷ, ପୌରପରିଷଦ, ମାଲକାନଗିରି
ସ୍ୱା./– କାର୍ଯ୍ୟ ନିର୍ବାହୀ ଅଧିକାରୀ, ପୌରପରିଷଦ, ମାଲକାନଗିରି

MCL
ମହାନଦୀ କୋଲଫିଲ୍ଡସ ଲିମିଟେଡ୍
(କୋଲ ଇଣ୍ଡିଆ ଲିମିଟେଡ୍ ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର, ଓଡ଼ିଶା
ଟେଲିଫୋନ୍ (ଇପିଏବିଏକ୍ସ)-୦୬୬୩-୨୫୪୨୪୬୧ ରୁ ୪୬୯, ୱେବସାଇଟ୍ : www.mahanadicoal.in

ବିଜ୍ଞପ୍ତି

"ସାମଗ୍ରୀ ଗୁଡ଼ିକର କ୍ରୟ କାର୍ଯ୍ୟ ଏବଂ ସେବା ସଂଗ୍ରହ ନିମନ୍ତେ CIL ଏବଂ ଏହାର ସହାୟକ ଅନୁଷଙ୍ଗୀ କମ୍ପାନିମାନଙ୍କ ଦ୍ୱାରା ଜାରି କରାଯାଇଥିବା ସମସ୍ତ ଟେଣ୍ଡର କୋଲ ଇଣ୍ଡିଆ ଲିମିଟେଡର ୱେବ୍‌ସାଇଟ୍ www.coalindia.in, ସଂପୃକ୍ତ ସହାୟକ କମ୍ପାନି (MCL, www.mahanadicoal.in), CIL ଇ-ପ୍ରକ୍ୟୁର୍‌ମେଣ୍ଟ ପୋର୍ଟାଲ https://coalindiatenders.nic.in ଏବଂ ସେଣ୍ଟ୍ରାଲ ପବ୍ଲିକ୍ ପ୍ରକ୍ୟୁର୍‌ମେଣ୍ଟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ହେଉଛି। ଏତଦ୍‌ବ୍ୟତୀତ, GeM ପୋର୍ଟାଲ https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ।"
R-5276

OFFICE OF THE NOTIFIED AREA COUNCIL, BALIMELA
ODISHA, PIN - 764051, e-Mail: eonacbalimela@gmail.com

ନିବେଦନ

ବାଲିମେଳା ସହରର ସମସ୍ତ ନାଗରିକଙ୍କୁ ଶୁଭେଚ୍ଛା ଜଣାଇ ସର୍ବନିମ୍ନ ମୌଳିକ ସେବା ଯୋଗାଇ ଦେବାରେ ନିମ୍ନଲିଖିତ ସହାୟତା ପ୍ରଦାନ କରିବା ଲାଗି ଅନୁରୋଧ କରୁଅଛୁ।
୦୧. ସହରର ସମସ୍ତ ନାଗରିକ ନିଜ ଗୃହରେ ଉତ୍ପନ୍ନ ବର୍ଜ୍ୟବସ୍ତୁ ପୃଥକ୍ ପୃଥକ୍ ଭାବେ (ଓଦା ଓ ଶୁଖିଲା) ଆବର୍ଜନା ବାହନରେ ପକାଇବେ। ୦୨. କୌଣସି ନାଗରିକ ନିର୍ମାଣ ସାମଗ୍ରୀ ନର୍ଦ୍ଦମା କିମ୍ବା ରାସ୍ତାରେ ପକାଇ ଅବରୋଧ କରିବେ ନାହିଁ। ୦୩. କୌଣସି ନାଗରିକ ନିଜ ଗୃହପାଳିତ ପ୍ରାଣୀ ଯଥା: ଗାଈ, ମଇଁଷି, ଛେଳି, କୁକୁର ଇତ୍ୟାଦି ସର୍ବସାଧାରଣ ରାସ୍ତାରେ ଛାଡ଼ିବେ ନାହିଁ। ୦୪. ସହରର ସମସ୍ତ ବ୍ୟବସାୟୀ ନିଜ ନିଜର ବ୍ୟବସାୟ ପ୍ରତିଷ୍ଠା କରିବା ନିମନ୍ତେ ଅନୁମତି (Trade Licence) ବିଜ୍ଞାପିତ ଅଞ୍ଚଳ, ବାଲିମେଳାଠାରୁ ଗ୍ରହଣ କରିବା ନିତାନ୍ତ ଜରୁରୀ ଅଟେ ଏବଂ ଉକ୍ତ ପ୍ରମାଣପତ୍ର ନିଜ ନିଜ ବ୍ୟବସାୟ ସ୍ଥଳୀରେ ଲଗାଇ ରଖିବେ। ୦୫. ପରିଷଦର ଟିକସ ଆଦି ଠିକ୍ ସମୟରେ ପୈଠ କରନ୍ତୁ। ୦୬. ପଲିଥିନ ବ୍ୟାଗ ବ୍ୟବହାରଠାରୁ ଦୂରେଇ ରୁହନ୍ତୁ।
ଆସନ୍ତୁ ଆମେ ସମସ୍ତେ ମିଳିମିଶି ଆମ ସହରକୁ ଏକ ସୁସ୍ଥ ସବୁଜ ସହରରେ ପରିଣତ କରି କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ସ୍ୱପ୍ନକୁ ସାକାର କରିବା।

କାର୍ଯ୍ୟନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ, ବାଲିମେଳା
ଅଧ୍ୟକ୍ଷ, ବିଜ୍ଞାପିତ ଅଞ୍ଚଳ, ବାଲିମେଳା

ନବରଙ୍ଗପୁର ପୌରପାଳିକା, ନବରଙ୍ଗପୁର

ନିବେଦନ

୧. ଗୃହର ଶୁଖିଲା ଏବଂ ଓଦା ଅଳିଆ ଅଲଗା ଅଲଗା ରଖନ୍ତୁ ଏବଂ ପୌରପାଳିକାର ଅଳିଆ ସଂଗ୍ରହକାରୀଙ୍କୁ (ଗାଡ଼ି) ପ୍ରଦାନ କରନ୍ତୁ। ୨. ଗୃହ ସାମ୍ନା ରାସ୍ତାରେ ଅଳିଆ ପକାନ୍ତୁ ନାହିଁ। ଯଦି ଆପଣଙ୍କ ଗୃହ ସମ୍ମୁଖରେ ଅଳିଆ ପଡ଼ିଥିବାର ଦୃଷ୍ଟିଗୋଚର ହେଲେ ଜୋରିମାନା ଆଦାୟ ସହିତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ୩. ନିର୍ଦ୍ଧାରିତ ଟିକସ ଠିକ୍ ସମୟରେ ପଇଠ କରନ୍ତୁ। ୪. ପରିଷଦର ବିନା ଅନୁମତିରେ ନୂତନ କିମ୍ବା ପୁରାତନ ଗୃହ ନିର୍ମାଣ କରନ୍ତୁ ନାହିଁ। ୫. ଗୃହ ନିର୍ମାଣ ସରଞ୍ଜାମ ରାସ୍ତା ଉପରେ ରଖି ରାସ୍ତା ଅବରୋଧ କରନ୍ତୁ ନାହିଁ। ୬. ସହର ଅଭ୍ୟନ୍ତରଣ ରାସ୍ତା ଗୁଡ଼ିକ ଉପରେ ଗୃହପାଳିତ ପଶୁ ଗୁଡ଼ିକୁ ଅନଧିକାର ଭାବେ ଛାଡ଼ନ୍ତୁ ନାହିଁ। ୭. ପଲିଥିନ ବ୍ୟବହାର ପରିତ୍ୟକ୍ତ କରନ୍ତୁ ଏବଂ ପରିବେଶ ସୁରକ୍ଷା ପ୍ରତି ଧ୍ୟାନ ଦିଅନ୍ତୁ। ୮. ଟ୍ରାଫିକ ନିୟମ ପାଳନ କରନ୍ତୁ ଏବଂ ନିର୍ଦ୍ଦିଷ୍ଟ ସ୍ଥାନରେ ଯାନବାହନ ପାର୍କିଂ କରନ୍ତୁ। ୯. ବ୍ୟବସାୟ ଆରମ୍ଭ କରିବା ପୂର୍ବରୁ ପରିଷଦରୁ ଟ୍ରେଡ ଲାଇସେନ୍ସ କରାଇ ନିଅନ୍ତୁ। ୧୦. ପୌର ସମ୍ପତ୍ତି ଓ ସର୍ବସାଧାରଣ ସ୍ଥାନକୁ ଜବର ଦଖଲରୁ ନିବୃତ୍ତ ରୁହନ୍ତୁ। ୧୧. ପୌରସଂସ୍ଥା ଦ୍ୱାରା ଲେ-ଆଉଟ ନକ୍ସା ଅନୁମୋଦନ ହୋଇ ନଥିବା ଖାଲି ସ୍ଥାନ ବା ପ୍ଲଟ କ୍ରୟ କିମ୍ବା ବିକ୍ରୟ କରନ୍ତୁ ନାହିଁ। ୧୨. ପାଇଖାନା ଟାଙ୍କି ପୂର୍ଣ୍ଣ ହେଲେ ପୌରପାଳିକାର ସେସ୍‌ପୁଲ ଗାଡ଼ି ଦ୍ୱାରା ସଫେଇ କରନ୍ତୁ। ସଫେଇ କରିବା ପାଇଁ ୦୬୮୫୮–୨୯୫୪୨୮/୧୪୪୨୦ (ଟୋଲ ଫ୍ରି ନମ୍ବର)ରେ ଯୋଗାଯୋଗ କରନ୍ତୁ।
"ଏକ ସ୍ୱଚ୍ଛ ଏବଂ ସୁସ୍ଥ ନବରଙ୍ଗପୁର ପୌରପାଳିକା ଗଢ଼ିବାରେ ସହାୟକ ହୁଅନ୍ତୁ"

ଡ. ଅଶୋକ କୁମାର କର୍ଣ୍ଣ (ଓ.ପ୍ର.ସେ.), ନିର୍ବାହୀ ଅଧିକାରୀ, ନବରଙ୍ଗପୁର ପୌରପାଳିକା
ଶ୍ରୀମତୀ ସୌମ୍ୟା ମହାପାତ୍ର, ଉପାଧ୍ୟକ୍ଷା, ନବରଙ୍ଗପୁର ପୌରପାଳିକା
ଶ୍ରୀ ବୁନୁ ନାୟକ, ଅଧ୍ୟକ୍ଷ, ନବରଙ୍ଗପୁର ପୌରପାଳିକା

OFFICE OF THE EXECUTIVE ENGINEER,
MINOR IRRIGATION DIVISION,
HAZARIBAG

e-Procurement Tender Notice Two Envelope System
Tender Reference No:- WRD/MID/HAZARIBAG/02 BD/SLI/2025-26
Letter no-1148 — Date- 29.11.2025

| | | |
|---|---|---|
| 1 | Name of Work: | Construction of Chief Minister Solar Lift Irrigation Scheme Ledhiya, Block-Chouparan, District- Hazaribag. |
| 2 | Estimated Cost (Rs.) | Rs. 1,30,53,000.00 |
| 3 | Cost of tender document (Rs) | Rs. 10,000.00 only (non-refundable). |
| 4 | Earnest Money Deposit (Rs.) | Rs. 1,30,530.00 only. |
| 5 | Time of Completion | 11 Months |
| 6 | Mode of Submission of tender | Online through www.jharkhandtenders.gov.in (As per SOP Issued by Information Technology & e- Governance Department, Govt of Jharkhand vide letter no- 120 Dated 03.10.2023) |
| 7 | Date of Publication of Tender on website (http://jharkhandtenders.gov.in) | Date: 15.12.2025 Time: 2.00 PM |
| 8 | Last Date/Time for downloading of bidding documents and Submission of Tender on Website | Date:24.12.2025 Time:5.00 PM |
| 9 | Submission of Tender Fee and EMD | Start Date:-15.12.2025 Time:- 2.00 PM Last Date:- 24.12.2025 Time:- 5.00 PM |
| 10 | Technical Bid Opening Date | Date: 26.12.2025 Time: 2.00 PM |
| 11 | Officer Inviting Bids | Executive Engineer, Minor Irrigation Division, Hazaribag |
| 12 | Contact No. of Procurement Officer e-mail of Procurement Officer | 06546-270485/ Email Id- executiveengineerirri@gmail.com |
| 13 | Help line No. of Procurement Cell | 06546-270485 |

Note:-➢ BOQ amount may be increase or decrease accordingly earnest money required, Work will be awarded to those bidders {specially MNRE approved channel partners/MNRE approved manufacturers/ MNRE approved PV system integrators/ A registered manufacturers/ Company/ Firm/ Corporation in India (including MSME of Jharkhand) of at least one of the major sub system namely pumps or PV System electronics (confirming to National/ International Standards)/ any other agencies having experience of installation and commissioning of such solar powered irrigation schemes}. Empanelled Indigenous Manufacturers of 10 HP pumps (AC Surface water Pumps) in the department with all accessories for off-grid stand alone SPV water pumping systems can also take part in the bid for executing the whole work of the bid. However those bidders who have not yet registered in Water Resources Department can also submit their bid provided they will have to get themselves registered in Water Resources Department within two months from the date of allotment of work.
➢**Only e-Tender will be accepted.**
Further details can be seen on website http://jharkhandtenders.gov.in

Executive Engineer,
Minor Irrigation Division, Hazaribag

PR 367374 (Minor Irrigation)25-26*D

## ନୂତନ ଶିକ୍ଷାନୀତିରେ ସୁଧାର ଆଣିବାକୁ ଦାବି

ଯୋଡ଼ା,୨୯।୧୧(ମାନସ ମହାନ୍ତି)

କେନ୍ଦୁଝର ଜିଲା ଧରଣୀଧର ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ଯୋଡ଼ା ମହିଳା ମହାବିଦ୍ୟାଳୟରେ ନୂତନ ଶିକ୍ଷାନୀତି ଅନ୍ତର୍ଗତ ପ୍ରଥମ ସେମିଷ୍ଟର ପରୀକ୍ଷାର ଫଳ ପ୍ରକାଶିତ ହୋଇଛି। ଫଳ ନୈରାଶ୍ୟଜନକ ହୋଇଥିବାରୁ ଅଭିଭାବକ, ଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏଥିରେ ରାଜନୀତି ବିଜ୍ଞାନ ସମ୍ମାନର ପ୍ରଥମ ସେମିଷ୍ଟରର ପ୍ରଥମ ପେପରରେ ପରୀକ୍ଷା ଦେଇଥିବା ୪୧ଛାତ୍ରୀଙ୍କ ମଧ୍ୟରୁ ମାତ୍ର ୭ ଜଣ, ଦ୍ୱିତୀୟ ପେପରରେ ୪୧ ଜଣଙ୍କ ମଧ୍ୟରୁ ମାତ୍ର ୩ ଜଣ ପାସ କରିଛନ୍ତି। ୩୮ ଜଣ ଛାତ୍ରୀ ଶୂନରୁ ୫ ମଧ୍ୟରେ ନମ୍ବର ରଖିଛନ୍ତି। ଅଭିଭାବକମାନେ ଏପରି ପରୀକ୍ଷା ଫଳକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯିବ ବୋଲି କହିଛନ୍ତି। ନୂତନ ଶିକ୍ଷାନୀତିର ବିରୋଧ କରି ଏଥିରେ ସୁଧାର ଆଣିବା ପାଇଁ ଅଭିଭାବକ ଅରୁଣ ଦାସ, ବୁଦ୍ଧିଆ ଲୋହାର, ଜୟରାମ ଆପଙ୍ଗ, ଗୁରୁଚରଣ ମହାକୁଡ଼, କୁରିଆ ମୁଣ୍ଡା, ପୁଷ୍ପାଞ୍ଜଳି ଦାସ, ମଞ୍ଜୁଲତା ଆପଙ୍ଗ, ଟେମଟି ଲୋହାର, ସୁମିତ୍ରା ମହାକୁଡ଼, ଜୟମତି ମୁଣ୍ଡା ପ୍ରମୁଖ ଦାବି କରିଛନ୍ତି।

# ଘର ଶେଷ ପର୍ଯ୍ୟାୟରେ, ମିଳୁନି କିସ୍ତି

### ପ୍ରଧାନମନ୍ତ୍ରୀ ଆବାସ କିସ୍ତି ମିଳିବାରେ ବିଳମ୍ବ

ଚମ୍ପୁଆ,୨୯।୧୧(ମହେଶ୍ୱର ଦାସ)


ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମ୍ପୂର୍ଣ୍ଣ କରିଥିବା ହିତାଧିକାରୀ।

ରାଜ୍ୟ, କେନ୍ଦ୍ର ସରକାର ଗରିବ ଅସହାୟଙ୍କ ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପ୍ରଚଳନ କରିଥିବା ବେଳେ ଚମ୍ପୁଆ ଏନ୍‌ଏସିରେ ଏହାର ବିପରିତ ପ୍ରତିଫଳନ ଦେଖିବାକୁ ମିଳିଛି। ଆବାସ ପାଇଁ କାର୍ଯ୍ୟାଦେଶ ପରେ ପର୍ଯ୍ୟାୟ କ୍ରମରେ ମିଳିବାକୁ ଥିବା ଅର୍ଥ ପାଇବାରୁ ହିତାଧିକାରୀ ବଞ୍ଚିତ ହୋଇଛନ୍ତି। ଧାର ଉଧାର କରି କାର୍ଯ୍ୟ କରୁଥିବା ବେଳେ ଆର୍ଥିକ କଷ୍ଟ ଭୋଗୁଛନ୍ତି, ଯାହାର ଜ୍ୱଳନ୍ତ ଉଦାହରଣ ଚମ୍ପୁଆ ଏନ୍‌ଏସିର ବିଭିନ୍ନ ୱାର୍ଡର ହିତାଧିକାରୀଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ, ଚମ୍ପୁଆ ଏନ୍‌ଏସି ୧୮ଟି ୱାର୍ଡରେ ୧୦୦ରୁ ଉର୍ଦ୍ଧ୍ୱ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛି। ସେମାନଙ୍କ ମଧ୍ୟରେ ଟିଙ୍ଗିନି ନାଏକ, ଗେଣ୍ଡେଇ ନାଏକ, ମଲ୍ଲି ନାୟକ, ଚାନ୍ଦ ନାୟକ, ରାଜୁ ନାୟକ, ନିରାଶ ବେହେରା, ଶୁକଦେବ ନାୟକ, ସୁଲୋଚନା ସେଠୀଙ୍କ ଆବାସ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି। ମାତ୍ର ଏମାନଙ୍କ ମଧ୍ୟରୁ କାହାକୁ ଗୋଟିଏ କିସ୍ତି ତ କାହାକୁ ଦୁଇଟି କିସ୍ତି ପ୍ରଦାନ କରାଯାଇଛି। ଉଦାହରଣ ଭାବେ ଶୁକଦେବ ତାଙ୍କ ଘର ଛାତ ଲେଭଲ ପର୍ଯ୍ୟନ୍ତ କରିସାରିଛନ୍ତି। ମାତ୍ର ଆଜି ପର୍ଯ୍ୟନ୍ତ ଗୋଟିଏ କିସ୍ତି ପାଇଛନ୍ତି। ଫଳରେ ଅର୍ଥ ଅଭାବରୁ ଛାତ ପକାଇ ପାରୁନାହାନ୍ତି। ସେହିଭଳି ୮୦ରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କ ଆବାସ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିଲେ ମଧ୍ୟ କିସ୍ତି ମିଳିବାରେ ବିଳମ୍ବ ହେଉଛି। ଏମାନଙ୍କ ମଧ୍ୟରୁ ଅଧିକାଂଶ ଅଧିକ ସିମେଣ୍ଟ ରଡ ଆଦି ବାକି କରି ଆଣିଛନ୍ତି। କିସ୍ତି ଟଙ୍କା ଠିକ୍ ସମୟରେ ମିଳୁ ନ ଥିବାରୁ କରଜ ଶୁଝି ପାରୁନାହାନ୍ତି। ଫଳରେ ରାତି ପାହିଲେ ଦୋକାନୀଠାରୁ ଆରମ୍ଭ କରି ମିସ୍ତ୍ରି ଘରେ ଯାଇ ପଇସା ମାଗୁଛନ୍ତି। ଏ ନେଇ ଏନ୍‌ଏସି ନିର୍ବାହୀ ଅଧିକାରୀ ଜଗନାଥ ବେହେରା କହିଛନ୍ତି, ଏହି ଅର୍ଥ ସବୁ ଜିଲାସ୍ତରରୁ ପଇଠ କରାଯାଉଛି, ଆମେ କାଗଜପତ୍ର ସବୁ ପଠାଇ ସାରିଛୁ। ଆମ ପାଖରେ କୌଣସି କାମ ବକେୟା ନାହିଁ, ତୁରନ୍ତ ବକେୟା କିସ୍ତି ପଇଠ କରିବା ପାଇଁ କୁହାଯାଇଛି। ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି।

## ଅଟୋ ଡ୍ରାଇଭରଙ୍କୁ ମାଡ଼ ଘଟଣାରେ ୨ ଭାଇ ଗିରଫ

ପାଟଣା,୨୯।୧୧(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ଥାନା ବେରେନା ଗ୍ରାମରେ ଗତ ସୋମବାର ଅଟୋ ଡ୍ରାଇଭରର ଶାନ୍ତ ସେଠୀଙ୍କୁ ଭଡ଼ା ଟଙ୍କାକୁ କେନ୍ଦ୍ର କରି ମରଣାନ୍ତକ ଆକ୍ରମଣ ହୋଇଥିଲା। ଘଟଣାରେ ପୋଲିସ ଉକ୍ତ ଗ୍ରାମର ୨ ଭାଇଙ୍କୁ ଗିରଫ କରିଛି। ଗିରଫ ୨ଭାଇ ହେଉଛନ୍ତି ପଙ୍କଜ ସେଠୀଙ୍କ ପୁଅ ଅମିୟ କୁମାର ସେଠୀ (୩୭) ଓ ଟିଙ୍କୁ ସେଠୀ (୩୩)। ବାର୍ଦ୍ଧକ୍ୟ କାରଣରୁ ପଙ୍କଜ ସେଠୀଙ୍କୁ ପୋଲିସ ନୋଟିସ୍ ଦେଇ ଛାଡ଼ି ଦେଇଛି। ଏ ନେଇ ପାଟଣା ଥାନାରେ ଏକ ମାମଲା(ନଂ.୨୭୬/୨୫)ରୁଜୁ ହୋଇ ତଦନ୍ତ ଜାରି ରହିଥିବା ଏଏସ୍‌ଆଇ ଧନେଶ୍ୱର ପାତ୍ର କହିଛନ୍ତି। ପ୍ରକାଶ ଯେ, ଗ୍ରାମର ଶାନ୍ତଙ୍କ ଅଟୋରେ ଧାନ ବସ୍ତା ବୋହିବା ପାଇଁ ପଙ୍କଜ ୨୫୦ ଟଙ୍କା ଦେବାକୁ କହି ନେଇଥିଲେ। କାମ ସରିବା ପରେ ୫୦ଟଙ୍କା କମ ଦେବାରୁ ଗତ ସୋମବାର ପୂର୍ବାହ୍ନ ୧୧ଟାରେ ଅଟୋ ଡ୍ରାଇଭର ଓ ପଙ୍କଜଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍ତେଜିତ ହୋଇ ପଙ୍କଜ ତାଙ୍କ ୨ ପୁଅଙ୍କୁ ଡାକି ଡ୍ରାଇଭରଙ୍କୁ ମାଡ଼ ମାରିଥିଲେ। ପରେ ଅଭିଯୁକ୍ତ ବାପପୁଅଙ୍କୁ ଗିରଫ ଦାବିରେ ୧ ହଜାରରୁ ଉର୍ଦ୍ଧ୍ୱ ଲୋକ ପଙ୍କଜଙ୍କ ଘର ସମ୍ମୁଖରେ ହୋ ହାଲ୍ଲା କରିଥିଲେ। ଗତ ବୁଧବାର ପଙ୍କଜଙ୍କ ବଡ଼ ପୁଅ ଅମିୟଙ୍କ ବିବାହ ଥିବାରୁ ପରିବାରକୁ ସୁରକ୍ଷା ଯୋଗାଇବା ଓ ଗଣ୍ଡଗୋଳକୁ ଆଖି ଆଗରେ ରଖି ଗ୍ରାମରେ ପୋଲିସ ଫୋର୍ସ ମୁତୟନ ହୋଇଥିଲା। ଅମିୟଙ୍କ ବିବାହ ଗତ ବୁଧବାର ସମ୍ପନ୍ନ ହୋଇ ଶନିବାର ଚଉଠି ସହ ଭୋଜି ଥିଲା। ଚଉଠି ଦିନ ସକାଳ ୭ରୁ ପୋଲିସ ଅମିୟଙ୍କୁ ଗିରଫ କରିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

# ପୋଲିସର ଲୋକ ସମ୍ପର୍କ ମେଳା

ବଡ଼ବିଲ,୨୯।୧୧(ଜୟନ୍ତୀ ରଣା)

କେନ୍ଦୁଝର ଜିଲା ବଡ଼ବିଲ ଥାନା ଅନ୍ତର୍ଗତ ସେରେଣ୍ଡା ଗ୍ରାମରେ ଶନିବାର ଦିନ ବଡ଼ବିଲ ପୋଲିସ ପକ୍ଷରୁ ଲୋକ ସମ୍ପର୍କମେଳା ଓ ସ୍ୱାସ୍ଥ୍ୟ ଯାଞ୍ଚ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବଡ଼ବିଲ ଥାନା ଆଇଆଇସି ଅଶୋକ କୁମାର ନାୟକଙ୍କ ଉପସ୍ଥିତିରେ ବଡ଼ବିଲ ଏସ୍‌ଡିପିଓ ଦେବେନ୍ଦ୍ର ନାଥ ପିଙ୍ଗୁଆ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପୋଲିସ ଏବଂ ଜନସାଧାରଣଙ୍କ ମଧ୍ୟରେ ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ପୋଲିସ ଏହି କାର୍ଯ୍ୟକ୍ରମ ଆୟୋଜନ କରୁଥିବା ଏସ୍‌ଡିପିଓ କହିଛନ୍ତି। କାର୍ଯ୍ୟକ୍ରମରେ ପୋଲିସ ଅଧିକାରୀଙ୍କ ସହିତ ବିଭିନ୍ନ ସମ୍ପ୍ରଦାୟର ନେତୃବୃନ୍ଦ ଓ ୨ ହଜାରରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଉତ୍ସାହର ସହ ଯୋଗ ଦେଇଥିଲେ। ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ଡା. ସୌଭାଗ୍ୟ ରଶ୍ମି ରଞ୍ଜନ ସାମଲ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଶୀତ ଦାଉରୁ ରକ୍ଷା ପାଇବା ପାଇଁ ଏହି ଅବସରରେ, ଉପସ୍ଥିତ ଲୋକଙ୍କୁ କମ୍ବଳ, ଛାତ୍ରୀଛାତ୍ରଙ୍କୁ ପାଠ୍ୟ ସାମଗ୍ରୀ ପ୍ରଦାନ କରାଯାଇଥିଲା। ସ୍ୱାସ୍ଥ୍ୟ ଯାଞ୍ଚ ଶିବିରରେ ଔଷଧ ବଣ୍ଟନ କରାଯାଇଥିଲା।


ପୋଲିସର ଜନ ସମ୍ପର୍କ ମେଳାରେ ଲୋକଙ୍କୁ କମ୍ବଳ ବଣ୍ଟନ କରାଯାଉଛି।

## ମା' ସମଲେଶ୍ୱରୀ ମନ୍ଦିରରେ ପ୍ରାଣ ପ୍ରତିଷ୍ଠା

ଯୋଡ଼ା,୨୯।୧୧(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ଅନ୍ତର୍ଗତ ରାମଚନ୍ଦ୍ରପୁର ଗ୍ରାମର ରଘୁଆଳସାହିଠାରେ ମା' ସମଲେଶ୍ୱରୀ ମନ୍ଦିରରେ ପ୍ରାଣ ପ୍ରତିଷ୍ଠା ଉତ୍ସବ ପାଇଁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥିଭାବେ ସାମାଜିକକର୍ମୀ କୁଶ ଆପଙ୍ଗ ଯୋଗଦେଇଥିଲେ। କୁଶ ଆପଙ୍ଗଙ୍କ ପ୍ରଚେଷ୍ଟାରେ ୨୦୧୩ରେ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ୨୦୨୫ରେ ସମ୍ପୂର୍ଣ୍ଣ ହୋଇଥିବା କମିଟି ସଦସ୍ୟ ରଘୁନାଥ ମହାକୁଡ ସୂଚନା ଦେଇଛନ୍ତି। ଉତ୍ସବରେ ଝାଡ଼ଖଣ୍ଡ ଓ ଜିଲାର ବିଭିନ୍ନ ଅଞ୍ଚଳରୁ ଅନେକ ହଜାର ଶ୍ରଦ୍ଧାଳୁ ଯୋଗଦେଇଥିଲେ। ଶ୍ରଦ୍ଧାଳୁଙ୍କ ପାଇଁ କମିଟି ପକ୍ଷରୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।


**ମହାନଦୀ କୋଲଫିଲ୍ଡସ ଲିମିଟେଡ୍**
(କୋଲ ଇଣ୍ଡିଆ ଲିମିଟେଡ୍ ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର, ଓଡ଼ିଶା
ଟେଲିଫୋନ୍ (ଇପିଏବିଏକ୍ସ)-୦୬୬୩-୨୫୪୨୪୬୧ ରୁ ୪୬୯, ୱେବ୍‌ସାଇଟ୍ : www.mahanadicoal.in

**ବିଜ୍ଞପ୍ତି**

"ସାମଗ୍ରୀ ଗୁଡ଼ିକର କ୍ରୟ କାର୍ଯ୍ୟ ଏବଂ ସେବା ସଂଗ୍ରହ ନିମନ୍ତେ CIL ଏବଂ ଏହାର ସହାୟକ ଅନୁଷଙ୍ଗୀ କମ୍ପାନିମାନଙ୍କ ଦ୍ୱାରା ଜାରି କରାଯାଇଥିବା ସମସ୍ତ ଟେଣ୍ଡର କୋଲ ଇଣ୍ଡିଆ ଲିମିଟେଡର ୱେବ୍‌ସାଇଟ୍ www.coalindia.in, ସଂପୃକ୍ତ ସହାୟକ କମ୍ପାନି (MCL, www.mahanadicoal.in), CIL ଇ-ପ୍ରକ୍ୟୁର୍‌ମେଣ୍ଟ ପୋର୍ଟାଲ https://coalindiatenders.nic.in ଏବଂ ସେଣ୍ଟ୍ରାଲ ପବ୍ଲିକ୍ ପ୍ରକ୍ୟୁରମେଣ୍ଟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ହେଉଛି। ଏତଦ୍‌ବ୍ୟତୀତ, GeM ପୋର୍ଟାଲ https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ।"

R-5276


# 'ଶିଶୁଙ୍କ ମନରେ ଖେଳୁଆଡ଼ ମନୋଭାବ ରହିବା ଆବଶ୍ୟକ'


କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

କେନ୍ଦୁଝର,୨୯।୧୧
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜେଲ ରୋଡ୍‌ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଓ କେନ୍ଦୁଝରଗଡ଼ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୯ତମ ବାର୍ଷିକ କ୍ରୀଡ଼ା ଉତ୍ସବ ୨୦୨୫ ସ୍ଥାନୀୟ ଷ୍ଟାଡ଼ିୟମ ପଡ଼ିଆରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ ଯୋଗଦେଇ ଶିଶୁଙ୍କ ମନରେ ସର୍ବଦା ଖେଳୁଆଡ ମନୋଭାବ ରହିବା ଆବଶ୍ୟକ ବୋଲି ନିଜ ବକ୍ତବ୍ୟରେ କହିଥିଲେ। ଅନ୍ୟତମ ଅତିଥିଭାବରେ ବିଦ୍ୟାଳୟ ପରିଚାଳନା ସମିତିର ସମ୍ପାଦକ ସୁଧାଂଶୁ ଶେଖର ପଣ୍ଡା ଉପସ୍ଥିତ ଥିଲେ। ପ୍ରଧାନାଚାର୍ଯ୍ୟ ଅଲେଖ ମହାନ୍ତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ୨ ଦିନ ଧରି ଚାଲିଥିବା ଏହି କ୍ରୀଡ଼ାରେ ମୋଟ ୬୦ଟି ଖେଳରେ ୭୧୫ ଛାତ୍ର ଓ ୬୯୫ ଛାତ୍ରୀ ଭାଗ ନେଇଥିଲେ। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ ସମାରୋହରେ ଶିଶୁଙ୍କ ଦ୍ୱାରା ନୃତ୍ୟ, ପିରାମିଡ, ବ୍ୟାୟାମ ଯୋଗ, ଡମ୍ବରୁଯୋଗ, ସୂର୍ଯ୍ୟ ନମସ୍କାର ଆଦି ପ୍ରଦର୍ଶନ କରିଥିଲେ। ବିଦ୍ୟାଳୟ କ୍ରୀଡ଼ା ଶିକ୍ଷକ ବିରଞ୍ଚି ନାରାୟଣ ମହାନ୍ତ ବାର୍ଷିକ କ୍ରୀଡ଼ା ବିବରଣୀ ପଠନ କରିଥିବା ବେଳେ ଅନ୍ୟ ସମସ୍ତ ଗୁରୁଜୀ, ଗୁରୁମା, ସେବିକା,ସେବକ ସହଯୋଗ କରିଥିଲେ।

## ବରିଷ୍ଠ ନାଗରିକ ପରିଷଦର ବାର୍ଷିକ ସମ୍ମିଳନୀ

ବଞ୍ଚୋ,୨୯।୧୧(ପ୍ରଦୋଷ କୁମାର ବିଶ୍ୱାଳ)

କେନ୍ଦୁଝର ଜିଲା ଆନନ୍ଦପୁର ବରିଷ୍ଠ ନାଗରିକ ପରିଷଦର ବାର୍ଷିକ ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ରମାକାନ୍ତ ନାୟକଙ୍କ ସଭାପତିତ୍ୱରେ ଆନନ୍ଦପୁର ସବ୍‌ଡିଭିଜନରେ ବାହାଘରରେ ଡିଜେ ଦ୍ୱାରା ମାତ୍ରାଧିକ ଶବ୍ଦ ଦ୍ୱାରା ଜଣେ ବ୍ୟକ୍ତିଙ୍କ ହୃଦ୍‌ଘାତରେ ମୃତ୍ୟୁକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ଆଗାମୀ ୩ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ସର୍ବସମ୍ମତି କ୍ରମେ ନିର୍ବାଚିତ କରାଗଲା। ଉପଦେଷ୍ଟା ଭାବେ ମହେଶ୍ୱର ସାହୁ, ଅରୁଣ ମହାନ୍ତି, ରଘୁନାଥ ପଣ୍ଡିତ, କୀର୍ତ୍ତନ ବିହାରୀ ସାହୁ, ସଭାପତି ରମାକାନ୍ତ ନାୟକ, ଉପସଭାପତି ସୁଦର୍ଶନ ବଲ ଓ କୀର୍ତ୍ତନ ସାହୁ, ସାଧାରଣ ସମ୍ପାଦକ ଅଶୋକ ସାହୁ, ସମ୍ପାଦକ ଦୀଲିପ ସିଂ, ସବିତା ଦାସ, କୋଷାଧ୍ୟକ୍ଷ ନଗେନ ଚନ୍ଦ୍ର ଚାନ୍ଦ, ସଂଯୋଜକ ରାମଚନ୍ଦ୍ର ଜେନା, ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ରବିନ୍ଦ୍ର ଚାନ୍ଦ, କାର୍ଯ୍ୟକାରୀ କମିଟି ସଦସ୍ୟ ସର୍ବଶ୍ରୀ ସୁଶିଲ ହୋତା, ବିନୋଦ ବିହାରୀ ମିଶ୍ର, ପ୍ରଦୀପ ଦାସ, କୌଲାଶ ନାହାଣ, ନିରାକାର ଦଲେଇ, କିଶୋର ମିଶ୍ର, ପିତାମ୍ବର ବିଶ୍ୱାଳ ଓ ସୁଶ୍ରୀ ସାବିତ୍ରୀ ଦାସ ନର୍ବାଚିତ ହୋଇଛନ୍ତି।


**OFFICE OF THE MUNICIPAL COUNCIL, MALKANGIR**
ODISHA, PIN - 764045
Ph.: 06861-230244, e-Mail: eomalkangiri@gmail.com

**ନିବେଦନ**

ମାଲକାନଗିରି ସହରର ସମସ୍ତ ନାଗରିକଙ୍କୁ ସର୍ବନିମ୍ନ ମୌଳିକ ସେବା ଯୋଗାଇ ଦେବାରେ ନିମ୍ନଲିଖିତ ସହାୟତା ପ୍ରଦାନ କରିବା ଲାଗି ଅନୁରୋଧ କରୁଅଛୁ।

୦୧. ସହରର ସମସ୍ତ ବ୍ୟବସାୟୀ ନିଜନିଜର ବ୍ୟବସାୟ ପ୍ରତିଷ୍ଠାନ ଉତ୍ପନ୍ନ ବର୍ଜ୍ୟବସ୍ତୁ ପୃଥକ୍ ପୃଥକ୍ ଭାବେ (ଓଦା ଓ ଶୁଖିଲା) ସଂଗୃହୀତ କରି ରଖିବେ ଏବଂ ତତ୍‌ପରଦିନ ପୂର୍ବାହ୍ନରେ ପରିଷଦର ଆବର୍ଜନା ବାହନରେ ପକାଇବେ।
୦୨. ସେହିଭଳି ସହରର ସମସ୍ତ ନାଗରିକ ମଧ୍ୟ ନିଜ ଗୃହରେ ଉତ୍ପନ୍ନ ବର୍ଜ୍ୟବସ୍ତୁ ପୃଥକ୍ ପୃଥକ୍ ଭାବେ (ଓଦା ଓ ଶୁଖିଲା) ଆବର୍ଜନା ବାହନରେ ପକାଇବେ।
୦୩. କୌଣସି ନାଗରିକ ନିଜ ଗୃହପାଳିତ ପ୍ରାଣୀ ଯଥା: ଗାଈ, ମଇଁଷି, ଛେଳି, କୁକୁର ଇତ୍ୟାଦି ସର୍ବସାଧାରଣ ରାସ୍ତାରେ ଛାଡ଼ିବେ ନାହିଁ।
୦୪. ସହରର ସମସ୍ତ ବ୍ୟବସାୟୀ ନିଜ ନିଜର ବ୍ୟବସାୟ ପ୍ରତିଷ୍ଠା କରିବା ନିମନ୍ତେ ଅନୁମତି (Trade Licence) ପୌରପରିଷଦ, ମାଲକାନଗିରିଙ୍କଠାରୁ ଗ୍ରହଣ କରିବା ନିତାନ୍ତ ଜରୁରୀ ଅଟେ ଏବଂ ଉକ୍ତ ପ୍ରମାଣପତ୍ର ନିଜ ନିଜ ବ୍ୟବସାୟ ସ୍ଥଳୀରେ ଲଗାଇ ରଖିବେ।
୦୫. ଦୁଇଚକିଆ ଓ ଚାରିଚକିଆ ଯାନ ରାଜରାସ୍ତା ଉପରେ ରଖି ଅବରୋଧ କରନ୍ତୁ ନାହିଁ।
୦୬. ପଲିଥିନ ବ୍ୟାଗ ବ୍ୟବହାରଠାରୁ ଦୂରେଇ ରୁହନ୍ତୁ।
୦୭. ପରିଷଦର ଟିକସ ଆଦି ଠିକ୍ ସମୟରେ ପୈଠ କରନ୍ତୁ।

ଆସନ୍ତୁ ଆମେ ସମସ୍ତେ ମିଳିମିଶି ଆମ ସହରକୁ ଏକ ସୁସ୍ଥ ସବୁଜ ସହରରେ ପରିଣତ କରି କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ସ୍ୱପ୍ନକୁ ସାକାର କରିବା।

ଅଧ୍ୟକ୍ଷ, ପୌରପରିଷଦ, ମାଲକାନଗିରି
ସ୍ୱା./- କାର୍ଯ୍ୟ ନିର୍ବାହୀ ଅଧିକାରୀ, ପୌରପରିଷଦ, ମାଲକାନଗିରି



**ଭାରତୀୟ ରିଜର୍ଭ ବ୍ୟାଙ୍କ୍**
ସମ୍ପଦା ବିଭାଗ, ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର - 751001

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର **ନୟାପଲ୍ଲୀ, ଭୁବନେଶ୍ୱର, ଓଡ଼ିଶା ସ୍ଥିତ ନିଜର ଅଫିସର କ୍ୱାର୍ଟର୍ସରେ ବ୍ଲକ ଏ ରୁ ଇ ଏବଂ କମ୍ୟୁନିଟି ହଲ୍ କୁ ଛାଡି ବିଭିନ୍ନ ବ୍ଲକ ରେ ଥିବା ଏମଏସ / କାଠ ୱିଣ୍ଡୋଗୁଡିକୁ uPVC ୱିଣ୍ଡୋ ସହିତ ବଦଳାଇବା ପାଇଁ** ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖି ପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ । MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ **ଡ଼ିସେମ୍ବର 16, 2025 ଅପରାହ୍ଣ 02:00 ଟା** ଅଟେ ।

କ୍ଷେତ୍ରୀୟ ନିର୍ଦ୍ଦେଶକ
ଭୁବନେଶ୍ୱର



**ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ** — **ଗାଡି ନିଲାମ ବିକ୍ରୟ ବିଜ୍ଞପ୍ତି**
କ୍ଷେତ୍ରୀୟ କାର୍ଯ୍ୟାଳୟ: ବି-୨, ପଶ୍ଚିମ, ୨ୟ ମହଲା, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭, ଇ-ମେଲ: 0815samd@iob.in

ଏତଦ୍‌ଦ୍ୱାରା ନିମ୍ନଲିଖିତ ଋଣଗ୍ରହୀତା, ଆଇନଗତ ଉତ୍ତରାଧିକାରୀମାନଙ୍କୁ ଜଣାଇ ଦିଆଯାଉଅଛି କି, ବ୍ୟାଙ୍କ ଦ୍ୱାରା ବାରମ୍ବାର ନୋଟିସ୍ ଜାରି ହେବା ସତ୍ତ୍ୱେ ମଧ୍ୟ ସେମାନେ ସେମାନଙ୍କର ବ୍ୟାଙ୍କ ଦେୟ ପୈଠ କରୁନାହାଁନ୍ତି। ତେଣୁ ଆଇନ ଅନୁଯାୟୀ ନିମ୍ନ ସାରଣୀରେ ଦର୍ଶାଯାଇଥିବା ଗାଡି ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କର ନିମ୍ନଲିଖିତ ଶାଖା ଦ୍ୱାରା ଜବତ କରାଯାଇଅଛି। ଏହି ନୋଟିସ୍ ଦ୍ୱାରା ସୂଚିତ କରାଯାଉଛି କି, ସ୍ଥିର କରାଯାଇଥିବା ନିଲାମ ତାରିଖ ପୂର୍ବରୁ ସେମାନେ ସେମାନଙ୍କର ସମ୍ପୂର୍ଣ୍ଣ ବକେୟା ଦେୟ ପୈଠ କରନ୍ତୁ ନଚେତ ଗାଡିକୁ ସର୍ବସାଧାରଣ ନିଲାମରେ ବିକ୍ରୟ କରାଯିବ ଏବଂ ଯଦି କିଛି ବକେୟା ରହିଯାଏ ତେବେ ଆଇନ ଅନୁଯାୟୀ ସେମାନଙ୍କ ଠାରୁ ଆଦାୟ କରାଯିବ।

**ନିଲାମ ଏବଂ ବିଡ୍ ଫର୍ମ ଖୋଲିବା ତାରିଖ : ତା.୧୯.୧୨.୨୦୨୫ରିଖ ଅପରାହ୍ନ ୩.୦୦ ଘଟିକାରେ ।**

| ଶାଖାର ନାମ ସହିତ ଫୋନ ନମ୍ବର | ଋଣଗ୍ରହୀତାମାନଙ୍କ ନାମ ସହିତ ଋଣ ଆକାଉଣ୍ଟ ନଂ. | ଗାଡିର ପ୍ରକାର / ନିର୍ମାଣ ବର୍ଷ | ପଞ୍ଜିକୃତ ନମ୍ବର / ଇଞ୍ଜିନ୍ ନଂ. / ଚେଚିସ୍ ନଂ. | ସଂରକ୍ଷିତ ମୂଲ୍ୟ |
|---|---|---|---|---|
| ଚନ୍ଦ୍ରଶେଖରପୁର ଶାଖା / ୯୦୪୦୦୦୭୪୩୪ | ମେସର୍ସ କୁନାଲ ରୋଡୱେଜ୍ ୧୪୭୬୦୩୭୦୧୦୦୦୦୦୫ | SML ISUZU LTD / 04-2023 | OD05BM5727 / SLT6CM289227 / MBUZT54ADM0298055 | ଟ.୫,୦୦,୦୦୦/- |
| ଷ୍ଟକ୍ୟାର୍ଡ- ପାତ୍ରପଡା ଷ୍ଟକୟାର୍ଡ, ଉଦୟଗିରି ବିହାର, ପାତ୍ରପଡା, ଯୋଗାଯୋଗ ବ୍ୟକ୍ତି : ଜିତେନ୍ଦ୍ର ନାୟକ, ମୋ.: ୯୯୩୮୧୬୧୪୧୫ | | | | |
| ଚନ୍ଦ୍ରଶେଖରପୁର ଶାଖା / ୯୦୪୦୦୦୭୪୩୪ | ମେସର୍ସ କୁନାଲ ରୋଡୱେଜ୍ ୧୪୭୬୦୩୭୦୧୦୦୦୦୦୩ | SML ISUZU LTD / 04-2023 | OD02CK5727 / SLT6DM289831 / MBUZT54ADM0298563 | ଟ.୫,୦୦,୦୦୦/- |
| ଷ୍ଟକ୍ୟାର୍ଡ- ପଦ୍ମା ଷ୍ଟକ୍ୟାର୍ଡ, ଲକ୍ଷେଶ୍ୱର ମନ୍ଦିର ନିକଟ, ପାହାଳ, ଭୁବନେଶ୍ୱର, ପିନ୍-୭୫୪୦୦୧, ଯୋଗାଯୋଗ ବ୍ୟକ୍ତି : ଉମାକାନ୍ତ ମହାନ୍ତି, ମୋ.: ୯୪୩୭୮୮୯୭୪୧ | | | | |
| ସିଉଳା ଗୁଡିଆପୋଖରୀ ଶାଖା / ୯୩୩୮୬୯୮୭୧୩ | ଶ୍ରୀ ବିଷ୍ଣୁ ଚରଣ ପରିଡା ୩୦୫୦୦୩୫୨୦୦୦୦୦୦୧ | ZOOMLION FH SPEEDSTER 88 COMBINE HARVESTER | NA / Q200791203G / ZLPZ-B02663GW | ଟ.୩,୫୦,୦୦୦/- |
| ଷ୍ଟକ୍ୟାର୍ଡ- ଭବ୍ୟା ପାର୍କିଂ ସର୍ଭିସେସ୍, ପ୍ଲଟ ନଂ.: ୩୨/୫୮୪, ରେବତୀ ନଗର, ଶିଶୁପାଳଗଡ, ପୁରୀ କଟକ ବାଏପାସ୍ ରୋଡ, ଭୁବନେଶ୍ୱର-୭୫୧୦୨୨, ଯୋଗାଯୋଗ ବ୍ୟକ୍ତି : ବିପିନ ସାହୁ, ମୋ.: ୭୯୭୮୩୧୨୧୦୧ | | | | |
| ସିଉଳା ଗୁଡିଆପୋଖରୀ ଶାଖା / ୯୩୩୮୬୯୮୭୧୩ | ଶ୍ରୀ ରାଜେନ୍ଦ୍ର ସାହୁ ୩୦୫୦୦୩୭୦୭୦୦୦୦୦୧୧ | ZOOMLION FH SPEEDSTER 88 COMBINE HARVESTER | NA / Q210991452G / ZLPZ-D03146PW | ଟ.୩,୫୦,୦୦୦/- |
| ଷ୍ଟକ୍ୟାର୍ଡ- ପଦ୍ମା ଷ୍ଟକ୍ୟାର୍ଡ, ନଖରା, ଓଡିଶା, ଯୋଗାଯୋଗ ବ୍ୟକ୍ତି : ବିପିନ ସାହୁ, ମୋ.: ୭୯୭୮୩୧୨୧୦୧ | | | | |

ନିଲାମ ସ୍ଥାନ : ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ, ଏସ୍‌ଏଏମ୍‌ଡି ଡିପାର୍ଟମେଣ୍ଟ, କ୍ଷେତ୍ରୀୟ କାର୍ଯ୍ୟାଳୟ, ବି-୨, ପଶ୍ଚିମ, ୨ୟ ମହଲା, ଶହୀଦ ନଗର, ଭୁବନେଶ୍ୱର, କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଯୋଗାଯୋଗ ନଂ : ମୋ.: ୭୯୭୮୯୧୧୭୪୭
ଗାଡିକୁ ତା.୧୮.୧୨.୨୦୨୫ରିଖ ସୁଦ୍ଧା ସମସ୍ତ କାର୍ଯ୍ୟ ଦିବସର କାର୍ଯ୍ୟାଳୟ ସମୟ ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ ଯାଞ୍ଚ କରିପାରିବେ। ସମ୍ପୃକ୍ତ ଶାଖାରେ ମୁଦ ବିଡ୍ / ଟେଣ୍ଡର ଫର୍ମ ତା.୧୮.୧୨.୨୦୨୫ରିଖ ସୁଦ୍ଧା ଦାଖଲ କରିପାରିବେ।
ନିଲାମର ନିୟମ ଓ ସର୍ତ୍ତାବଳୀ: ୧) ଗାଡ଼ିର ଖୋଲା ନିଲାମ ବିକ୍ରୟରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ଇଚ୍ଛୁକ ନିଲାମଧାରୀମାନଙ୍କ ଠାରୁ ଡିମାଣ୍ଡ ଡ୍ରାଫ୍ଟ/ ବ୍ୟାଙ୍କର୍ସ ଚେକ୍ ମାଧ୍ୟମରେ ୧୦,୦୦୦/- (ଦଶ ହଜାର) ଟଙ୍କାର ଅମାନତ ରାଶି ସହିତ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କର ସମ୍ପୃକ୍ତ ଶାଖା ସପକ୍ଷରେ ପୈଠ ଦର୍ଶାଇ, ମୁଦ ଲଫାପାରେ ପ୍ରସ୍ତାବମାନ ଆହ୍ୱାନ କରାଯାଉଅଛି। ଗାଡ଼ି **"ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି"** ଭିତ୍ତିରେ / ମୂଳ ଆରସି ବୁକ୍ ବିନା ନିଲାମ କରାଯିବ। ୨) ଯଦି ନିଲାମଧାରୀ ଗୋଟିଏ ରୁ ଅଧିକ ଗାଡ଼ି ପାଇଁ ଆବେଦନ କରିଥାନ୍ତି ତେବେ, ଏପରି କ୍ଷେତ୍ରରେ ପ୍ରତ୍ୟେକ ଗାଡ଼ି ପାଇଁ ଅମାନତ ରାଶି ସହିତ ପୃଥକ ଆବେଦନ ଫର୍ମ ଏବଂ ଟେଣ୍ଡର ଫର୍ମ ଦାଖଲ କରାଯିବା ଉଚିତ୍। ୩) ଯେକୌଣସି ଟେଣ୍ଡର ସଂରକ୍ଷିତ ମୂଲ୍ୟରୁ କମ୍ ହେଲେ ଏହାକୁ ପ୍ରତ୍ୟାଖ୍ୟାନ କରାଯିବ। ୪) ଗ୍ରହଣ କରାଯାଇଥିବା ଟେଣ୍ଡର ଫର୍ମ ଗୁଡ଼ିକ ଉପରୋକ୍ତ ସମ୍ପୃକ୍ତ ଶାଖାର ନିଲାମଧାରୀ ଏବଂ ବ୍ୟାଙ୍କ ଅଧିକାରୀଙ୍କ ଉପସ୍ଥିତିରେ ଉଲ୍ଲେଖିତ ତାରିଖ ଏବଂ ସମୟ ଅନୁଯାୟୀ ଖୋଲାଯିବ। ୫) ଇଚ୍ଛୁକ ନିଲାମଧାରୀମାନେ ଉପରୋକ୍ତ ତାରିଖ ଏବଂ ସମୟ ଅନୁଯାୟୀ ସମ୍ପୃକ୍ତ ଶାଖାରେ ଶାଖା ପ୍ରବନ୍ଧକଙ୍କ ପ୍ରାକ୍ ଅନୁମତି ସହ ନିଜ ଖର୍ଚ୍ଚରେ ଗାଡ଼ିର ଯାଞ୍ଚ କରିପାରିବେ। ୬) ନିଲାମରେ ଅଂଶଗ୍ରହଣ କରିବା ପୂର୍ବରୁ ନିଲାମଧାରୀମାନେ ଗାଡିର ଭୌତିକ ଯାଞ୍ଚ କରିବା ଉଚିତ୍, କ୍ରେତାମାନେ ରୋଡ୍ ପରମିଟ୍, ବୀମା, ଗାଡ଼ିର ସ୍ଥିତି ଇତ୍ୟାଦି ସମ୍ବନ୍ଧରେ ଯାଞ୍ଚ କରି ନିଜେ ସନ୍ତୁଷ୍ଟ ହେବା ଉଚିତ୍ ଏବଂ ନିଲାମ ପରେ ଏହି ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ/ ଦାବି ଶୁଣାଯିବ ନାହିଁ। ୭) ବିଡ୍ ଦାଖଲ ସଫଳ ହେବା ପରେ ଗାଡ଼ିର ନିର୍ମାଣ ବର୍ଷ, କାଗଜାତ୍, ଗାଡ଼ିର ସ୍ଥିତି ଇତ୍ୟାଦି ସମ୍ବନ୍ଧୀୟ କୌଣସି ବିବାଦ ବିଚାରକୁ ନିଆଯିବ ନାହିଁ। ୮) ସଫଳ ନିଲାମଧାରୀମାନଙ୍କୁ ଥରେ ବିକ୍ରୟ କରାଯାଇଥିବା ଗାଡ଼ି ବ୍ୟାଙ୍କ ଦ୍ୱାରା ଫେରସ୍ତ ନିଆଯିବ ନାହିଁ ଏବଂ କୌଣସି ପରିସ୍ଥିତିରେ ଏହି ସମ୍ବନ୍ଧୀୟ କୌଣସି ଆପତ୍ତିକୁ ଗ୍ରହଣ କରାଯିବ ନାହିଁ। ୯) ନିଲାମ ରାଶି ମଧ୍ୟରେ କୌଣସି ବୈଧାନିକ ବକେୟା ଟିକସ ଏବଂ ପ୍ରଯୁଜ୍ୟ ଆରଟିଓ ଫି ଅନ୍ତର୍ଭୁକ୍ତ ନୁହେଁ। ସଫଳ ନିଲାମଧାରୀ ଆଇନ୍ ଅନୁଯାୟୀ ସମସ୍ତ ଦେୟ, ମାଲିକାନା ହସ୍ତାନ୍ତର/ବକେୟା ଦେୟ, ଅନ୍ୟାନ୍ୟ ଆନୁସଙ୍ଗିକ ଦେୟ ଏବଂ ପ୍ରଯୁଜ୍ୟ ଭ୍ୟାଟ/ବିକ୍ରୟ କର/ଜିଏସ୍‌ଟି, ଯଦି କିଛି ଥାଏ ତାହା ବହନ କରିବେ। ୧୦) ବିଡ୍‌ରମାନେ ବୈଧ ପରିଚୟ ପତ୍ର ସହିତ ବ୍ୟକ୍ତିଗତ ଭାବେ ଏହି ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ କରିବେ ଏବଂ କୌଣସି କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କୁ ନିଲାମଧାରୀଙ୍କ ତରଫରୁ ନିଲାମରେ ଅଂଶଗ୍ରହଣ କରିବାକୁ ଅନୁମତି ଦିଆଯିବ ନାହିଁ। ୧୧) ଯଦି ଗୋଟିଏ ଗାଡ଼ି ପାଇଁ ଗୋଟିଏ ରୁ ଅଧିକ ବିଡ୍ ଗ୍ରହଣ କରାଯାଇଥାଏ, ତେବେ ନିଲାମଧାରୀଙ୍କ ମଧ୍ୟରେ ଖୋଲା ନିଲାମ କରାଯିବ ଏବଂ ସର୍ବୋଚ୍ଚ ନିଲାମଧାରୀଙ୍କୁ ସଫଳ ନିଲାମଧାରୀ ଭାବେ ଘୋଷଣା କରାଯିବ। ୧୨) ଅସଫଳ ନିଲାମଧାରୀମାନଙ୍କ ଦ୍ୱାରା ଜମା କରାଯାଇଥିବା ଅମାନତ ରାଶି ନିଲାମ ପରେ ସେହିଦିନ ଫେରସ୍ତ ଦିଆଯିବ। ୧୩) ସଫଳ ନିଲାମଧାରୀମାନେ ସେହି ଦିନ ନିଲାମ ପ୍ରକ୍ରିୟା ପରେ ନିଲାମ ରାଶିର ୨୫% ଦାଖଲ କରିବେ (ଅମାନତ ରାଶି ସହିତ) ଏବଂ ଅବଶିଷ୍ଟ ରାଶି ୩ ଦିନ ମଧ୍ୟରେ ବ୍ୟାଙ୍କ ଡ୍ରାଫ୍ଟ/ ବ୍ୟାଙ୍କର୍ସ ଚେକ୍ ମାଧ୍ୟମରେ ସମ୍ପୃକ୍ତ ଶାଖା ସପକ୍ଷରେ ପୈଠ କରିବେ। ୧୪) ଯଦି ସଫଳ ନିଲାମଧାରୀମାନେ ୩ ଦିନର ଧାର୍ଯ୍ୟ ସମୟସୀମା ମଧ୍ୟରେ ଅବଶିଷ୍ଟ ବିଡ୍ ରାଶି ଜମା କରିବାରେ ବିଫଳ ହୁଅନ୍ତି, ବିନା କୌଣସି ନୋଟିସ୍‌ରେ ଦାଖଲ କରିଥିବା ଅମାନତ ରାଶିକୁ ବାଜ୍ୟାପ୍ତି କରାଯିବ। ୧୫) ସଫଳ ନିଲାମଧାରୀମାନେ ୩ ଦିନ ଅତିକ୍ରାନ୍ତ ପରେ ବକେୟା ରାଶି ଉପରେ ୧୨% ହାରରେ ବିଳମ୍ବିତ ସୁଧ ଏବଂ ସେଥିପାଇଁ ନିଲାମ ତାରିଖ ଠାରୁ ସର୍ବାଧିକ ୭ ଦିନର ଅବଧି ରହିବ। ୧୬) ୭ ଦିନର ଧାର୍ଯ୍ୟ ସମୟଠାରୁ ଦେୟରେ ଖିଲାପ ହେଲେ ନିଲାମ ପ୍ରକ୍ରିୟାକୁ ବାତିଲ କରାଯିବ ଏବଂ ଅମାନତ ରାଶିକୁ ବାଜ୍ୟାପ୍ତି କରାଯିବ ଏବଂ ସଫଳ ନିଲାମଧାରୀମାନଙ୍କୁ ପରବର୍ତ୍ତୀ ନୋଟିସ୍ ବିନା ଗାଡ଼ିକୁ ପୁନଃ ବିକ୍ରି କରାଯିବ। ୧୭) ପରବର୍ତ୍ତୀ ତାରିଖରେ ଦେୟ ଗ୍ରହଣ କରିବା ବ୍ୟାଙ୍କର ନିଷ୍ପତ୍ତି ଅନୁଯାୟୀ ବିବେଚନା କରାଯିବ। ୧୮) ସଫଳ ନିଲାମଧାରୀ ସମ୍ପୂର୍ଣ୍ଣ ବିଡ୍ ରାଶି ଦାଖଲ କରି ବିକ୍ରୟ ତାରିଖ ଠାରୁ ୨ ଦିନ ମଧ୍ୟରେ ପାର୍କିଂ ୟାର୍ଡର ସମସ୍ତ ଦେୟ ପ୍ରଦାନ କରି ଗାଡ଼ିକୁ ପାର୍କିଂ ୟାର୍ଡରୁ ଯାହା ଯେପରି ଅଛି, ଯାହା ଯେଉଁଠାରେ ଯେପରି ଅଛି ଭିତ୍ତିରେ ଗ୍ରହଣ କରିବେ। ଅନ୍ୟଥା ପାର୍କିଂ ଚାର୍ଜ ଟ.୩୦୦/- ସହିତ ପ୍ରତିଦିନ ଗାଡ଼ି ପ୍ରତି ପ୍ରଯୁଜ୍ୟ ଟ୍ୟାକ୍ସକୁ ବହନ କରିବେ। ୧୯) ବିକ୍ରୟ ବ୍ୟାଙ୍କ ଦ୍ୱାରା ଚୁଡାନ୍ତ ହେବା ଆବଶ୍ୟକ। ୨୦) ବ୍ୟାଙ୍କ କର୍ତ୍ତୃପକ୍ଷ କୌଣସି କାରଣ ନଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଗାଡ଼ିକୁ ଗ୍ରହଣ/ନାକଚ/ବାତିଲ୍/ସ୍ଥଗିତ କରିବାର ଅଧିକାର ସଂରକ୍ଷିତ ରଖିଛନ୍ତି ଏବଂ ଏହି ସମ୍ବନ୍ଧୀୟ କାରଣ ପାଇଁ ବ୍ୟାଙ୍କକୁ କେହି ଦାୟୀ କରିପାରିବେ ନାହିଁ। ୨୧) ସବିଶେଷ ବିବରଣୀ ଏବଂ କୌଣସି ତଥ୍ୟ ନିମନ୍ତେ ଆଗ୍ରହୀ ନିଲାମଧାରୀମାନଙ୍କୁ ସମ୍ପୃକ୍ତ ଶାଖା କିମ୍ବା କ୍ଷମତାପ୍ରାପ୍ତ ଅଧିକାରୀ, କ୍ଷେତ୍ରୀୟ କାର୍ଯ୍ୟାଳୟ, ଭୁବନେଶ୍ୱର ସହ ଯୋଗାଯୋଗ କରିବାକୁ ଅନୁରୋଧ।

ସ୍ଥାନ : ଭୁବନେଶ୍ୱର, ତାରିଖ : ୨୯.୧୧.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ



**OFFICE OF THE NOTIFIED AREA COUNCIL, BALIMELA**
ODISHA, PIN - 764051, e-Mail: eonacbalimela@gmail.com

**ନିବେଦନ**

ବାଲିମେଳା ସହରର ସମସ୍ତ ନାଗରିକଙ୍କୁ ଶୁଭେଚ୍ଛା ଜଣାଇ ସର୍ବନିମ୍ନ ମୌଳିକ ସେବା ଯୋଗାଇ ଦେବାରେ ନିମ୍ନଲିଖିତ ସହାୟତା ପ୍ରଦାନ କରିବା ଲାଗି ଅନୁରୋଧ କରୁଅଛୁ।
୦୧. ସହରର ସମସ୍ତ ନାଗରିକ ନିଜ ଗୃହରେ ଉତ୍ପନ୍ନ ବର୍ଜ୍ୟବସ୍ତୁ ପୃଥକ୍ ପୃଥକ୍ ଭାବେ (ଓଦା ଓ ଶୁଖିଲା) ଆବର୍ଜନା ବାହନରେ ପକାଇବେ। ୦୨. କୌଣସି ନାଗରିକ ନିର୍ମାଣ ସାମଗ୍ରୀ ନର୍ଦ୍ଦମା କିମ୍ବା ରାସ୍ତାରେ ପକାଇ ଅବରୋଧ କରିବେ ନାହିଁ। ୦୩. କୌଣସି ନାଗରିକ ନିଜ ଗୃହପାଳିତ ପ୍ରାଣୀ ଯଥା: ଗାଈ, ମଇଁଷି, ଛେଳି, କୁକୁର ଇତ୍ୟାଦି ସର୍ବସାଧାରଣ ରାସ୍ତାରେ ଛାଡ଼ିବେ ନାହିଁ। ୦୪. ସହରର ସମସ୍ତ ବ୍ୟବସାୟୀ ନିଜ ନିଜର ବ୍ୟବସାୟ ପ୍ରତିଷ୍ଠା କରିବା ନିମନ୍ତେ ଅନୁମତି (Trade Licence) ବିଜ୍ଞାପିତ ଅଞ୍ଚଳ, ବାଲିମେଳାଠାରୁ ଗ୍ରହଣ କରିବା ନିତାନ୍ତ ଜରୁରୀ ଅଟେ ଏବଂ ଉକ୍ତ ପ୍ରମାଣପତ୍ର ନିଜ ନିଜ ବ୍ୟବସାୟ ସ୍ଥଳୀରେ ଲଗାଇ ରଖିବେ। ୦୫. ପରିଷଦର ଟିକସ ଆଦି ଠିକ୍ ସମୟରେ ପୈଠ କରନ୍ତୁ। ୦୬. ପଲିଥିନ ବ୍ୟାଗ ବ୍ୟବହାରଠାରୁ ଦୂରେଇ ରୁହନ୍ତୁ।
ଆସନ୍ତୁ ଆମେ ସମସ୍ତେ ମିଳିମିଶି ଆମ ସହରକୁ ଏକ ସୁସ୍ଥ ସବୁଜ ସହରରେ ପରିଣତ କରି କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ସ୍ୱପ୍ନକୁ ସାକାର କରିବା।

କାର୍ଯ୍ୟନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ, ବାଲିମେଳା
ଅଧ୍ୟକ୍ଷ, ବିଜ୍ଞାପିତ ଅଞ୍ଚଳ, ବାଲିମେଳା



**ନବରଙ୍ଗପୁର ପୌରପାଳିକା, ନବରଙ୍ଗପୁର**

**ନିବେଦନ**

୧. ଗୃହର ଶୁଖିଲା ଏବଂ ଓଦା ଅଳିଆ ଅଲଗା ଅଲଗା ରଖନ୍ତୁ ଏବଂ ପୌରପାଳିକାର ଅଳିଆ ସଂଗ୍ରହକାରୀଙ୍କୁ (ଗାଡ଼ି) ପ୍ରଦାନ କରନ୍ତୁ। ୨. ଗୃହ ସାମ୍ନା ରାସ୍ତାରେ ଅଳିଆ ପକାନ୍ତୁ ନାହିଁ। ଯଦି ଆପଣଙ୍କ ଗୃହ ସମ୍ମୁଖରେ ଅଳିଆ ପଡ଼ିଥିବାର ଦୃଷ୍ଟିଗୋଚର ହେଲେ ଜୋରିମାନା ଆଦାୟ ସହିତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ୩. ନିର୍ଦ୍ଧାରିତ ଟିକସ ଠିକ୍ ସମୟରେ ପଇଠ କରନ୍ତୁ। ୪. ପରିଷଦର ବିନା ଅନୁମତିରେ ନୂତନ କିମ୍ବା ପୁରାତନ ଗୃହ ନିର୍ମାଣ କରନ୍ତୁ ନାହିଁ। ୫. ଗୃହ ନିର୍ମାଣ ସରଞ୍ଜାମ ରାସ୍ତା ଉପରେ ରଖି ରାସ୍ତା ଅବରୋଧ କରନ୍ତୁ ନାହିଁ। ୬. ସହର ଅଭ୍ୟନ୍ତରଣ ରାସ୍ତା ଗୁଡ଼ିକ ଉପରେ ଗୃହପାଳିତ ପଶୁ ଗୁଡ଼ିକୁ ଅନଧିକାର ଭାବେ ଛାଡ଼ନ୍ତୁ ନାହିଁ। ୭. ପଲିଥିନ ବ୍ୟବହାର ପରିତ୍ୟକ୍ତ କରନ୍ତୁ ଏବଂ ପରିବେଶ ସୁରକ୍ଷା ପ୍ରତି ଧ୍ୟାନ ଦିଅନ୍ତୁ। ୮. ଟ୍ରାଫିକ ନିୟମ ପାଳନ କରନ୍ତୁ ଏବଂ ନିର୍ଦ୍ଦିଷ୍ଟ ସ୍ଥାନରେ ଯାନବାହନ ପାର୍କିଂ କରନ୍ତୁ। ୯. ବ୍ୟବସାୟ ଆରମ୍ଭ କରିବା ପୂର୍ବରୁ ପରିଷଦରୁ ଟ୍ରେଡ ଲାଇସେନ୍ସ କରାଇ ନିଅନ୍ତୁ। ୧୦. ପୌର ସମ୍ପତ୍ତି ଓ ସର୍ବସାଧାରଣ ସ୍ଥାନକୁ ଜବର ଦଖଲରୁ ନିବୃତ୍ତ ରୁହନ୍ତୁ। ୧୧. ପୌରସଂସ୍ଥା ଦ୍ୱାରା ଲେ-ଆଉଟ ନକ୍ସା ଅନୁମୋଦନ ହୋଇ ନଥିବା ଖାଲି ସ୍ଥାନ ବା ପ୍ଲଟ କ୍ରୟ କିମ୍ବା ବିକ୍ରୟ କରନ୍ତୁ ନାହିଁ। ୧୨. ପାଇଖାନା ଟାଙ୍କି ପୂର୍ଣ୍ଣ ହେଲେ ପୌରପାଳିକାର ସେସ୍‌ପୁଲ ଗାଡ଼ି ଦ୍ୱାରା ସଫେଇ କରନ୍ତୁ। ସଫେଇ କରିବା ପାଇଁ ୦୬୮୫୮-୨୯୫୪୨୮/୧୪୪୨୦ (ଟୋଲ ଫ୍ରି ନମ୍ବର)ରେ ଯୋଗାଯୋଗ କରନ୍ତୁ।

''ଏକ ସ୍ୱଚ୍ଛ ଏବଂ ସୁସ୍ଥ ନବରଙ୍ଗପୁର ପୌରପାଳିକା ଗଢ଼ିବାରେ ସହାୟକ ହୁଅନ୍ତୁ''

ଡ. ଅଶୋକ କୁମାର କର୍ଣ୍ଣ (ଓ.ପ୍ର.ସେ.), ନିର୍ବାହୀ ଅଧିକାରୀ, ନବରଙ୍ଗପୁର ପୌରପାଳିକା
ଶ୍ରୀମତୀ ସୌମ୍ୟା ମହାପାତ୍ର, ଉପାଧ୍ୟକ୍ଷା, ନବରଙ୍ଗପୁର ପୌରପାଳିକା
ଶ୍ରୀ ବୁନୁ ନାୟକ, ଅଧ୍ୟକ୍ଷ, ନବରଙ୍ଗପୁର ପୌରପାଳିକା



**OFFICE OF THE EXECUTIVE ENGINEER, MINOR IRRIGATION DIVISION, HAZARIBAG**

**e-Procurement Tender Notice Two Envelope System**
**Tender Reference No:- WRD/MID/ HAZARIBAG/02 BD/SLI /2025-26**
**Letter no-1148** **Date- 29.11.2025**

| | | |
|---|---|---|
| 1 | Name of Work: | Construction of Chief Minister Solar Lift Irrigation Scheme Ledhiya, Block- Chouparan, District- Hazaribag. |
| 2 | Estimated Cost (Rs.) | Rs. 1,30,53,000.00 |
| 3 | Cost of tender document (Rs) | Rs. 10,000.00 only (non-refundable). |
| 4 | Earnest Money Deposit (Rs.) | Rs. 1,30,530.00 only. |
| 5 | Time of Completion | 11 Months |
| 6 | Mode of Submission of tender | Online through www.jharkhandtenders.gov.in (As per SOP Issued by Information Technology & e- Governance Department, Govt of Jharkhand vide letter no- 120 Dated 03.10.2023) |
| 7 | Date of Publication of Tender on website (http://jharkhandtenders.gov.in) | Date: 15.12.2025 Time: 2.00 PM |
| 8 | Last Date/Time for downloading of bidding documents and Submission of Tender on Website | Date:24.12.2025 Time:5.00 PM |
| 9 | Submission of Tender Fee and EMD | Start Date:-15.12.2025 Time:- 2.00 PM<br>Last Date:- 24.12.2025 Time:- 5.00 PM |
| 10 | Technical Bid Opening Date | Date: 26.12.2025 Time: 2.00 PM |
| 11 | Officer Inviting Bids | Executive Engineer, Minor Irrigation Division, Hazaribag |
| 12 | Contact No. of Procurement Officer e-mail of Procurement Officer | 06546-270485/ Email Id- executiveengineerirri@gmail.com |
| 13 | Help line No. of Procurement Cell | 06546-270485 |

**Note:-➢** BOQ amount may be increase or decrease accordingly earnest money required, Work will be awarded to those bidders {specially MNRE approved channel partners/MNRE approved manufacturers/ MNRE approved PV system integrators/ A registered manufacturers/ Company/ Firm/ Corporation in India (including MSME of Jharkhand) of at least one of the major sub system namely pumps or PV System electronics (confirming to National/ International Standards)/ any other agencies having experience of installation and commissioning of such solar powered irrigation schemes}. Empanelled Indigenous Manufacturers of 10 **HP** pumps **(AC** Surface water Pumps) in the department with all accessories for off-grid stand alone SPV water pumping systems can also take part in the bid for executing the whole work of the bid. However those bidders who have not yet registered in Water Resources Department can also submit their bid provided they will have to get themselves registered in Water Resources Department within two months from the date of allotment of work.
**➢Only e-Tender will be accepted.**
Further details can be seen on website http://jharkhandtenders.gov.in

**Executive Engineer,**
**Minor Irrigation Division, Hazaribag**

PR 367374 (Minor Irrigation)25-26*D

## ଜନ୍ମଦିନର ଶୁଭେଚ୍ଛା


ନାମ: ..................................
ବୟସ:..................................
ଜନ୍ମ ତାରିଖ: ................................


ଆରିୟନ୍
ପରିବାରବର୍ଗ


ସଂକଳ୍ପ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

ଭୁବନେଶ୍ୱର ଲୁଇସ୍ ରୋଡ୍‌ସ୍ଥିତ ରୟାଲ ଏନ୍‌ଫିଲ୍ଡ ଡିଲର ଜୟବାବା ଅଟୋମୋବାଇଲ ପକ୍ଷରୁ ନ୍ୟୁ ମେଟେଓର ୩୫୦ ସନ୍‌ଡାଉନର ଅରେଞ୍ଜ ଉନ୍ମୋଚନ କରାଯାଇଛି। ଉନ୍ମୋଚନ ଅବସରରେ ଡ. କିର୍ତ୍ତି କେତନ ପ୍ରଧାନ, ସାତ୍ତ୍ୱିକ ସାମଲ, ତରୁର ବେହେରା, ପ୍ରସାଦ ପଣ୍ଡା, ଡିଲର ପ୍ରିନ୍ସିପାଲ ହର୍ଷିତ ଲୋଧା ଏବଂ ସେଲସ୍ ମ୍ୟାନେଜର ସତ୍ୟ ଧଳ ପ୍ରମୁଖ ଉପସ୍ଥିତ ଅଛନ୍ତି। ଆକର୍ଷଣୀୟ ସନଡାଉନର ଅରେଞ୍ଜ ରଙ୍ଗର ଏହି ବାଇକ୍ ଲୋକାଦୃତ ହୋଇପାରିବ ବୋଲି ସତ୍ୟ ଧଳ କହିଛନ୍ତି।

# ପୂର୍ବତଟ ରେଳପଥ ପାଳିଲା ଆଇଆର୍‌ଏଏସ୍ ଦିବସ

ଭୁବନେଶ୍ୱର,୨୯।୧୧(ଅନୁରାଧା ମହାରଣା)

ପୂର୍ବତଟ ରେଳପଥ ୯୬ତମ ଭାରତୀୟ ରେଳବାଇ ଆକାଉଣ୍ଟ୍ସ ସର୍ଭିସ (ଆଇଆର୍‌ଏଏସ୍) ଦିବସ ପାଳନ କରିଥିଲା, ଯେଉଁଥିରେ କାର୍ଯ୍ୟରତ ଏବଂ ଅବସରପ୍ରାପ୍ତ ଭାରତୀୟ ରେଳବାଇ ଆକାଉଣ୍ଟସ ସର୍ଭିସ ଅଧିକାରୀମାନେ ଜ୍ଞାନ-ଆଦାନପ୍ରଦାନ ଏବଂ ସେବାରେ ଉତ୍କର୍ଷର ସ୍ୱୀକୃତି ପାଇଁ ଏକତ୍ର ହୋଇଥିଲେ। ପୂର୍ବତଟ ରେଳପଥର ପ୍ରମୁଖ ଆର୍ଥିକ ପରାମର୍ଶଦାତା ବିଜୟ କୁମାର ମିଶ୍ର ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ ଏବଂ ପରେ ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଆର୍ଥିକ ପ୍ରଶାସନ, ଅର୍ଥପୂର୍ଣ୍ଣ କାର୍ଯ୍ୟ ସଂସ୍କୃତି ଏବଂ ଉଦୀୟମାନ ପ୍ରଯୁକ୍ତିବିଦ୍ୟା ଏବଂ ପ୍ରଶାସନିକ ଚ୍ୟାଲେଞ୍ଜର ମୁକାବିଲା କରିବାରେ ଆଇଆର୍‌ଏଏସ୍‌ର ବିକଶିତ ଭୂମିକା ଉପରେ ଆଲୋକପାତ କରିଥିଲେ। ଏକ୍ସଆଇଏମ୍ ୟୁନିଭର୍ସିଟିର ପ୍ରଫେସର ମୌସୁମୀ ପାଢ଼ୀ ବିଶ୍ଳେଷଣାତ୍ମକ ପ୍ରସ୍ତୁତିକୁ ସୁଦୃଢ଼ କରିବା, ଦକ୍ଷତା ନିର୍ମାଣ କରିବା ଏବଂ ଭବିଷ୍ୟତର ଦାୟିତ୍ୱ ପାଇଁ କ୍ୟାଡରକୁ ପ୍ରସ୍ତୁତ କରିବା ବିଷୟରେ ମତ ଦେଇଥିଲେ। ଏହି ଉତ୍ସବରେ ବରିଷ୍ଠ ଅବସରପ୍ରାପ୍ତ ଆଇଆର୍‌ଏଏସ୍ ଅଧିକାରୀମାନଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଆଲୋଚନାରେ କ୍ଷେତ୍ର ବିଶେଷଜ୍ଞତା ବୃଦ୍ଧି, ଡିଜିଟାଲ ରୂପାନ୍ତରଣ ଏବଂ ରେଳ ପରିଚାଳନାରେ ଆର୍ଥିକ ପରିଚାଳନାର ରଣନୈତିକ ଗୁରୁତ୍ୱକୁ ସୁଦୃଢ଼ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦିଆଯାଇଥିଲା।

# ମାଲାବାର ପକ୍ଷରୁ ରୟାଲ ପୋଲ୍‌କି ଜୁଏଲେରି ଶୋ




ଭୁବନେଶ୍ୱର,୨୯।୧୧(ଅନୁରାଧା ମହାରଣା)

ଭୁବନେଶ୍ୱର ଚନ୍ଦ୍ରଶେଖରପୁରସ୍ଥିତ ମାଲାବାର ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡସ୍ ଶୋ'ରୁମ୍‌ରେ ଶନିବାର ରୟାଲ ପୋଲ୍‌କି ଜୁଏଲେରି ଶୋ'ର ଶୁଭାରମ୍ଭ କରାଯାଇଛି। ଉଭୟ ପାରମ୍ପରିକ ଏବଂ କଣ୍ଟେମ୍ପୋରାରୀ ଡିଜାଇନରେ ପ୍ରସ୍ତୁତ ଗହଣା ପ୍ରଦର୍ଶନୀକୁ ଅଭିନେତ୍ରୀ ସୁଶ୍ରୀ ସବିତା ପଲେଇ ଶୁଭାରମ୍ଭ କରିଥିଲେ। ମାଲାବାରର ଏକ୍ସକ୍ଲୁସିଭ ବ୍ରାଣ୍ଡ 'ଭିରାଜ ରୟାଲ ପୋଲ୍‌କି'ର ଅତ୍ୟନ୍ତ ନିପୁଣ କାରିଗରିରେ ତିଆରି ଗହଣା ଏଠାରେ ପ୍ରଦର୍ଶିତ ହେଉଛି। ଭାରତୀୟ ଡିଜାଇନ୍‌ରେ ପ୍ରଦର୍ଶିତ ପ୍ରତ୍ୟେକଟି ଗହଣାର ସ୍ୱତନ୍ତ୍ରତା ଗ୍ରାହକଙ୍କୁ ଆକୃଷ୍ଟ କରୁଛି। ଏହି ଅବସରରେ ସୁନା ଗହଣାଗୁଡ଼ିକର ଗଢ଼ା ମଜୁରି ଉପରେ ୩୦% ପର୍ଯ୍ୟନ୍ତ ରିହାତି ଘୋଷଣା କରାଯାଉଥିବାବେଳେ ଅନକଟ୍ ଓ ଜେମଷ୍ଟୋନ୍ ଉପରେ ମଧ ଅଫର୍ ପ୍ରଦାନ କରାଯାଉଛି। ମାଲାବାର ଗ୍ରୁପ୍ ଚେୟାରମ୍ୟାନ ଏମ୍‌ପି ଅହମ୍ମଦ କହିଛନ୍ତି, ସହରର ଗ୍ରାହକମାନଙ୍କୁ ଉତ୍ତମଗୁଣବତ୍ତାଯୁକ୍ତ, ଶୁଦ୍ଧ ଏବଂ ସୁଲଭ ମୂଲ୍ୟରେ ଉତ୍ପାଦ ଯୋଗାଇଦେବାକୁ ଆମେ ପ୍ରୟାସ କରୁଛୁ। ସ୍ୱଚ୍ଛତା ପାଇଁ ମାଲାବାର ପରିଚିତ ଏବଂ ଗ୍ରାହକଙ୍କୁ ସୁହାଇଲା ଭଳି ଦରରେ ମନପସନ୍ଦର ଗହଣା ବିକ୍ରି କରିବାକୁ ଉଦ୍ୟମ କରାଯାଉଥିବା ସେ କହିଛନ୍ତି। ସୂଚନା ଥାଉ କି, ମାଲାବାର ପକ୍ଷରୁ ୱାନ୍ ଇଣ୍ଡିଆ, ୱାନ୍ ଗୋଲ୍ଡ ରେଟ୍ ସ୍କିମ୍ ପ୍ରଦାନ କରାଯାଉଛି।






# କଟକ ଜିଲାରେ ୫ ସ୍ମାର୍ଟ ଅଙ୍ଗନୱାଡି କେନ୍ଦ୍ର ଉଦ୍‌ଘାଟିତ

ଭୁବନେଶ୍ୱର,୨୯।୧୧

ଭାରତୀୟ ଷ୍ଟେଟ ବ୍ୟାଙ୍କ(ଏସ୍‌ବିଆଇ) ଓ ସର୍ବୋତ୍ତମ ସୋସିଆଲ ଅର୍ଗାନାଇଜେଶନ ମିଳିତ ସହଯୋଗରେ କଟକ ଜିଲାରେ ୫ ସ୍ମାର୍ଟ ଅଙ୍ଗନୱାଡି କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। କଟକ ମହାନଗର ସହିତ ସାଲେପୁର ଓ ଟାଙ୍ଗୀ ବ୍ଲକରେ ଉଦ୍‌ଘାଟିତ ଏହି ଅଙ୍ଗନୱାଡି କେନ୍ଦ୍ରକୁ ଖେଳ ଉପକରଣ, ସ୍ମାର୍ଟ ଟିଭି, ଆକ୍ୱାଗାର୍ଡ, ବିଭିନ୍ନ ପ୍ରକାର ବହି ଓ ପାଠ୍ୟୋପକରଣ



ଆଦି ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ବିଭିନ୍ନ ବ୍ଲକର ସିଡିପିଓ, ଅଙ୍ଗନୱାଡି ସୁପରଭାଇଜର, ଏସ୍‌ବିଆଇର ଆଞ୍ଚଳିକ ଶାଖା ପ୍ରବନ୍ଧକ ଚୌଧୁରୀ ଅସୀମ ଅନୁପମ ପ୍ରହରାଜ, ଏସ୍‌ବିଆଇର ଶାଖା ପରିଚାଳକ ନିରଞ୍ଜନ ମହାପାତ୍ର ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସମ୍ପାଦିକା ଶ୍ରାବଣୀ ରାୟ, ଅଞ୍ଜଳି ବେହେରା, ଆକାଶ ରାୟ ପ୍ରମୁଖ ପରିଚାଳନା କରିଥିଲେ ।

# ବେଦାନ୍ତ ଆଲୁମିନିୟମ ପକ୍ଷରୁ ଶୀତକାଳୀନ ସହାୟତା



ଭୁବନେଶ୍ୱର,୨୯।୧୧(ଅନୁରାଧା ମହାରଣା)

ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ସୁନ୍ଦରଗଡ ଏବଂ ଝାରସୁଗୁଡ଼ା ଜିଲାରେ ଏକ ଶୀତକାଳୀନ ପ୍ରସ୍ତୁତି ଅଭିଯାନର ଆୟୋଜନ କରି ଶୀତ ପ୍ରକୋପରୁ ରକ୍ଷା ପାଇବାପାଇଁ ଲୋକଙ୍କୁ କମ୍ବଳ ବଣ୍ଟନ କରିଛି। ଏହି ପଦକ୍ଷେପ ଜାମଖାନୀ, ଘୋଘରପଲ୍ଲୀ ଏବଂ କୁରାଲୋଇ ଗାଁର ୩୦୦୦ରୁ ଅଧିକ ଲୋକଙ୍କ ନିକଟରେ ପହଞ୍ଚିଥିଲା, ଯେଉଁଥିରେ ବୟସ୍କ ବ୍ୟକ୍ତି, ଗର୍ଭବତୀ ଏବଂ ସ୍ତନ୍ୟପାନ କରାଉଥିବା ମହିଳା, ଏସଏଚଜି ସଦସ୍ୟ, ମହିଳା ନେତୃତ୍ୱାଧୀନ ପରିବାର ଏବଂ ଭିନ୍ନକ୍ଷମ ବ୍ୟକ୍ତି ଅନ୍ତର୍ଭୁକ୍ତ ଥିଲେ। ଶୀତ ଋତୁରେ ଅଧିକ ଲୋକଙ୍କୁ ସହାୟତାର ହାତ ବଢାଇବାପାଇଁ କମ୍ପାନୀ ଏହି କାର୍ଯ୍ୟକ୍ରମକୁ ବିସ୍ତାର ଲାଗି ଯୋଜନା କରିଛି। ଏହି କାର୍ଯ୍ୟକ୍ରମକୁ କୁରାଲୋଇ ଗ୍ରାମ ପଞ୍ଚାୟତ ସରପଞ୍ଚ ସନାତନ ନାୟକ, ପିପିଲିମଲ ପଞ୍ଚାୟତ ସରପଞ୍ଚ ରଙ୍ଗାଧର ଦିଲ୍ଲୀ ଏବଂ ଘୋଘରପାଲି ପଞ୍ଚାୟତ ସମିତି ସଦସ୍ୟ ମାଧବ ବାରିକ ଉଦଘାଟନ କରିଥିଲେ। ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, ଆମର ସାମାଜିକ ହସ୍ତକ୍ଷେପ ଆମେ ସେବା କରୁଥିବା ସମ୍ପ୍ରଦାୟର ଆବଶ୍ୟକତା ପୂରଣ କରିଥାଏ। ଏହି ଶୀତକାଳୀନ ପ୍ରସ୍ତୁତି ଅଭିଯାନ ସେହି ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। କୁରାଲୋଇ ପଞ୍ଚାୟତର ସରପଞ୍ଚ ସନାତନ ନାୟକ କହିଛନ୍ତି, ସୀମିତ ସମ୍ବଳ ଥିବା ଲୋକଙ୍କ ପାଇଁ ଶୀତଦିନ ଅତ୍ୟନ୍ତ ଆହ୍ୱାନପୂର୍ଣ୍ଣ। ଏହି ସମୟରେ ବେଦାନ୍ତ ଆଲୁମିନିୟମର ସମର୍ଥନ ପ୍ରକୃତରେ ଅର୍ଥପୂର୍ଣ୍ଣ ଏବଂ ଆମ ସମ୍ପ୍ରଦାୟର କଲ୍ୟାଣ ପ୍ରତି ସେମାନଙ୍କର ନିରନ୍ତର ପ୍ରତିବଦ୍ଧତାକୁ ଆମେ ପ୍ରଶଂସା କରୁଛୁ। ଘୋଘରପାଲି ପଞ୍ଚାୟତର ସମିତି ସଦସ୍ୟ ମାଧବ ବାରିକ ବେଦାନ୍ତ ଆଲୁମିନିୟମର ଏହି ଉଦ୍ୟମକୁ ପ୍ରଶଂସା କରିଛନ୍ତି।

# ଆର୍ଥିକବର୍ଷ-୨୬ରେ ଜିଡିପି ବୃଦ୍ଧି ଅନୁମାନ

ଭୁବନେଶ୍ୱର,୨୯।୧୧

ଦେଶର ଅଗ୍ରଣୀ ରେଟିଂ ଏଜେନ୍ସି କ୍ରିସିଲ ଭାରତର ୨୦୨୫-୨୬ ଆର୍ଥିକ ବର୍ଷର ଜିଡିପି ବୃଦ୍ଧି ଅନୁମାନକୁ ୬.୫%ରୁ ବଢ଼ାଇ ୭% କରିଛି। ଚଳିତ ବର୍ଷର ଦ୍ୱିତୀୟ ତ୍ରୈମାସିକରେ ୮.୨%ର ଜିଡିପି ବୃଦ୍ଧି ଏହି ଆଶାବାଦୀ ଦୃଷ୍ଟିକୋଣର ସବୁଠାରୁ ବଡ଼ କାରଣ ବୋଲି କ୍ରିସିଲ କହିଛି। କ୍ରିସିଲର ରିପୋର୍ଟ ଅନୁଯାୟୀ, ଏପ୍ରିଲ-ସେପ୍ଟେମ୍ବର (ପ୍ରଥମ ଛଅ ମାସ)ରେ ଭାରତର ବାସ୍ତବ ଜିଡିପି ୮% ରହିଛି। ଏହି ଦମଦାର ପ୍ରଦର୍ଶନ ପୁରା ବର୍ଷର ଆଉଟଲୁକକୁ ଆହୁରି ଦୃଢ଼ କରିଦେଇଛି। ଦ୍ୱିତୀୟ ତ୍ରୈମାସରେ ୮.୨% ରିୟଲ ଜିଡିପି ବୃଦ୍ଧି ବିଶେଷଜ୍ଞଙ୍କ ଅନୁମାନଠାରୁ ବହୁତ ଉପରେ ଉତ୍ପାଦନ (ମ୍ୟାନୁଫ୍ୟାକ୍ଚରିଂ) ଓ ସେବା (ସର୍ଭିସେଜ) କ୍ଷେତ୍ରର ପ୍ରଦର୍ଶନ ଏବଂ ଦରଦାମ ହ୍ରାସ ଯୋଗୁଁ ଘରୋଇ କଞ୍ଜମ୍ପଶନରେ ଜୋରଦାର ବୃଦ୍ଧି ଘରୋଇ ଚାହିଦା ଓ ମଜବୁତ୍ ସପ୍ଲାଇ ଚେନ ଆଗକୁ ମଧ ଅଭିବୃଦ୍ଧିକୁ ସହାୟତା କରିବ।


# Classified Everyday

0674-2580101, 9692975378



MATRIMONIAL

BRIDE WANTED

ଝିଅ ଆବଶ୍ୟକ: ଚାକିରି କରିଥିବା ବ୍ରାହ୍ମଣ ପୁଅ, ବୟସ- ୪୭ ବର୍ଷ, ଦ୍ୱିତୀୟ ବିବାହ ପାଇଁ ଯେ କୌଣସି ଜାତିର ଝିଅ ଆବଶ୍ୟକ। ଯୋଗାଯୋଗ: 9937371168. D-2713

GROOM WANTED

53ବୟସ୍କା Karan Divorce Govt. Employee ଝିଅଙ୍କ ପାଇଁ Widow/Divorce Anycasteର ଘରଜ୍ୱାଇଁ ବରପାତ୍ର ଆବଶ୍ୟକ। 7852970280. D-2714

ମାଙ୍କ ସହିତ ରହୁଥିବା 38ବୟସ୍କା ଖଣ୍ଡାୟତ ଜାତିର ଘରୋଇ କନ୍ୟାଙ୍କ ପାଇଁ Anycasteର ବରପାତ୍ର ଆବଶ୍ୟକ। 7873680393. D-2715



AUTOMOBILE SALE

BOLERO SLX, NOVEMBER 2014, WHITE COLOUR, EXCELLENT RUNNING CONDITION, RUN- 132000Kms, INSURANCE ROAD TAX POLLUTION FITNESS UPDATE, 1ST HAND, OWNER DRIVEN, BHUBANESWAR. CONTACT: 9437027024, 9937992270. D-76082



REAL ESTATE SALE

SISUPALGARH: PLOTS 600- 1800 SQFT. FOR IMMEDIATE SALE. BHUBANESWAR: 9776080988. D-76081

BDA & ORERA approved 2/3BHK newly constructed ready to move flat at Ranga Bazaar, Near BJEM-2 on Sale. Cost: 55Lacs and onwards. Call: 9861944445, 9937082622 D-2723

Book 3BHK / 4BHK premium flat near Jharapada Canal Road and Pokhariput, Near Government Hospital @6000/- sqft. Including parking. Contact: 7978584549. D-76876

ଭୁବନେଶ୍ୱର ଦଉଣି ପାଟଣା ଟୋଲଗେଟ୍ ନିକଟରେ, ଘରବାଡ଼ି ପାଚେରି ପ୍ଲଟ୍, 25ft. road ପଟ୍ଟାରୁ ବିକ୍ରିହେବ। 9437754190. D- 2685

**For Sale - Prime Plot, Centrally located, free hold Residential Plot, 7643Sqft., 72ft. frontage with 20ft. wide front and rear roads, Sewerage line, electricity, near Old Station Square, Bhubaneswar - 751006. Contact: 09861129953.** D-2684

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**Own GHARABARI residential plot 3100Sqft. with compound wall & Electricity at Brahmanjharilo, 7km from Phulanakhara Cuttack & 12km from BBSR. Total Rs 41lakhs (Including Registration charges), 7809525452.** D-218




CONSTRUCTION

CIVIL ENGINEER CUM CONTRACTOR UNDERTAKE CONSTRUCTION WORKS OF BUILDINGS PLANNING & DESIGN. MOB.- 8144815298. D-2693

GENERAL

Doberman Pupies for Sale. Only 30 days of age, Contact:- 9658798473. D-2724



FOR RENT

**Multi purpose RCC Hall 1000 Sqft. (40 ft. x 25 ft.) with toilets, electricity, facing 100 ft. wide, Lewis Road, Bhubaneswar-751002, Hotel Gouri Premises adjacent to Kedargouri Temple on monthly rental basis. Contact : 9861129953.** D-2683




The massage felt totally professional, & comfortable at all times- 7978109255. D-216

All types of physiotherapy Contact number 9556924059/ 7656969134, Jharapada. D-2686

AFFIDAVIT

By virtue of an affidavit sworn before the Executive Magistrate, Boudh, No.- 1609, Dtd.- 26.11.25, I, Dillip Chinara, R/o. Village/ P.O./P.S.- Purunakatak, Dist.- Boudh, Odisha, PIN- 762013, declare that I have changed the name of my son from SAI OM CHINARA to ADITYA CHINARA. Henceforth, he shall be known as ADITYA CHINARA for all purposes.

Dillip Chinara D-2719

I, PRASANTA KUMARI LAKRA, W/o.- Patrick Lakra, Resident of Bheluadihi, P.O.- Gyanpali, P.S.- Rajgangpur, Dist.- Sundargarh, PIN- 770023, Odisha declare by this affidavit No.- A/26, dated- 13.10.2025 that now onwards I shall be known as PRASANTA LAKRA for all future purposes. D-2722

By virtue of an affidavit sworn before the Notary Public, Titilagarh, dtd.- 29.11.2025, I, Biju Dharua, S/o.- Anirudha Dharua, R/o. Village- Kandhenbahali, P.O.- Saintala, P.S.- Saintala, Dist.- Balangir (Odisha), PIN- 767032 declare that now I have changed my daughter's name from Rozy Dharua to Roji Dharua. Henceforth, my daughter shall be known as Roji Dharua for all purposes.


Biju Dharua D-2720


By virtue of an affidavit sworn before Executive Magistrate, Kudumulugumma, Dist.- Malkangiri, No.- 586, dated- 28.11.2025, I, Sanjit Kumar Takri, S/o.- Dayapatra Takri, At/ Post- Podagada, P.S./ Dist.- Koraput. My son's actual name is Soumya Ranjan Takri mentioned in his School Register and Birth Certificate, but in Aadhaar Card No.- xxxx xxxx 4672 his name wrongly mentioned as "Rupel Takri" instead of "Soumya Ranjan Takri", both are one and same person. D-2721

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



# କଷିଆ ସାମୁଦ୍ରିକ ମୁହାଣରେ ତିମି ମୃତଦେହ ଠାବ




**ବାସୁଦେବପୁର,୨୯।୧୧ (ନାରାୟଣ ପ୍ରସାଦ ବାରିକ୍/କାଳିପଦ ରାୟ)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ କଷିଆ ମାଛଧରା ଜେଟି(ମୁହାଣ)ରେ ଶନିବାର ପୂର୍ବାହ୍ନରେ ଏକ ବିଶାଳକାୟ ପିଗିମ କିଲର ତିମି ମାଛର ମୃତଦେହ ଠାବ କରାଯାଇଛି। ମୃତ ତିମିଟି ସମୁଦ୍ରରୁ ଭାସି ଆସି କଷିଆ ମାଛଧରା ଜେଟି ନିକଟରେ ଲାଗିଥିବା କେତେଜଣ ମତ୍ସ୍ୟଜୀବୀ ଦେଖିବାକୁ ପାଇଥିଲେ। ଏହାପରେ ସେଠାରେ ଲୋକଙ୍କ ଭିଡ଼ ଜମିଥିଲା। ପରେ ବନବିଭାଗ ଓ ସାମୁଦ୍ରିକ ମତ୍ସ୍ୟ ବିଭାଗର ମିଳିତ ଉଦ୍ୟମରେ ବିରାଟକାୟ ତିମିକୁ କୂଳକୁ ଅଣାଯାଇଥିଲା। ଏହି ମାଛଟିର ନାମ ପିଗିମ କିଲର ତିମି ବୋଲି ବାସୁଦେବପୁର ରେଞ୍ଜର ଅତୁଲ୍ୟ କୁମାର ମହାନ୍ତି କହିଛନ୍ତି।

ତିମିଟିର ଓଜନ ପ୍ରାୟ ୮/୧୦ କୁଇଣ୍ଟାଲ, ଲମ୍ବ ୧୫ ଫୁଟ ଓ ମୋଟେଇ ୬ ଫୁଟ ହେବ। ଏହି ବିରଳ ପ୍ରଜାତିର ପିଗିମ କିଲର ତିମି ଗଭୀର ସମୁଦ୍ରରେ ରହୁଥିବା ବେଳେ କୌଣସି ବୋଟ୍ କିମ୍ବା ଲଞ୍ଚରେ ଆଘାତପ୍ରାପ୍ତ ହୋଇ କୂଳକୁ ଚାଲିଆସିଥିବା ଅନୁମାନ କରାଯାଉଛି। ବନ ବିଭାଗ, ସାମୁଦ୍ରିକ ମତ୍ସ୍ୟ ବିଭାଗ ଓ କଷିଆ ଜେଟିର ମତ୍ସ୍ୟଜୀବୀଙ୍କ ଉଦ୍ୟମକ୍ରମେ ମୃତ ତିମିକୁ ବୋଝେଇ କରାଯାଇ ବାସୁଦେବପୁର ବନ ବିଭାଗ ଅଫିସକୁ ନିଆଯାଇଥିଲା। ରେଞ୍ଜର ମହାନ୍ତିଙ୍କ ଉପସ୍ଥିତିରେ ବାସୁଦେବପୁର ଭେଟେନାରି ଅଫିସରେ କାର୍ଯ୍ୟରତ ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଡା. ସୁଦୀପ୍ତା ଜେନା, ସାମୁଦ୍ରିକ ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀ ଜଗଦୀଶ ବାରିକ ମୃତ ତିମିର ବ୍ୟବଚ୍ଛେଦ କରାଇ ମାଂସ ଓ ରକ୍ତ ସାମ୍ପୁଲ ସଂଗ୍ରହ କରିଛନ୍ତି। କେଉଁ ପରିସ୍ଥିତିରେ ଏହି ତିମିର ମୃତ୍ୟୁ ଘଟିଲା, ତାହା ଅନୁସନ୍ଧାନ କରାଯାଉଛି ବୋଲି ରେଞ୍ଜର ମହାନ୍ତି ଓ ସାମୁଦ୍ରିକ ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀ ବାରିକ କହିଛନ୍ତି।



ସୁବର୍ଣ୍ଣପୁରକୁ ବିଦ୍ୟୁତ୍ ବ୍ୟବସ୍ଥା ଉଦ୍‌ଘାଟନ କରି ଫେରୁଛନ୍ତି ଜିଲାପାଳ।

# ୨୮ ବର୍ଷ ପରେ ବିଦ୍ୟୁତ୍ ଆଲୁଅ ଦେଖିଲା ସୁବର୍ଣ୍ଣପୁର ଗାଁ

**ଧରାକୋଟ,୨୯।୧୧(କୃପାସିନ୍ଧୁ ସ୍ୱାଇଁ)**

୨୮ ବର୍ଷ ପରେ ଗଞ୍ଜାମ ଜିଲା ଝାଡବନ୍ଧ ପଞ୍ଚାୟତର ସୁବର୍ଣ୍ଣପୁର ଗାଁରେ ବିଦ୍ୟୁତ୍ ଆଲୁଅ ଜଳିଛି। ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ସେମାନେ ଗାଁରେ ବାଜା ବଜାଇ ନାଚ କରି ଖୁସି ମନାଇଛନ୍ତି। ଏହି ଗାଁର ଗ୍ରାମବାସୀ ବର୍ଷବର୍ଷ ଧରି ଅନ୍ଧାରରେ ଚଳୁଥିଲେ।

## ବିଦ୍ୟୁତ୍ ସଂଯୋଗ ବ୍ୟବସ୍ଥାର ଉଦ୍‌ଘାଟନ କଲେ ଜିଲାପାଳ

ଡିବିରି ଆଲୁଅରେ ଗାଁର ପିଲାମାନେ ପାଠ ପଢି ଭବିଷ୍ୟତ ସ୍ୱପ୍ନ ଦେଖୁଥିଲେ। ସୁବର୍ଣ୍ଣପୁର ଗାଁରେ ବିଦ୍ୟୁତ୍ ଆଲୋକ ନ ଥିବା ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଏହା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୃଷ୍ଟିକୁ ଆସିଥିଲା। ସେ ଅସନ୍ତୋଷ ପ୍ରକାଶ କରି ତୁରନ୍ତ ସୁବର୍ଣ୍ଣପୁର ଗାଁକୁ ବିଦ୍ୟୁତ୍ ଯୋଗାଣ ନେଇ ଗତ ୨୯ ତାରିଖରେ ଜିଲାପାଳ ଭି.କୀର୍ତ୍ତି ଭାସନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲା ପ୍ରଶାସନ ଏ ଦିଗରେ ତ୍ୱରିତ ପଦକ୍ଷେପ ନେଇ ବିଦ୍ୟୁତ୍ ଆଲୋକ ସଂଯୋଗ କରିଛି। ଶନିବାର ଜିଲାପାଳ ସୁବର୍ଣ୍ଣପୁର ଗାଁରେ ବିଦ୍ୟୁତ୍ ସଂଯୋଗ ବ୍ୟବସ୍ଥାର ଶୁଭାରମ୍ଭ କରିଥିଲେ। ଫଳରେ ସୁବର୍ଣ୍ଣପୁରବାସୀଙ୍କ ଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟିଛି। ଏହି ସମୟରେ ଭଞ୍ଜନଗର ଉପ ଜିଲାପାଳ ଉମା ଶଙ୍କର ବେହେରା, ବିଡିଓ ସଂଗ୍ରାମ କେଶରୀ ଜେନା, ଏବିଡିଓ ସୁଶୀଲ ପଟ୍ଟନାୟକ, ଜିଲା ପରିଷଦ ସଭ୍ୟ ପ୍ରତାପ ସ୍ୱାଇଁ, ସରପଞ୍ଚ ଯୋଗେନ୍ଦ୍ର ସ୍ୱାଇଁ ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

କଲେଜ ଅଫ୍ ଫାର୍ମାସ୍ୟୁଟିକାଲ୍ ସାଇନସେସ୍, ପୁରୀ ପରିବାର୍ ତରଫରୁ 'ଧରିତ୍ରୀ' ର୍ ୫୨ ତମ ସନକ୍ଷତ୍ର ଅବସରରେ ପ୍ରଭୁ ଶ୍ରୀ ଶ୍ରୀ ଜଗନ୍ନାଥ ଙ୍କ ନିକଟରେ 'ଧରିତ୍ରୀ' ର ଉତ୍ତରୋତ୍ତର ମଙ୍ଗଳ କାମନା କରୁଅଛୁ।
With Best Compliments from :
College of Pharmaceutical Sciences, Puri
Puri-Konark Marine Drive Road, Baliguali, Puri-752004
Course Offers: D.Pharm, B.Pharm, M.Pharm

2025 Volleyball Awards Night Banquet
ଧରିତ୍ରୀର ୫୨ତମ ପ୍ରତିଷ୍ଠା ଦିବସ ଅବସରରେ ଏମ୍ ବି ସି ମେମ୍ବର ତରଫରୁ ଶୁଭେଚ୍ଛା।
November 28th 2025
6:00 pm to 9:00 pm
Invitation
Get ready to big deep and compete in our high-energy Volleyball Tournament - where champions are made!
Organised by Kanamana Village

ରାଜ୍ୟର ପ୍ରତିଷ୍ଠିତ ଖବର କାଗଜ ଧରିତ୍ରୀ ର ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ଓଡ଼ିଶା ବାସୀଙ୍କୁ ଅନେକ ଶୁଭେଚ୍ଛା..
ସମସ୍ତ ପ୍ରତିକୂଳ ପରିସ୍ଥିତିରେ ଆମ୍ଭେ ଗାଡି ମାଲିକଙ୍କ ସ୍ୱାର୍ଥ ରକ୍ଷା କରିବାରେ ଅଗ୍ରଣୀ ଭୂମିକା ନିର୍ବାହ କରିବା ସହ ସାମାଜିକ ଦାୟିତ୍ୱ ତୁଲାଇବା ଆମର ଲକ୍ଷ୍ୟ।
ସଭାପତି ମାତାପ୍ରସାଦ ଜୟସ୍ୱାଲ
JODA TRUCK OWNER'S ASSOCIATION
JODA-758034, KEONJHAR
ସମ୍ପାଦକ ସୁଶାନ୍ତ କୁମାର ବାରିକ୍

ଓଡ଼ିଆ ଖବରକାଗଜ ଧରିତ୍ରୀର ୫୨ତମ ଜନ୍ମ ବାର୍ଷିକୀ ଅବସରରେ ଏହାର ସମସ୍ତ ପାଠକ, ପାଠିକା ଓ କର୍ମକର୍ତ୍ତାମାନଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ
ଅଭିନନ୍ଦନ
ଭବାନୀ ନନ୍ଦନ ପଟ୍ଟନାୟକ
ବ୍ଲକ ଶିକ୍ଷା ଅଧିକାରୀ ଏବଂ ସମସ୍ତ ଷ୍ଟାଫ୍, ସେମିଳିଗୁଡ଼ା

OFFICE OF THE MUNICIPAL COUNCIL : DEOGARH
Email : eo-deogarhmncp@gov.in / Website : deogarhmunicipality.com
Office No. 06641-295020
ଓଡ଼ିଆ ଖବରକାଗଜ ଧରିତ୍ରୀର ୫୨ତମ ଜନ୍ମବାର୍ଷିକୀ ଅବସରରେ ଦେବଗଡ଼ ମ୍ୟୁନିସିପାଲିଟି ତରଫରୁ ଶୁଭେଚ୍ଛା ଓ
ଅଭିନନ୍ଦନ
ଭାରପ୍ରାପ୍ତ ନଗରପାଳ ପ୍ରଜିତ ଭୋଜ
ନିର୍ବାହୀ ଅଧିକାରୀ କୃପାସିନ୍ଧୁ ସ୍ୱାଇଁ

ଧରିତ୍ରୀର ୫୨ତମ ସ୍ୱନକ୍ଷତ୍ର ଅବସରରେ ଶୁଭେଚ୍ଛା ଓ
ଅଭିନନ୍ଦନ
ପ୍ରୋ - ଡ. କଳାକର ସାହୁ
କ୍ରିସ୍ ହସ୍ପିଟାଲ୍
ସାପୋଇସାହି, ଛେଣ୍ଡିପଦା, ମୋ - ୯୪୩୭୨୭୦୮୨୯

ବିକାଶ ପଥେ ନେତାଜୀ ଉନ୍ନୟନ ସୋସାଇଟି
ଧରିତ୍ରୀର ୫୨ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ନେତାଜୀ ଉନ୍ନୟନ ସୋସାଇଟି, ମାନ୍ଦାପାଲ୍ଲୀ, ଜିଲ୍ଲା - ମାଲକାନଗିରି ତରଫରୁ ଅନେକ ଶୁଭେଚ୍ଛା। ଏହି ଉପଲକ୍ଷେ ମାଲକାନଗିରି ଜିଲ୍ଲାର ଜନସାଧାରଣ ସୁଖ ସମୃଦ୍ଧିରେ ଦିନ ବିତାଇବା ସହ ଆମ ସୋସାଇଟି ତରଫରୁ ସିଲେଇ, ଡ୍ରାଇଭିଙ୍ଗ, ମିଲେଟ ମିଶନ୍, କୃଷି ସମ୍ବନ୍ଧୀୟ ଜ୍ଞାନ, ଛତୁ ଚାଷ, ହସ୍ତଶିଳ୍ପ ଇତ୍ୟାଦି ଯୋଜନାରେ ବିଭିନ୍ନ ମହିଳା ଓ ପୁରୁଷମାନଙ୍କୁ ତାଲିମ ପ୍ରଦାନ କରାଯାଇ ସ୍ୱାବଲମ୍ବୀ କରାଯାଉଛି। ଏହାର ସୁଯୋଗ ନିଅନ୍ତୁ।
ବିପ୍ଳବ ମିର୍ଧା
ସଭାପତି, ନେତାଜୀ ଉନ୍ନୟନ ସୋସାଇଟି, ମାନ୍ଦାପାଲ୍ଲୀ, ମାଲକାନଗିରି

SCITM GROUP OF INSTITUTIONS
AT. - JANIGUDA, SEMILIGUDA
Approved by AICTE, New Delhi, Recognized by Govt. of Odisha
Affiliated to DTE&T & SCTE&VT, Odisha
ISO 9001-2015 Certificate Institute
E-mail ID : scitm@yahoo.co.in, Website : scitm.ac.in
ଓଡ଼ିଆ ଖବରକାଗଜ ଧରିତ୍ରୀର ୫୨ତମ ଜନ୍ମବାର୍ଷିକୀ ଅବସରରେ ସମସ୍ତ ଜନସାଧାରଣଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ
ଅଭିନନ୍ଦନ
ଶ୍ରୀଯୁକ୍ତ କୃଷ୍ଣ ସିଂହ
ଚେୟାରମ୍ୟାନ, ଶୀତମ

ଧରିତ୍ରୀର ୫୨ତମ ଜନ୍ମତିଥି ଅବସରରେ କେନ୍ଦ୍ରାପଡ଼ା ସଂସଦୀୟ କ୍ଷେତ୍ରର ସମସ୍ତଙ୍କୁ ଶୁଭେଚ୍ଛା ଓ ପ୍ରଣାମ
ଶ୍ରୀଯୁକ୍ତ ଅଂଶୁମାନ ମହାନ୍ତି
ପୂର୍ବତନ ବିଧାୟକ, ରାଜନଗର
ବିଜୁ ଜନତା ଦଳ

ଦୈନିକ ଧରିତ୍ରୀର ୫୨ତମ ସ୍ୱନକ୍ଷତ୍ର ଅବସରରେ ଧରିତ୍ରୀ ପରିବାରର ସମସ୍ତ ସଦସ୍ୟଙ୍କୁ ଅଭିନନ୍ଦନ ଜଣାଉଛି। ଗୁରୁକୁଳ ପରମ୍ପରାକୁ ବଜାୟ ରଖିବା ଏବଂ ସମସ୍ତ ଛାତ୍ରୀଛାତ୍ରଙ୍କ ଭିତରେ ଆଧ୍ୟାତ୍ମିକ ଓ ନୈତିକ ଶିକ୍ଷା ପାଇଁ ପ୍ରୟାସ ଜାରି ରଖିବା କଳିଙ୍ଗ ଆବାସିକ ବିଦ୍ୟାଳୟର ଅଭିବୃଦ୍ଧି ପାଇଁ ସମସ୍ତ ସହଯୋଗ କାମନା କରୁଛି।
ମନୋଜ କୁମାର ପ୍ରଧାନ
ପରିଚାଳନା ନିର୍ଦ୍ଦେଶକ ଓ ଅଧ୍ୟକ୍ଷ
କଳିଙ୍ଗ ଆବାସିକ ବିଦ୍ୟାଳୟ, କେଶରପୁର, ଦାନପୁର, କେନ୍ଦ୍ରାପଡା
E-mail : pradhanmanoj503@gmail.com
Mob : 9853300503

PINGALAKHI PUBLIC WELFARE ORGANISATION (PPWO)
Nimapara, Puri, Odisha-752114
Services Offered
- Halfway Home for the Persons with Mentally ill
- Niladri Nilaya Rehabilitation Center for the Beggars with Physical and Intellectual Disabled.
- Rehabilitative and Therapeutic Center for the Children's/Persons with Intellectual Disabled.
- Center for Children with Autism
- Sakhi Niwas (Working Women Hostel)
- Ratnakar Dash Higher Secondary School for the Persons with Visual Disabilities.
- Ekalavya Shiksha Kendra (Inclusive School)
- Pingalakhi College of Special Education (Teachers Training Center)
- Special School For Cerebral Palsy
- Physiotherepy, Speech Therapy and Occupational Therapy.
- Public Library

SUNABEDA TRUCK & TIPPER OWNERS ASSOCIATION
STTOA
Regd. No. : KPT 3191-38 2001/2002,
Office : Semiliguda-764036, PO : Semiliguda,
Dist. : Koraput (Odisha)
ଓଡ଼ିଆ ଖବରକାଗଜ ଧରିତ୍ରୀର ୫୨ତମ ଜନ୍ମବାର୍ଷିକୀ ଅବସରରେ ଏହାର ସମସ୍ତ ପାଠକ, ପାଠିକା ଓ କର୍ମକର୍ତ୍ତାମାନଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ।

ROYAL HIGHER SEC. SCHOOL JEYPORE
Congratulations
to
Dharitri on completing
51 glorious years
of
excellence in journalism
Odisha media.
Office of the Principal
ROYAL HIGHER SECONDARY SCHOOL, JEYPORE
Dist. : Koraput (Odisha), PIN - 764001,
06854-240001

ଓଡ଼ିଶାର ନିରପେକ୍ଷ ଦୈନିକ ଖବରକାଗଜ ଧରିତ୍ରୀର ୫୨ତମ ସ୍ୱନକ୍ଷତ୍ର ଅବସରରେ ଧରିତ୍ରୀର ସମସ୍ତ ପାଠିକା, ପାଠକ ଓ କର୍ମକର୍ତ୍ତାଙ୍କୁ ଅନେକ ଅନେକ
ଶୁଭେଚ୍ଛା
ଉତ୍କଳ ଗ୍ରାମୀଣ ପ୍ରତ୍ୟୁଷର ଗ୍ରୁପ୍, ଗୋଲରାହାଟ, ଡେରାବିଶ

ଧରିତ୍ରୀର ୫୨ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଧରିତ୍ରୀ ପରିବାରର ସମସ୍ତ ସଦସ୍ୟଙ୍କୁ ଶୁଭେଚ୍ଛା ଜଣାଉଛୁ। କୃଷି ଓ କୃଷକଙ୍କ ଉନ୍ନତି ପାଇଁ ସମବାୟ ଆନ୍ଦୋଳନକୁ ସୁଦୃଢ କରିବା ପାଇଁ ଆମ୍ଭେ ସଙ୍କଳ୍ପବଦ୍ଧ।
କୈଳାସ ଚନ୍ଦ୍ର ସାମଲ
ସମ୍ପାଦକ, କପିଳେଶ୍ୱର ପ୍ରାଥମିକ କୃଷି ସମବାୟ ସମିତି, ମୁଣ୍ଡାଳୋ, ହରିଅଙ୍କ, ଡେରାବିଶ
ମୃତ୍ୟୁଞ୍ଜୟ ଦାଶ
ସମ୍ପାଦକ, କୁଶିଆପାଳ ପ୍ରାଥମିକ କୃଷି ସମବାୟ ସମିତି, ଡେରାବିଶ

ଧରିତ୍ରୀର ୫୨ତମ ସ୍ୱନକ୍ଷତ୍ର ଉପଲକ୍ଷେ ସମସ୍ତଙ୍କୁ ଧରିତ୍ରୀ ପରିବାରର ସମସ୍ତ ସଦସ୍ୟଙ୍କୁ ଶୁଭେଚ୍ଛା ଜଣାଉଛି। ଏହି ଅବସରରେ ଆମ ମହାବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଓ ଅଧ୍ୟାପକ ଅଧ୍ୟାପିକା ଏବଂ ସମସ୍ତ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଉଛି। ବୈଷୟିକ ଶିକ୍ଷା ପ୍ରତି ଆମ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଭିତରେ ଆଗ୍ରହ ସୃଷ୍ଟି କରିବା ଓ ଶିକ୍ଷାର ଅଭିବୃଦ୍ଧି ପାଇଁ ମୁଁ ସଂକଳ୍ପବଦ୍ଧ। ଆମ ମହାବିଦ୍ୟାଳୟର କଳେବର ବୃଦ୍ଧି ପାଇଁ ସମସ୍ତଙ୍କ ସହଯୋଗ କାମନା କରୁଛି।
ପ୍ରାଧ୍ୟାପକ ଚନ୍ଦ୍ରଶେଖର ନାୟକ
ଅଧ୍ୟକ୍ଷ, ଡେରାବିଶ ମହାବିଦ୍ୟାଳୟ, ଡେରାବିଶ, କେନ୍ଦ୍ରାପଡା

# ଆଜି ଭାରତ-ଦକ୍ଷିଣ ଆଫ୍ରିକା ପ୍ରଥମ ଦିନିକିଆ

ରାଞ୍ଚି,୨୯।୧୧(ପି.ଟି.)

ସ୍ଥାନୀୟ ଜେଏସ୍‌ସିଏ ଅନ୍ତର୍ଜାତୀୟ ଷ୍ଟାଡିୟମରେ ରବିବାର ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ପ୍ରଥମ ଦିନିକିଆ ମ୍ୟାଚ୍ ଖେଳାଯିବ। ନିୟମିତ ଅଧିନାୟକ ଶୁବମନ ଗିଲ ଓ ଉପଅଧିନାୟକ ଶ୍ରେୟସ ଆୟାରଙ୍କ ଅନୁପସ୍ଥିତିରେ ଲୋକେଶ ରାହୁଲ ଏହି ଦିନିକିଆ ସିରିଜ୍‌ରେ ଦଳର ନେତୃତ୍ୱ ଭାର ସମ୍ଭାଳିବେ। ଆସନ୍ତା ବର୍ଷ ଫେବୃଆରୀରେ ଭାରତରେ ଟି୨୦ ବିଶ୍ୱକପ୍ ହେବାକୁ ଥିବାରୁ ଏହି ସିରିଜ୍‌ର ବିଶେଷ ଗୁରୁତ୍ୱ ନାହିଁ। କିନ୍ତୁ ଟେଷ୍ଟ ଓ ଟି୨୦ ଫର୍ମାଟରୁ ଅବସର ନେଇସାରିଥିବା ଦୁଇ ପୂର୍ବତନ ଅଧିନାୟକ ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ଉପରେ ସଭିଙ୍କ ନଜର ରହିବ। ଦୁହେଁ ଗତ ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜ୍‌ରେ ଭଲ ପ୍ରଦର୍ଶନ କରିଥିଲେ। ଆଗାମୀ ଦୁଇ ମାସ ମଧ୍ୟରେ ଭାରତୀୟ ଦଳ ୬ଟି ଦିନିକିଆ ମ୍ୟାଚ୍ ଖେଳିବ। ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ୍ ପରେ ନ୍ୟୁଜିଲାଣ୍ଡ ବିପକ୍ଷରେ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍ ଖେଳାଯିବାର ଅଛି। ଏଣୁ ୨୦୨୭ ବିଶ୍ୱକପ୍ ଖେଳିବା ଲକ୍ଷ୍ୟରେ ଥିବା ଉଭୟ ରୋହିତ ଓ କୋହଲିଙ୍କ ଲାଗି ଏହି ଦୁଇ ସିରିଜ୍ ପରୀକ୍ଷା ସଦୃଶ ହେବ। ଉଲ୍ଲେଖଯୋଗ୍ୟ, ଏହି ଜେଏସ୍‌ସିଏ ଷ୍ଟାଡିୟମରେ ୨୦୧୩ରେ ରୋହିତ ପ୍ରଥମ ଥର ଭାରତୀୟ ଦଳ ପାଇଁ ପୂର୍ଣ୍ଣକାଳୀନ ଓପନର ଭାବେ ଖେଳିଥିଲେ, ଯାହାକି ତାଙ୍କ କ୍ୟାରିୟରକୁ ବଦଳାଇ ଦେଇଥିଲା।

ଟେଷ୍ଟ ସିରିଜ୍‌ରେ ଭାରତୀୟ ଦଳର ଶୋଚନୀୟ ପରାଜୟ ପରେ ମୁଖ୍ୟକୋଚ୍ ଗୌତମ ଗମ୍ଭୀରଙ୍କ ନିଷ୍ପତ୍ତି ଓ ଟିମ୍ ସିଲେକ୍ସନ ଉପରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଥିଯୋଗୁ ଏହି ଦିନିକିଆ ସିରିଜ୍ ତାଙ୍କ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ। ଏହି ସିରିଜ୍ ଜରିଆରେ ଭାରତୀୟ ହ୍ୱାଇଟ୍ ବଲ ଦଳ ଠିକ୍ ଦିଗରେ ଆଗାଉଥିବା ଗମ୍ଭୀର ପ୍ରଦର୍ଶନ କରିବାକୁ ଚାହିଁବେ।

ଅନେକ ସିନିୟର ଖେଳାଳିଙ୍କ ଅନୁପସ୍ଥିତି ଯୋଗୁ ଚୂଡ଼ାନ୍ତ ଏକାଦଶ ଚୟନ କରିବା ଟିମ ମ୍ୟାନେଜମେଣ୍ଟ ପାଇଁ ଚିନ୍ତାର କାରଣ ପାଲଟିଛି। ଗିଲ ଓ ଶ୍ରେୟସ ଆହତ ସମସ୍ୟା ଯୋଗୁ ବାଦ୍ ପଡ଼ିଥିବା ବେଳେ ଯଶପ୍ରୀତ ବୁମରା ଓ ମହମ୍ମଦ ସିରାଜଙ୍କୁ ବିଶ୍ରାମ ଦିଆଯାଇଛି। ସେମାନଙ୍କ ଅନୁପସ୍ଥିତି ଦଳକୁ ତା'ର ବେଞ୍ଚ ଷ୍ଟ୍ରେନ୍ଥ ପରୀକ୍ଷା କରିବାକୁ ସୁଯୋଗ ଦେଇଛି। ଏଥିଯୋଗୁ ତିଲକ ବର୍ମା, ଋତୁରାଜ ଗାଏକ୍ୱାଡ, ଯଶସ୍ୱୀ ଜୟସ୍ୱାଲଙ୍କର ଖେଳିବାର ବିଶେଷ ସମ୍ଭାବନା ରହିଛି। ସିନିୟର ସ୍ପିନ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ଦଳରେ ଥିବାରୁ ୱାଶିଂଟନ ସୁନ୍ଦର ଓ ନୀତୀଶ କୁମାର ରେଡ୍ଡୀଙ୍କ ମଧ୍ୟରୁ ଜଣେ ହିଁ ଖେଳିପାରନ୍ତି। ପ୍ରସିଦ୍ଧ କ୍ରିଷ୍ଣା, ଅର୍ଶଦୀପ ସିଂ, ହର୍ଷିତ ରାଣା ଓ କୁଲଦୀପ ଯାଦବ ବୋଲିଂ ବିଭାଗ ସମ୍ଭାଳିବେ।

ଅନ୍ୟପକ୍ଷରେ ଟେଷ୍ଟ ସିରିଜ୍‌ରେ କ୍ଲିନ ସୁଇପ ହାସଲ କରିଥିବା ଦକ୍ଷିଣ ଆଫ୍ରିକା ସମ୍ପୂର୍ଣ୍ଣ ଆତ୍ମବିଶ୍ୱାସ ସହ ଦିନିକିଆ ସିରିଜ୍‌କୁ ଓହ୍ଲାଇବ। କାଗିସୋ ରାବାଡା ଓ ଆନରିଚ ନର୍କିଆଙ୍କ ଅନୁପସ୍ଥିତିରେ ଟେମ୍ବା ବଭୁମାଙ୍କ ନେତୃତ୍ୱାଧୀନ ଦଳରେ ଲୁଙ୍ଗି ଏନ୍‌ଗିଡି ଓ ନାନ୍ଦ୍ରେ ବର୍ଗର ପେସ ବିଭାଗ ସମ୍ଭାଳିବେ। ମିଡିଲ ଓଭରରେ ବାମହାତୀ ସ୍ପିନର କେଶବ ମହାରାଜ ପିଚ୍‌ରୁ ଫାଇଦା ଉଠାଇ ପାରନ୍ତି। ବ୍ୟାଟିଂରେ ଟପ୍ ଅର୍ଡରରେ ଅଭିଜ୍ଞ କ୍ୱିଣ୍ଟନ ଡି କକ୍ ଥିବା ବେଳେ ମିଡିଲ ଅର୍ଡରରେ ବଭୁମାଙ୍କ ସହ ମାଥ୍ୟୁ ବ୍ରିଜକେ, ଡେୱାଲ୍ଡ ବ୍ରେଭିସ ଓ ଟୋନି ଡି ଜର୍ଜି ରହିଛନ୍ତି।

**ସମ୍ଭାବ୍ୟ ଭାରତୀୟ ଦଳ:** ରୋହିତ ଶର୍ମା, ଯଶସ୍ୱୀ ଜୟସ୍ୱାଲ, ବିରାଟ କୋହଲି, ତିଲକ ବର୍ମା/ ଋତୁରାଜ ଗାଏକ୍ୱାଡ, ରିଷଭ ପନ୍ତ/ଧ୍ରୁବ ଜୁରେଲ (ଉଇକେଟ୍‌କିପର), ଲୋକେଶ ରାହୁଲ (ଅଧିନାୟକ), ରବୀନ୍ଦ୍ର ଜାଡେଜା, ନୀତୀଶ କୁମାର ରେଡ୍ଡୀ/ ୱାଶିଂଟନ ସୁନ୍ଦର, ପ୍ରସିଦ୍ଧ କ୍ରିଷ୍ଣା, ଅର୍ଶଦୀପ ସିଂ, କୁଲଦୀପ ଯାଦବ।

**ସମ୍ଭାବ୍ୟ ଦକ୍ଷିଣ ଆଫ୍ରିକା ଦଳ:** ଏଡେନ ମାରକ୍ରାମ/ରିୟାନ ରିକଲଟନ, କ୍ୱିଣ୍ଟନ ଡି କକ୍(ଉଇକେଟକିପର), ଟେମ୍ବା ବଭୁମା(ଅଧିନାୟକ), ଟୋନି ଡି ଜର୍ଜି, ମାଥ୍ୟୁ ବ୍ରିଜକେ, ଡେୱାଲ୍ଡ ବ୍ରେଭିସ, ମାର୍କୋ ଜାନସେନ, କର୍ବିନ ବୋଷ୍ଟ, କେଶବ ମହାରାଜ, ଲୁଙ୍ଗି ଏନ୍‌ଗିଡି, ଓଟନିଲ ବାର୍ଟମାନ।

**ସମୟ: ଅପରାହ୍ନ ୧: ୩୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**



ନେଟ୍ସରେ ଅଭ୍ୟାସ ଅବସରରେ ରୋହିତ ଶର୍ମା ଓ ବିରାଟ କୋହଲି।

# ପ୍ରଥମ ମ୍ୟାଚ୍‌ରେ ଆର୍‌ସିବିକୁ ଭେଟିବ ଏମ୍‌ଆଇ

## ଡବ୍ଲ୍ୟୁପିଏଲ୍-୪ କାର୍ଯ୍ୟସୂଚୀ ଘୋଷିତ

ମୁମ୍ବାଇ,୨୯।୧୧(ପି.ଟି.)

ଆସନ୍ତାବର୍ଷ ଜାନୁଆରୀ ୯ ତାରିଖରୁ ଆରମ୍ଭ ହେବାକୁ ଥିବା ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ର ଚତୁର୍ଥ ସଂସ୍କରଣ ଲାଗି ଶନିବାର କାର୍ଯ୍ୟସୂଚୀ ଘୋଷଣା କରାଯାଇଛି। ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ଡିଫେଣ୍ଡିଂ ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ(ଏମ୍‌ଆଇ) ପ୍ରଥମ ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)କୁ ଡିୱାଇ ପାଟିଲ ଷ୍ଟାଡିୟମରେ ଭେଟିବ। ଟୁର୍ନାମେଣ୍ଟ ଇତିହାସରେ ପ୍ରଥମ ଥର ପାଇଁ ଫାଇନାଲ ମ୍ୟାଚ୍ ସପ୍ତାହନ୍ତରେ ହେବ ନାହିଁ। ଫାଇନାଲ ଫେବୃଆରୀ ୫ ତାରଖ ତଥା ଗୁରୁବାର ହେବ। ସମାନ ସପ୍ତାହରେ ପୁରୁଷ ଟି୨୦ ବିଶ୍ୱକପ୍ ଆରମ୍ଭ ହେଉଥିବାରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ଦୁଇଟି ଭେନ୍ୟୁରେ ହେବାକୁ ଥିବା ଡବ୍ଲ୍ୟୁପିଏଲ୍‌ରେ ୨୮ ଦିନ ମଧ୍ୟରେ ମୋଟ ୨୨ ମ୍ୟାଚ୍ ଖେଳାଯିବ। ଚଳିତ ମାସରେ ଭାରତୀୟ ମହିଳା ଦଳ ବିଶ୍ୱକପ୍ ଟ୍ରଫି ଉଠାଇଥିବା ଭେନ୍ୟୁ ଡିୱାଇ ପାଟିଲ ଷ୍ଟାଡିୟମରେ ପ୍ରଥମ ୧୧ ମ୍ୟାଚ୍ ଖେଳାଯିବ। ଏହାପରେ ଟୁର୍ନାମେଣ୍ଟର ଦ୍ୱିତୀୟାର୍ଦ୍ଧ ଭଦୋଦରାସ୍ଥିତ କୋଟାମ୍ବି ଷ୍ଟାଡିୟମରେ ଖେଳାଯିବ। ଏହି ଭେନ୍ୟୁରେ ଫାଇନାଲ ଓ ଏଲିମିଟେର ମ୍ୟାଚ୍ ମଧ୍ୟ ଖେଳାଯିବ। ପ୍ରଥମ ଥର ପାଇଁ ଡବ୍ଲ୍ୟୁପିଏଲ୍ ଜାନୁଆରୀ-ଫେବୃଆରୀରେ ଅନୁଷ୍ଠିତ ହେବାକୁ ଯାଉଛି। ପୂର୍ବରୁ ଏହି ଲିଗ୍ ଆଇପିଏଲ୍ ଆରମ୍ଭ ହେବା ପୂର୍ବରୁ ଫେବୃଆରୀ-ମାର୍ଚ୍ଚରେ ହେଉଥିଲା। ଟୁର୍ନାମେଣ୍ଟର ଫର୍ମାଟରେ କୌଣସି ପରିବର୍ତ୍ତନ କରାଯାଇ ନାହିଁ। ମୁମ୍ବାଇ ଇଣ୍ଡିଆନ୍ସ, ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ, ୟୁପି ୱାରିଅର୍ଜ, ଗୁଜରାଟ ଜାଏଣ୍ଟ୍ସ ଓ ଦିଲ୍ଲୀ କ୍ୟାପିଟାଲ ଆଦି ଦଳ ପରସ୍ପର ମଧ୍ୟରେ ରାଉଣ୍ଡ ରବିନ ଭିତ୍ତିରେ ଦୁଇଟି ଲେଖାଏ ମ୍ୟାଚ୍ ଖେଳିବେ।

# ମାଲେସିଆ, ନେଦରଲାଣ୍ଡ୍ସ ବିଜୟୀ

## ଏଫ୍‌ଆଇଏଚ୍ ଜୁନିୟର ହକି

ମଦୁରାଇ, ୨୯।୧୧ (ପି.ଟି.)

ଏଫ୍‌ଆଇଏଚ୍ ଜୁନିୟର ପୁରୁଷ ହକି ଟୁର୍ନାମେଣ୍ଟ ପୁଲ୍ 'ଇ'ର ଶନିବାର ମାଲେସିଆ ଓ ନେଦରଲାଣ୍ଡ୍ସ ବିଜୟ ସହ ଅଭିଯାନ ଆରମ୍ଭ କରିଛନ୍ତି। ପ୍ରଥମ ମ୍ୟାଚରେ ମାଲେସିଆ ୫-୧ ଗୋଲ୍‌ରେ ଅଷ୍ଟ୍ରିଆକୁ ପରାସ୍ତ କରିଥିବା ବେଳେ ନେଦରଲାଣ୍ଡ୍ସ ୫-୩ରେ ଇଂଲଣ୍ଡକୁ ହରାଇ ଦେଇଛି। ମାଲେସିଆ ତରଫରୁ ଡାନିଶ ଖେରିଲ (୫୬ତମ, ୬୭ତମ ମିନିଟ) ଦୁଇଟି ଫିଲ୍ଡ ଗୋଲ୍ ସ୍କୋର କରିଥିବା ବେଳେ ହାରିସ ଓସ୍‌ମାନ (୨୮ତମ), ଆଡାମ ଜୋହରି (୪୭ତମ) ଓ ନାଭିନେଶ ପାନିକର (୫୫ତମ) ପ୍ରମୁଖ ଗୋଲ୍ ଦେଇଥିଲେ। ଅଷ୍ଟ୍ରିଆ ପକ୍ଷରୁ ଏକମାତ୍ର ଗୋଲ୍ ଜୁଲିଆନ କେଜର (୫୬ତମ) ପେନାଲ୍ଟି କର୍ନର ଜରିଆରେ ସ୍କୋର କରିଥିଲେ। ଇଂଲଣ୍ଡ ବିପକ୍ଷ ମ୍ୟାଚରେ ନେଦରଲାଣ୍ଡ୍ସର ଜାନ୍ ଭାନଟ ଲାଣ୍ଡ (୨ୟ, ୪୯ତମ) ଦୁଇଟି ଗୋଲ୍ ସ୍କୋର କରିଥିବା ବେଳେ କାସ୍ପର ଭାନ୍‌ଡର ଭିନ୍ (୨୬ତମ), ଜୋପି ଓଲବର୍ଟ (୩୯ତମ) ଏବଂ ଡିନିଲୋ ଟ୍ରିଲିଙ୍ଗ (୫୪ତମ) ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଇଂଲଣ୍ଡ ତରଫରୁ ଗୋଲ୍‌ଗୁଡ଼ିକ କାଡେନ ଡ୍ରେସେ (୧୧ଶ), ମାଇକେଲ ରୟଡେନ୍(୨୯ତମ) ଓ ଜର୍ଜ ଫ୍ଲେଚର (୪୯ତମ) ପ୍ରମୁଖ ସ୍କୋର କରିଥିଲେ।

# ଶ୍ରୀକାନ୍ତ, ତ୍ରିସା-ଗାୟତ୍ରୀ ଫାଇନାଲରେ

## ସୟଦ ମୋଦି ଇଣ୍ଟରନ୍ୟାଶନାଲ ବ୍ୟାଡ୍‌ମିଣ୍ଟନ

ଲକ୍ଷ୍ନୌ, ୨୯।୧୧ (ପି.ଟି.)

ପୂର୍ବତନ ଚାମ୍ପିୟନ ଭାରତର କିଡ଼ାମ୍ବି ଶ୍ରୀକାନ୍ତ ଏଠାରେ ଚାଲିଥିବା ସୟଦ ମୋଦି ଇଣ୍ଟରନ୍ୟାଶନାଲ ସୁପର ୩୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ପୁରୁ ସିଙ୍ଗଲ୍ସ ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ୨୦୧୬ ଟାଇଟଲ ବିଜେତା ତଥା ୩୬ ବର୍ଷୀୟ ଶ୍ରୀକାନ୍ତ ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ନିଜ ଦେଶର ତଥା ୨୦୨୩ ଜାତୀୟ ଚାମ୍ପିୟନ ମିଥୁନ ମଞ୍ଜୁନାଥଙ୍କୁ ୨୧-୧୫, ୧୯-୨୧, ୨୧-୧୩ରେ ହରାଇ ଦେଇଛନ୍ତି। ଅନ୍ୟପକ୍ଷରେ ମାଲେସିଆର ଅଙ୍ଗ୍ ଜିନ୍ ୟିଓ କାର୍ମେନ ଟିଙ୍ଗଙ୍କ ବିପକ୍ଷରେ ସିଧାସଳଖ ସେଟ୍‌ରେ ବିଜୟ ହାସଲ କରି ଗତଥରର ଚାମ୍ପିୟନ ତ୍ରିସା ଜୋଲି ଓ ଗାୟତ୍ରୀ ଗୋପୀଚାନ୍ଦ ମହିଳା ଡବଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। କାନ୍ଧରେ ଆଘାତପ୍ରାପ୍ତ ଯୋଗୁ ଗାୟତ୍ରୀ ୫ମାସ ଧରି ଖେଳରୁ ନିଜକୁ ଦୂରେଇ ରଖିଥିଲେ। ଭାରତୀୟ ଯୋଡ଼ିଙ୍କର ଏହା ହେଉଛି ଦ୍ୱିତୀୟ ଇଭେଣ୍ଟ। ବିଶ୍ୱର ୩୩ ନମ୍ବର ମାଲେସୀୟ ଯୋଡ଼ିଙ୍କ ବିପକ୍ଷରେ ସେମାନେ ୨୧-୧୧, ୨୧-୧୫ରେ ବିଜୟ ଲାଭ କରିଛନ୍ତି। ଟାଇଟଲ ବଜାୟ ରଖିବାକୁ ହେଲେ ତ୍ରିସା ଓ ଗାୟତ୍ରୀଙ୍କୁ ରବିବାର ଫାଇନାଲରେ ଜାପାନର ତଥା ୮ମ ସିଡ୍ କହୋ ଓସାୱା ଓ ମାଇ ତାନାବେଙ୍କୁ ପରାସ୍ତ କରିବାକୁ ହେବ। ଭାରତର ମହିଳା ସିଙ୍ଗଲ୍ସ ଅଭିଯାନ କିନ୍ତୁ ସେମିଫାଇନାଲରେ ଶେଷ ହୋଇଛି। ଉଭୟ ଉନ୍ନତି ହୁଦା ଓ ତନ୍‌ଭି ଶର୍ମା ସେମାନଙ୍କ ମ୍ୟାଚରେ ସିଧାସଳଖ ପରାଜିତ ହୋଇଛନ୍ତି। ଉନ୍ନତି ତୁର୍କୀର ନେସ୍‌ଲିହାନ ଆରିସଙ୍କଠାରୁ ପରାଜିତ ହୋଇଥିବା ବେଳେ ଟୁର୍ନାମେଣ୍ଟରେ ଏହା ପୂର୍ବରୁ ପୂର୍ବତନ ବିଶ୍ୱ ଚାମ୍ପିୟନ ନୋଜୋମି ଓକୁହାରାଙ୍କୁ ୧୭-୨୧, ୧୬-୨୧ରେ ହରାଇ ଦେଇଥିବା ତନ୍‌ଭି ଜାପାନର ହୀନା ଆକେଚିଙ୍କଠାରୁ ୧୭-୨୧, ୧୬-୨୧ରେ ପରାଜିତ ହୋଇଛନ୍ତି। ପୂର୍ବରୁ ମିକ୍ସଡ ଡବଲ୍ସ ଯୋଡ଼ି ହରିହରନ ଅମ୍‌ସାକାରୁନାନ୍ ଓ ତ୍ରିସା ଇଣ୍ଡୋନେସିଆର ଡିଜାନ ଫର୍ଡିନାନ୍‌ସ୍ୟା ଓ ବର୍ନାଡିନ୍ ଅନିନ୍ଦ୍ୟ ୱାର୍ଦାନାଙ୍କଠାରୁ ୧୭-୨୧, ୧୯-୨୧ରେ ପରାଜିତ ହୋଇଛନ୍ତି।



ରିଟର୍ନ ଶଟ୍ ଖେଳୁଛନ୍ତି କିଡ଼ାମ୍ବି ଶ୍ରୀକାନ୍ତ।

# ଗତିକୃଷ୍ଣ ସ୍ମାରକୀ ଫୁଟ୍‌ବଲ ଲିଗ୍: ଆରଡର ବିଜୟୀ

ଭୁବନେଶ୍ୱର,୨୯।୧୧(ଅନାଦି କର)

ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ୟୁନିଟ-୧ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ଗତିକୃଷ୍ଣ ସ୍ମାରକୀ 'ବି' ଡିଭିଜନ ଫୁଟବଲ ଲିଗ୍‌ର ଶନିବାର ଦୁଇଟି ମ୍ୟାଚ୍ ଖେଳାଯାଇଥିଲା। ଲିଙ୍ଗରାଜ କ୍ଲବ ଓ ରାମେଶ୍ୱର ଏଫ୍‌ସି ମଧ୍ୟରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍ ଡ୍ର' ଭାବେ ଶେଷ ହୋଇଥିବା ବେଳେ ଦ୍ୱିତୀୟ ମ୍ୟାଚ୍‌ରେ ଆରଡର ଦଳ ବିଜୟୀ ହୋଇଛି।

ପ୍ରଥମ ମ୍ୟାଚ୍‌ରେ ଲିଙ୍ଗରାଜ କ୍ଲବ ପକ୍ଷରୁ ଅଭିଷେକ ଦିଗଲ ଗୋଲ କରିଥିବା ବେଳେ ରାମେଶ୍ୱର ପାଇଁ ଅନୁଜ ପାଣ୍ଡେ ଗୋଲ ସ୍କୋର କରିଥିଲେ। ପ୍ଲେୟର ଅଫ୍ ଦି ମ୍ୟାଚ୍ ରାମେଶ୍ୱର ଏଫ୍‌ସିର ବିଶ୍ୱଜିତ ମଲିକଙ୍କୁ ଅତିଥି ଭାବେ ଯୋଗଦେଇଥିବା ବିଏଏର ବରିଷ୍ଠ ସଦସ୍ୟ ଗଣେଶ ପାଲ ପୁରସ୍କୃତ କରିଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ଆରଡର ୬-୦ ଗୋଲରେ କିଟ୍‌କୁ ପରାସ୍ତ କରିଥିଲା। ବିଜୟୀ ଦଳ ପାଇଁ ସୁନୀଲ ମଲିକ ହ୍ୟାଟ୍ରିକ ଗୋଲ କରିଥିବା ବେଳେ ବାହାଡା ମାରାଣ୍ଡି, କୌଶଲ ମାଝୀ ଓ ପି. ଚମ୍ପେଇ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ପ୍ଲେୟର ଅଫ୍ ଦି ମ୍ୟାଚ୍ ସୁନୀଲ ମଲିକଙ୍କୁ ବିଏଏର କୋଷାଧ୍ୟକ୍ଷ ରଘୁନାଥ ପଣ୍ଡା ଅତିଥି ଭାବେ ଯୋଗଦେଇ ପୁରସ୍କୃତ କରିଥିଲେ।

# ଉତ୍ତରପୂର୍ବ ଅସ୍ମିତା ଭାରୋତ୍ତୋଳନ: ଓଡ଼ିଶାକୁ ୩ ସ୍ୱର୍ଣ୍ଣ

ଭୁବନେଶ୍ୱର,୨୯।୧୧(ଅନାଦି କର)

କୋଲକାତାସ୍ଥିତ ଖୁଦିରାମ ଅନୁଶିଳନ କେନ୍ଦ୍ରଠାରେ ଚାଲିଥିବା ଭାରୋତ୍ତଳନ ପ୍ରତିଯୋଗିତାରେ ତୃତୀୟ ଦିନ ତଥା ଶନିବାର ଓଡ଼ିଶାର ଆଥଲେଟ୍‌ମାନେ ୩ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ୭୭ କେଜି ଯୁବ ବର୍ଗରେ ଭୁବନେଶ୍ୱରର ସ୍ପୋର୍ଟ୍ସ ହଷ୍ଟେଲର ପ୍ରତିଭା ରାଣୀ ପାତ୍ର ସ୍ନାଚରେ ୬୯ କେଜି ଓ ଜର୍କରେ ୮୫ କେଜି ସହ ମୋଟ ୧୫୪ କେଜି ଭାର ଉଠାଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ୭୭ରୁ ଊର୍ଦ୍ଧ୍ୱ କେଜି ଓଜନ ବର୍ଗରେ କଳିଙ୍ଗ ଷ୍ଟାଡିୟମସ୍ଥିତ ଏଚ୍‌ପିସିର ମୌସମୀ ଦାସ ସ୍ନାଚରେ ୭୧ କେଜି ଓ ଜର୍କରେ ୮୯ କେଜି ସହ ମୋଟ ୧୫୯ କେଜି ଭାର ଉଠାଇ ୨ଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏଥିଯୋଗୁ ଏହି ପ୍ରତିଯୋଗିତାରେ ତୃତୀୟ ଦିନ ଶେଷ ସୁଦ୍ଧା ଓଡ଼ିଶା ୨୦ ପଦକ ଜିତିଛି। ଏହି ତାଲିକାରେ ୬ଟି ସ୍ୱର୍ଣ୍ଣ ଓ ୭ ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ପଦକ ରହିଛି।

# ଜୟ ଶାହାଙ୍କୁ ଆଉଟଷ୍ଟାଣ୍ଡିଂ ଆଚିଭ୍‌ମେଣ୍ଟ ଆୱାର୍ଡ

ନୂଆଦିଲ୍ଲୀ,୨୯।୧୧(ପି.ଟି.)

ଆଇସିସି ଚେୟାରମ୍ୟାନ ଜୟ ଶାହାଙ୍କୁ ଭାରତୀୟ ମହିଳା କ୍ରିକେଟ୍‌ରେ ଉଲ୍ଲେଖନୀୟ ଅବଦାନ ଲାଗି ସିଏନ୍‌ଏନ୍-ନ୍ୟୁଜ ୧୮ ପକ୍ଷରୁ ଇଣ୍ଡିଆନ ଅଫ୍ ଦି ଇୟର ପୁରସ୍କାର ବିତରଣ ଉତ୍ସବରେ ଆଉଟ୍‌ଷ୍ଟାଣ୍ଡିଂ ଆଚିଭମେଣ୍ଟ ପୁରସ୍କାର ପ୍ରଦାନ କରାଯାଇଛି। ଏହି ପୁରସ୍କାରକୁ ଶାହା ଭାରତୀୟ ମହିଳା କ୍ରିକେଟ ଓ ନିକଟରେ ଆଇସିସି ଓମେନ୍ସ ୱାର୍ଲ୍ଡ କପ୍ ଜିତିଥିବା ଭାରତୀୟ ଦଳ ଲାଗି ଉତ୍ସର୍ଗ କରିଛନ୍ତି। ଶାହା ବିସିସିଆଇର ସମ୍ପାଦକ ଥିବାବେଳେ ଓମେନ୍ସ ପ୍ରିମିୟର ଲିଗ୍ ଆରମ୍ଭ କରିବା ସହ ମହିଳାଙ୍କ ଲାଗି ପୁରୁଷଙ୍କ ଭଳି ସମାନ ଦରମା ବ୍ୟବସ୍ଥା ଲାଗୁ ଭଳି ଅନେକ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେଇଥିଲେ।

# କାନାଡାକୁ ହରାଇ ଫାଇନାଲରେ ଭାରତ

## ସୁଲତାନ ଆଜଲାନ ଶାହା କପ୍ ହକି

ଇପୋ, ୨୯।୧୧ (ପି.ଟି.)

ଭାରତ ଏଠାରେ ଏକ ହାଇ ସ୍କୋରିଂ ମ୍ୟାଚରେ କାନାଡାକୁ ୧୪-୩ ଗୋଲ୍‌ରେ ପରାସ୍ତ କରି ପୁଲ୍‌ର ଟପର ଭାବେ ସୁଲତାନ ଆଜଲାନ ଶାହା କପ୍ ହକି ପ୍ରତିଯୋଗିତାର ଫାଇନାଲରେ ପ୍ରବେଶ କରିଛି। ଟୁର୍ନାମେଣ୍ଟରେ ଭାରତ କେବଳ ବେଲଜିୟମଠାରୁ ପରାଜିତ ହୋଇଛି। ପୂର୍ବ ଗେମ୍‌ରେ ଦଳ ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚରେ ୩-୨ ଗୋଲ୍‌ରେ ବିଜୟ ହାସଲ କରିଛି। ଭାରତ ରବିବାର ଫାଇନାଲରେ ବେଲଜିୟମକୁ ଭେଟିବ। ମ୍ୟାଚର ୪ର୍ଥ ମିନିଟ୍‌ରେ ନୀଳକଣ୍ଠ ଶର୍ମା ଭାରତ ପକ୍ଷରୁ ପ୍ରଥମ ଗୋଲ୍ ସ୍କୋର କରିଥିଲେ। ସିନିୟର ଦଳରେ ପ୍ରଥମ ପଦାର୍ପଣ କରିଥିବା ରାଜିନ୍ଦର ସିଂ ୧୦ମ ମିନିଟ୍‌ରେ ଦଳ ପକ୍ଷରୁ ଦ୍ୱିତୀୟ ଗୋଲ୍ ସ୍କୋର କରିଥିଲେ। ଜବାବରେ କାନାଡାର ଆରମ୍ଭ ମଧ୍ୟ ଉତ୍ସାହଜନକ ଥିଲା। ଦଳ ଏକାଧିକ ପେନାଲ୍ଟି କର୍ନର ସୃଷ୍ଟି କରିଥିଲା। କାନାଡ଼ା ପକ୍ଷରୁ ୧୧ଶ ମିନିଟ୍‌ରେ ବ୍ରେଣ୍ଡାନ ଗୁରାଲିଉକ୍ ଏକ ପେନାଲ୍ଟି କର୍ନରକୁ ଗୋଲ୍‌ରେ ପରିଣତ କରିଥିଲେ। ଏହା ପଛକୁ ପଛ ଯୁଗରାଜ ସିଂ ଓ ଅମିତ ରୋହିଦାସ ଯଥାକ୍ରମେ ୧୨ତମ ଓ ୧୫ତମ ମିନିଟରେ ଗୋଲ୍ ସ୍କୋର କରି ଭାରତର ସ୍କୋର ସଂଖ୍ୟା ବୃଦ୍ଧି କରିଥିଲେ। ଭାରତ ୪-୧ରେ ଅଗ୍ରଣୀ ସହ ଦ୍ୱିତୀୟ କ୍ୱାର୍ଟରରେ ପ୍ରବେଶ କରିଥିଲା। ଏହି ଟୁର୍ନାମେଣ୍ଟ ଲାଗି ଭାରତ ଏହାର ସିନିୟର ଷ୍ଟାର ଖେଳାଳିମାନଙ୍କୁ ବିଶ୍ରାମ ଦେଇଛି। ଯୁବ ଖେଳାଳିମାନେ କାନାଡା ଡିଫେନ୍ସ ପକ୍ଷରୁ ସୃଷ୍ଟି କରାଯାଇଥିବା ଚାପକୁ ସମ୍ଭାଳିବାରେ ସମର୍ଥ ହୋଇଥିଲେ। ଏହି କ୍ୱାର୍ଟରରେ ଭାରତ ୩ ଗୋଲ୍ ସ୍କୋର କରିଥିଲା। ରାଜିନ୍ଦର ୨୪ତମ, ଦିଲପ୍ରୀତ୍ ସିଂ ୨୫ତମ ଏବଂ ଯୁଗରାଜ ସିଂ ୨୬ତମ ମିନିଟ୍‌ରେ ଗୋଲ ସ୍କୋର କରିଥିଲେ। ଫଳରେ ଭାରତ ପ୍ରଥମାର୍ଦ୍ଧ ସୁଦ୍ଧା ୭-୧ ଗୋଲର ଅଗ୍ରଣୀ ହାସଲ କରିଥିଲା। ଖେଳର ତୃତୀୟ କ୍ୱାର୍ଟରରେ କାନାଡା ଏହାର ରଣନୀତିରେ ସାମାନ୍ୟ ପରିବର୍ତ୍ତନ କରି ୩୫ତମ ମିନିଟରେ ଏକ ପେନାଲ୍ଟି ଷ୍ଟ୍ରୋକ୍‌ର ସୁଯୋଗ ପାଇଥିଲା। ମାଥ୍ୟୁ ସାରମେଣ୍ଟୋ କୌଣସି ତ୍ରୁଟି ନ କରି ଏହାକୁ ଗୋଲ୍‌ରେ ପରିଣତ କରିଥିଲେ। ଫଳରେ ସ୍କୋର ଲାଇନ୍ ୭-୨କୁ ଚାଲିଆସିଥିଲା। ତେବେ ଏହି କ୍ୱାର୍ଟରରେ ଯୁଗରାଜ ୩୯ତମ ମିନିଟ୍‌ରେ ତାଙ୍କର ହ୍ୟାଟ୍ରିକ ଗୋଲ୍ ସ୍କୋର କରିଥିବା ବେଳେ ୪୩ତମ ମିନିଟ୍‌ରେ ସେଲ୍‌ଭାମ କାର୍ଥିଙ୍କ ଗୋଲ୍ ଭାରତର ଅଗ୍ରଣୀ ବ୍ୟବଧାନକୁ ୯-୨ରେ ପହଞ୍ଚାଇ ଥିଲା। ଫାଇନାଲ କ୍ୱାର୍ଟର ନାମକୁ ମାତ୍ର ଖେଳାଯାଇଥିଲା। ମ୍ୟାଚର ଏହି ପର୍ଯ୍ୟାୟରେ ୬ଟି ଗୋଲ୍ ସ୍କୋର ହୋଇଥିଲା। ଦଳକୁ ୪୬ତମ ମିନିଟ୍‌ରେ ମିଳିଥିବା ଏକ ପେନାଲ୍ଟି କର୍ନରକୁ ରୋହିଦାସ ଗୋଲ୍‌ରେ ପରିଣତ କରିଥିବା ବେଳେ ଯୁଗରାଜ ୫୦ତମ ମିନିଟ୍‌ରେ ଏକ ପେନାଲ୍ଟି ଷ୍ଟ୍ରୋକ୍ ଜରିଆରେ ଗୋଲ ସ୍କୋର କରିଥିଲେ। ଉଭୟ ଦଳ ଅନେକ ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି କରିଥିଲେ। ଜ୍ୟୋଥସ୍ୱରୂପ ସିଧୁଙ୍କ ଗୋଲ୍ ସହାୟତାରେ କାନାଡା ସ୍କୋର ଲାଇନ୍‌କୁ ୩-୧୧କୁ ନେଇ ଆସିଥିଲା। ସଞ୍ଜୟ (୫୬ତମ), ଅଭିଷେକ (୫୭ତମ ଓ ୫୯ତମ) ମିନିଟରେ ମ୍ୟାଚର ଶେଷ ତିନୋଟି ଗୋଲ୍ ସ୍କୋର କରିଥିଲେ।






4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ